Split by PDF Splitter

REGISTERED No. C.

51

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

CUTTACK, SATURDAY THE 3rd January 1903.

ଖ ୩୮ ଭାଗ ୧ ସଂଖ୍ୟା

ବ ୨୦ ଦ ପୌଷ ସନ ୧୩୧୦ ସାଲ ଶନିବାର

ଅଗ୍ରୀମ ଟ ୩୧ ପଶ୍ଚାଦେୟ ଟ ୬୧

## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନିଙ୍କର

### ନୂତନ ପଞ୍ଜିକା ।

ଶାଳିବାହନ ୧୮୨୫ ଶକ ୧୩୧୦ ରୁ ୧୩୧୧ ଅମଲି ସନ ୧୯୦୩।୧୯୦୪ ସାଲର ପୂର୍ବପରି ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡ଼ିଆମାନଙ୍କରେ ପ୍ରାଚୀନ ଲୋକଙ୍କ ଏବଂ ବିଶୁଦ୍ଧ ବ୍ୟବସାୟୀଙ୍କ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟଣା ଲିଖିବା ପାଇଁ ଲେଖିବା ସକାଶେ ସ୍ଥାନ ରହିଅଛି ପ୍ରତ୍ୟେକ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

| | |
|---|---|
| ବଡ଼ପଞ୍ଜିକା | ଟ ୦। |
| ଛୋଟପଞ୍ଜିକା | ଟ ୦୯୬ |

ଡାକମାସୁଲ ବଡ଼ପାଞ୍ଜି ଖ ୧ ଖଣ୍ଡ ଟ ୦/ ଛୋଟପାଞ୍ଜି ଖ ୧ ଖଣ୍ଡରୁ ଖ ୨ ଖଣ୍ଡ ପର୍ଯ୍ୟନ୍ତ ଟ ୦୯୬ । ବଡ଼ପାଞ୍ଜି ଖ ୧୦ ଖଣ୍ଡ ଏକତ୍ର ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## NOTICE.

Wanted a Second Clerk for the Khurda Khasmahal office on a Salary of Rs. 35 per month. Preference will be given to those who have experience in correspondence work. Applications will be received by the undersigned up to the 1[illegible] January next.

Khurda Sub-Division office
Khurda, The 13th December 1902

E. [illegible]end Pereira
Sub-Divisional Officer

## ବିଜ୍ଞାପନ ।

### WANTED

A Head Pandit for the Mahasingpur Board Middle English School on a monthly Salary of Rs. 15 (fifteen) according to his qualification.

Preference shall be given to the holders of the Final Panditship Examination certificates from the Cuttack Training School, having some experience in teaching.

Applications should reach the undersigned on or before the 9th Proximo.

Cuttack Dist. Board office.
The 19th December 1902.

J. C. Chunder
*Vice-Chairman*

## ADVERTISEMENT.

### IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## NOTICE.

### For Sale

A pair of new bedstead (Palank) made of Ablush wood with screws to break them into pieces for easy of conveyance any one wishing to buy may enquire at Babu William Roul's at Sutahat Village.

2-1-03

Makund Maharana
*Carpenter.*

## NOTICE.

Wanted a Sub-overseer under the District Board of Balasore, on a salary of Rupees 35 with consolidated horse allowance of Rs 15 a month, in place of the permanent incumbent Babu Panch Kori Mukherjya deceased. None need apply who is not qualified under the recent rules published by Government in their Notification No 3334 L. S. G. dated 20th December 01.

Applications will be received by the Chairman, District Board, Balasore up to 20th January 1903.

Balasore Dis. office
The 31st December 02

R. D[illegible]
*for C[illegible]*

ବୀଜର ସ୍ଥିଷ୍ଠାଦନ୍ତ କମ୍ପେଲରେ

Digitized by srujanika@gmail.com

# ଉତ୍କଳଦୀପିକା ।

ଶନ୍ତ୍ରି ଆଉ ଗୋଟିଏ ବର୍ଷ ଗତ ହୋଇଗଲା । ଗତ ଗୁରୁବାର ସନ ୧୯୦୨ ସାଲ ବିଦାୟ ହୋଇଗଲା ଏବଂ ସନ ୧୯୦୩ ସାଲ ଉପସ୍ଥିତ ହେଲା । ଅଦ୍ୟ ପାଠକମାନଙ୍କ ସହିତ ଆମ୍ଭମାନଙ୍କର ନବବର୍ଷର ପ୍ରଥମ ସାକ୍ଷାତ । ଏହି ଶୁଭ ଘଟନା ସକାଶେ ଅନନ୍ତକାଳର କର୍ତ୍ତା ଶ୍ରୀ ପରମେଶ୍ୱରଙ୍କଠାରେ ସ୍ତୁତି ଓ ଭକ୍ତିସହିତ ଅଶେଷ ଧନ୍ୟବାଦ ପ୍ରଦାନ ପୂର୍ବକ ଏହି ପ୍ରାର୍ଥନା କରୁଅଛୁଁ କି ତାହାଙ୍କର ଅପାର କରୁଣାଧାର ଆମ୍ଭମାନଙ୍କର ଗ୍ରାହକ ଅନୁଗ୍ରାହକ ଏବଂ ପାଠକମାନଙ୍କ ଉପରେ ସର୍ବଦା ପତିତ ହେଉ ସେମାନେ ନବବର୍ଷରେ ନବ ନବ ସୁଖମାନ ଲାଭ କରନ୍ତୁ । ଏବଂ ଉତ୍କଳଦୀପିକାକୁ ପ୍ରତି ବ ୩୭ ବର୍ଷ ପୂର୍ଣ୍ଣ କାଲ ଯେଉଁ ସ୍ନେହ ଓ ଦୟା ଦେଖାଇ ଆସିଅଛନ୍ତି ତାହା ସ୍ଥିର ରହୁ । ଆମ୍ଭେମାନେ ତହିଁର ଯୋଗ୍ୟ ହେବା କାରଣ ସାଧ୍ୟମତେ ଚେଷ୍ଟା କରିବୁଁ ।

---

ନବବର୍ଷକୁ ସୁଖରେ ଅତିବାହିତ କରିବା ଆଶାରେ ଲୋକେ ନବବର୍ଷର ପ୍ରଥମଦିନ ଶୁଭ ଉତ୍ସବର ଅନୁଷ୍ଠାନ କରନ୍ତି । ପ୍ରତିବର୍ଷ ଏହା ହୋଇ ଆସୁଅଛି । ମାତ୍ର ସନ ୧୯୦୩ ସାଲର ପ୍ରଥମଦିନ ଭାରତରେ ବିଶେଷ ମହୋତ୍ସବର ଦିନ ବୋଲି ଚିରକାଲ ସ୍ମରଣ ରହିବ । ନବ ସମ୍ରାଟ ଏଡ଼ୁଆର୍ଡ ସପ୍ତମଙ୍କର ମୁକୁଟୋତ୍ସବ ଉପଲକ୍ଷରେ ଭାରତରେ ଯେଉଁ ଆନନ୍ଦ ଉତ୍ସବ ଲାଗିଅଛି ଏବଂ ଯହିଁର ଶେଷ ହୋଇ ନାହିଁ ତାହା ଅନୁପମ ଅଟେ । ରାଜା ପ୍ରଜା ସମସ୍ତେ ସେହି ଆନନ୍ଦରେ ମଗ୍ନ । ଅବଶ୍ୟ ଦୁର୍ଭିକ୍ଷ ଏକାବେଳେ ବିଦାୟ ହୋଇ ଯାଇ ନାହିଁ । ପ୍ଲେଗରୋଗ ଉଣା ନ ହୋଇ ବରଂ କିଛି ବଢିଅଛି ଏବଂ ଭୂମିକମ୍ପାଦି ଉପଦ୍ରବମାନ ସମ୍ପୂର୍ଣ୍ଣରୂପେ ଶାନ୍ତ ହୋଇ ନାହିଁ ତଥାପି ଭାରତବାସିମାନେ ପ୍ରଗାଢ଼ ରାଜଭକ୍ତି ବଳରେ ସେ ସମସ୍ତ ପାସୋରି ରାଜୋତ୍ସବରେ ଆନନ୍ଦରେ ମାତିଅଛନ୍ତି । କାରଣ ଇଂରାଜ ରାଜାଙ୍କର ନ୍ୟାୟ ବିଚାର ଏବଂ ଉଦାର ପ୍ରଜାବତ୍ସଲତା ପ୍ରତି ସେମାନଙ୍କର ଅଟଳ ବିଶ୍ୱାସ ଏବଂ ସେମାନେ ବହୁଦର୍ଶିତା ଦ୍ୱାରା ବୁଝିଅଛନ୍ତି ଯେ ଏମନ୍ତ ରାଜା ଆଉ ପାଇବେ ନାହିଁ ଏବଂ ତାହାଙ୍କର ଅଭ୍ୟୁଦୟରେ ସେମାନଙ୍କର ସମସ୍ତ ବାଧା ବିଘ୍ନ କ୍ଷୟ ହେ[illegible] [illegible]ରମେଶ୍ୱର ସମ୍ରାଟଙ୍କୁ ଦୀର୍ଘଜୀବୀ କରନ୍ତୁ ଏବଂ [illegible]ଙ୍କଠାରେ ଭାରତର ଯେତେ ଆଶା ଭରସା [illegible] ସଫଳ ହେଉ । ଏ ଉତ୍ସବକାଳରେ [illegible]ାନଙ୍କର ଏକାନ୍ତ ପ୍ରାର୍ଥନା ।

---

ଦକ୍ଷିଣଭାରତ ଏବଂ ସିଂହଳଦ୍ୱୀପରେ ବସ୍ତ୍ରର ତାଲତାଳ ବା ତାଳୁତାଳର ଗ୍ରାସ ଅଛି । ବର୍ତ୍ତମାନ ନେକେତେ ବର୍ଷହେଲା ଏତେ ତାଳୁତାଳରୂପୀ ହେଉଅଛି ଯେ କେତେ ବିକ୍ରୟ ହେଉ ନାହିଁ । ଅର୍ଥାତ ଦୁର୍ମୂଲ୍ୟ, ଖରଚକୁ ବଳି ପଡ଼ୁଅଛି । ବିକ୍ରୟ ବୃଦ୍ଧିର କିଛି ଉପାୟ ନ ହେଲେ ଏ ବ୍ୟବସାୟ ମାଟି ହୋଇଯିବ । ଏଥିକୁ ସହଯୋଗୀ ସଞ୍ଜୀବନୀ ପଚାରୁଅଛନ୍ତି କି ଗବର୍ଣ୍ଣମେଣ୍ଟ ଗ୍ରହ ଦ୍ୱାରା ବିକ୍ରୟ ନିମନ୍ତେ ଯେମନ୍ତ ଚେଷ୍ଟା କରୁଅଛନ୍ତି ତାଳୁତାଳ ସମ୍ବନ୍ଧରେ ସେପରି କିଛି କରିବେ କି ? ଏ ବ୍ୟବସାୟ ମଧ୍ୟ ଅନେକ ଇଉରୋପୀୟ କରୁଅଛନ୍ତି । ପ୍ରଶ୍ନଟି ଅବଶ୍ୟ ଯୁକ୍ତିସଙ୍ଗତ ଅଟେ ।

---

ଜେଷ୍ଟରବରିର ଆର୍ଚ୍ଚ ବିଶପ ଇଂଲଣ୍ଡର ସର୍ବଶ୍ରେଷ୍ଠ ପୁରୋହିତ ଅଟନ୍ତି ଏବଂ ରାଜାଙ୍କର ଅଭିଷେକାଦି ସକଳ କ୍ରିୟା ଏହାଙ୍କଦ୍ୱାରା ସମ୍ପାଦିତ ହୁଅଇ । ଯେଉଁ ମହାଶୟ ଏ ପଦ ଭୋଗ କରୁଥିଲେ ଆଜିକୁ ଦି ୧୨ ଦ ହେଲା ତାହାଙ୍କର ମୃତ୍ୟୁ ହୋଇଅଛି । ତାହାଙ୍କର ନାମ ଆର୍ଚ୍ଚ ବିଶପ ଫ୍ରେଡ଼େରିକ । ସେ ଏକ ସାମାନ୍ୟ ସୈନିକର ପୁତ୍ର । ସନ ୧୮୨୧ ସାଲରେ ଜନ୍ମଗ୍ରହଣ କରି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ସୁଖ୍ୟାତି ସହିତ ବି, ଏ, ପାସ କରି ଅଧ୍ୟାପନା କାର୍ଯ୍ୟ ଉତ୍ତାରୁ ସନ ୧୮୯୬ ସାଲରେ ଏହି ଉଚ୍ଚ ପଦ ପାଇଥିଲେ । କଥିତ ହୁଅଇ ତାହାଙ୍କର ଭଳି ପୁରୁଷ ଏହିପଦ ଧର୍ମଜ୍ଞ ଥିଲେ ।

---

ଅନିଦ୍ରା ବ୍ୟାଧି ଏହି ଧରିତ୍ରୀରେ ଉପସ୍ଥିତ ହୋଇଅଛି । ଅଧୁନା ଆଫ୍ରିକାରେ ଏହି ରୋଗାକ୍ରାନ୍ତ ଲୋକମାନେ ଶୋଇ ପଡ଼ନ୍ତି ଆଉ ଉଠନ୍ତି ନାହିଁ । ସେମାନଙ୍କର ନିଦ୍ରା ମହାନିଦ୍ରାରେ ପରିଣତ ହୁଏ । ଆଫ୍ରିକାର ଉଗଣ୍ଡାରେ ଅଳ୍ପସମୟ ମଧ୍ୟରେ ୩୦,୦୦୦ ଲୋକ ମହାନିଦ୍ରା ରୋଗରେ ଚିରଶାୟୀ ନପାଇଁ ଶୋଇ ଅଛନ୍ତି । ଏହି ବ୍ୟାଧିର ନିଦାନ ଓ ଚିକିତ୍ସା ନିରୂପଣ କରିବା ନିମନ୍ତେ ଏକ ଡାକ୍ତରୀ ସମିତି ଗଠିତ ହୋଇ ସେଠାକୁ ପ୍ରେରିତ ହୋଇଥିଲେ । ସେମାନେ ଏ ପର୍ଯ୍ୟନ୍ତ କିଛି ସ୍ଥିର କରି ପାରି [illegible]ନାହାନ୍ତି । ଉକ୍ତ ବ୍ୟାଧି ଇଜିପ୍ଟ ଓ ଭାରତବର୍ଷକୁ [illegible]ଯେପରି ନ ଆସେ ସେଥିପାଇଁ ସାବଧାନ ହେବାର ଯତ୍ନ ଲାଗିଛି ।

---

ଗତ ତା ୨୬ ରିଖରେ ଦର୍ଶୀଠାରେ ତ୍ରିବାଙ୍କୁରର ମହାରାଜାଙ୍କ ତମ୍ବୁରେ ଏକ ବୃହତ ଅଗ୍ନିକାଣ୍ଡ ହୋଇଗଲା । ମହାରାଜାଙ୍କର ନିଜର ବସ୍ତା ଏକ ପକ୍କା [illegible]ଘର ଅଟେ, ତାହା ରକ୍ଷା ପାଇଅଛି । ମାତ୍ର ତତ୍ [illegible] ସଂଲଗ୍ନରେ ଥିବା ରନ୍ଧନଶାଳା ଓ ଲୋକଜନଙ୍କ[illegible]ର ବସ୍ତ୍ରାଦିମାନ ସମ୍ପୂର୍ଣ୍ଣ ପୋଡି ଯାଇଅଛି । [illegible]ଅଁ ଦେଖି ପ୍ରାୟ ଲୋକ ସେଠାରେ ଜମା [illegible]ହୋଇ ଜଳ ଢାଳ କଲେ ମାତ୍ର [illegible] କିଛି ରକ୍ଷା ହେଲା ନାହିଁ । କଥିତ ହୁଅଇ [illegible] ଦକ୍ଷିଣୀ ଲୋକମାନେ ଦର୍ଶୀର ଅସହ୍ୟ ଶୀତ [illegible]ଣାର୍ଥେ ସ୍ଥାନେ ସ୍ଥାନେ ନିଆଁ ଜାଳୁଥିବାରୁ ଏହି ଅଗ୍ନିକାଣ୍ଡ ଘଟିଲା । ଏହି କାରଣରୁ ସେଠାରେ ଏତେ ତମ୍ବୁ ପୋଡିଯିବାର ଶୁଣାଯାଏ ।

—※—

ଜାତୀୟ ମହାସମିତିର ଅହମଦାବାଦ ଅଧିବେଶନ ଗତ ମାସ ତା ୨୬ ରିଖରେ ଶେଷ ହୋଇଅଛି । [illegible]ସ ଦିନ ଏବଂ ତହିଁପୂର୍ବ ତା ୨୪ ରିଖରେ ଅନେକଗୁଡ଼ିଏ ପ୍ରସ୍ତାବ ଅବଧାରିତ ହୋଇଥିଲା । ତହିଁମଧ୍ୟରେ ବିଶ୍ୱବିଦ୍ୟାଳୟ ସମିତିର ରିପୋର୍ଟ, ଶ୍ରୀଯୁକ୍ତ ଟାଟା ସାହେବଙ୍କ ବିଶ୍ୱବିଦ୍ୟାଳୟ, ନିକଶତିଙ୍କ ସରକାରୀ କାର୍ଯ୍ୟ ଏବଂ ବିଚାର ବିଭାଗର ପାର୍ଥକ୍ୟ ସାଧନ, ଦେଶୀୟ ଲୋକଙ୍କର ସରକାରୀ କାର୍ଯ୍ୟରେ ନିଯୋଗର [illegible]ସ୍ଥନ ପ୍ରସାର [illegible]ତ୍ୟାଦି ପ୍ରସ୍ତାବ । ଆଗାମୀ ଅଧିବେଶନ ମାନ୍ଦ୍ରାଜରେ ବସିବାର [illegible]ର ହୋଇଅଛି । ସଙ୍ଗପତି ସୁରେନ୍ଦ୍ରନାଥ କାଳରେ ଅହମଦାବାଦର ସୈନିକଦଳ ଏବଂ ଅଭ୍ୟର୍ଥନା କମିଟିର ବିଶେଷ ପ୍ରଶଂସା କରି ଧନ୍ୟବାଦ ଦେଇଥିଲେ । ବାସ୍ତବରେ ସେମାନଙ୍କର ଅଦମ୍ୟ ଚେଷ୍ଟା ଏବଂ ଅବିଶ୍ରାନ୍ତ ପରିଶ୍ରମଦ୍ୱାରା ଏହି ଅଧିବେଶନ ସର୍ବାଂଶରେ ସଫଳ ହୋଇଥିଲା ।

---

ଗତ ତା ୨[illegible] ରିଖରେ ଶେଷ ହେବା ସରକାରୀ ସାପ୍ତାହିକ ସମ୍ବାଦରୁ ପ୍ରକାଶ ଯେ ବମ୍ବେଇ ଓ ସିନ୍ଧୁରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୧୧୮୨ ଜଣ ହୋଇଅଛି ମାତ୍ର ମଧ୍ୟପ୍ରଦେଶରେ ୩୨୩ [illegible] ବଢିଅଛି । ସୁତରାଂ ମୋଟରେ ଗତ ସପ୍ତାହଠାରୁ ନେଡ଼ହଜାର ବୃଦ୍ଧି ହୋଇଅଛି ।

ପ୍ଲେଗରୋଗର ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବା ଉପରେ ଅଛି । ଉକ୍ତ ସପ୍ତାହର ମୋଟ ମୃତ୍ୟୁ ୧୪,୩୦୩ ମଧ୍ୟରୁ ବମ୍ବେଇରେ ୭,୩୦୬, ପଞ୍ଜାବରେ ୧୨୩୪ ଆଗ୍ରା ଓ ଅଯୋଧ୍ୟା ଯୁକ୍ତ ପ୍ରଦେଶରେ ୧୬୩୯ ଏବଂ ବଙ୍ଗଳାରେ ୧୩୦୨ ଘଟିଥିଲା । ରାଜପୁତାନା ଏବଂ କାଶ୍ମିରରେ ଏ ରୋଗ ଆଦୌ ନାହିଁ, ମଧ୍ୟପ୍ରଦେଶରେ ସାମାନ୍ୟରେ [illegible] ଅଛି ଏବଂ ମାନ୍ଦ୍ରାଜ ମହୀଶୂର ପ୍ରଭୃତିରେ ଏ ରୋଗର ମୃତ୍ୟୁ ଘଟନା ଏକଶହରୁ ଊଣା ।

---

Split by PDF Splitter
Digitized by srujanika@gmail.com

ମୁସଲମାନ ଶିକ୍ଷା ସମିତିର ଅଧିବେଶନ ଗତ ମାସ ତା ୨୭ ରିଖରେ ଦିଲ୍ଲୀର ଅରବ୍ୟସ୍କୁଲର ହତାରେ ହୋଇଥିଲା । ବମ୍ବେର ମାନ୍ୟବର ଆଗାଖାନ ସଭାପତିର ଆସନ ଗ୍ରହଣ କରିଥିଲେ । ମାନ୍ୟବର ବମ୍ବେର ଗବର୍ଣ୍ଣର, ଯୁକ୍ତପ୍ରଦେଶର ଲେଫ୍ଟନେଣ୍ଟ ଗବର୍ଣ୍ଣର, ସର ହିବାର୍ଟ୍ କଟନ୍ସେଣ୍ଟ, ଲୋହାରୁର ନବାବ, ମୁଆସର ନବାବ ପ୍ରଭୃତି ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଅନ୍ୟାନ୍ୟ ଅନେକ ଲୋକ ମଧ୍ୟରେ ଉପସ୍ଥିତ ଥିଲେ । ସଭାପତି ମହୋଦୟ ଏକ ସରସ ବକ୍ତୃତାରେ ପ୍ରତିପନ୍ନ କଲେ କି ଗୋଟିଏ ମୁସଲମାନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ମୁସଲମାନ ସମ୍ପ୍ରଦାୟର ବର୍ତ୍ତମାନ ଅଜ୍ଞାନତାସ ଏବଂ ଶିକ୍ଷା ପ୍ରତି ଆଳସ୍ୟ ଏବଂ ଅଶ୍ରଦ୍ଧା ଭାଙ୍ଗିବାର ଶ୍ରେଷ୍ଠ ଉପାୟ ଅଟେ । ସେ କହିଲେ କି ଏକକୋଟି ଟଙ୍କା ଚେଦାଦ୍ୱାରା ସଂଗୃହିତ ହେଲେ ସେପରି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ ଏବଂ ଇସଲାମଙ୍କର ଉଦ୍ଧାର ହେବ । ଭାରତର ସମସ୍ତ ମୁସଲମାନମାନଙ୍କର ସମବେତ ଚେଷ୍ଟାରେ ଏତେ ଟଙ୍କା ଉଠିବା କଠିନ ନୁହେ । ମାତ୍ର ଏକମନ ହେବା ଆବଶ୍ୟକ ।

---

'ମଟୋରକାର' (motorcar) ନାମକ ନବାବିଷ୍କୃତ ଗାଡିର ପରିଚୟ ଦେଇ ସହଯୋଗୀ 'ପ୍ରଜାବନ୍ଧୁ' ଓଡିଶାର ସ୍ଥାନେ ତାହା ଚଳାଇବାର ପରାମର୍ଶ ଦେଇଅଛନ୍ତି । ସେହି ଗାଡି କେରୋସିନ ତେଲର ବାଷ୍ପବଳରେ ଚାଲେ, ତହିଁ ପାଇଁ ଘୋଡାର ଦରକାର ନାହିଁ । ମାତ୍ର ପକ୍କା ସଡ଼କ ଦରକାର କାରଣ ସଡ଼କରେ ଚାଲିବାର ନୁହେ । ଟ ୮୧୦୦ ୯ଙ୍କା ମୂଲ୍ୟର ଖଣ୍ଡେ ଗାଡିରେ ଚାଳକ ସହିତ ଜ ୮ ଣ ବସି ଏକ ଘଣ୍ଟାରେ ମା ୧୫ ଇଲଠାରୁ ମା ୧୮ ଇଲ ପର୍ଯ୍ୟନ୍ତ ଯାଇ ପାରନ୍ତି । ସଡ଼କ ଖାଟ ହେଲେ ଲାଭ ହଅନ୍ତା ସନ୍ଦେହ ନାହିଁ । ମାତ୍ର ଏକା ଜଗନ୍ନାଥ ସଡ଼କ ଛଡ଼ା ଓଡିଶାର କୌଣସି ପ୍ରଧାନ ଓ ବଡ଼ ସଡ଼କ ଏ ପର୍ଯ୍ୟନ୍ତ ପକ୍କା ହୋଇ ନାହିଁ ତମା ଶୀଘ୍ର ହେବାର ଆଶା ନାହିଁ । ପକ୍କାସଡ଼କ ନିର୍ମାଣ ଏବଂ ସଂରକ୍ଷଣର ବ୍ୟୟ ଅତ୍ୟନ୍ତ ଅଧିକ ବୋଲି ଜିଲାବୋର୍ଡମାନଙ୍କର ସାହସ ସେ ଦିଗକୁ ଯାଉ ନାହିଁ । ତାହା ନ ହେବା ପର୍ଯ୍ୟନ୍ତ 'ମଟୋରକାର' ଅଥବା ଅନ୍ୟ ପ୍ରକାର ଶୂନ୍ୟ ଗାଡିର ଚଳନ କରିବା ବୃଥା । ଜୟପୁର ବନ୍ଧୁହିର୍ ବ୍ୟାପୀ ପ୍ରଧାନ ସଡ଼କମାନ ପକ୍କା ହେବ ସେଥିର ପରାମର୍ଶ ସଙ୍କେତ ଜିଲାବୋର୍ଡକୁ ଦେବା ଉଚିତ ।

---

[illegible] ସ ଦାରୋଗା ଓସମାନଙ୍କ [illegible] ତଥି ଅଛନ୍ତି । ଏହି [illegible] ର ଓସମାନ ଦାରୋ-ଗା ଅବୈଧ ଉପାୟରେ ଅର୍ଥ ଗ୍ରହଣ କରିବା ହେତୁ ଅଭିଯୁକ୍ତ ହୋଇଥିଲା । ମାଜି ବିଚାରକ ଦାରୋଗାଙ୍କୁ ବିନା ଦଣ୍ଡରେ ମୁକ୍ତି ଦେଲେ । ଏହି ବିଚାରରେ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ନ ହୋଇ ହାଇକୋର୍ଟକୁ ରିପୋର୍ଟ କରିବାରେ ହାଇକୋର୍ଟର ବିଚାରପତି ପ୍ରିନ୍ସେପ ଓ ଷ୍ଟିଫେନଙ୍କ ଏଜଲାସରେ ଏହି ମୋକଦ୍ଦମାର ପୁନର୍ବିଚାର ହେଲା । ବିଚାରପତି ଦ୍ୱୟ ଓସମାନ ଦାରୋଗା ପ୍ରତି କଠିନ ପରିଶ୍ରମସହ ୧୪ ବର୍ଷ କାରାବାସର ଆଦେଶ ଦେଇଅଛନ୍ତି । ଓସମାନର ସହକାରୀ କୈଳାସ କଣ୍ଟକର ବିଚାର ପୁନର୍ବାର ହେବା ପାଇଁ ନୂଆଖାଲିର ମାଜିଷ୍ଟ୍ରେଟ ସାହେବଙ୍କ ପ୍ରତି ଆଦେଶ ପ୍ରେରିତ ହୋଇଅଛି । ହାଇକୋର୍ଟଙ୍କର ଏହି ନ୍ୟାୟ ବିଚାରରେ ସାଧାରଣ ସନ୍ତୁଷ୍ଟ ହେବେ ସନ୍ଦେହ ନାହିଁ ।

---

ଫ୍ରାନ୍ସ ଦେଶରେ ଭିକ୍ଷା ବୃତ୍ତିଦ୍ୱାରା ବଡ଼ ଭିକ୍ଷୁକମାନେ ଦିନକେ ଦଶଟଙ୍କା ଉପାର୍ଜନ କରନ୍ତି ମାତ୍ର ସେ ଦେଶର କାରିଗରମାନେ ଏତେ ପାଇ ପାରନ୍ତି ନାହିଁ । ଜଣେ ଫରାସିସ ଭିକ୍ଷୁକ ରୂପ ଧରି ଭିକ୍ଷୁକଙ୍କ ସଙ୍ଗେ ମିଶି ସେମାନଙ୍କର ଭିକ୍ଷା କରିବା ପ୍ରଣାଳୀ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛନ୍ତି । କେଉଁଠାରେ କିରୂପ କଥା କହି ଲୋକଙ୍କ ଚିତ୍ତକୁ ଦୟାର୍ଦ୍ର କରିଯାଇ ପାରେ ଏହା ସେମାନଙ୍କୁ ଉତ୍ତମରୂପେ ଜଣାଅଛି ଏବଂ ଭିକ୍ଷୁକମାନେ କ୍ରମିକ ଶିକ୍ଷାଦ୍ୱାରା ଏମନ୍ତ ନିପୁଣ ହୋଇଅଛନ୍ତି ଯେ ସେମାନେ ଅନ୍ୟ କାର୍ଯ୍ୟ କରିବାକୁ ଏକାନ୍ତ ଅନିଚ୍ଛୁକ । ଅଯଥା ଦୟା ପ୍ରକାଶରେ ଭିକ୍ଷୁକଙ୍କର ଉତ୍ସାହ ବଢ଼ଇ ମାତ୍ର ସାଧାରଣ ଲୋକେ ଭିକ୍ଷୁକର ଅବସ୍ଥା ବୁଝି ଦୟା ପ୍ରକାଶ କରିବାକୁ ଅବସର କାହୁଁ ପାଇବେ ? ଆମ୍ଭେମାନେ ଜାଣୁ ଜଣେ ଲୋକ ଏକ କଙ୍କାଳକ ନିତାନ୍ତ ଦୁରବସ୍ଥାରେ ଏକ ପୁଷ୍କରଣୀ ନିକଟରେ ବସିଥିବାର ଦେଖି ତାକୁ କହିଲା "ତୁ ମୋର ଗାଈଙ୍କ ସକାଶେ କେତେଏ ଘାସ ଗଣ୍ଡି ଦେବୁ ତୋତେ ଯୋଡିଏ ପଇସା ଦେବି ।" ଭିକ୍ଷୁକ ଉତ୍ତର କଲା "ମଲା, ମୁଁ ଯୋଉଏ ବୁଲି ଆସିଲେ ପାଞ୍ଚସେର ଚାଉଳ ଆଣିବି, ଘାସ ଗଣ୍ଡୁଛି କିଏ ବସି !"—ଦୁଃଖିଙ୍କ ଅବସ୍ଥା ଦେଖି ଆମ୍ଭମାନଙ୍କର ଦୁଃଖ ହୁଏ ସତ୍ୟ ମାତ୍ର ଭିତରର କଥା ଜାଣିବା ସହଜ ନୁହଇ ।

---

ଗଞ୍ଜାମ ଜିଲାର ରଜା, ଜମିଦାର, ମହାଜନ, ଉକିଲ ପ୍ରଭୃତି ସକଳ ଶ୍ରେଣୀର ଓଡିଆମାନଙ୍କର ଭାରତର ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁରଙ୍କ ନାମରେ ଖଣ୍ଡିଏ ଆବେଦନପତ୍ର ଗତ ମାସ ତା ୨୪ ରିଖର ପ୍ରଜାବନ୍ଧୁରେ ପ୍ରକାଶିତ ହୋଇଅଛି । ଏହା ଯଥାସ୍ଥାନକୁ ପଠା ଯାଇଅଛି କି ପଠାଯିବ ଉକ୍ତ ପତ୍ରିକାରୁ ଜଣା ଯାଉ ନାହିଁ । ଗଞ୍ଜାମ ଜିଲାର ଅଧିବାସିମାନେ କେବଳ ଚିକାକୋଲର ସାମାନ୍ୟ ଏକ ଅଂଶ ଛଡ଼ା ସମସ୍ତେ ଓଡିଆ ଅଟନ୍ତି ଏବଂ ସେ ଜିଲାର ସରକାରୀ କାର୍ଯ୍ୟାଳୟମାନଙ୍କରେ ଓଡିଆ ପ୍ରଚଳିତ ଥିଲେହେଁ କାର୍ଯ୍ୟତଃ ତେଲଙ୍ଗୀ ଭାଷାରେ ସମସ୍ତ କାର୍ଯ୍ୟ ନିର୍ବାହ ହେବା ହେତୁ ଲୋକଙ୍କୁ ନାନାପ୍ରକାର ଅସୁବିଧା ଓ କଷ୍ଟଭୋଗ କରିବାକୁ ହେଉଅଛି । ଏହା ଏବଂ ଅନ୍ୟାନ୍ୟ ଅନେକ ଉତ୍ତମ ଯୁକ୍ତି ଦେଖାଇ ଆବେଦନକାରୀମାନେ ପ୍ରାର୍ଥନା କରିଅଛନ୍ତି କି ମାନ୍ଦ୍ରାଜ ହାତରୁ ଗଞ୍ଜାମ ଜିଲାକୁ ଏବଂ ମଧ୍ୟପ୍ରଦେଶରୁ ସମ୍ବଲପୁର ଜିଲାକୁ ଅନ୍ତର କରି ସମସ୍ତ ଓଡିଆଭାଷୀ ପ୍ରଦେଶକୁ ଏକ ଗବର୍ଣ୍ଣମେଣ୍ଟ ଏବଂ ଏକ ବିଶ୍ୱବିଦ୍ୟାଳୟର ଅଧୀନ କରାଯାଉ । ବୋଲିବା ବାହୁଲ୍ୟ ଯେ ଆବେଦନଟି ଅତ୍ୟନ୍ତ ଯୁକ୍ତିସଙ୍ଗତ ଏବଂ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲର୍ଡ କର୍ଜନ ବାହାଦୁର ଏଥିର ସୁବିଚାର କଲେ ସମସ୍ତ ଓଡିଆଙ୍କର ଅଶେଷ କୃତଜ୍ଞତାର ପାତ୍ର ହେବେ ଏବଂ ତାହାଙ୍କର ନାମ ଓଡିଶାରେ ଚିରସ୍ମରଣୀୟ ହୋଇ ରହିବ । ଆମ୍ଭେମାନେ ସର୍ବାନ୍ତଃକରଣ ସହିତ ଏହି ଆବେଦନପତ୍ରର ପୋଷକତା କରୁଅଛୁଁ ।

---

## ଦିଲ୍ଲୀ ଦରବାର ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲାଟ କର୍ଜନ ବାହାଦୁର ଗତମାସ ତା ୨୯ ରିଖ ବେଳ ଘ ୧୧ ଖା.ବେଳେ ଦିଲ୍ଲୀର ରେଲଷ୍ଟେସନରେ ଖାସ ରେଲଗାଡିରେ ପ୍ରବେଶ ହେଲେ । ଦରବାର ନିମନ୍ତ୍ରଣରେ ସେ ନଗରରେ ସମବେତ ହୋଇଥିବା ସମସ୍ତ ଉଚ୍ଚ ରାଜକର୍ମଚାରୀ, ସ୍ୱାଧୀନ ଏବଂ କରଦରାଜନ୍ୟବର୍ଗ, ବିଦେଶୀୟ ରାଜପ୍ରତିନିଧି, ସମ୍ଭ୍ରାନ୍ତ ବ୍ୟକ୍ତି ପ୍ରଭୃତି ଷ୍ଟେସନଠାରେ ଉପସ୍ଥିତ ହୋଇଥିଲେ । ରକ୍ଷକ ସୈନ୍ୟଦଳ ଏବଂ ଇଂରାଜୀ ବାଦ୍ୟଦଳ ଯଥାରୀତିରେ ସୁସଜ୍ଜିତହୋଇ ପ୍ରସ୍ତୁତ ଥିଲେ । ମହାମାନ୍ୟ ମହୋଦୟଙ୍କର ରେଲଗାଡି ପ୍ରବେଶ ମାତ୍ରେ ତୋ ୩୧ ଟା ତୋପ ସଲାମୀ ହେଲା ଏବଂ ସେ ଅବତରଣ କରି ଉପସ୍ଥିତ ଥିବା ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସହିତ ଶିଷ୍ଟାଳାପ କରୁଥିଲେ । ମି ୧୫ କଟ ଉତ୍ତାରୁ ସମ୍ରାଟଭାତ ଡିଉକ ଅବ କନାଟ ଓ ତାହାଙ୍କର ଗୃହିଣୀଙ୍କର ଶୁଭାଗମନ ପହଞ୍ଚିଲା । [illegible] ମହୋଦୟ [illegible] ହିଁର ଦୁଇଦିନ ପୂର୍ବେ କଲିକତାରୁ ବମ୍ବେରେ

Digitized by srujanika@gmail.com

Split by PDF Splitter



ଜାହାଜରୁ ଓହ୍ଲାଇଥିଲେ ଏବଂ ସେଠାରେ ତାହାଙ୍କର ଯଥୋଚିତ ଅଭ୍ୟର୍ଥନା ହୋଇଥିଲା । ରେଲଗାଡ଼ିରୁ ଅବତରଣ କରିବାବେଳେ ପୁଣି ୩୧ ଟା ତୋପ ଫାୟାର ହେଲା ଏବଂ ବାଦ୍ୟ ବାଜିଲା । ପ୍ରଧାନ୨ ରଜା ଓ ସରକାରୀ କର୍ମଚାରୀମାନଙ୍କର ଭେଟ ଗ୍ରହଣ କଲା ଉତ୍ତାରୁ ଯେଉଁ ରଜାମାନେ ହାତୀଯାତ୍ରାରେ ଯୋଗ ଦେବାର ସ୍ଥିର ହୋଇଥିଲା ସେମାନେ ରେଲ ଷ୍ଟେସନରୁ ବାହାର ଯାଇ ଆପଣା୨ ହାତୀ ଉପରେ ଚଢ଼ିଲେ । ମହାମାନ୍ୟ ଗବର୍ଣ୍ଣର ଜେନେରଲ ଏବଂ ରାଜଭ୍ରାତା ଷ୍ଟେସନରୁ ପଦାକୁ ଆସିବାମାତ୍ରେ ଇଂରେଜ ସୈନ୍ୟଦଳ ସଲାମୀ ପରେଡ କଲେ ଏବଂ ଉଭୟନ୍ତର ମହୋଦୟମାନେ ହାତୀଉପରକୁ ବିଜେ କଲେ । ଆଗେ ପଛେ ଯେମନ୍ତ ରହିବାର ଶୃଙ୍ଖଳା ପୂର୍ବରୁ ହୋଇଥିଲା । ଠିକ ଘ ୧୨ ଟାବେଳେ ପୁଲିସ ତହିଁ ପଛେ ସୈନ୍ୟସରଦାର ଓ ସିପାହି, ଡଗର, ଭୁମ୍ପ୍ରା, ଶରୀରରକ୍ଷକ ପ୍ରଭୃତି ଆଗେ୨ ଚାଲିଲେ । ପ୍ରଥମ ଦୁଇଟି ହାତୀ ଉପରେ ଗବର୍ଣ୍ଣର ଜେନେରଲ ଏବଂ ରାଜଭ୍ରାତାଙ୍କର ସଙ୍ଗର କର୍ମଚାରୀମାନଙ୍କ ପଛରେ ଦୁଇ ମହୋଦୟଙ୍କର ହାତୀମାନ ଏବଂ ସେମାନଙ୍କ ପଛରେ ରଜାମାନଙ୍କର ହାତୀମାନ ମନ୍ଦ୨ ଗମନ କଲେ । ହାତୀପଛେ ପ୍ରଦେଶୀୟ ଶାସନକର୍ତ୍ତାମାନଙ୍କର ଘୋଡ଼ାଗାଡ଼ି ତହିଁ ପଛେ ଘୋଡ଼ା ଉପରେ କେତେଜଣ ସୈନିକ ଉଚ୍ଚ କର୍ମଚାରୀ ଓ ଦେଶୀୟ ରଜା ଏବଂ ତହିଁ ପଛେ କେତେଖଣ୍ଡ ଘୋଡ଼ାଗାଡ଼ି ଚାଲିଲା । ହାତୀମାନେ ଯୋଡ଼ି୨ ହୋଇ ଚାଲିଥିଲେ । କିଲ୍ଲା ସମ୍ମୁଖରେ ମହୋଦୟମାନେ ପହଞ୍ଚିବାମାତ୍ରେ ୩୧ ଟା ତୋପ ଫାୟାର ହେଲା । ସେଠାରୁ ରାଜପୁର ସଡ଼କ ପର୍ଯ୍ୟନ୍ତ ଯାଇ ମହୋଦୟମାନେ ହାତୀଉପରୁ ଗହଣରେ ଥିବା ରଜାମାନଙ୍କର ହାତୀ ସମସ୍ତ ବିଦାୟ କରିଦେଇ ଯଥାସ୍ଥାନରେ ହାତୀରୁ ଓହ୍ଲାଇ ଘୋଡ଼ାଗାଡ଼ିରେ ବସି ସ୍ୱ୨ ବସାକୁ ଗମନ କଲେ ଏବଂ ୩୧ ଟା ତୋପ ଫାୟାର ହେଲା । ଅଉ ସମସ୍ତେ ଯାହା ଗାଡ଼ି ଯେ ଯାହା ବସାକୁ ଚାଲିଗଲେ । ସବୁଯୁଦ୍ଧା ପ୍ରାୟ ୧୦୦ ହାତୀ ଥିଲେ ଏବଂ ତହିଁ ମଧ୍ୟରେ ୫୪ ହାତୀରେ ରଜାମାନେ ବସିଥିଲେ । ଦେଶୀୟ ରଜାଙ୍କ ମଧ୍ୟରେ ସର୍ବାଗ୍ରେ ବରୋଦାର ଗାଇକୁଆଡ଼ ତହିଁ ପଛେ ଯଥାକ୍ରମେ ହାଇଦରାବାଦର ନିଜାମ, ବିକାନୀର, ମହୀଶୂର, କାଶ୍ମୀର, ଗ୍ୱାଲିଅର ମହାରାଜାମାନେ ଏବଂ ଅନ୍ୟାନ୍ୟ ମହାରାଜା ଓ ରଜାମାନେ ସ୍ୱ୨ ମର୍ଯ୍ୟାଦାକ୍ରମେ ଚାଲିଥିଲେ । ତ୍ରିବାଙ୍କୁରର ରଜାମାନେ ଖସ୍ତରେ ଥିଲେ । ତା ୩୦ ରିଖରେ ଶିଳ୍ପ ପ୍ରଦର୍ଶନୀ ଫିଟିଲା । ମହାମାନ୍ୟ ଗବର୍ଣ୍ଣର ଜେନେରଲ ଏବଂ ଶୁଭକାର୍ଯ୍ୟ ସମ୍ପାଦନ କଲେ । ରାଜଭ୍ରାତା ଏବଂ ଆମନ୍ତ୍ରିତଦଳ ସମସ୍ତେ ସେଠାରେ ଉପସ୍ଥିତ ଥିଲେ । ମହାମାନ୍ୟ ମହୋଦୟ ସେ ସମୟରେ ଯେ ସନ୍ଦେଶ ବକ୍ତୃତା କରିଥିଲେ ତହିଁରେ ସମସ୍ତଙ୍କୁ ଜଣାଇ ଦେଇଥିଲେ । ସେ କହିଲେ କି ଭାରତ ଏତେବେଳେ ସୂକ୍ଷ୍ମ ଶିଳ୍ପ ପ୍ରସଙ୍ଗରେ ଗଢ଼ିବା ଅଥବା କଳ୍ପନା କରିବାପକ୍ଷରେ ଅପାରଗ, ବର୍ତ୍ତମାନ କପ୍ରକାର କାର୍ଯ୍ୟ ହେଉଅଛି ଏହା ଦେଖାଇବା ଏବଂ ଭାରତରୁ ଶିଳ୍ପ ବ୍ୟବସାୟ ଲୋପ ହୋଇ ନାହିଁ ଏବଂ ଅବଶ୍ୟ ଏମନ୍ତ ଶିଳ୍ପୀ ଜୀବିତ ଅଛନ୍ତି ଯେ ସେମାନେ ପୁରୁଷାନୁକ୍ରମେ ଶିକ୍ଷି ଆସିଥିବା କାର୍ଯ୍ୟର ଗୌରବ ପ୍ରକାଶ କରୁଅଛନ୍ତି ଏହା ପ୍ରମାଣ କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଅଭିପ୍ରାୟ । ଅନ୍ୟ ଅଭିପ୍ରାୟ ଏହି ଯେ ଭାରତର ଶିଳ୍ପ ଉତ୍ତରୋତ୍ତର ଦୁରବସ୍ଥାକୁ ଲଭିବାର ଦେଖି ତାହାଙ୍କର ଭାରି ଦୁଃଖ ହୋଇଅଛି । ଏତେବଡ଼ ମହୋତ୍ସବବେଳେ ଏକତ୍ରିତ ହେବା ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ଯୋଗରେ ତହିଁର କିଛି ପ୍ରତୀକାର ହୋଇପାରିବ ଯେ ଉଦ୍ଭାସ ନଷ୍ଟ ହେଉଥିବା ଶିଳ୍ପ ପୁନର୍ଜୀବିତ ହେବ ଏବଂ କ୍ରମେ ଉନ୍ନତି ଲଭିବ । ବିଦେଶୀୟ ଅନୁକରଣଦ୍ୱାରା ଦେଶୀୟ ଶିଳ୍ପବୃତ୍ତି ରକ୍ଷା ବା ଉନ୍ନତି ହେବ ନାହିଁ । ନିଜ ଶିଳ୍ପବୃତ୍ତି ପ୍ରତିଷ୍ଠା ରଖିବା ଆବଶ୍ୟକ । ଯେବେ ପ୍ରକୃତଭାବରେ ଦେଶୀୟ ଉଚ୍ଚ ସମ୍ମାନୀୟ ବ୍ୟକ୍ତିମାନେ ଶିଳ୍ପରକ୍ଷାପ୍ରତି ମନୋଯୋଗୀ ହେବେ ତେବେ ତାହା ରକ୍ଷା ପାଇବ । ଏହାଛଡ଼ା ଅନ୍ୟ ଉପାୟ ନାହିଁ । ଏହିହେତୁ ଏହି ପ୍ରଦର୍ଶନୀସମ୍ବନ୍ଧେ ତିନୋଟି ନିୟମ ଦୃଢ଼ରୂପେ ପ୍ରତିପାଳିତ ହୋଇଅଛି ଯଥା ।—

୧— କେବଳ ଦେଶୀୟ ଦ୍ରବ୍ୟ ଗୃହୀତ ହେବ

୨—ସେ ଦ୍ରବ୍ୟ ଏମନ୍ତ ହେବ ଯଦ୍ଦ୍ୱାରା କେବଳ ଶିଳ୍ପ ବ୍ୟବସାୟୀର ପରିଚୟ ମିଳିବ ।

(୩) ଯେଉଁଶ୍ରେଣୀର ଶିଳ୍ପ ଦ୍ରବ୍ୟମଧ୍ୟରେ ଯାହା ଉତ୍କୃଷ୍ଟ କେବଳ ସେହି ସମସ୍ତ ବାଛି ରଖାଯିବ ।

ଅତଏବ ସମସ୍ତେ ବୁଝି ପାରିବେ ଯେ ଏହା ହାଟ ନୁହେ କି ଅଳ୍ପସଙ୍ଗତିର ଲୋକମାନଙ୍କର ପ୍ରୟୋଜନୀୟ ସାମାନ୍ୟ ଦ୍ରବ୍ୟମାନ ଯୋଗାଇବାର ସ୍ଥାନ ନୁହେ । ଉତ୍ତମକାର୍ଯ୍ୟର ନ୍ୟାସ ନିମନ୍ତେ ଏ ପ୍ରଦର୍ଶନୀ ଫିଟିଅଛି । ବକ୍ତୃତାଅନ୍ତେ ସଭା ଭଙ୍ଗ ହେଲା ଏବଂ ସମସ୍ତେ ପ୍ରଦର୍ଶନୀ ବୁଲି ଦେଖିବାରେ ବ୍ୟସ୍ତ ହେଲେ । ପ୍ରଦର୍ଶନୀ ବିବରଣ ଏ ପରେ ପ୍ରକାଶ କରିବାର ଚେଷ୍ଟା କରିବ । ଦରବାର ଇତ୍ୟାଦିର ପ୍ରସଙ୍ଗ ମଧ୍ୟ ଅନ୍ୟ ସମ୍ବାଦକୁ ରହିଲା ।

## କଟକ ଦରବାର ।

ଦିଲ୍ଲୀର ସମସ୍ତ ଉତ୍ସବର ଯେମନ୍ତ ଯେ ନାମ ଦିଲ୍ଲୀଦରବାର ହୋଇଅଛି ତେ ଏଠାର ଉତ୍ସବଗୁଡ଼ିକୁ ଏଠା ଦରବାର ବୋଲିବାକୁ ହେବ । ବଡ଼ର କହିଲେ ଦିଲ୍ଲୀ ଦରବାର ଓ କଟକ ଦରବାର ଅନେକ ପ୍ରକାରେ ସମାନ । ସେଠାରେ ଅନେକ ରଜା ମହାରଜାମାନେ ଏକତ୍ରିତ ହୋଇଅଛନ୍ତି ଏଠାରେ ମଧ୍ୟ ସେହିପରି ହୋଇଅଛି । ସେଠାପରି ଏଠାରେ ହାତୀଯାତ୍ରା ପ୍ରଦର୍ଶନୀ ପ୍ରଭୃତି ହୋଇଅଛି । ଏମନ୍ତ ପ୍ରାୟ ଆଉ କୌଣସିଠାରେ ହୋଇ ନ ଥିବ । ପୁଣି ସେଠାରେ ଚାନ୍ଦନୀଚୌକ, ଜୁମାମସଜିଦ ପ୍ରଭୃତି ଅଛି । ଯେଉଁମାନେ ଦିଲ୍ଲୀକୁ ଯାଇପାରିବେ ନାହିଁ ଭାବନା କରନ୍ତି, ସେମାନଙ୍କର ଆଉ ଭାବିବାର ଉଚିତ ନୁହେ । ପ୍ରଭେଦ ଏତିକ ଯେ ସେଠାରେ ବୃହତ ପରିମାଣରେ ଏବଂ ଏଠାରେ ଅଳ୍ପ ପରିମାଣରେ ସେ ସମସ୍ତ କାର୍ଯ୍ୟ ହୋଇଅଛି । ମାତ୍ର ଦିଲ୍ଲୀର ନାମ ଶୁଣିବା ସଙ୍ଗେ 'ସମ୍ରାଟ' ଶବ୍ଦର ଯୋଗ ଅଛି ଏଠାରେ ତାହା ଅର୍ଥାତ୍ ଯେମନ୍ତ ଅତ୍ୟନ୍ତ ବଡ଼ଯାତ୍ରା ଦେଖା ନ ଗଲା ତେମନ୍ତ ଅତ୍ୟନ୍ତ ଭୟଙ୍କର ଅତ୍ୟନ୍ତ ଶୀତ କମ୍ପ, ଜ୍ୱର ଏବଂ ଅଗ୍ନି ଭୟରୁ ଅନ୍ତର ରହିବାକୁ ହେଲା ଏବେ ତୃପ୍ତି ଯଥେଷ୍ଟ ଅଟେ ।

ଏ ନଗରରେ ଠିକ ଦରବାରଦିନ ଅର୍ଥାତ୍ ଗତ ଗୁରୁବାର ଉତ୍ସବ ଆରମ୍ଭ ହୋଇଥିଲା । ତହିଁପୂର୍ବଦିନ କେବଳ ଅଭ୍ୟାସ ସକାଶେ ହାତୀମାନଙ୍କୁ ବଜାରରେ ବୁଲାଇ ନିଆ ଯାଇଥିଲା ଏବଂ ତାହା ଦେଖି ଉତ୍ସବର ଗାମ୍ଭୀର୍ଯ୍ୟ ଏବଂ ଆଡ଼ମ୍ବର ଲୋକଙ୍କ ମନରେ ମୁଦ୍ରିତ ହୋଇଥିଲା । ଗୁରୁବାରଦିନ ପ୍ରାତଃକାଳରୁ ନହବତ ବାଦ୍ୟ ବାଜିବାର ଆରମ୍ଭ ହେଲା । ଏ ବାଜା କଟକଚଣ୍ଡୀ, ଚାନ୍ଦନୀଚୌକ, କଲେକ୍ଟରୀ ହତା ନିକଟ, ଚୌଧୁରୀବଜାର ଓ ବକ୍ସିବଜାର ଏହି ପାଞ୍ଚ ସ୍ଥାନରେ ବସିଥିଲା, ଏହି୨ ସ୍ଥାନମାନଙ୍କରେ ସୁସଜ୍ଜିତ ବିଜୟ ଫାଟକମାନ ପ୍ରସ୍ତୁତ ହୋଇଥିଲା । ଏହି ସମସ୍ତ ସଡ଼କ ଏବଂ କଟକଚଣ୍ଡୀଠାରୁ ବାହାର ଗଡ଼ିଆ ଦରବାର ମଣ୍ଡପପର୍ଯ୍ୟନ୍ତ ସଡ଼କର ଦୁଇ ପାଖରେ ଯଥାକ୍ରମେ ନ ଯୋଡ଼ାଯାଇ ଦେବଦାରୁ ପତ୍ରର ତୋରଣ ଝୁଲୁଥିଲା । ଏହାଛଡ଼ା କଲେକ୍ଟରୀ, କମିଶନରୀ, ଅଦାଲତ କଚେରିମାନ ଏବଂ ଡାକଘର ପ୍ରଭୃତି ସରକାରୀଘର ଫୁଲ ପତାକା ଆଦିରେ ସୁଶୋଭିତ ହୋଇଥିଲା । ତହିଁମଧ୍ୟରେ ଅଦାଲତକଚେରିର ଶୋଭା ଅତି ମନୋହର ହୋଇଥିଲା । କେତେକ ବଙ୍ଗାଳୀ କି୨ ଘର ନାନାପ୍ରକାରେ ... ତହିଁମଧ୍ୟରେ ... ବାବୁ ଅକ୍ଷୟକୁମାର

Digitized by srujanika@gmail.com

Split by PDF Splitter



ତ୍ରାଣ୍ଡଶାଳାର ଦୃଶ୍ୟ ଅନେକଙ୍କର ମନକୁ ଆକର୍ଷଣ କରିଥିଲା । ପ୍ରକୃତରେ ଚୌଧୁରିବଜାର ନିକଟାରୁ ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାପର୍ଯ୍ୟନ୍ତ ସ୍ଥାନର ଶୋଭା ନଗରର ଅନ୍ୟ କୌଣସି ଅଂଶରେ ନ ଥିଲା ।

ସକାଳ ଆଠଘଣ୍ଟାବେଳେ ଜେଲଖାନାରୁ ୧୮୨ ଣ କଇଦି ଖଲାସ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରେ ୧ ୯ ଣ ସ୍ତ୍ରୀ ଥିଲେ । ଦିବା ଘ ୧୧ ଣ୍ଟା ବେଳେ ଶ୍ରୀଯୁକ୍ତ କମିଶ୍ନର ସାହେବ ନିଜକୋଠିରୁ ସମସ୍ତ ରାଜା ଏବଂ କେତେକ ପ୍ରଧାନ ଇଉରୋପୀୟ କର୍ମଚାରୀ ଏବଂ ଦେଶୀୟ ଭଦ୍ରଲୋକଙ୍କୁ ଆହ୍ୱାନ କରି ସୁସଜ୍ଜିତ
ହାତୀମାନଙ୍କ ଉପରେ ବସାଇ ସ୍ୱୟଂ ଏକ ହାତୀ-
...ଇ ଚଢି ଦରବାରକୁ ବିଜେ କଲେ । ହାତୀଙ୍କ
...ମୁଖରେ ପୁଲିସଦଳ ଏବଂ ସେମାନଙ୍କ ସମ୍ମୁ-
...ରେ ଅର୍ଥାତ୍ ସର୍ବାଗ୍ରେ କପ୍ତାନ କର୍କୁତ୍ତ,
...ଯୁକ୍ତ ରାଇଲ ଏବଂ ମାକମିଲନ ସାହେବମାନେ
...ଘୋଡ଼ାରେ ଚଢିଥିଲେ । ତହିଁପଛକୁ ହାତୀ-
...ଙ୍କେ ଏହି କ୍ରମରେ ଚାଲିଥିଲେ । ଯଥା;—
...ସର୍ବାଗ୍ରେ କଟକ କଲେକ୍ଟର ଓ ବାଲେଶ୍ୱର
...ପୁରୀର କଲେକ୍ଟରମାନେ, ଅନୁଗୁଳର ଡେ-
...ପୁଟି କମିଶନର, ତହିଁଉତ୍ତାରୁ ଶ୍ରୀଯୁକ୍ତ କମିଶନର
...ବ ଏବଂ ତାହାଙ୍କ ପଛେ ଯଥାକ୍ରମେ
...ଞ୍ଜର ମହାରାଜା, ଢେଙ୍କାନାଳ, ବଉଦ,
...ନୟାଗଡ଼, ତାଳଚେର, ହିନ୍ଦୋଳ,
...ନ, ଖଣ୍ଡପଡ଼ା, ରଣପୁର, ନରସିଂହପୁର,
... ଏବଂ ତିଗିରିଆର ରାଜା-
...ଇଉରୋପୀୟ କର୍ମଚାରୀମାନେ,
... ଓ ସୁଜନାର ଜମିଦାରମାନେ
...ଥାକ୍ରମେ ଶ୍ରୀଯୁକ୍ତ ମଧୁସୂଦନ
...ର ଚନ୍ଦ୍ର ବାହାଦୂର, ବାବୁ
..., ବାବୁ ରାଜନାରାୟଣ ଦାସ
...ଚରଣ ଦାସ । ସର୍ବସୁଦ୍ଧା
... । ଏହି ଦୃଶ୍ୟଯାତ୍ରା ଅତ୍ୟନ୍ତ
...ଲା ଏବଂ ଏହା ପୂର୍ବେ
...ର ଦେଖା ନଥିଲା । ଏହାକୁ
... ଆକର୍ଷଣ ବୋଲିବାକୁ
...ଦେଖିବାପାଇଁ ସମସ୍ତ ବାଟରେ
... । ସଡ଼କର ଦୁଇପାର୍ଶ୍ୱରେ
...ଲେ ଛିଡ଼ାହୋଇ ଶାନ୍ତି-
...ଭଙ୍ଗି କଲାଭାବରେ ଯାହାର
...ଦରବାରମଣ୍ଡପଟି ଯଥୋ-
...ହୋଇଥିଲା ଏବଂ ତାହା
... ଆମନ୍ତ୍ରିତ ଏବଂ ଅନ୍ୟ
... ବସିବାର ସ୍ଥାନ ପାଇ-
...ଟା ବେଳେ ଶ୍ରୀଯୁକ୍ତ

କମିଶ୍ନର ସାହେବ ଓ ସଙ୍ଗୀବ୍ୟକ୍ତିମାନେ ଦରବାର ମଣ୍ଡପ ନିକଟରେ ହାତୀରୁ ଓହ୍ଲାଇ ରାଜା ଏବଂ ଅନ୍ୟ ସଙ୍ଗୀମାନେ ମଣ୍ଡପରେ ପ୍ରବେଶ କରି ଯେ ଯାହା ସ୍ଥାନରେ ବସିଲାରୁ କମିଶନର ସାହେବ ମହୋଦୟ ଆଶାସୋଠାଧାରୀ ଭୃତ୍ୟବର୍ଗ ଏବଂ କଲେକ୍ଟର, ସବ୍‌ଜଜ, ଡେପୁଟି କଲେକ୍ଟର ପ୍ରଭୃତି କର୍ମଚାରୀ ପରିବେଷ୍ଟିତ ହୋଇ ମଣ୍ଡପରେ ପ୍ରବେଶ କରି ବେଦୀଉପରେ ବସିଲେ କିଞ୍ଚିତ୍‌କ୍ଷଣ ଉତ୍ତାରୁ ସେ ଦଣ୍ଡାୟମାନ ହୋଇ ସମ୍ରାଟଙ୍କର ଘୋଷଣାପତ୍ର ଇଂରାଜୀରେ ପାଠ କଲେ ଏବଂ ତାହାଙ୍କର ଆସିଷ୍ଟାଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ତହିଁର କନ୍ଟ୍ରଲିଖିତ ଓଡ଼ିୟା ଅନୁବାଦ ପାଠ କଲେ ଯଥା;—

## ରାଜା ଓ ସମ୍ରାଟଙ୍କ ଆଦେଶାନୁସାରେ ।

### ମହାମାନ୍ୟଙ୍କ ଭାରତସାମ୍ରାଜ୍ୟରେ ମହାମାନ୍ୟଙ୍କ ଅଭିଷେକୋତ୍ସବର ପାଳନ ନିମିତ୍ତ ଗୋଟିଏ ଦିବସ ନିରୂପଣାର୍ଥ

### ଘୋଷଣା ପତ୍ର ।

ଏଡ଼ୱାର୍ଡ୍, ରାଜା ଓ ସମ୍ରାଟ୍ ।

ଯେହେତୁ ଆମ୍ଭମାନଙ୍କ ପ୍ରଭୂଙ୍କ ଏକୋତ୍ତର ଊନବିଂଶତି ଶତବର୍ଷର ଜାନୁଆରି ମାସର ଦ୍ୱାବିଂଶତିତମ ଦିବସରେ ଆମ୍ଭମାନଙ୍କ ଭୂତପୂର୍ବା ସୁଖସ୍ମରଣୀୟା ଅଧିଶ୍ୱରୀ ରାଣୀ ଭିକ୍ଟୋରିଆଙ୍କ ପରଲୋକପ୍ରାପ୍ତି ହେବାରୁ ଆମ୍ଭେମାନେ ପରମେଶ୍ୱରଙ୍କ କରୁଣାକ୍ରମେ ଗ୍ରେଟ୍ ବ୍ରିଟନ୍ ଓ ଆୟର୍ଲଣ୍ଡରୂପ ସଂଯୁକ୍ତ ରାଜ୍ୟର ରାଜା, ଧର୍ମର ରକ୍ଷାକର୍ତ୍ତା, ଭାରତର ସମ୍ରାଟ୍, ସପ୍ତମ ଏଡ଼ୱାର୍ଡ଼ ଖ୍ୟାତି ଓ ଉପାଧି ଧାରଣପୂର୍ବକ ସିଂହାସନ ଆରୋହଣ କଲୁଁ;

ଏବଂ ଯେହେତୁ ଆମ୍ଭମାନଙ୍କ ରାଜତ୍ୱ-କାଳର ପ୍ରଥମ ଅଙ୍କରେ ଆମ୍ଭମାନଙ୍କ ପ୍ରଭୂଙ୍କ ଏକୋତ୍ତର ଊନବିଂଶତି ଶତବର୍ଷର ଜୁନମାସର ଷଡ଼ବିଂଶତିତମ ଓ ଡିସେମ୍ବର ମାସର ଦଶମ ଦିବସମାନଙ୍କର ଆମ୍ଭମାନଙ୍କର ରାଜକୀୟ ଘୋଷଣାପତ୍ରମାନଙ୍କଦ୍ୱାରା ଆମ୍ଭେମାନେ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ଅନୁଗ୍ରହ ଓ ଆଶୀର୍ବାଦକ୍ରମେ ଦ୍ୟୁତ୍ତର-ଊନବିଂଶତି ଶତବର୍ଷର ଜୁନ ମାସର ଷଡ଼ବିଂଶତିତମ ଦିବସରେ ଆମ୍ଭମାନଙ୍କର ରାଜକୀୟ ଅଭିଷେକୋତ୍ସବ ପାଳନ କରିବାର ଆମ୍ଭମାନଙ୍କର ରାଜକୀୟ ଅଭିପ୍ରାୟ ପ୍ରକାଶ ଓ ବ୍ୟକ୍ତ କରିଥିଲୁଁ;

ଏବଂ ଯେହେତୁ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ଅନୁଗ୍ରହ ଓ ଆଶୀର୍ବାଦକ୍ରମେ ଆମ୍ଭେମାନେ ବିଗତ ଅଗଷ୍ଟ ମାସର ନବମ ଦିବସ ଶନିବାସରେ ଉକ୍ତ ଉତ୍ସବ ପାଳନ କରିବାକୁ ସମର୍ଥ ହୋଇଅଛୁଁ;

ଏବଂ ଯେହେତୁ ଆମ୍ଭମାନଙ୍କର ଇଚ୍ଛା ଓ ଅଭିଳାଷ ଏହି ଯେ ଉକ୍ତ ଉତ୍ସବର ପାଳନବୃତ୍ତାନ୍ତ ଆମ୍ଭମାନଙ୍କ ଭାରତସାମ୍ରାଜ୍ୟର ସମସ୍ତ ଅନୁରକ୍ତ ପ୍ରଜାବୃନ୍ଦଙ୍କୁ ପ୍ରକାଶ୍ୟରୂପେ ଜ୍ଞାପନ କରିବ ଉଚିତ ଏବଂ ଉକ୍ତ ଉତ୍ସବରେ ଯୋଗ ଦେବା ପାଇଁ ଆମ୍ଭମାନଙ୍କର ଗବର୍ଣ୍ଣର, ଲେଫ୍ଟେନେଣ୍ଟ ଗବର୍ଣ୍ଣର ଓ ଶାସନାଧିକାରମାନଙ୍କ ପ୍ରଧାନ କର୍ତ୍ତୃପକ୍ଷମାନଙ୍କୁ, ଆମ୍ଭମାନଙ୍କ ଆଶ୍ରୟାଧୀନ ଦେଶୀୟ ସାମ୍ରାଜ୍ୟମାନଙ୍କର ରାଜନ୍ୟବର୍ଗ, ଅଧିପତିବୃନ୍ଦ ଓ ସାମନ୍ତମାନଙ୍କୁ ଏବଂ ଆମ୍ଭମାନଙ୍କର ଭାରତସାମ୍ରାଜ୍ୟର ସକଳ ପ୍ରଦେଶର ପ୍ରତିନିଧିମାନଙ୍କୁ ସୁଯୋଗ ପ୍ରଦାନ କରିବା ଉଚିତ;

ଏଣୁକରି ଆମ୍ଭେମାନେ ଆମ୍ଭମାନଙ୍କର ଏହି ରାଜକୀୟ ଘୋଷଣାପତ୍ରକ୍ରମେ ତାହା ଜ୍ଞାପନ କରୁଅଛୁଁ ଏବଂ ଆମ୍ଭମାନଙ୍କର ଉକ୍ତ ଅଭିଷେକୋତ୍ସବର ପୂର୍ତ୍ତିକରଣ ବ୍ୟକ୍ତ କରିବା ଅଭିପ୍ରାୟରେ ଦ୍ୟୁତ୍ତର-ଊନବିଂଶତି ଶତବର୍ଷର ଜାନୁଆରି ମାସର ପ୍ରଥମ ଦିବସରେ ଦିଲ୍ଲୀରେ ଗୋଟିଏ ମହୋତ୍ସବୀୟ ଦରବାର ବସାଇବା ନିମିତ୍ତ ଆମ୍ଭେମାନେ ଏତଦ୍ଦ୍ୱାରା ଆମ୍ଭମାନଙ୍କର ଉପଯୁକ୍ତ, ବିଶ୍ୱାସଭାଜନ ଓ ପ୍ରିୟତମ ମନ୍ତ୍ରୀ, ଆମ୍ଭମାନଙ୍କର ଭାରତବର୍ଷର ରାଜପ୍ରତିନିଧି ଓ ଗବର୍ଣ୍ଣର ଜେନେରେଲ୍, କେଡଲ୍‌ଷ୍ଟନର କର୍ଜନ ମାର୍କୁଇସଲ୍ ଲର୍ଡ କର୍ଜନଙ୍କ ପ୍ରତି ଭାରାର୍ପଣ ଓ ଆଦେଶ ପ୍ରଦାନ କରୁଅଛୁଁ; ଏବଂ ଆମ୍ଭେମାନେ ଆଦେଶ କରୁଅଛୁଁ ଯେ ଉକ୍ତ ଦରବାରରେ ଏହି ଘୋଷଣାପତ୍ର ଯେଉଁମାନଙ୍କର ଏଥିରେ ସମ୍ପର୍କ ଥିବ ସେମାନଙ୍କର ଅବଗତି ନିମିତ୍ତ ପଠିତ ହେବ ।

ଆମ୍ଭମାନଙ୍କ ସେଣ୍ଟ୍ ଜେମସ୍ ରାଜପ୍ରାସାଦରୁ ଆମ୍ଭମାନଙ୍କର ରାଜତ୍ୱର ଦ୍ୱିତୀୟ ବର୍ଷର ଏକସହସ୍ର ନଅ ଶତ ଦୁଇ ମସିହା ଅକ୍ଟୋବର ମାସ ପ୍ରଥମ ଦିବସରେ ପ୍ରଚାରିତ ।

## ପରମେଶ୍ୱର ରାଜା ଓ ସମ୍ରାଟଙ୍କୁ ଦୀର୍ଘଜୀବୀ କରନ୍ତୁ ।

ସେହି ଘୋଷଣାର ଏକଖଣ୍ଡ ଉର୍ଦ୍ଦୁ ଅନୁବାଦ ସବ୍‌ଜଜ ସାହେବ ବାହାରେ ଶ୍ରେଣୀବଦ୍ଧରୂପେ ଛିଡ଼ାହୋଇଥିବା ସୈନ୍ୟଦଳ ସମ୍ମୁଖରେ ପାଠ କଲାଉତ୍ତାରୁ ସୈନ୍ୟମାନେ ତିନିଥର ସଲାମି ବନ୍ଧୁକ ଫାୟର ଏବଂ ଉଚ୍ଚସ୍ୱରରେ ଜୟଧ୍ୱନି କଲେ । ତଦନନ୍ତର ମଣ୍ଡପମଧ୍ୟରେ ସେହିପରି ଜୟଧ୍ୱନି ହେଲା ଓ ଶ୍ରୀଯୁକ୍ତ କମିଶନର ସାହେବ ଉପାଧି ଘୋଷଣା ଏବଂ ସମ୍ମାନ ସାର୍ଟିଫିକେଟ ବିତରଣ କଲେ । କେବଳ ମୟୂରଭଞ୍ଜର ରାଜ ମହାରାଜାପଦ ପାଇବାର ପ୍ରକାଶ ହେଲା ଏବଂ

Digitized by srujanika@gmail.com

ନିମ୍ନଲିଖିତ ବ୍ୟକ୍ତିମାନେ ସମ୍ମାନ ସାର୍ଟିଫିକେଟ ପାଇଲେ । ଯଥା—

ରାୟ ହରବଲ୍ଲଭ ବୋଷ ବାହାଦୁର ।
„ ଜଲେଶ୍ୱର ଚନ୍ଦ୍ର ବାହାଦୁର ।
ବାବୁ ଜଗବନ୍ଧୁ ଚନ୍ଦ୍ର ରାୟ ଚୌଧୁରୀ ।
„ ଖୋଷାଲଚାନ୍ଦ ମାରବାଡି ।
„ ଅନାମ ଚନ୍ଦ୍ର ଦାସ ।
ମୌଲବୀ ରଫିଉଦ୍ଦିନ ମହମ୍ମଦ ।
କାଜି କାଜର ମହମ୍ମଦ ।
ବାବୁ ବ୍ରଜସୁନ୍ଦର ମର୍ଦ୍ଦରାଜ ।
„ ରାଜବଲ୍ଲଭ ରାୟ ।
„ ମୋହିନୀମୋହନ ମହାପାତ୍ର ।
„ ଯୋଗେନ୍ଦ୍ରନାଥ ମୁଖର୍ଜି ।
„ ଜାନକୀନାଥ ବୋଷ ।
„ ଗୌରୀଶଙ୍କର ରାୟ ।
„ ରାମଶଙ୍କର ରାୟ ।
ଚୌଧୁରୀ ଅଜଜ ମହମ୍ମଦ ।
ବାବୁ ଶ୍ରୀଧର ପଟ୍ଟନାୟକ ।
ଚୌଧୁରୀ କୃତ୍ତିବାସ ଦାସ ।
ବାବୁ କୈଳାଶଚନ୍ଦ୍ର ରାୟ ମହାପାତ୍ର ।
„ ରାମଚରଣ ଦାସ ।

ପରଶେଷରେ ଶ୍ରୀଯୁକ୍ତ କମିଶନର ସାହେବ ସଭ୍ୟବୃନ୍ଦଙ୍କୁ ସମ୍ବୋଧନପୂର୍ବକ ଇଂରାଜୀରେ ଯାହା କହିଲେ ତାହା ନିମ୍ନେ ପ୍ରକାଶିତ ହେଲା । ଯଥା—

*Chiefs and Gentlemen;*

You have now listened reverently to the loving message which His Imperial Majesty has graciously vouchsafed us, formally announcing His Ascension to the Throne and subsequent Coronation as successor to His Imperial Mother, the great, good and beloved Sovereign, who in the memorable year of 1858 first assumed the direct Government of India, and who during the years of her long reign, so endeared herself to her subjects all over her world-wide empire that, her memory is for ever enshrined in their hearts.

The sentiment of loyalty is deeply ingrained in the Indian mind. There is no country where the divine element is more universally associated with royalty than in India. The king as the symbol of authority and the visible embodiment of Government nowhere evoks greater personal attachment than in India, where His Imperial Majesty has been acclaimed with unbounded enthusiasm by prince and peasant alike.

It is our humble duty to approach the throne with the tribute of our respectful homage; and I congratulate the Province, and I congratulate myself, that on this great, auspicious and historical occasion, it should be my proud privilege as the Head of the Divisional Administration to convey the royal message to you and also to be the mouth-piece of my country-men in voicing the feeling of deep-rooted loyalty, which, actuating as it does all classes, has drawn together the Tributary Chiefs from afar, who at considerable personal sacrifice have come here to do honor to their Sovereign, which has gathered under this roof the best and most honored representatives of all sections of the community, and which is inspiring the vast crowds outside to vie with one another in testifying to their joy and delight.

The Solemn occasion also accentuates the strength, the cohesion, the solidarity of the Great Empire which though composed of many lands and inhabited by many peoples of divers creeds and races, is united by the firm bond of a common allegiance to the Sovereign and an intense devotion to his August person and the Royal Family,—a devotion which in the present instance has been deepened by the fact, that His Imperial Majesty is no stranger to the country, having visited it as heir to the throne some-what more than a quarter of a century ago.

We all join in praying fervently to the Almighty God that the reign of His Imperial Majesty and His august consort may be a long and prosperous one, and that it may tend further to tighten the bonds that knit the different units of the Empire together and to inspire all His subjects of whatever race, with a feeling of common interest and common brotherhood.

It remains for me to discharge the pleasant duty of felicitating the recipients of honors and distinctions which I have already announced. The list has necessarily to be kept down, so that these marks of special favour may be duly valued and appreciated; but those who as feudatory chiefs are assiduously working for the good of their subjects or who as Honorary Magistrates or members of Municipal and District Boards, are labouring disinterestedly in helping the Administration or who as wise landlords are promoting the welfare of their tenantry, or who again by their philanthropic and charitable efforts are furthering the cause of education or diminishing the sum total of human suffering, may rest assured that their good work is keenly watched by Government and will not fail to recei[ve] suitable recognition.

ପରେ ସାହେବ ମହୋଦୟ ରାଜାମା[ନଙ୍କୁ]
ସ୍ୱହସ୍ତରେ ଅତର ପାନ ପ୍ରଦାନ କ[ରି]
ଏବଂ ଜମିଦାର ପ୍ରଭୃତି ଭଦ୍ରଲୋକଙ୍କୁ ...
ଅତର ପାନ ବଣ୍ଟା ଯାଇ ଓ ୧୦୧ ...
ତୋପ ଦିଆଯାଇ ଦରବାର ଭଙ୍ଗ ହେ[ଲା]
ସାହେବ ମହୋଦୟ ଆଗମନ ସମୟରେ ...
ଯାହାରେ ଆପଣା ହୋଟିଲ୍କୁ ଗଲେ ...
ଏହି ଦରବାରରେ ଲେଉଟ୍ଟଣ୍ଡର ମ...
ଏନଥେମ୍ ଏବଂ ଉତ୍କଳସଭା ଏନଥେମ୍ ...
ନାମର ଅଭିନନ୍ଦନପତ୍ର ଉପଯୁକ୍ତ ମୁ...
ଥାଳିରେ ସାହେବ ମହୋଦୟଙ୍କଠାରେ ...
ଲେ । ଏ ପତ୍ରମାନ ...
ପଠାଯିବ ।

ସନ୍ଧ୍ୟା ହେବାମାତ୍ରେ ...
ହେଲା । ସଡ଼କ ଦୁଇପାଖ...
ସରେ ବଡ ଶୋଭାହୋଇଥି...
ଙ୍କରେ ପୁଷ୍ପାଶିଖି, ଅନ୍ୟର...
ଦୀପାଳୀ ଫାନୁସ ପ୍ରଭୃତି ସ...
ଦିଆ ଯାଇଥିଲା ଏବଂ ...
ସରକାରୀମାନେ ଅନେକ...
ରୋଷନାଇ କରିଥିଲେ ।
ଅତ୍ୟନ୍ତ ସଫଳ ହୋଇଥି...
...ନଇଲୁ ବଳ ଯା...
ପର୍ଯ୍ୟନ୍ତ ରୋଷନାଇ ର...
ବିଶେଷ ଶୋଭା ମଧ୍ଯ ପ୍ରଶ...
ଠାରୁ ଚୌଧୁରୀବଜାର ...
କଟା ମଧ୍ୟରେ ଅଧିକ...
ମଧ୍ୟରେ ଗ୍ୟାସ ଲାଇଟ...
ମାରୱାଡିମାନେ ...
ରୋଷନାଇ କରିଥିଲେ...
ସନ ତା ୨ ଖା ...
ବାଜିରେ ଅରନ୍ଦବା...

Split by PDF Splitter



ପ୍ରାୟ ଏକଘଣ୍ଟା ଖେଳିଗଲା । ସା-
ଓ ମେମ୍ ଓ ରାଜା କମିଶନର
ଅନ୍ୟାନ୍ୟ ଭଦ୍ରଲୋକମାନେ
ଥିଏଟର ବାରନ୍ଦାରେ ଦେଖିଥିଲେ ।
ବାଜି ଅଭିଅଳ୍ପ ଏବଂ ସାମାନ୍ୟ
ଏବଂ ଶୃଙ୍ଖଳାମତେ ମଧ୍ୟଗଲା
ସଂଖ୍ୟା ୧୦।୧୫ ହଜାରରୁ ଊ-
ସେମାନେ .କରଶ ହୋଇ
। ବାସ୍ତବରେ ଏମନ୍ତ ମହୋ-
ସବାକ୍ଷ ସାଜ ନାହିଁ ଅଥଚ
୦୦ ଙ୍କା ଏଥିପାଇଁ ବଗଚ
ନଗରରେ ଏକ୨ ବିବାହରେ
ଉତସବାକ୍ଷ ଦେଖାଯାଇଅଛୁ ।
ଯେତେବେଳେ ଗାନ୍ଧସ-
ଉଠିଯାଇଅଛୁ ଓ ଦେବାଲ
ବଂରେ ଗଜକର୍ମଚାରମାନେ
ନାହାନ୍ତି ତେତେବେଳେ
କାହିଁକି ସଫଳ ହେବ?
ବ୍ୟବସାୟ ବନ୍ଦ ହୋଇଯାଇ-
ଅଳ୍ପ ସମୟରେ ଅଧିକ ବାଣ
ଉପକରଣ ଏବଂ ମୂଲ୍ୟା ମଜୁର
ଥିଲେ ।

ଠାରୁ ନଗରର ନାନା
ଙ୍କର ଅମୋଦ ନିମନ୍ତେ
। ବମଗଡ଼ା, କଟକଚଣ୍ଡୀ
ଚପୋଖରୀ, କାଠଗଡ଼ା,
ଜାର, ଝାଞ୍ଜିରିମଙ୍ଗଳା,
ଏବଂ ମଙ୍ଗଳାବାଗ
ଯାତ୍ରା ହୋଇଥିଲା ।
ଏବଂ ସଙ୍ଗୀତପିଲା ଏହି
ର ବନ୍ଦୋବସ୍ତ ହୋଇଥିଲା
ଏକ୨ ସ୍ଥାନରେ ଏକ୨
। ୨ ସ୍ଥାନରେ ଘଡ଼ି
ହୋଇଥିଲା । ଏହିରୂପେ
ଶେଷ ହେଲା ।
ଦରବାରକୁ ଆସିଥିଲେ ଏବଂ
ମର୍ଯ୍ୟାଦା ହୋଇଥିଲା ।
ସକାଳେ ଏବଂ ଅପରାହ୍ଣରେ
ବିବିଧପ୍ରକାର କ୍ରୀଡ଼ା ହୋଇ-
୨୩ ପ୍ରକାର ଥିଲା ଏବଂ
କୌତୁକ ଲାଗିଥିଲା । ସ୍ଥାନା-
ବୃତ୍ତାନ୍ତ ପ୍ରକାଶ କରିବାକୁ
ରେ ଥିଏଟର ହେବ ଏବଂ
ରେ ଜଣାଇବୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଭୁଣ୍ଟୀରେ ଥିବା ମିଃ ସତ୍ୟେନ୍ଦ୍ରନାଥ ମଲ୍ଲିକ ଜଏଣ୍ଟ ମାଜି-ଷ୍ଟ୍ରେଟ ଓ ଡେଃ କଲେକ୍ଟର ନଦିଆ ଜିଲ୍ଲାର ମେହେରପୁର ସବ୍‌ଡିଭିଜନର ଭାରପ୍ରାପ୍ତ ହେଲେ ।

---

ଦୁଇ ତିନ ଦିନ ହେଲା ଏ ନଗରରେ ଶୀତର ବଳ କମିତ ଜଣା ହୋଇଅଛି । ଗତକାଲି ସକାଳେ କୁହୁଡ଼ି ହୋଇଥିଲା । ମେଘ କାହାଳିବାର ଲକ୍ଷଣ ଦେଖା ଯାଉଅଛି ।

ଦରବାର ଉପଲକ୍ଷରେ ଏ ସପ୍ତାହରେ ଅନେକଲୋକର ମେଳା ଏ ନଗରରେ ହୋଇଥିଲା । ଗତକାଲିଠାରୁ ଫେରି ଯିବାର ଆରମ୍ଭ ହୋଇଅଛି । କାରଣ ନାନା ସ୍ଥାନରେ ନାନା ପ୍ରକାର ଉତ୍ସବର ଅନୁଷ୍ଠାନ ହେଉଅଛି ।

ଅଦ୍ୟ ଅପରାହ୍ନ ୩ ଘଣ୍ଟା ବେଳେ ଏଠା କଲା ପଡ଼ିଆରେ ଫୁଲ ଫଳ ଓ ଶଲ୍ୟ ଦ୍ରବ୍ୟର ହାଟ ଫିଟିବ ।

ଆଗାମୀ ଅପ୍ରେଲମାସଠାରୁ ଚଟ୍ଟଗ୍ରାମ ବିଭାଗ ବଙ୍ଗଳାରୁ ଅନ୍ତର ହୋଇ ଆସାମ ସହିତ ସମ୍ମିଳିତ ହେବାର କଥା ହୋଇଅଛି ।

ବଙ୍ଗଳାର ଉଲ୍‌ଟାଙ୍ଗଙ୍ଗର ଜଣେ ମୁସଲମାନ ଗୋଟିଏ ଗାଇ ଗୋରୁକର ବଂଶାଇକ କରିଥିବା ଅପରାଧରେ ଦଣ୍ଡଗ ଅଦାଲତରୁ ୨ ବର୍ଷ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳଇ । ଏ ଗୋରୁ ଦାଗୀଥିଲା ।

ବଙ୍ଗଳାର ମୃକରପୁରର ଜଣେ ବ୍ରାହ୍ମଣ ଆପଣା ସ୍ତ୍ରୀ ସଙ୍ଗେ କଳହ କରି ସ୍ତ୍ରୀଟି ନିଦରେ ଶୋଇଥିବା ସମୟରେ ତାହା ଲୁଗାରେ ନିଆଁ ଲଗାଇଦେଲା । ସ୍ତ୍ରୀଟିର ଶରୀର ଏମନ୍ତ ପୋଡ଼ି ଯାଇଅଛି ଯେ ତାହାର ବଞ୍ଚିବାର ଆଶା ନାହିଁ । ଅସାମୀ ଧରାହୋଇ ବିଚାରାଧୀନରେ ଅଛି । ଲୋକଟା କେଡେ ନିଷ୍ଠୁର ।

ବଙ୍ଗଳାର ବାରୁଇପୁରଠାରେ ଜଣେ କନେଷ୍ଟବଲ ଏକ ଗୋଟି ମୋକଦ୍ଦମାରେ ଆସାମୀକି ଧରି ନେଇ ଯାଉଥିବା ସମୟରେ ଜଣେ ଲୋକ ବାଟରେ ଜଗି କନେଷ୍ଟବଲଠାରୁ ଅସାମୀକି ଛଡ଼ାଇନେବା ଅପରାଧରେ ମାସ ୨ ସଶ୍ରମ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳଇ ।

ସ୍ୱର୍ଗୀୟା ମହାରାଣୀ ଭିକ୍ଟୋରିଆ ଦେବୀଙ୍କ ସ୍ମରଣାର୍ଥ କଲିକତାଠାରେ ଯେଉଁ ପାଣ୍ଠି ସଂଗୃହୀତ ହେଉଅଛି ତହିଁରେ ଏ ପର୍ଯ୍ୟନ୍ତ ଟ ୪୯,୭୨,୦୦୦ ଙ୍କା ସ୍ୱାକ୍ଷରିତ ହୋଇଅଛି । ଆଉ ଟ ୭୩,୦୦୦ ଙ୍କା ହେଲେ ଅର୍ଦ୍ଧକୋଟି ପୂର୍ଣ୍ଣ ହୋଇଯିବ । ବଡ଼ଲାଟ ସ୍ୱୟଂ ଏଥିରେ ମନୋଯୋଗୀ ହୋଇଥିବା ହେଲେ ଟଙ୍କା ଉଠିବାରେ ସନ୍ଦେହ କି ଅଛି ?

ଭାରତୀୟ ଡାକବିଭାଗରେ ଗତବର୍ଷ ଜ ୧୯୯ ଣ କର୍ମଚାରୀ ମହାମାରୀ ପ୍ଲେଗରେ ମୃତ୍ୟୁମୁଖରେ ପତିତ ହୋଇଥିବାର ସମ୍ବାଦ ମିଳଇ । ଏହାଙ୍କ ମଧ୍ୟରୁ ଜ ୧୨୪ ଣ ବୋମ୍ବାଇ ବିଭାଗରେ ମରିଥିଲେ । ମହାମାରୀ ପ୍ଲେଗ ହେତୁ କେହି ଚାକରି ଛାଡ଼ି ଯାଇଥିବାର ଦେଖା ଯାଇ ନାହିଁ ଏବଂ ବୋମ୍ବାଇ ଓ ବିହାର ଅଞ୍ଚଳରେ ମହାମାରୀ ପ୍ଲେଗ ପ୍ରବଳ ଥିବା ସମୟରେ ଅକାତରରେ କାର୍ଯ୍ୟ କରୁଥିବା ଜ ୨୫୫ ଣ ହରକରା ପ୍ରତ୍ୟେକଙ୍କି ବିଶେଷ ପୁରସ୍କାର ପ୍ରଦତ୍ତ ହୋଇଅଛି ।

ଅସ୍ମାନଙ୍କ ଯୁବରାଜଙ୍କର କଲିକତାରେ ଗତ ମାସ ତା ୨୯ ରାତ୍ରରେ ଏକ ଶୁଭ୍ର କୁମାର ଜାତ ହୋଇଥିବାର ସମ୍ବାଦ ମିଳଇ । ସମ୍ରାଟଙ୍କ ଅଭିଷେକଜନିତ ଆନନ୍ଦୋତ୍ସବ ସମୟରେ ଏ ଶୁଭ ସମ୍ବାଦ ଲୋକଙ୍କୁ ଦ୍ୱିଗୁଣ ପ୍ରଫୁଲ୍ଲିତ କରୁଅଛି ।

କ୍ରୁଟନ ଅନ୍ତରୀପ ଓ କର୍ଣ୍ଣବାଲ ମଧ୍ୟରେ ବିନା ତାରରେ ବାର୍ତ୍ତା ପ୍ରେରଣ ହେଉଥିବାର ସମ୍ବାଦ ମିଳଇ । ଇଟାଲିର ବିଖ୍ୟାତ ମାର୍କୋନି ସାହେବ ଏହା ଚଳାଇବା ପକ୍ଷେ ଚେଷ୍ଟାରେ କ୍ରୁଟି କରୁ ନ ଥିବାର ଦେଖାଯାଏ ।

ମୃତ ଗ୍ଲେଟଲିଟ ଉଡ଼ବର୍ଣ୍ଣ ମହୋଦୟଙ୍କ ଲର୍ଡ ସ୍ମରଣାର୍ଥ ପାଣ୍ଠିକି ହଟିବାର ମହାରାଣୀ କଲିକତାଠାରେ ଟ ୧୦୦୦ ଙ୍କା ଚାନ୍ଦା ସ୍ୱାକ୍ଷର କରି ଆପଣା ବ୍ୟୟରେ ପ୍ରତିଷ୍ଠିତ ଥିବା ଦୁଃଖୀ ଲୋକଙ୍କ ଆଶ୍ରମକୁ ଆହୁରି ଦଶ ହଜାର ଟଙ୍କାରେ ବଢ଼ାଇ ତହିଁର ନାମ ଉଡ଼ବର୍ଣ୍ଣ ସାହେବଙ୍କ ନାମାନୁସାରେ କରିବା କାରଣ ତାଙ୍କର ପତ୍ନୀଙ୍କ ନିକଟରୁ ବଳିତ ଯିବା ପୂର୍ବରୁ ଅନୁମତି ନେଇଅଛନ୍ତି । ଏହି ଆଶ୍ରମର ବାର୍ଷିକ ସଂରକ୍ଷଣ ବ୍ୟୟ ଟ ୧୫୦୦୦ ଙ୍କାରୁ ଊଣା ହେବ ନାହିଁ ।

ଅଗ୍ନିଯାନଠାରେ ଘନ୨ ଭୂମିକମ୍ପ ଉପସ୍ଥିତ ହୋଇଅଛି ଏବଂ ଦୁର୍ଘଟନାର ଆଶଙ୍କାରେ ରେଲ ଯିବା ଆସିବା ବନ୍ଦ ହୋଇଅଛି ।

## ପୁରୀ-ସମ୍ବାଦ ।

ଗତ ତା ୧୯ ରିଖ ସ୍କୁଲସମୂହର ଇନସ୍ପେକ୍ଟର ସାହେବ ମହୋଦୟ ଏଠାରେ ପହଞ୍ଚି ଜିଲ୍ଲାସ୍କୁଲ, ସଂସ୍କୃତସ୍କୁଲ ଓ କେତେଗୋଟି ପାଠଶାଳା ପରିଦର୍ଶନାନ୍ତେ ତା ୨୦ ରିଖ ଏଠାରୁ ପ୍ରସ୍ଥାନ କରିଅଛନ୍ତି ।

ଗତ ଶନିବାର ରାତିରେ ଏକଅସ୍ତା ବୃଷ୍ଟି ହୋଇ ସେହିଦିନଠାରୁ ଦୁଇ ତିନିଦିନ ମେଘ ହୋଇଥିବାରୁ ବର୍ତ୍ତମାନ ବିଶେଷ ଶୀତ ପଡ଼ୁଅଛି ।

ଏଠାର ଡେଃ ମାଃ ବାବୁ ରାଜକିଶୋର ଦାସ ଢେଙ୍କାନାଳ ମେନେଜର ନିଯୁକ୍ତ ହୋଇ ଗତ ତା ୨୧ ରିଖ ଏଠାରୁ ପ୍ରସ୍ଥାନ କରିଅଛନ୍ତି ।

ଆଗାମୀ ପ୍ରବେଶିକା ପରୀକ୍ଷା ଦେବା ନିମନ୍ତେ ଏଠା ଜିଲ୍ଲାସ୍କୁଲରୁ ଜ ୭ ଣ ଛାତ୍ର ମନୋନୀତ ହୋଇଅଛନ୍ତି ।

ଗତ ଶୁକ୍ରବାରଦିନ ଅସ୍ମାନଙ୍କର ମାଜିଷ୍ଟ୍ରେଟ ସାହେବ ମହୋଦୟ ଭ୍ରମଣ ଉପଲକ୍ଷରେ ବହିର୍ଗତ ହୋଇ ମନ୍ଦିର ସମ୍ମୁଖସ୍ଥ ଅରୁଣସ୍ତମ୍ଭ ସାମନା ଡକତାରେ ଠିଆ ହୋଇଥିଲେ । ଏ ସମୟରେ କେତେକ ଲୋକ ମାଜିଷ୍ଟ୍ରେଟ ସାହେବଙ୍କୁ ଚିହ୍ନି ନ ପାରି ପାଦ୍ରୀ ସାହେବ ବିବେଚନାରେ ଡକତା ଉପରକୁ ଆସିବାର ନିଷେଧ କରି ଅପମାନସୂଚକ ବାକ୍ୟ ପ୍ରୟୋଗ କରି ଗୋଳମାଳ ଆରମ୍ଭ କରିଥିଲେ । ସେତେବେଳେ ଦେବୋତ୍ତର ମିଉନିସିପାଲିଟୀ ସଭ୍ୟତେଯ୍ୟାରମାନ, ବାବୁ ଜଗବନ୍ଧୁ ପଟ୍ଟନାୟକ ଉପସ୍ଥିତ ହୁଅନ୍ତେ ମାଜିଷ୍ଟ୍ରେଟ ମହୋଦୟ ତାହାର ଡକତାକୁ ସାହେବମାନେ ଆସିବାର ନିଷେଧ ଥିବା ବିଷୟ ପଚାରିଥିଲେ । କିନ୍ତୁ ଜଗବନ୍ଧୁ ବାବୁ ସ୍ୱୟଂ ଚର୍ମପାଦୁକାସହ ସିଂହଦ୍ୱାର ସିଡ଼ିପର୍ଯ୍ୟନ୍ତ ଯାଇ ସେହି ପର୍ଯ୍ୟନ୍ତ ସର୍ବସାଧାରଣ ଅବାଧରେ ଯାଇପାରିବାର କହିବାରୁ ସାହେବ ମହୋଦୟ ତାହା ଶୁଣି ଫେରିଥିଲେ । ସାହେବ ମହୋଦୟଙ୍କୁ ଅପମାନସୂଚକ ବାକ୍ୟ କହିଥିବା ଦୋଷରେ ପୁଲିସ ଜ ୩୦ ଜଣଠାରୁ ମୁଚୁଲିକା ନେଇ ଛାଡ଼ି ଦେଇଅଛନ୍ତି ।

ପୁରୀର ଜଣେ ପ୍ରସିଦ୍ଧ ମହାଜନ ପାଟଣାହାଟସାହି ନନ୍ଦଦାସ କୃଷ୍ଣ ମହାନ୍ତି ଗତପୂର୍ବ ଶୁକ୍ରବାର ପରଲୋକଗାମୀ ହୋଇ ଥିବାରୁ ତାହାଙ୍କର ସୁସନ୍ତାନ ଆନନ୍ଦ ମହାନ୍ତି ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଉପଲକ୍ଷେ ସାତ ସାନ୍ତି ଓ ଷୋଳ ଶାସନ ବ୍ରାହ୍ମଣ, ଓ କଙ୍ଗାଳୀମାନଙ୍କୁ ଯଥାବିଧି ନିମନ୍ତ୍ରଣପୂର୍ବକ ଭୋଜନ କରାଇ ଏବଂ ଅନେକ କାଙ୍ଗାଳମାନଙ୍କୁ ବସ୍ତ୍ର ଦାନ କରି-ଥିଲେ । ଶାସ୍ତ୍ରୀୟ ପଣ୍ଡିତମାନଙ୍କର ମଧ୍ୟ ଯଥୋଚିତ ସତ୍କାର କରା ହୋଇଥିଲା । ଈଶ୍ୱର ମୃତ ମହାଜନର ଆତ୍ମାର କଲ୍ୟାଣ ବିଧାନ କରନ୍ତୁ ।

Digitized by srujanika@gmail.com

ଜ୍ୱରମୁକ୍ତ ହୋଇ ସୁଦ୍ଧା ପୁନଃ ଲୋକେ ଜ୍ୱର ଭୋଗ କରୁଅଛନ୍ତି । କାହାରି ମଧ୍ୟ ପ୍ଲୀହା ଜାତ ହେଉଅଛି ଅନେକେ କୁଇନାଇନ୍ ବ୍ୟବହାର କରୁଅଛନ୍ତି । ମାଲେରିଆ ଜ୍ୱର ବୋଲି କେହି କେହି ଡାକ୍ତର ମତ ପ୍ରକାଶ କରନ୍ତି ।

ବହୁଦିନ ପ୍ରଭୃତି ବନ୍ଦ ହେବାରୁ ଅତ୍ରତ୍ୟ ଅନେକ କଲିକତାବାସି ସରକାରୀ କର୍ମଚାରୀ ଓ ଧନୀ ବ୍ୟକ୍ତିମାନେ ଶ୍ରୀଜୀଉଙ୍କ ଦର୍ଶନାର୍ଥ ଆସିଅଛନ୍ତି ।

ବର୍ତ୍ତମାନ ପଞ୍ଚଲଙ୍କୋଟରେ ଅଯଥା ବିଳମ୍ବ ଦେଖା ଯାଉଅଛି । ଏଥି ମଧ୍ୟରେ ଗଡ଼ବଡ଼ ଓ ଅନ୍ୟାନ୍ୟ ସେବକଙ୍କ ମଧ୍ୟରେ ବିବାଦ ଯୋଗୁଁ ଦୁଇ ଏକ ଦିନ ଶ୍ରୀଜୀଉଙ୍କ ଭୋଗରେ ବିଶେଷ ବିଳମ୍ବ ହେଉଥିଲା ।

ଅସ୍ୱ ଉତ୍ତରଦ୍ୱାର ଅବସ୍ଥ ହୋଇଅଛି ।

---

## ମୂଲ୍ୟପ୍ରାପ୍ତି ।

---

| | | |
|---|---|---|
| ଚୌଧୁରୀ କୃଷ୍ଣଦାସ ଦାସ | | ଟ ୩ ( |
| ଶ୍ରୀ ବାବୁ ଶ୍ରୀନାଥ ନାୟକ କପିଳପୁର କୋଠାର | | ଟ ୩ ( |
| ରାଜା ଇଚ୍ଛାପୁର | ଗଞ୍ଜାମ | ଟ ୩ ( |
| ଶ୍ରୀ ବାବୁ ଗୋପୀନାଥ ମିଶ୍ର | ଅଠମଲ୍ଲିକ | ଟ ୩ ( |
| „ ହରବନ୍ଧୁ ଚୌଧୁରୀ | ବୃନ୍ଦାବନ | ଟ ୩ ( |
| „ ଲକ୍ଷ୍ମଣ ମହାନ୍ତି | ମଙ୍ଗଳପୁର ଗଣଗଞ୍ଜ | ଟ ୩ ( |
| „ ରଘୁନାଥ ନାୟକ ଦେଇତ ବିଦ୍ୟୋତ୍ସାହିନୀ ସମାଜ କଟକ | କଲିକତା | ଟ ୧ ( |
| „ ହାଡ଼ିବନ୍ଧୁ ଶ୍ରୀଚନ୍ଦନ ହରିଚନ୍ଦନ ଗୁଗଗଡ଼ ଢେଙ୍କା | | ଟ ୧ |

---

# ବିଜ୍ଞାପନ ।

---

**ମନ୍କୁଟୋତ୍ସବ ( ଦିଲ୍ଲୀ ଦରବାର ବର୍ଣ୍ଣନା )**

ମୂଲ୍ୟ ଟ ୦ /

**ମନ୍କୁଟଦର୍ଶନ ( ଉତ୍କଳ-ଉତ୍ସବ )**

ମୂଲ୍ୟ ଟ ୦ ୵

ଉଭୟ ପୁସ୍ତକ ଶ୍ରୀ ଗୋବିନ୍ଦରଥଙ୍କ ରଚିତ । ସମସ୍ତ ଉତ୍କଳପାଠକଙ୍କ ନିମିତ୍ତ ଦୁଇସହସ୍ର ପୁସ୍ତକ ପ୍ରସ୍ତୁତ ଅଛି । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

---

## ଏଚଚ୍ ଡେଙ୍ଗ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ⌐ ଅଣା ।

ପ୍ରାପ୍ତିସ୍ଥାନ ଏଲଚ, ଦେ

ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ

ବାଲେଶ୍ୱର ।




ଡାକ୍ତର ମେଜର ସାହେବଙ୍କ ଅବସ୍କୃତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଅଦ୍ୟ ଅର୍ଦ୍ଧଶତ ବର୍ଷ ଜଗତରେ ଜୟଯୁକ୍ତ ବର୍ତ୍ତୀଇଅଛି । ଏହା ରକ୍ତଦୁଷ୍ଟିର ଦୂରୀଭୂତ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀ... ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅନୁପମତା... ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୁରୁଲ ଦେଓ ବାମଣ୍ଡାରୁ ଲେଖିଅଛନ୍ତି - ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର ଦୃଷ୍ଟି ହେବାରୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ରାଜୁରକର ଦେଓ ରେଢାଖୋଲରୁ ଲେଖିଅଛ... ବିଜ୍ଞାପନର ମୋହରେ ପଡ଼ି "ଡ୍ୟାକାଜାନ" ଔଷଧ ମଗାଇଲି, ଉପକାର ହେବା ପକାର ହେଲା ସେଥିରେ ପାପ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନ... ସାଲସାର ଗୁଣ ମୁଁ ଭୁଲି ପାରିବ ନାହିଁ । ମୋତେ ଅଦ୍ଭୁତ ଉପକାର ପଠାଇଦେ...

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲ୍ଲିକୋଟରୁ ... ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସା କ୍ଷମତା ଅସୀମ ...

ପ୍ରାପ୍ତିସ୍ଥାନ :—ଡ଼ବଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା, ବମ୍ବେ ...

Digitized by srujanika@gmail.com

# ବିଜ୍ଞାପନ।



ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ

ରେଜଷ୍ଟ୍ରୀ କୃତ।

ବହୁ ପରୀକ୍ଷିତ! ବିଶେଷ ପ୍ରଶଂସିତ!!!

ଆଦି ଓ ଅକୃତ୍ରିମ।

ଅଦ୍ୟ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡ୍ୟାକକ୍ଷନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ। ଯେହେତୁ—

ଇଲେକ୍‌ଟ୍ରୋ ସାଲସା —ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେଉଁରୂପ ହଜାର୍ ଶିଶି ବିକ୍ରୟ ହେଉଅଛି ତେଣୁ ବର୍ତ୍ତମାନରୁ ସେହିପରି ଚିଠିମାନ ଅଯାଚିତ ସ୍ୱଷ୍ଟ୍ୟାଭିପତ୍ର ଲାଭ କରିଅଛୁ ଓ କରୁଅଛୁ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ଅଳ୍ପିତ ବେଗରେ ସର୍ବ ଶରୀରେ ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ କାରିତା ଶକ୍ତି ଗୁଣରୁ ସର୍ବ୍ବେ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିଥାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଯୋଗ୍ୟୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ।

ଇଲେକ୍‌ଟ୍ରୋ ସାଲସା :—ବ୍ୟଗତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ସ୍ୱଦେଶୀ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କିନ୍ତୁ—

ଇଲେକ୍‌ଟ୍ରୋ ସାଲସା।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ। ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି। ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧୟାବତ ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତାଙ୍କର ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି। ବଡ଼ ବଡ଼ ହାସପାତାଲରେ ଉପଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି। ଆସିୟା, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି। ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି। ଇଲେକ୍‌ଟ୍ରୋ ସାଲସା ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା!!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ।

ଇଲେକ୍‌ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଗଣ୍ଡି ଫୁଲିବା କୁଷ୍ଠରୋଗ ହୋଇ ଫୁଲି ଉଠିବା, କୁଣ୍ଡଆଣ, ଛୁଲି ଗରମି ଓ ପାରଦର ଘା, ନାକ ଓ କାନର ଘା ଦେହରେ ବା ହସ୍ତ ଓ ପଦ ତଳରେ ଘାଆ ଗରମିର ଦାଗ ବା କଳାଚିହ୍ନ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ, ଯନ୍ତ୍ରଣାଦ ପୁଣି ଘାଆ ଓ ଗରମି ବିଷର ନିର୍ମୂଳ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ।

ଇଲେକ୍‌ଟ୍ରୋ ସାଲସା।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରସ୍ଥାୟୀ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସାବ ହେବା, ମେହଜାତ ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କିମ୍ବା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣଶକ୍ତି ହ୍ରାସ, ମୁଣ୍ଡ ଘୂରିବା, ଚକ୍ଷୁର ଅସ୍ଥିରତା, ନିର୍ଜନପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ।

ଇଲେକ୍‌ଟ୍ରୋ ସାଲସାର—ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ। କ୍ଷୁଧା ବୃଦ୍ଧି ହେବ। କୋଷ୍ଠ ପରିଷ୍କାର ହେବ। ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ଦୃଷ୍ଟ ଓ କାନ୍ତିଯୁକ୍ତ ହେବ। ଶରୀରର ଓଜନ କ୍ରମେ ବଢ଼ୁଥିବ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ। ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ।

"ଇଲେକ୍‌ଟ୍ରୋ ସାଲସା" ଭୂମି ରୋଗର ପ୍ରକୃତ ଔଷଧ! ଯେହେତୁ ଗୋଟିଏ ରୋଗୀସୁଦ୍ଧା ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ-ବହୁ ପ୍ରଶଂସାପତ୍ର-ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି। ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୨।୧ ଦୁଇ ଶିଶି ଟ ୪

୭ ଶିଶି ଟ ୧୦। ଡଜନ ଟ ୨୦।

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍‌ଟ୍ରୋ ସାଲସାର;—ଆବିଷ୍କର୍ତ୍ତା— ଡାକ୍ତର କେମହ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, ନିଉୟର୍କ ଆମେରିକା। ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;— "ଡବଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା।

# ବିଜ୍ଞାପନ।

ବର୍ତ୍ତମାନ୍ ସ୍କୁଲ ପାଠ୍ୟ ସହଜପରମିତସମାଧାନ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ଟ ୦/ ଧାର୍ଯ୍ୟ ହୋଇଅଛି। ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ।

ଶ୍ରୀ ସୁଦର୍ଶନ ପଟ୍ଟନାୟକ।
ଚୁଡ଼ାଙ୍ଗାଟ, କଟକ

Split by PDF Splitter
Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଏ, ଏଚ୍, ଏସ୍, ଏଣ୍ଡ କୋମ୍ପାନି ।

### ଆର୍ଯ୍ୟଶାଙ୍କର ଔଷଧାଳୟ ।

ଶାନ୍ତିବାରି ସୁଧା ଅବା

ଶାନ୍ତିବାରି ବଟିକା ।

ସର୍ବପ୍ରକାର ଜ୍ୱରର ଏକମାତ୍ର ଅବ୍ୟର୍ଥ ମହୌଷଧ ନବଜ୍ୱର, ପୁରାତନ ଜ୍ୱର, ସ୍ୱଳ୍ପବିରାମ-ଜ୍ୱର, ସବିରାମ ଜ୍ୱର, ମାଲେରିଆ ଜ୍ୱର, ଯକୃତ ଓ ପ୍ଳୀହାସଂଯୁକ୍ତ ଜ୍ୱର ପ୍ରଭୃତି ସର୍ବବିଧ ଜ୍ୱର-ଏହି ଔଷଧ ସେବନରେ ଆରୋଗ୍ୟ ହୁଏ, ଏହା ଶୋଥ ଓ କୋଷ୍ଠବଦ୍ଧ ରୋଗନାଶକ ଅଟେ ।

| | |
|---|---|
| ମୂଲ୍ୟ ପ୍ରତି ଫାଇଲ | ଟ ୦ ୮ |
| ଡାକମାସୁଲ | ଟ ୦ ।୵ |
| ଭିଃ, ପିଃ, କମିଶନ | ଟ ୦ / |
| ପ୍ୟାକିଂ | ଟ ୵ |
| ବଡ ବାକ୍ସ | ଟ ୦ ୮ |
| ପ୍ଲେଟ „ | ଟ ୦ ୮ |
| ଭିଃ, ପିଃ, କମିଶନ | ଟ ୦ / |

ଶକ୍ତି ସଞ୍ଚାରଣୀ ସାଲସା ।

ଏହା ସବୁ ଋତୁରେ ବ୍ୟବହାର ହୋଇପାରେ, ଏହାର ବ୍ୟବହାର ନିମନ୍ତେ କୌଣସି ନିର୍ଦ୍ଧାରିତ ନିୟମ ନାହିଁ । ଭଲ ବେଳେ ଲୋକେ ଯେଉଁପରି ସାଧାରଣତଃ କାର୍ଯ୍ୟ କରିଥାନ୍ତି ଔଷଧ ସେବନ କାଳରେ ସେହିରୂପ ସବୁ କରି ପାରନ୍ତି । ଏହା ପ୍ରଚଳିତ ଦେଶୀ ଓ ବିଦେଶୀ ସାଲସା ମଧ୍ୟରେ ସର୍ବୋତ୍ତମ ଓ ବଳକାରକ ଅଟେ । ଏଥିର ଉପାଦାନ ସବୁ ଅନ୍ୟ ଔଷଧରେ ଅପ୍ରାପ୍ତ । ଏଥିରେ ପାରଦ ଅବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ବା ଅନିଷ୍ଟକାରକ ପଦାର୍ଥ ନାହିଁ ।

ମୂଲ୍ୟ ଏକ ଶିଶି ଟ ୧ ଡାକମାସୁଲ ଟ ୦।୵

ଗଣ୍ଡ ବିରେଚକ ।

ଏହା ତିନ ଚାରି ଦିବସ ବ୍ୟବହାରରେ ଉତ୍କଟ ପ୍ରକାରର ଉପଦଂଶ ରୋଗ ଆରୋଗ୍ୟ କରିବ । ବ୍ୟବହାରରେ କୌଣସି ଯନ୍ତ୍ରଣାର ଭୟ ନାହିଁ । ଏହା ପାରଦଜନିତ ଚର୍ମରୋଗ ଓ ନାଳିଘା ଭଲ କରେ । ଏହା ନିୟମିତରୂପେ ବ୍ୟବହାର କଲେ କୁଷ୍ଠରୋଗ ମଧ୍ୟ ଆରୋଗ୍ୟ ହୁଅଇ । ଏଥିରେ କୌଣସି ଅନିଷ୍ଟକର ପଦାର୍ଥ ନାହିଁ ।

ପ୍ରତି ବାକ୍ସର ମୂଲ୍ୟ ଟ୦୮ ଡାକମାସୁଲ ଟ୦

ଦଦ୍ରୁ ବିଲୋଚନ ।

ଏହା ନୂତନ ଓ ପୁରାତନ ସର୍ବବିଧ ଦଦ୍ରୁ (ଯାଦୁ) ନାଶକ ଏହା ସମ୍ପୂର୍ଣ୍ଣରୂପେ ହିତକାରକ ଅଟେ । ଏଥିରେ ପାରଦ ଓ ଅନ୍ୟ ପ୍ରକାର କୌଣସି ଅନିଷ୍ଟକର ପଦାର୍ଥ ନାହିଁ । ଏହା କୌଣସି ଯନ୍ତ୍ରଣାଦାୟକ ନୁହେ ।

ବାତ ରୋଗର "ସ୍ପେସିଫିକ

କଷ୍ଟୁରେଲ ।

ଏହା ଆମବାତ ରୋଗର ନାଶକ ଔଷଧ ।

ଏହା ସକଳ ପ୍ରକାର ବାତରୋଗ ଆରୋଗ୍ୟ କରେ । ଗଣ୍ଠିବାତ ପୃଷ୍ଠଦେଶ ଅବା ବକ୍ଷ-ସ୍ଥଳର ପୀଡ଼ା ଆରୋଗ୍ୟ କରିବାରେ ଅତ୍ୟାଶ୍ଚର୍ଯ୍ୟ ଜନକ ଔଷଧ । ପ୍ରକୃତରେ ଏହା ସର୍ବବିଧ ବାତରୋଗର ସର୍ବୋତ୍କୃଷ୍ଟ ଓ ଅବ୍ୟର୍ଥ ମହୌ-ଷଧ ।

ମୂଲ୍ୟ ପ୍ରତି ଶିଶି ଟ୦୮ ଡାକମାସୁଲ ଟ୦।୵ ଭି, ପି, କମିଶନ ଟ୦/

ଶଙ୍କର-ସୁଧା ।

ମେହ ରୋଗର ଅବ୍ୟର୍ଥ ମହୌଷଧ । ଏପର୍ଯ୍ୟନ୍ତ ଏପ୍ରକାର ଔଷଧ ଆବିଷ୍କାର ହୋଇ ନାହିଁ । ଠିକ୍ ଔଷଧ ଅଭାବର ଦଶଜଣ ମଧ୍ୟରୁ ନଅଜଣ ଏହି ଭୟାନକ ରୋଗରୁ କଷ୍ଟ ପାଉ-ଅଛନ୍ତି । ଆମ୍ଭମାନଙ୍କର ସ୍ପେସିଫିକ ଏହି ଭୟାବହ ରୋଗ ଆରୋଗ୍ୟ କରିବାକୁ ସମର୍ଥ । ଏହା ସେବନ କଲେ ସକଳ ପ୍ରକାର ମେହ, ରୋଗ ଓ ତଜ୍ଜନିତ ପୀଡ଼ା ଶୁକ୍ରର ହ୍ରାସ ମୂତ୍ରଜ୍ୱାଳା, ରକ୍ତମୂତ୍ର, ମୂତ୍ରକୃଚ୍ଛ୍ର ଓ ପ୍ରସ୍ରାବକାଳେ ଶୁକ୍ରର ତରଳତା ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଏହା ସ୍ତ୍ରୀମାନଙ୍କର ବାଧକ ପ୍ରଦର ଓ ଋତୁ ରୋଗ ଆରୋଗ୍ୟ କରଇ ।

୨୧୪ ନମ୍ବର ଦୁର୍ଗାଚରଣ ମିତ୍ର ଷ୍ଟ୍ରିଟ କଲିକତା ।

## ଫେଲେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି କର କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଅଚିରକାଳ ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇ-ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୬ ୧

### ଶ୍ରୀ କ୍ରିକଣ୍ଡ କବଚଟିକା ।

ଏହି ଔଷଧ ସାର୍ଯ୍ୟ ସ୍ତମ୍ଭାଧିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ସାର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୮ ମାତ୍ର ।

### କଲ୍ୟାଣରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାର-ଦାଦି ଦୋଷଜନିତ ଶରୀରରେ କଳା ଓ ରଙ୍ଗା ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୮ ମାତ୍ର ।

ଏକକାଳେ ତିନଶିଶି ନେଲେ ଟ ୪୧ ଙ୍କା ଲାଗେ ।

| | | |
|---|---|---|
| ଚୌଧୁରୀ ବଜାର | } | ଶ୍ରୀ ଛକଡି କର କବିରତ୍ନ |
| | } | ଅନ୍ନପୂର୍ଣ୍ଣା |
| କଟକ | } | ଆୟୁର୍ବେଦୀୟ ଔଷଧାଳୟ । |


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୬ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଉନା, ତହିଁର ସର୍ତ୍ତ ୫୦ ୨ ଟଙ୍କାରୁ ଉଣା ନହିବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଚତୁର୍ଥରୁ ଅଧାକରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ଦସ୍ତାପତ୍ରର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସକଲ ଦାତବ୍ୟ ଉତ୍କଳସାଧାରଣ ପ୍ରିଣ୍ଟିଂ କମ୍ପାନି ଲିମିଟେଡର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



## ଅଭିଷେକ ବର୍ଣ୍ଣନ ।

ସର୍ବଂଶୋଭିତରତ୍ନପ୍ରାସାଦମଧ୍ୟମହାର୍ହସିଂହାସନୋପରି ବିଭ୍ରାଜମାନଂ ପ୍ରେକ୍ଷାବନ୍ତ୍ୟାମଲ୍ଲି ଗଣପରିବେଷ୍ଟିତପାର୍ଶ୍ୱଦେଶଂ ମହର୍ଷୀସହିତଂ ଶ୍ରୀମଣ୍ଡଳେଶ୍ୱରଂ ଜାତଶ୍ରଦ୍ଧା ଅପଶ୍ୟଂ ଦର୍ଶୟନ୍ତୀଦମାହ।

ଗଙ୍ଗାଦିତୀର୍ଥଜଲପୂର୍ଣ୍ଣସୁବର୍ଣ୍ଣକୁମ୍ଭୈ-
ର୍ଗନ୍ଧାଦିମିଶ୍ରସୁରଭିଭ୍ରମଗଭିଲଙ୍ଗୈଃ ।
ପୌରୋହିତ୍ୟୈଃ ପଠିତମନ୍ତ୍ରକୃତାଭିଷେକଂ
ସିଂହାସନେ ସଖି ସମୀକ୍ଷ୍ୟ ସପ୍ତମଏଡ଼୍ୱାର୍ଡଂ ।୧।
ଯସ୍ୟାଙ୍ଗଜାତସୁଖଦାମବଲମ୍ବ୍ୟ ଗାଢ଼ା
ଭୂଗୋଲସର୍ବମନୁଭୂୟ ତଟଂ ଧରିତ୍ରୀ ।
ବାମେତବାମକରକଞ୍ଜତଲେ ସ୍ଥିତାଭୂ
ସିଂହାସନେ ସଖି ବିଲୋକୟ ମଣ୍ଡଳେଶଂ ।୨।
ଦୁର୍ବୋଧଲକ୍ଷଣମଜାପ୍ତିତଦଣ୍ଡହସ୍ତୋ
ଦଣ୍ଡ୍ୟାନ୍ୟମାନମହିଷୀଶ୍ରିତବାମଭାଗଃ ।
ସାମ୍ୟଂ ନବେନ ଗିରିଜାର୍ଦ୍ଧହରସ୍ୟ ଯାତ୍ୟେ
ସିଂହାସନେ ସଖି ବିଲୋକୟ ମଣ୍ଡଳେଶଂ ।୩।
ଧର୍ମାବତାରନରସିଂହବିଭୂଷିତାଙ୍ଗଂ
ସ୍ୱୀୟାଦରହସ୍ତଧାରବିଶୋଭମାନଂ ।
ରତ୍ନୋଜ୍ଜ୍ୱଲପ୍ରଦଯୁଗେ ସୁବିତତଶୋଭଂ
ସିଂହାସନେ ସଖି ବିଲୋକୟ ମଣ୍ଡଳେଶଂ ।୪।
ମୁକ୍ତାଫଲାନ୍ ପଦକଞ୍ଜଯୁଗେ ନିବେଦ୍ୟା-
ଦଂପୂର୍ବକୈର୍ନୃପକୁଟରତ୍ନଶିଖାଧରସ୍ୟ ।
ନୀରାଜଣଂ ଚ ପରଯାଳିତ ଭୂପବର୍ଗୈଃ
ସିଂହାସନେ ସଖି ବିଲୋକୟ ମଣ୍ଡଳେଶଂ ।୫।
ପ୍ରୋଦ୍ଭାସିତାଙ୍ଗମିଷଭୂଷଣଭୂଷିତାଙ୍ଗୀଂ
ଦର୍ଶୀପୁଷ୍ପଂ ବିଭୂଷଯୁକ୍ତ ଶଚୀପତୀଶାଂ ।
କ୍ଷୌଣୀଗତାମରପୁସ୍ତିତ ବଦନ୍ତି ଧୀରାଃ
ସିଂହାସନେ ସଖି ବିଲୋକୟ ମଣ୍ଡଳେଶଂ ।୬।
ହସ୍ତ୍ୟାଦିସୈନ୍ୟପରିଶୋଭିତବାଦ୍ୟଦେଶ
ମୂର୍ତ୍ତପ୍ରତାପଦବଜାଶିତବୈରିବୃନ୍ଦଂ ।
ଲୋକତ୍ରୟେ ପରିଚରସ୍ତିତକୀର୍ତ୍ତିଚନ୍ଦ୍ରଂ-
ସିଂହାସନେ ସଖି ବିଲୋକୟ ମଣ୍ଡଳେଶଂ ।୭।
ସାମ୍ରାଜ୍ୟ ବାଞ୍ଛିତମମୁଂ ପରତଃ ସ୍ଥିତାଭିଃ
ସଂସ୍ଥାପିତଂ ଚଭୁରଙ୍ଗମରଣୋପଥାଭିଃ ।
ଯସ୍ୟ ହତାରିଗତକୀର୍ତ୍ତିଭିରର୍ଥିନୀଭିଃ
ସିଂହାସନେ ସଖି ବିଲୋକୟ ମଣ୍ଡଳେଶଂ ।୮।
ସଦ୍ଭକ୍ତପଦ୍ମବନବୋଧନଲବ୍ଧସୂର୍ଯ୍ୟ-
ମ୍ୟେନଃ ଖଗାଂଶୁରବଭୂତତମୋହରବର୍ଗଃ ।
ନିଷ୍କଣ୍ଟକଂ ଭୁବମିମଂ ପରିଶାସ୍ତି ନିତ୍ୟଂ
ସିଂହାସନେ ସଖି ବିଲୋକୟ ମଣ୍ଡଳେଶଂ ।୯।

ଅଷ୍ଟଦୁର୍ଗାଧୀଶ୍ୱରେଣ
ଶ୍ରୀ ବିଶ୍ୱନାଥଦେବ ବର୍ମ୍ମଣା
ବିରଚିତଂ

---

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଭାଗ ୩୮ | CUTTACK, SATURDAY THE 10th January 1903. | ଅଗ୍ରୀମ ୪ ୩୯
ସଂଖ୍ୟା ୨ | ଇଂ ୨୭ ଇ ପୌଷ ସନ ୧୩୧୦ ସାଲ ଶନିବାର | ପଶ୍ଚାଦେୟ ୪ ୬୯



## ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କର

## ନୂତନପଞ୍ଜିକା ।

ସାଲାଖା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରେଜୀ ସନ ୧୯୦୩।୧୯୦୪ ମର୍ଯ୍ୟାଦାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଉତ୍କଳରେ ପ୍ରାଚୀନ ବୃହତ୍ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟନା ମନ୍ତବ୍ୟାଦ ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

ବଡ଼ପଞ୍ଜିକା ଟ ୦।

ଛୋଟପଞ୍ଜିକା ଟ ୦୵୬

ଡାକମାସୁଲ ବଡ଼ପାଞ୍ଜି ଖ ୧ ଖରୁ ୯୦/ ଛୋଟପାଞ୍ଜି ଖ ୧ ଖଠାରୁ ଖ ୭ ଖ ପର୍ଯ୍ୟନ୍ତ ୯୦୵୬ । ବଡ଼ପାଞ୍ଜି ଖ ୧୦ ଖ ଏକାଥ ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

## NOTICE.

Wanted a Tahsil Amin for the Kothdesh Khasmahals on a Salary of Rs. 20 a month. Applications with testimonials will be received by the undersigned up to the 15th January 1903. Preference will be given to one, who has experience in accounts, survey and settlement.

The candidate must be ready to furnish cash security for Rs. 200.

Kothdesh Khasmahal office
Dist. Puri
Dated Nimapara
The 29th December 1902

Gourisyam Mahanty
*Tehsildar.*

## ବିଜ୍ଞାପନ ।

ଆମ୍ଭର ଗୋଲ୍ଡପଦକ ଭୁମ୍ଭେ ଦେଖିଛ କି ?

ଏହା ଗୋଟିଏ ବିଶୁଦ୍ଧ ଇଂରେଜୀ କେରେଡଅଲ ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁଷ୍ଠି ଏବଂ ଏହା ଆମ୍ଭର ବିଶେଷ ଆଦେଶରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହେବ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପରି ବୋଧହୁଏ ଏହାର ଜ୍ୟୋତି



ଚିରସ୍ଥାୟୀ ଅଟେ । ଅଙ୍ଗୁରିର ସମ୍ମୁଖ ଭାଗରେ ଆଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋଲାକୃତି ହୀରା ଖଚିତ ଓ ମଧ୍ୟଭାଗରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଚିତ ଏହା ଦୁଇସହସ୍ର ଟଙ୍କା ମୂଲ୍ୟର ପ୍ରକୃତ ହୀରକ ଅଙ୍ଗୁରୀପରି ଦେଖାଯାଏ ।

ବିକ୍ରୟମୂଲ୍ୟ ପ୍ରତି ଗୋଟାକୁ ଟ ୧ ୮

ଟ ୬ ୮ ରେ—ଗୋ ୧୨ ଟା "ଗୋଲ୍ଡପଦକ" ଅଙ୍ଗୁରୀ ଏବଂ ଗୋଟିଏ ଉତ୍କୃଷ୍ଟ କେରେଡଅଲ ସ୍ୱର୍ଣ୍ଣରେ ନିର୍ମିତ ଚେନ୍ ସହିତ ରିଷ୍ଟବ୍ୟାଣ୍ଡ ଉପହାର ଦିଆଯିବ

ଟ ୬ ୮ ରେ—ଗୋ ୬ ଟା "ଗୋଲ୍ଡପଦକ" ଅଙ୍ଗୁରୀ ଏବଂ ଗୋଟିଏ ଚେନ୍ ସହିତ ଅଲବର୍ଟ ସିଲଭର ୱାଚ୍ ଉପହାର ଦିଆଯିବ ।

Miss. K. K. Ker
No. 36 Cathedral Mission Lane
CALCUTTA.

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*


## NOTICE.

Wanted a Second Clerk for the Khurda Khasmahal office on a Salary of Rs. 35 per month. Preference will be given to those who have experience in correspondence work. Applications will be received by the undersigned up to the 15th January next.

Khurda Sub-Divsion office
Khurda, The 13th December 1902.

J. E. Friend Pereira
*Sub-Divisional officer*

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଗତ ତା ୨୭ ଋଖରେ ଶେଷ ହେବା ସପ୍ତାହରେ ପ୍ଲେଗରୋଗଦ୍ୱାରା ୧୬୮୯୨ ମୃତ୍ୟୁ ଘଟିଥିଲା । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ସଂଖ୍ୟା ୧୪୩୦୩ ଥିଲା । ଅତଏବ ରୋଗ ବୃଦ୍ଧି ଉପରେ ଅଛି ଏବଂ ଏହି ବୃଦ୍ଧି ପ୍ରଧାନତଃ ପଞ୍ଜାବ ଏବଂ ସାମାନ୍ୟରେ ବଙ୍ଗ ପ୍ରଦେଶରେ ଘଟିବାର ଏବଂ ବମ୍ବେଠାରେ ପୂର୍ବଠାରୁ ବରଂ କିଛି ଊଣା ପଡ଼ିବାର ଦେଖାଯାଏ ।

---

ଗତ ତା ୨୭ ଋଖ ଡିସେମ୍ବରରେ ଶେଷ ହେବା ସପ୍ତାହରେ ଭାରତର ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ବ୍ରିଟିଶ୍ ପ୍ରଦେଶମାନଙ୍କରେ ୧୬୮୬୭ ଏବଂ ଦେଶୀୟ ରାଜ୍ୟମାନଙ୍କରେ ୭୧୬ ଗାଏ ୧୬୬୬୨ ଥିଲା । ତହିଁ ପୂର୍ବ ସପ୍ତାହର ମୋଟ ୧୫୭୮୬ ଥିଲା । ବମ୍ବେଠାରେ ପ୍ରାୟ ୨୭୦୦ ଊଣା ପଡ଼ିଅଛି କେବଳ ମଧ୍ୟପ୍ରଦେଶରେ ୩୭୭୦ ବଢ଼ିବାରୁ ମୋଟ ସଂଖ୍ୟା ବଢ଼ିଅଛି । ଦେଶୀୟ ରାଜ୍ୟରୁ ଦୁର୍ଭିକ୍ଷ ଅନ୍ତର ହୋଇଅଛି କାରଣ ଯେଉଁମାନେ ବର୍ତ୍ତମାନ୍ ସାହାଯ୍ୟ ପାଉଅଛନ୍ତି ସେମାନେ ଅକ୍ଷମ ବ୍ୟକ୍ତି ଅଟନ୍ତି । ମଧ୍ୟପ୍ରଦେଶର କେବଳ ରାୟପୁର ବିଭାଗରେ ଦୁର୍ଭିକ୍ଷ ପଡ଼ିବାର ଜଣାଯାଏ ।

---

ଦକ୍ଷିଣ ବା ମାନ୍ଦ୍ରାଜ ପ୍ରଦେଶର ଆରକଟର ରାଜା ଗତ ରବିବାର ଦିଲ୍ଲୀଠାରେ,କାଲଗ୍ରାସରେ ପତିତ ହେବାର୍ ଶୋକସମ୍ବାଦ ତାରଯୋଗେ ପ୍ରଚାରିତ ହୋଇଅଛି । ମୁସଲମାନ ସମ୍ପ୍ରଦାୟ ଏଥି ପାଇଁ ଅଧିକ ଦୁଃଖିତ, କାରଣ ସେମାନେ ତାହାଙ୍କୁ ସମାଜର ଅଗ୍ରଣୀ ତୁଲ୍ୟ ମାନ୍ୟ କରୁଥିଲେ । ସେ କର୍ଣ୍ଣାଟର୍ ନବାବ ବଂଶର ଚତୁର୍ଥ ପୁରୁଷ ଥିଲେ । ଦିଲ୍ଲୀର ଏହି ତାରଖର ଅଭିଷେକ ଦରବାରରେ ସେ ଉପସ୍ଥିତ ହୋଇଥିଲେ । ତହିଁ ଉତ୍ତାରୁ ଜ୍ୱର ସଙ୍ଗେ୨ ହଠାତ୍ ବାତ କଫ ଏମନ୍ତ ଯୋଟିଗଲା ଯେ ସ୍ୱରାଜ୍ୟକୁ ପ୍ରସ୍ଥାନ କରବା ଅବସ୍ଥାରେ ଦିଲ୍ଲୀ ରେଲଷ୍ଟେସନଠାରୁ ଅସି ସେହିଠାରେ ତାହାଙ୍କର ପ୍ରାଣ ବାହାରି ଗଲା । ତାହାଙ୍କର ବୟସ କ ୪୬ ବର୍ଷ ହୋଇଥିଲା । ସେ ଗୋଟିଏ ପୁତ୍ର ରଖି ଯାଇଅଛନ୍ତି ।

---

ଅମ୍ଭମାନଙ୍କର ସମ୍ରାଟଙ୍କ ଭ୍ରାତା ମାନନୀୟ ଡ୍ୟୁକ ଅଫ କନଟ ଦିଲ୍ଲୀ ଦରବାର କାର୍ଯ୍ୟ ଶେଷକରି ଆଗାମୀ ଜାନୁୟାରୀ ମାସ ତା ୧୦ ରିଖରେ ପେଶବାର ଠାରୁ ଯିବେ । ସେଠାରୁ ତା ୧୫ ଋଖରେ ମାଲଖଣ୍ଡ ଓ ତା ୧୬ ଋଖରେ ତକଧରରେ ରହି ଦର୍ଗଲପିଣ୍ଡି ଠାରେ ତା ୧୬ ଋଖରେ ପହଞ୍ଚି ସେଠାରେ ତା ୧୯ ଋଖ ପର୍ଯ୍ୟନ୍ତ ରହିବେ । ତହିଁ ଉତ୍ତାରୁ ତା ୨୦ ଋଖ ଠାରୁ ତା ୨୪ ଋଖ ପର୍ଯ୍ୟନ୍ତ ମିରଟ, ତା ୨୫ ଋଖ ଠାରୁ ଫିବ୍ରୁୟାରୀ ମାସ ତା ୧ ଋଖ ପର୍ଯ୍ୟନ୍ତ ସାହାପୁର, ଫିବ୍ରୁୟାରୀ ମାସ ତା ୨ ଋଖ ଠାରୁ ତା ୫ ଋଖ ଯାଏ ଗ୍ୱାଲିୟର ଏବଂ ତା ୬ ଋଖ ଠାରୁ ତା ୧୦ ଋଖ ପର୍ଯ୍ୟନ୍ତ ଆଗ୍ରା, ତା ୧୧ ଋଖ ଠାରୁ ତା ୧୪ ଋଖ ପର୍ଯ୍ୟନ୍ତ ଜୟପୁର, ତା ୧୫ ଋଖ ଠାରୁ ତ ୧୮ ଋଖ ପର୍ଯ୍ୟନ୍ତ ବଡ଼ନଗର ଠାରେ ରହିବେ । ବୋମ୍ବାଇ ଠାରେ ଫିବ୍ରୁୟାରୀ ମାସ ତା ୨୦ ଋଖରେ ପହଞ୍ଚିବା ସ୍ଥିର ହୋଇ ଅଛି ଏବଂ ଭାରତବର୍ଷ ଛାଡ଼ିବା ପୂର୍ବରୁ ଥରେ ପୁନା ଠାକୁ ଯିବାର ମାନସ ଅଛି । ବୋମ୍ବାଇ ଠାରୁ ବିଲାତକୁ ପ୍ରତ୍ୟାଗତ ହେବାର ଦିନ ଅଦ୍ୟାପି ସ୍ଥିର ହୋଇ ନାହିଁ ।

---

### କଟକ ଦରବାର ଉପଲକ୍ଷରେ ବିବିଧ ଉତ୍ସବ ।

ଗତ ତା ୨ ରିଖ ଶୁକ୍ରବାର ଅପରାହ୍ଣ ଘ ୫ ଘଣ୍ଟା ସମୟରେ ଅମ୍ଭମାନଙ୍କର ଶ୍ରଦ୍ଧାସ୍ପଦ କମିଶନର ଗୁପ୍ତ ସାହେବଙ୍କ କୋଠି ଦ୍ୱାରରେ ତାଙ୍କ ସହଧର୍ମିଣୀଙ୍କ ଅମନ୍ତ୍ରଣ ମତେ ଗୋଟିଏ ଉଦ୍ୟାନ ସମ୍ମିଳନୀ ଆରମ୍ଭ ହୋଇ ରାତ୍ରି ପ୍ରାୟ ଘ ୭ ଘଣ୍ଟା ବେଳେ ଶେଷ ହୋଇଥିଲା । ଅନେକ ସାହେବ ମେମ ଓ ଦେଶୀୟ ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତି, ଅନେକ ଅଳ୍ପ ଦେଶୀୟା ମହିଳାମାନେ ଉପସ୍ଥିତ ହୋଇଥିଲେ । ଏକଦିଗରେ ବାଲ୍ୟରୂପୀ ନାଟ୍ୟଅଭିନୟ ଓ ଗୋଟିପୁଅ ନୃତ୍ୟ, ଅନ୍ୟ ଦିଗରେ ବାଜିସରଣୀ ଓ ସରକସ ତମାସା ଦର୍ଶକଙ୍କ ନେତ୍ରଭ୍ରମଣ ହେଲା । ମୟୂରଭଞ୍ଜର ଇଂରେଜୀ ବାଦ୍ୟଦଳ ସମୟେ୨ ବାଜା ବଜାଉଥିଲେ । ଇଂରେଜୀ ଓ ଦେଶୀୟ ଜଳପାନର ସୁନ୍ଦର ବ୍ୟବସ୍ଥା ହୋଇଥିଲା । ତତ୍ପରେ ଜନୈକ ଗଡ଼ଜାତ ସୁସଜ୍ଜିତ ପାବକ-ମାନଙ୍କର ଲୁଟି ଓ ନୃତ୍ୟ ଲୋକ ସମସ୍ତଙ୍କର ଚିତ୍ତ ଆକର୍ଷଣ କରିଥିଲା ଓ ବଡ଼ କୌତୁକଜନକ ହୋଇଥିଲା । ସନ୍ଧ୍ୟା ହୁଅନ୍ତେ ରୋଷଣୀ ଲାଗିଲା । ଦୀପାବଳୀ ଓ ଗିଲାସ ରୋଷନୀ ଅନେକ ହୋଇଥିଲା, କୋଠିଠାରୁ ଫାଟକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱର ରୋଷଣୀ ଚମତ୍କାର ଓ ମନୋହର ହୋଇଥିଲା । ଶେଷରେ ଆତସବାଜି ହୋଇଥିଲା ଏବଂ ତାହା ପୂର୍ବଗଣ୍ଡର ବାଣ ପ୍ରଭୃତି ବହୁ ଉତ୍କୃଷ୍ଟ ହୋଇଥିଲା । ଆମନ୍ତ୍ରିତ ବ୍ୟକ୍ତିମାନେ ଏ ପ୍ରକାର ଆମୋଦ ପ୍ରମୋଦରେ ଅତି ସନ୍ତୋଷ ଲାଭକରି ଆନନ୍ଦମନରେ ପ୍ରତ୍ୟାଗମନ କଲେ । ଏହି ବ୍ୟାପାର ଆଦ୍ୟନ୍ତ ପରିପାଟୀରୂପେ ନିର୍ବାହ ହୋଇଥିବାରୁ ଶ୍ରୀଯୁକ୍ତ ଗୁପ୍ତ ସାହେବ ଓ ତାହାଙ୍କର ଗୃହିଣୀ ଧନ୍ୟବାଦର ପାତ୍ର ଅଟନ୍ତି । ଏପରି ଆମୋଦ ପ୍ରମୋଦ ଇଂରେଜ ଓ ଦେଶୀୟଙ୍କ ମଧ୍ୟରେ ସଦାଲାପ ଓ ସଦ୍‌ଭାବବୃଦ୍ଧି ବୃଦ୍ଧିର ଅନୁକୂଳ ଅଟେ ସନ୍ଦେହ ନାହିଁ ।

ତା ୪ ରିଖ ରବିବାର ସନ୍ଧ୍ୟାବେଳେ ଏଠା ଦେଶୀୟ କ୍ଲବ ବା ଶୋଭାଘରରେ ଦେଶୀୟ ରାଜା ଜମିଦାର ଏବଂ ଅନ୍ୟାନ୍ୟ ଭଦ୍ରଲୋକଙ୍କର ସମ୍ମିଳନ ହୋଇଥିଲା । ଗୀତ ବାଦ୍ୟ, ଆତସବାଜି ପ୍ରଭୃତି ଆମୋଦ ହୋଇଥିଲା ଏବଂ ତହିଁ ସଙ୍ଗେ ଭୋଜସମ୍ବନ୍ଧ ମଧ୍ୟ କିଛି ହୋଇଥିଲା ।

ତା୬ଋଖ ମଙ୍ଗଳବାର ସାୟଂକାଳରେ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ଗୃହରେ ଉତ୍କଳୀୟ ଭଦ୍ରମଣ୍ଡଳୀର ଗୋଟିଏ ସମ୍ମିଳନ ହୋଇଥିଲା । ନବ ସମ୍ରାଟଙ୍କ ଘୋଷଣା-ଦରବାର ଉପଲକ୍ଷରେ ଉତ୍କଳର ଚତୁର୍ଦ୍ଦିଗରୁ ସମାଗତ ରାଜା, ଭୂସ୍ୱାମୀ, ଭଦ୍ର ନିମନ୍ତ୍ରିତବର୍ଗ ଓ ଅନ୍ୟ ସହରର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦାସ ମହୋଦୟଙ୍କର ଆମନ୍ତ୍ରଣ ମତେ ସେଠାରେ ସମ୍ମିଳିତ ହୋଇଥିଲେ । ସେମାନଙ୍କ କ୍ଷମାର୍ଥେ ସୁନ୍ଦର ଚତୁର୍ଦ୍ଦିଗ ଆଲୋକିତ ହୋଇଥିଲା ଓ ଗୃହାଭ୍ୟନ୍ତରେ ବାୟୁସକୋପ ନାମକ ଚିତ୍ରାବଳୀ ପ୍ରଦର୍ଶିତ ହୋଇଥିଲା । ବାଜି ସମୟରେ ଗୋଟିଏ ଓଡ଼ିଆ ସଙ୍ଗୀତ ହୋଇଥିଲା । ତଦନନ୍ତର ଏକ ମହିଳା ପରିବେଷରେ ସଭାମଣ୍ଡପରେ ଉପସ୍ଥିତ ହୋଇ ଅନ୍ୟ ଏକ ଗୀତ ଗାଇଥିଲେ । ତାହାର ଅର୍ଥ ହୃଦୟସ୍ପର୍ଶୀ ଥିଲା । ଜମିଦାର ଓ ଭଦ୍ରବ୍ୟକ୍ତିଙ୍କ ବର୍ଗଙ୍କ ସମ୍ମିଳନୀରେ ସନ୍ତୋଷ ଲାଭ କରିଥିବ ବିଷୟ ସଭା ସମ୍ମୁଖରେ ଦଣ୍ଡାୟମାନ ହୋଇ ପ୍ରକାଶ କରିଥିଲେ । ଗଡ଼ଜାତ ରାଜାଙ୍କ ପକ୍ଷରେ ଏହା ଏକ ନୂତନ ଘଟନା । ତଦନନ୍ତର ବାବୁ ମଧୁସୂଦନ ସ୍ୱର ଗୋଟିଏ ପଦ୍ୟ ପାଠ କଲେ । ଅନନ୍ତର ବାବୁ ମଧୁସୂଦନ ଦାସ ଏକଘଣ୍ଟାର ଅଧିକ ସମୟରେ ଗୋଟିଏ ସୁଦୀର୍ଘ ବକ୍ତୃତା ପ୍ରଦାନ କରି ଏକଯୋଗରେ ଜନ୍ମଭୂମିର ସେବା କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ଏବଂ ଦୁଇଗୋଟି ବାଳକ ଜନ୍ମଭୂମି ସମ୍ବନ୍ଧରେ ଗୋଟିଏ ପଦ୍ୟ ଆବୃତ୍ତି କରିଥିଲେ । ତହିଁପରେ ବଙ୍ଗଦେଶର ସୁବକ୍ତା ବାବୁ କାଳୀଚରଣ ବାନାର୍ଜ୍ଜୀ ବାବୁ ମଧୁସୂଦନ ଦାସଙ୍କ ସାରଗର୍ଭ ଉପଦେଶକୁ ସମର୍ଥନ କରି ରାଜନ୍ୟବର୍ଗଙ୍କୁ ପ୍ରଜାବର୍ଗଙ୍କ ସୁପାଳନଦ୍ୱାରା ଦୃଷ୍ଟାନ୍ତ ଦେଖାଇବାର ଉପଦେଶ ପ୍ରଦାନ କଲେ । ପରଶେଷରେ ଆଠଗଡ଼ ରାଜା ପ୍ରସ୍ତାବ କଲେ ଯେ ପ୍ରତିବର୍ଷ ଓଡ଼ିଶାର ମହାନଗରୀ କଟକରେ ଏହିପରି ସମ୍ମିଳନର ଗୋଟିଏ ଦିବସ ଧାର୍ଯ୍ୟ କରାଯାଉ । ସମସ୍ତ ସଜ୍ଜନବର୍ଗଙ୍କୁ ମତ ପଚାରିବାରେ ସମସ୍ତଙ୍କର ମୁଖ ମରୂପ ନୈନିତାଲର ରାଜାସାହେବ ଭୂରି ଭୂରି ବାବୁ ମଧୁସୂଦନ ଦାସଙ୍କ ପ୍ରତି ଦାସ୍ତ

Digitized by srujanika@gmail.com

ଚଲେ । ଅନନ୍ତର ଫଟୋଗ୍ରାଫର ଶ୍ରବଣ ଓ ବାୟସ୍କୋପ ପ୍ରଦର୍ଶନ କରି ସମସ୍ତେ ସ୍ୱଗୃହାଭିମୁଖେ ଯାତ୍ରାକଲେ ।

—※—

## ସମ୍ମାନ ବିତରଣ ।

ସମ୍ରାଟଙ୍କର ମୁକୁଟୋତ୍ସବ ଉପଲକ୍ଷରେ ଭଦ୍ରୁ ଉପାଧି ବିତରଣ ହେବାର ଯାହା ଶୁଣା ଯାଉଥିଲା ତାହା ଦେଖିବାରେ ଆସିଲା । ଗତ ତା ୧ ରଖର ଅତିରିକ୍ତ ଇଣ୍ଡିଆ ଗେଜେଟରେ ସାର୍ଦ୍ଧ ତାଲିକା ବାହାରିଅଛି ଏବଂ ପୃ ୧୨ ଷ୍ଠା ସ୍ଥାନ ଅଧିକାର କରିଅଛି । ସଲମିତୋପ ତାଲିକାରେ ନ ୫ ଣ ରଜା ଚିରସ୍ଥାୟୀରୂପେ ଏବଂ ନ ୩ ଣ ରଜା ଆଜୀବନ ସଲମି ପାଇବାର ଯୋଗ ହୋଇଅଛି । ଭାରତନକ୍ଷତ୍ର, ଭାରତସାମ୍ରାଜ୍ୟ, କୈସରହିନ୍ଦ ପଦକ, ସୈନିକ ପ୍ରଭୃତି ସମ୍ମାନ ଏବଂ ମହାରାଜା, ରଜା, ରାୟ ବାହାଦୂର, ନବାବ ବାହାଦୂର, ଖାନ ସାହେବ, ରାଓ ସାହେବ ପ୍ରଭୃତି ଦେଶୀୟ ପଦମାନ ଅନେକ ଲୋକଙ୍କୁ ପ୍ରଦତ୍ତ ହୋଇଅଛି । ବିସ୍ତାରିତ ତାଲିକା ପ୍ରକାଶିତ କରିବାର ସ୍ଥାନ ଏହି କ୍ଷୁଦ୍ର ପତ୍ରିକାରେ ଯୋଗାଇବା ଅସମ୍ଭବ ବୋଲି ତହିଁରୁ ନିରସ୍ତ ହେଲୁଁ । ମୂଳରେ ଅଧିକାଂଶ ସମ୍ମାନ ସରକାରୀ କର୍ମଚାରୀ ବିଶେଷତଃ ଇଉରୋପୀୟଙ୍କ ଭାଗ୍ୟରେ ପଡ଼ିଅଛି । ବିଲାତସ୍ଥ ଭାରତୀୟ ସେକ୍ରେଟରୀ ମହାମାନ୍ୟ ଲର୍ଡ ହାମିଲଟନ୍ ଭାରତ ନକ୍ଷତ୍ର-ଶ୍ରେଣୀର ଗୋଟିଏ ସର୍ବୋଚ୍ଚ ଉପାଧି ପାଇଅଛନ୍ତି ଏବଂ ଭାରତର ବଡ଼ଲାଟ-ପତ୍ନୀ ମହାମାନ୍ୟା ଲେଡି କର୍ଜନ ମହୋଦୟା ପ୍ରଥମ ଶ୍ରେଣୀର ଗୋଟିଏ କୈସରହିନ୍ଦପଦକ ସମ୍ରାଟଙ୍କଠାରୁ ପ୍ରାପ୍ତ ହୋଇଅଛନ୍ତି । ଓଡ଼ିଶାରେ ଏଠା ଦରବାରରେ ଘୋଷଣା ହୋଇଥିବା ମତେ ଏକମାତ୍ର ମୟୂରଭଞ୍ଜର ରଜା ଶ୍ରୀ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବ ମହାରାଜା ପଦ ପାଇଅଛନ୍ତି । ଅନେକ ବିଳମ୍ବରେ ମୟୂରଭଞ୍ଜାଧିପଙ୍କର ଉଚିତ ସମ୍ମାନ ହେଲା ବଡ଼ ସୁଖର ବିଷୟ ଅଟେ । ଓଡ଼ିଶା ପଶ୍ଚାତ୍ପଦ ପ୍ରଦେଶ ବୋଲି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ଅଧିକ ଆକର୍ଷଣ କରି ପାରେ ନାହିଁ ଏମନ୍ତ ବିବେଚିତ ନ ହେଲେ ଶୁଭୋତ୍ସବ କାଳରେ କେହି କେହି ସମ୍ମାନିତ ହେବେ ବୋଲି ଆମ୍ଭେମାନେ ଆଶା କରିଥିଲୁଁ । ତାହା ନ ହୋଇ ତହିଁ ବଦଳରେ ମାନ୍ୟବର କମିଶନର ସାହେବଙ୍କର ଏହି ସାନ୍ତ୍ୱନା ବାକ୍ୟ ମିଳିଲା ଯେ ଯେଉଁମାନେ ଯତ୍ନପୂର୍ବକ ନାନା ହିତକାର୍ଯ୍ୟ କରୁଅଛନ୍ତି ସେମାନଙ୍କ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ବିଶେଷ ମନୋଯୋଗ ରହିଅଛି ଏବଂ ଯଥାସମୟରେ ତାହା ଜଣାଇ ଦେବ । ଯେଉଁମାନେ କର୍ତ୍ତବ୍ୟବୋଧରେ ନିଜ ନିଜ ସାଧ୍ୟମତେ ହିତକାର୍ଯ୍ୟରେ ସର୍ବଦା ରତ ସେମାନଙ୍କ ପ୍ରତି ତାହା ପ୍ରଯୋଜନ ନ ହେଲେହେଁ ଅସଙ୍ଗତ ହୋଇ ନାହିଁ । ମାତ୍ର ଅଧିକା ଚାର୍ଯ ପାଇବା ସ୍ଥଳେ ଏଠା ଦରବାରରେ ଏପରି ଦୁଇ ଏକ କଥା ଘଟିଲା ଯେ ତାହା ବରଂ ଅମର୍ଯ୍ୟାଦା ପରି ଜଣାଗଲା । ଉପାଧି ଦାନଠାରୁ ସମ୍ମାନ ସାର୍ଟିଫିକଟ ଦାନ ନିମ୍ନତର ବ୍ୟାପାର ବୋଲି ସମସ୍ତେ ବୁଝିଅଛନ୍ତି । ମାତ୍ର ଯେଉଁମାନେ ପଦ ପାଇଅଛନ୍ତି ସେମାନଙ୍କୁ ସାର୍ଟିଫିକଟ ଦେବା କି ସମ୍ମାନସୂଚକ ହେଲା ? ସେହି ସାର୍ଟିଫିକଟ ଅଧିକାଂଶ ଅନରେରି ମାଜିଷ୍ଟ୍ରେଟ, ଜିଲା ବୋର୍ଡ ମେମ୍ବର, ମିଉନିସିପାଲିଟି ଚେଆରମାନଙ୍କୁ ଦିଆଗଲା ଏବଂ ଏ ପତ୍ରିକାର ସମ୍ପାଦକ ଜିଲା ବୋରଡ଼ର ଜଣେ ମେମ୍ବର ବୋଲି ତାହାଙ୍କ ହାତରେ ଖଣ୍ଡେ ପଡ଼ିଗଲା । ବିନା ବେତନରେ ସରକାରୀ କାର୍ଯ୍ୟ କରିବା ଯେମନ୍ତ ପ୍ରଧାନ ଯୋଗ୍ୟତା ବୋଲି ବିବେଚିତ ହୋଇଥିଲା । ତାହାହେଲେ ବାକି ଯେଉଁମାନେ ରହିଗଲେ ଏବଂ ଯେଉଁମାନେ ଚୌକି ଅସେସର ବା ଗ୍ରାମ୍ୟ ପଞ୍ଚାଏତ ସେମାନଙ୍କର କିଛି ଦାବୀ ନାହିଁ ? ବରଂ ସେମାନଙ୍କ ମଧ୍ୟରୁ କାହାକୁ ବାଛି ସାର୍ଟିଫିକଟ ଦେଇଥିଲେ ଅଧିକ ଭଲ ହୋଇଥାନ୍ତା । ପରନ୍ତୁ ସ୍କୁଲ ପିଲାଙ୍କ ପରି ଜଣ ଜଣଙ୍କୁ ଡାକି ସାର୍ଟିଫିକଟ ବାଣ୍ଟିବା କି ଭଲ କଥା ? ଏ କଥା ଅବା କେତେ ଧରିବା । ଅତର ପାନ ବଣ୍ଟା ବେଳେ ରଜାମାନଙ୍କୁ ଉଚ୍ଚସ୍ୱରେ ଡାକିବା ହୋଇଥିଲା । କେହି ଭଦ୍ର କର୍ମଚାରୀ ସେମାନଙ୍କୁ ନିଜ ନିଜ ଆସନରୁ ଡାକି ନେଇ ଭେଟାଉଥିଲେ ଏ କାର୍ଯ୍ୟ ହୋଇ ପାରି ନ ଥାନ୍ତା କି ? ରାଜଦରବାର କେବଳ ଗୌରବ ମର୍ଯ୍ୟାଦାସୂଚକ ବ୍ୟାପାର । ଆମନ୍ତ୍ରିତ ବ୍ୟକ୍ତିଙ୍କର ସମ୍ମାନର ଟିକିଏ ତ୍ରୁଟି ହେବା ସୁନ୍ଦର ନୁହେ । ଏହି କାରଣରୁ ଆମ୍ଭେମାନେ ଏ ବିଷୟରେ ସାଧାରଣ ଭାବ ପ୍ରକାଶ କରିବାକୁ ବାଧ୍ୟ ହେଲୁଁ । ଭରସା କରୁଁ ଆମ୍ଭେମାନେ ଭ୍ରମ ବୁଝିଥିଲେ କେହି ଅନୁଗ୍ରହ କରି ତାହା ଭାଙ୍ଗି ଦେବାର କଷ୍ଟ ସ୍ୱୀକାର କରିବେ ।

---

## କଟକ ଦରବାର

### ଗତ ପ୍ରକାଶିତ ଉତ୍ତାରୁ

ତା ୨ ରଖ ଶୁକ୍ରବାର ରାତ୍ର ଘ ୯ ଟା ଠାରୁ ଘ ୩ ଟା ପର୍ଯ୍ୟନ୍ତ ଦରବାର ମଣ୍ଡପରେ କଲିକତାରୁ ଆସିଥିବା ଥିଏଟର ଦଳର ଅଭିନୟ ହୋଇଥିଲା । ଗୃହଟି ଦର୍ଶକ ବୃନ୍ଦରେ ପୂର୍ଣ୍ଣ ହୋଇ ଥିଲା ଏବଂ ଶେଷ ପର୍ଯ୍ୟନ୍ତ ଏକମନରେ ସମସ୍ତେ ଶୁଣୁ ଥିଲେ । ଯେଉଁ ଅଲିବାବା ନାଟକର ଏବଂ ପ୍ରଦର୍ଶକର ଅଭିନୟ ଏ ଦଳ ଦେଖାଇଲେ ତାହା ଏଥିପୂର୍ବେ କେତେ ଥର ଏଠାରେ ଦେଖା ଯାଇଥିଲା । ପ୍ରକୃତରେ ପୂର୍ବେ ଆସିଥିବା ଦଳର ଅଧିକାଂଶ ଅଭିନେତା ଏ ଦଳରେ ଥିଲେ ଏବଂ କେତେ ଲୋକଙ୍କୁ ତାହା ଭଲ ନ ଲାଗିଲେହେଁ ଦେଖିବାରେ ଆଳସ୍ୟ ନ ଥିଲା ।

ଏହି ରାତ୍ରରେ ସହରର ନାନା ସ୍ଥାନରେ ପୂର୍ବ ରାତ୍ର ପରି ଲୀଳା ଯାତ୍ରା ପ୍ରଭୃତି ହୋଇଥିଲା ।

ତା ୩ ରଖ ଶନିବାର ପ୍ରଦର୍ଶନୀ ହେତୁ ଦିବା ଭାଗରେ କମିଟି କୌଣସି ଉତ୍ସବର ଅନୁଷ୍ଠାନ କରି ନ ଥିଲେ । ରାତ୍ରରେ ପୂର୍ବ ରାତ୍ର ପରି ଥିଏଟର ହୋଇଥିଲା ଏବଂ ତହିଁ ଅରଦିନ ରବିବାର ରାତ୍ରରେ ମଧ୍ୟ ଥିଏଟର ଦଳ ଅଭିନୟ ଦେଖାଇ ବିଦାୟ ହୋଇ ଗଲେ । କମିଟି ଲୋକଙ୍କୁ ଯେତେ ଆନନ୍ଦ ପ୍ରଦାନ କରିବେ ବୋଲି ଥିଏଟରର ବନ୍ଦୋବସ୍ତ କରିଥିଲେ ଫଳେ ତେତେ ହେଲା ନାହିଁ ଅଧିକନ୍ତୁ ବେଶ୍ୟାନୃତ୍ୟ-ଗୀତ ସମ୍ବନ୍ଧରେ ଯେ ଆପତ୍ତି ଆଦ୍ୟରୁ ହୋଇଥିଲା ଏହି ଦଳରେ ବଙ୍ଗଳାର ଅନେକ ଗୁଡିଏ ବେଶ୍ୟା ଥିଲେ ତନ୍ତୁ ସମ୍ଭବତଃ ଗଙ୍ଗାକୂଳବାସିନୀ ହୋଇ ତାହାଙ୍କ ପ୍ରତି ତାହା ଖଟିଲା ନାହିଁ ଏବଂ ଏଠାରୁ ଅନେକ ଗୁଡିଏ ଟଙ୍କା ନେଇ ଗଲେ ଯହିଁରେ କି ଏଠାର ଓ ଅନ୍ୟତ୍ରର ଅନେକ ଗୁଡିଏ ଉତ୍ତମ ନର୍ତ୍ତକୀଦଳ ଉତ୍ସାହିତ ଓ ପ୍ରତିପାଳିତ ହୋଇଥାନ୍ତେ ।

ତା ୪ ରଖ ରବିବାର ଅପରାହ୍ନ ସମୟରେ ଏଠା ମିଉନିସିପାଲିଟୀର ଜୁବିଲି ବଗିଚାରେ ଗରିବମାନଙ୍କୁ ଭୋଜୀ ଦିଆ ହୋଇଥିଲା । ରାୟ ହରିବଲ୍ଲଭ ବୋଷ ବାହାଦୂର ବ୍ୟୟଭାର ଗ୍ରହଣ କରିଥିଲେ । ପୂର୍ବରୁ ଏହି ଭୋଜୀ ଦେବାର ଘୋଷଣା ହୋଇଥିଲା ଓ କେତେ ଦୁଃଖୀ ହେବାର ସମ୍ଭାବନା କଳନା କରା ହୋଇଥିଲା । ତଦନୁସାରେ ଭୋଜନ ସାମଗ୍ରୀ ଅଧିକ ପରିମାଣରେ ଆୟୋଜିତ ହୋଇଥିଲା । ଭୋଜୀ ଦେଖିବା କାରଣ ଶ୍ରୀଯୁକ୍ତ କମିଶନର ସାହେବ ସହଧର୍ମିଣୀ ସହ, କଲେକ୍ଟର ଓ ଅନ୍ୟ କେତେକ ସାହେବ ଓ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଆଗମନ କରିଥିଲେ । କେତେଜଣ ଦେଶୀୟ ଭଦ୍ରଲୋକ ଯଥେଷ୍ଟ ପରିଶ୍ରମ କରି କାର୍ଯ୍ୟ ନିର୍ବାହ କରିଥିଲେ । ଦରିଦ୍ର ବ୍ୟକ୍ତିଙ୍କ ସଂଖ୍ୟା ଦୁଇ ସହସ୍ରରୁ ଅଧିକ ଥିଲା । ସେମାନଙ୍କ ନିମନ୍ତେ ରାୟ ବାହାଦୂର ଅନ୍ନ ଡାଲି ୩।୪ ପ୍ରକାର ତରକାରି ଓ ମାଛବ୍ୟଞ୍ଜନ ଉପରେ ପୁଣି ମିଠାଇ ଦହି ପ୍ରଭୃତି ପ୍ରସ୍ତୁତ କରାଇ ଥିଲେ । ଗରିବମାନେ ଆକଣ୍ଠପୂର୍ଣ୍ଣ ଭୋଜନ କରି ଯଥାଇଚ୍ଛା ସଙ୍ଗରେ ମଧ୍ୟ ନେଇ ଯାଇଥିଲେ । ତଥାପି ସାମଗ୍ରୀ ବଳି ପଡ଼ିଥିଲା । ଭୋଜନରେ ସନ୍ତୁଷ୍ଟ ହେବାର ସମସ୍ତେ ବାଟରେ କହି ଯାଉଥିଲେ । ଏ କାର୍ଯ୍ୟଟି ଅତ୍ୟନ୍ତ ସନ୍ତୋଷ ଜନକ ରୂପେ ରାଜ ଉତ୍ସବର ଯୋଗ୍ୟ ଆଡ଼ମ୍ବରରେ ସମ୍ପନ୍ନ ହୋଇଅଛି ଏବଂ ତହିଁ ପାଇଁ ରାୟ

Split by PDF Splitter
Digitized by srujanika@gmail.com

Split by PDF Splitter



ବାହାଦୁର ଏବଂ ତାହାଙ୍କ ସଙ୍ଗୀ ସଭ୍ୟମାନଙ୍କୁ ଧନ୍ୟବାଦ ଦେଉଅଛୁଁ ।

ଗତ ସୋମବାର ଦିବସ ପ୍ରାତଃକାଳରେ ସ୍କୁଲ ବାଳକମାନଙ୍କର କ୍ରୀଡ଼ା ହୋଇଥିଲା । କ୍ରୀଡ଼ା ସଂଖ୍ୟା ମୋଟ ୧୪ ଟି ଥିଲା । ଭିନ୍ନ ଭିନ୍ନ ସ୍କୁଲର ଛାତ୍ରମାନଙ୍କ ମଧ୍ୟରେ କ୍ରୀଡ଼ା ଦେଖିବାକୁ କୌତୁକ ଲାଗିଥିଲା । ମୋଟ ପୁରସ୍କାର ଟଙ୍କା ଟ ୯୪ ମଧ୍ୟରୁ କେବଳ ରେଭେନସା କଲେଜ ଓ କଲେଜିୟେଟ ସ୍କୁଲର ଛାତ୍ରମାନେ ଟ ୬୦ ଙ୍କା ପୁରସ୍କାର ପାଇବାକୁ ସକ୍ଷମ ହୋଇଥିଲେ ଓ ସେମାନେ କ୍ରୀଡ଼ାରେ ସୁପଟୁ ଥିବାର ଦେଖା ଯିବାରୁ ସର୍ବୋତ୍କୃଷ୍ଟ ପ୍ରତିଯୋଗୀ ପୁରସ୍କାର ଟ ୧୦ ଙ୍କା ମଧ୍ୟ ପାଇଥିଲେ । ବାକି ପୁରସ୍କାର ଟଙ୍କା ସର୍ଭେ ସ୍କୁଲ ମେଡିକେଲ ସ୍କୁଲ ଓ ମିସନ ସ୍କୁଲ ଛାତ୍ରମାନେ ପୁରସ୍କାର ପାଇଥିଲେ । ଅପରାହ୍ନରେ ସ୍କୁଲ ବାଳକମାନଙ୍କୁ ମିଷ୍ଟାନ୍ନ ଭୋଜନ ଦିଆ ହୋଇଥିଲା । ଭିନ୍ନ ଭିନ୍ନ ସ୍କୁଲର ଛାତ୍ରମାନଙ୍କୁ ସେମାନଙ୍କର ସ୍ୱ ସ୍ୱ ସ୍କୁଲ କର୍ତ୍ତୃପକ୍ଷମାନେ ଖୁଆଇବାର ଭାର ଗ୍ରହଣ କରିଥିଲେ । ସ୍କୁଲ ବନ୍ଦ ହୋଇଥିବାରୁ ସମସ୍ତ ବାଳକମାନେ ମିଷ୍ଟାନ୍ନ ଭୋଜନର ନିରୂପିତ ଅବସର କଥା ଜାଣିତ ନ ଥିଲେ । ସୁତରାଂ ସେମାନଙ୍କର ଅବଗତାର୍ଥେ ଘୋଷଣା ଦିଆ ହୋଇଥିଲା ଏପରି ଘୋଷଣା ଦ୍ୱାରା ଆମନ୍ତ୍ରଣ କରିବାରେ କେହି କେହି ଆପତ୍ତି କରିଥିଲେ । ସ୍କୁଲ ବାଳକର ଏପରି ଆପତ୍ତିକୁ ଏଠା ରେଭେନସା କଲେଜର ପ୍ରଧାନ ଅଧ୍ୟକ୍ଷ ବିଦ୍ରୋହ ସୂଚକ ବୋଲି ପ୍ରକାଶ କରିଥିଲେ ଓ ଯେଉଁ ଛାତ୍ର ଆମନ୍ତ୍ରଣ ରକ୍ଷା ନ କରିବେ ତାଙ୍କୁ ଶାସ୍ତି ଦେବାକୁ ବାଧ୍ୟ ହେବେ ବୋଲି କହିଥିଲେ । ବାଳକମାନେ ଧମକ ପାଇ ଆମନ୍ତ୍ରଣ ରକ୍ଷା କରିଥିଲେ । ଆମ୍ଭେମାନେ ଯେତେ ଦୂର ବୁଝିଅଛୁ ରେଭେନସା କଲେଜର କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷଣାର ଆଦେଶ ହୋଇ ନ ଥିଲା ମାତ୍ର ବାଳକମାନଙ୍କୁ ଦୋଷଦେଇ ଧମକ ଦେବା ଉଚିତ ହୋଇ ନାହିଁ । ବରଂ ସେମାନଙ୍କର ଆତ୍ମସମ୍ମାନ ଜ୍ଞାନର ପ୍ରଶଂସା କରିବା ଉଚିତ ଥିଲା । ଯାହା ହେଉ ବାଳକମାନେ ମିଷ୍ଟାନ୍ନ ଭୋଜନ ଇଚ୍ଛାନୁରୂପ କରିଅଛନ୍ତି ଓ କେହି ଅସନ୍ତୁଷ୍ଟ ହୋଇ ନାହାନ୍ତି ।

ଅତଃପର ଦରବାର ଉତ୍ସବ ଶେଷ ହେଲା ଏବଂ ଏ ଉତ୍ସବର ସମସ୍ତ କାର୍ଯ୍ୟ ଅତ୍ୟନ୍ତ ସୁନ୍ଦର ସୁବନ୍ଦୋବସ୍ତରେ ନିର୍ବାହ ହୋଇଥିବାରୁ କାର୍ଯ୍ୟକାରୀ କମିଟିର ସଭ୍ୟବୃନ୍ଦ ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

---

## କଟକ ପ୍ରଦର୍ଶନୀ

ସନ ୧୮୯୮ ସାଲରେ ଏହି ପ୍ରଦର୍ଶନୀ ଆରମ୍ଭ ହୋଇ କ୍ରମାଗତ ପାଞ୍ଚବର୍ଷ ହୋଇସାରି ଏହି ଥର ଷଷ୍ଠ ବର୍ଷରେ ପଡ଼ିଥିଲା । ଏହା ଗତ ମାସ ତା ୩ ଇଖ ଶନିବାରରେ ଆରମ୍ଭ ହୋଇଥିଲା । ପ୍ରଦର୍ଶିତ ଦ୍ରବ୍ୟର ସଂଖ୍ୟା ୧୦୩୮ ରୁ ୮୯୦ କୁ ଓହ୍ଲାଇ ଅଛି । ତହିଁ ମଧ୍ୟରେ ଉଦ୍ୟାନ ଶାକ ସବୁଜ ଫୁଲ ଫଳ କୃଷିଜାତ ଦ୍ରବ୍ୟର ସଂଖ୍ୟା ୭୦୧ ଥିଲା । ବାକି ଶିଳ୍ପାଦିଶ୍ରମଜାତ ଦ୍ରବ୍ୟ ଓ ପଶୁ ଆଦି ଥିଲା । ଏଥର ପ୍ରଦର୍ଶିତ ଦ୍ରବ୍ୟର ସଂଖ୍ୟା ପୂର୍ବ ବର୍ଷ ଅପେକ୍ଷା କମ ହୋଇଥିଲା ତେଣୁକରି ଗୃହଟି ମଧ୍ୟ ସଙ୍କୀର୍ଣ୍ଣ ହୋଇଥିଲା । ପ୍ରଦର୍ଶନୀ ପ୍ରଥମ ଦିବସ ଚୃନ୍ଦାଦାତାମାନଙ୍କ ସକାଶେ ଓ ଦ୍ୱିତୀୟ ଦିବସ ସ୍ତ୍ରୀମାନଙ୍କ ନିମନ୍ତେ ଫିଟି ଥିଲା । ତୃତୀୟ ଦିବସରେ ଯେଉଁମାନେ ଟ ୦ ୯ ଦୁଇ ଅଣା ହିସାବ ଫିସ ଦେଇଥିଲେ ସେମାନଙ୍କ ନିମନ୍ତେ ପ୍ରଦର୍ଶନୀ ଫିଟି ଥିଲା । ଚତୁର୍ଥ ଦିବସରେ ଜନ ସାଧାରଣ ବିନା ଫିସରେ ଦେଖିବାକୁ ଅନୁମତି ପାଇଥିଲେ । କିନ୍ତୁ ପ୍ରତିବର୍ଷ ପ୍ରଦର୍ଶନୀ ଫିଟିବାର ପର ଦିବସରେ ଜନ ସାଧାରଣ ଦେଖି ପାରୁଥିଲେ ତେଣୁକରି ଉକ୍ତ ଦିବସରେ ସାଧାରଣ ଲୋକ ଉପସ୍ଥିତ ହୋଇ ଥିଲେ ପୁଣି ଫେରି ଆସିବାକୁ ବାଧ୍ୟ ହୋଇଥିଲେ ଓ ତତ୍ ପର ଦିବସ ମଧ୍ୟ ପ୍ରଦର୍ଶନୀ ସାଧାରଣ ନିମନ୍ତେ ଫିଟା ନ ହେବାରୁ ଅନେକ ଲୋକ ଏଥର ପ୍ରଦର୍ଶନୀରୁ ବଞ୍ଚିତ ହୋଇଅଛନ୍ତି । ବୋଧ ହୁଏ ଦୁଇଅଣା ଫିସ ନେବା ଗୋଟିଏ ନୂତନ ବିଧି ହୋଇଅଛି ମାତ୍ର ସାଧାରଣକୁ ଏହା ପୂର୍ବରୁ ଜଣାଇ ଦିଆ ହୋଇଥିଲେ ଲୋକେ ଏତେ ହରବରରେ ପଡ଼ି ନ ଥାଆନ୍ତେ ।

ଗତବର୍ଷ ପରି ଅସ୍ମମାନଙ୍କର ଶ୍ରଦ୍ଧାସ୍ପଦ କମିଶ୍ନର ଶ୍ରୀଯୁକ୍ତ ଗୁପ୍ତ ସାହେବ ସଭାପତି ଏଥର ପ୍ରଦର୍ଶନୀ ସିଟାର ଥିଲେ ଏବଂ ନିମ୍ନ ଲିଖିତ ବକ୍ତୃତା ପ୍ରଦାନ କରିଥିଲେ ଯଥା—

*Chiefs, Ladies and Gentlemen;*

Once more we meet to hold our annual Show which embodies our modest efforts to create a taste for horticulture, and to encourage and resuscitate the once flourishing local industries and save them from extinction.

We are a little earlier than usual, as we were anxious to secure the attendance of the chiefs and other distinguished visitors who have assembled in this capital town of Orissa for the Coronation Darbar.

The measure of success attained by us so far, though not very large, has nevertheless been such as to inspire us with the hope that, if we continue to persevere, the future is full of promise, for has not there been a gradual and perceptible improvement in the quality and number of exhibits from year to year?

There is nothing lovelier in creation than flowers and foliage. They soothe and charm the eye, soften the heart, ennoble the mind, and take us instinctively to the great Dispenser of all things, so that with every nation and in every country they form naturally the first offerings of a devout and grateful soul, and nowhere more so than in India. In the whole range of Sanscrit Literature there is nothing sweeter than the scene in Sakuntala where the guileless sylvan maidens shew their tender solicitude for plants and treat them as if they were imbued with life. This feeling like every thing else has not escaped the general degeneracy that has overtaken the Indian social organism. But happily the cloud has begun to lift; contact with our friends and fellow-subjects from the West has produced a general re-awakening, and we are beginning to learn from them among other things how to improve the indigenous flowers and plants and introduce foreign ones. The very creditable show before us is the result. Similarly with arts and industries. For various causes, economic and otherwise, they were in a moribund condition, but there is indication that the worst is over and that a brighter future awaits them.

That there is no lack of skill, and that the "hand hath not lost its cunning" in Orissa is clear from the success that my friend Mr. Das has been able to acheive in his workshop with local artizans. In Nayagar and Dhenkanal, the dwindling families of ivory workers still turn out exquisite specimens of their art. In Talcher there is at least one blacksmith whose finished products would compare favourably with similar articles elsewhere. In Tigiria and Baramba the impoverished weavers still carry on their struggle against heavy odds in the manufacture of cotton fabrics in which the best looms may well be proud. In Khandpara, my friend the venerable chief has, both by example and precept, done much to preserve the indigenous arts from ruin.

Digitized by srujanika@gmail.com

Split by PDF Splitter



It is open to all of us, each in his own way, to help in reviving and extending all those industries which were at one time regarded as the finest in India, by extending our patronage to them, and by employing capital in diminishing the cost of production.

It is permissible for us to contemplate that the Delhi exhibition of Indian wares, which is being held under the highest auspices, has the same object in view as we have, and I can do no better than to invite attention to the words of admonition which the Viceroy addressed at the opening ceremoney to the aristocratic and cultured classes of this country, and to express the hope that the encouragement which has thus come from above will give a fresh and lasting impetus to our work,

ବକ୍ତୃତାର ସଂକ୍ଷେପ ମର୍ମ ଏହି କି ଏଥର ଅଭିଷେକ ଦରବାରରେ ମହାରାଜା ରାଜା ଜମିଦାର ପ୍ରଭୃତିଙ୍କର ଏ ନଗରକୁ ଆସିବାର ଥିବାରୁ ସେମାନଙ୍କୁ ଦେଖିବାର ସୁଯୋଗ ଦେବା କାରଣ ଏଥର ପ୍ରଦର୍ଶନୀ ଟିକିଏ ଚଞ୍ଚଳ ପିଟା ଯାଇଅଛି । ମାତ୍ର ଫଳ ସନ୍ତୋଷଜନକ ତଥା ଆଶାପ୍ରଦ । ଫଳ ପୁଷ୍ପ ଠାରୁ ମନୋହର ପଦାର୍ଥ ଏ ସୃଷ୍ଟିରେ ଅଧିକତର କିଛି ନାହିଁ ଓ ଏହା ପ୍ରୀତି ଉପହାର ପଦାର୍ଥ ଅଟେ । ଭାରତ ଅପେକ୍ଷା ଅନ୍ୟତ୍ରରେ ଏପରି ଅଧିକ ଅଦ୍ଭୁତ ହେବାର ଦେଖାଯାଏ ନାହିଁ । ଶାଳ୍ମଳୀରେ ଏଥିର ଉତ୍ତମ ପରିଚୟ ମିଳଇ । କିନ୍ତୁ ଅନ୍ୟାନ୍ୟ ପଦାର୍ଥ ସହିତ ଫଳ ପୁଷ୍ପର ମଧ୍ୟ ଅଯୋଗତ ଉପସ୍ଥିତ ହୋଇଥିଲା ମାତ୍ର ଅନ୍ୟାନ୍ୟ ବସ୍ତୁ ପରି ପଶ୍ଚିମର ପବନ ଏହା ପ୍ରତି ମଧ୍ୟ ଲାଗିଅଛି ଓ ଆମ୍ଭେମାନେ ଏହାର ଉନ୍ନତିରେ ସଚେଷ୍ଟ ହୋଇଅଛୁ, ସେଥିର ଚିହ୍ନ ଏହି ସମ୍ମୁଖୀନ ପ୍ରଦର୍ଶନୀ ଅଟେ । ସେହିପରି ଶିଳ୍ପଜାତ ଦ୍ରବ୍ୟର ଉନ୍ନତିରେ ମଧ୍ୟ ଚେଷ୍ଟା ଆରମ୍ଭ ହୋଇଅଛି । ଓଡ଼ିଶା'ମଧ୍ୟ ଏ ବିଷୟରେ ପଶ୍ଚାତ୍ପଦ ନୁହେ ମିଃ ଦାସଙ୍କ ଶିଳ୍ପଜାତ ଦ୍ରବ୍ୟର କାରଖାନା ଘର ସେଥିର ପରିଚାୟକ ଅଟେ । ଭିନ୍ନ ଭିନ୍ନ ରତ୍ନଜାତିରେ ଭିନ୍ନ ଭିନ୍ନ ପ୍ରକାରର ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ ହେଉ ଥିବାରୁ ଦେଶୀୟ ଶିଳ୍ପ ପ୍ରତି ଆଦର ଥିବା ପ୍ରକାଶ କରି ସାହେବ ମହୋଦୟ ଶିଳ୍ପାଦିଶ୍ରମଜାତ ଦ୍ରବ୍ୟର ପୁନରୁଦ୍ଧାର ନିମନ୍ତେ ଉତ୍ପନ୍ନ ଦ୍ରବ୍ୟର ବ୍ୟୟ ଲାଘବ କରିବା ନିମନ୍ତେ ସଚେଷ୍ଟ ହେବାପାଇଁ ସମସ୍ତଙ୍କୁ ଅନୁରୋଧ କରି ଥିଲେ ଓ ପରିଶେଷରେ କହିଥିଲେ ଯେ ଦିଲ୍ଲୀର ପ୍ରଦର୍ଶନୀର ଅଭିପ୍ରାୟ ଏହି ପ୍ରଦର୍ଶନୀର ଅଭିପ୍ରାୟ ସମାନ ଅଟେ ଓ ଭାରତ ପ୍ରତିନିଧି ଦିଲ୍ଲୀ ପ୍ରଦର୍ଶନୀ ପିଟାଇବା ସମୟରେ ଯେଉଁ ଉପଦେଶ ପ୍ରଦାନ କରି ଅଛନ୍ତି ଆଶା କରୁଁ ତାହା ଆମ୍ଭମାନଙ୍କୁ ଉତ୍ତେଜିତ କରିବ ।

---

## ଦିଲ୍ଲୀ ଦରବାର ।

ଦିଲ୍ଲୀ ଦରବାର ରୂପ ଯେଉଁ ମହାବ୍ୟାପାରର କଳ୍ପନା ଓ ଜଳ୍ପନା ଏକବର୍ଷରୁ ଲାଗିଥିଲା ଏବଂ ଯହିଁର ମଙ୍ଗଳାଚରଣ ଗତ ସପ୍ତାହରେ ପ୍ରକାଶ କରିଥିଲୁଁ । ଈଶ୍ୱରଙ୍କର ଅପାର କରୁଣା, ସମ୍ରାଟ ଏଡ୍‌ୱାର୍ଡ ସପ୍ତମଙ୍କର ପ୍ରବଳପ୍ରତାପ ଏବଂ ତାହାଙ୍କର ଅତ୍ୟନ୍ତ ସୁଯୋଗ୍ୟ ଭାରତପ୍ରତିନିଧି ଲର୍ଡ କର୍ଜନ ବାହାଦୁରଙ୍କର ଅସାଧାରଣ ବୁଦ୍ଧି ଓ ଯତ୍ନରେ ଅତି ଚମତ୍କାରରୂପେ ଗତ ଗୁରୁବାର ନବ ବର୍ଷର ପ୍ରଥମଦିନରେ ସୁସମ୍ପନ୍ନ ହୋଇଅଛି । ଅଦ୍ୟ ତହିଁର କିଞ୍ଚିତ୍ ବିବରଣ ପାଠକମାନଙ୍କୁ ଜଣାଇବାରେ ପ୍ରବୃତ୍ତ ହେଲୁଁ । ଦରବାରମଣ୍ଡପ କଥା ପ୍ରାୟ ସମସ୍ତେ ଜାଣନ୍ତି । ତାହା ଏଡ଼େ ବୃହତ୍ ଯେ ସେଥିରେ ୧୪୦୦୦ ଲୋକ ବସିବାର ସ୍ଥାନ ଥିଲା । ତାହାଛଡ଼ା ସୈନିକ ଶରୀରରକ୍ଷକ ପ୍ରଭୃତିଙ୍କର ଛିଡ଼ା ହେବାର ସ୍ଥାନ ଥିଲା । ମଧ୍ୟସ୍ଥଳରେ ରାଜପତାକା ଉଡ଼ିବାର ଉଚ୍ଚ ଖୁଣ୍ଟ ପୋତା ହୋଇଥିଲା ଏବଂ ତହିଁର ଚତୁର୍ଦ୍ଦିଗରେ ସୈନିକ-ବାଦ୍ୟଦଳମାନ ଛିଡ଼ା ହୋଇଥିଲେ । ମଣ୍ଡପର ବାହାରେ ପଡ଼ିଆରେ ୩୭୦୦୦ ସୁସଜ୍ଜିତ ଦଳବଦ୍ଧ ଗୋରା ଓ କଳା ସୈନ୍ୟ ଯଥାବିଧି ଛିଡ଼ା ହୋଇ ଭାରତସାମ୍ରାଜ୍ୟର ପ୍ରଭୂତ ବଳର ପରିଚୟ ଦେଉଥିଲେ । ବାହାରର ଏହି ଦୃଶ୍ୟଟି ଦର୍ଶକ ମାନଙ୍କର ମନ ହରଣ କରୁଥିଲା । ମଣ୍ଡପର ଭିତରର ବ୍ୟାପାର ତହୁଁ ଅଧିକ ଚମତ୍କାର । ଦିବା ଦଶଘଣ୍ଟା ପୂର୍ବରୁ ଦରବାର ମଣ୍ଡପରେ ଆମନ୍ତ୍ରିତ ଓ ଗଡ଼ପ୍ରାପ୍ତ ବ୍ୟକ୍ତିମାନେ ପ୍ରବିଷ୍ଟ ହେବାର ଆରମ୍ଭ ହେଲା ଏବଂ ଘ ୧୧ ଘଂ ସମୟରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଓ ସମ୍ରାଟ ଭ୍ରାତା ଉପସ୍ଥିତ ହେବା ବେଳକୁ ସଭାଟି ପୂର୍ଣ୍ଣ ହୋଇଥିଲା । ଇଣ୍ଡିଆ ଗଭର୍ଣ୍ଣମେଣ୍ଟର ବଡ଼ ଓ ପ୍ରଧାନ କର୍ମଚାରୀମାନେ ଏବଂ ସମସ୍ତ ପ୍ରାଦେଶିକ ଶାସନକର୍ତ୍ତା ଓ ସେମାନଙ୍କର ପ୍ରଧାନ କର୍ମଚାରୀ ଏବଂ ବନ୍ଧୁମାନେ ପ୍ରାୟ ଶତାଧିକ ଭାରତୀୟ ସ୍ୱାଧୀନ ଓ କରଦ ରାଜନ୍ୟବର୍ଗ ଏବଂ ବିଦେଶୀୟ ଯଥା;—ଜାପାନ, ଶ୍ୟାମ, ଆଫଗାନସ୍ଥାନ, ନେପାଳ, ପାରସ୍ୟ ପ୍ରଭୃତି ରାଜାଙ୍କର ପ୍ରତିନିଧିମାନେ ଏବଂ ଇଂରାଜ ଔପନିବେଶିକ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସେମାନଙ୍କର ବେଶଭୂଷା ଅତ୍ୟନ୍ତ ଝଲମଲ ଦିଶୁଥିଲା । ମଧ୍ୟେ ମଧ୍ୟେ ବାଦ୍ୟ ବାଜୁଥିଲା । ମହାମାନ୍ୟ ଗବର୍ଣ୍ଣର ଜେନରଲ ଲର୍ଡ କର୍ଜନ ବାହାଦୁର ମଣ୍ଡପରେ ପ୍ରବେଶ କରନ୍ତେ ସଲାମି ତୋପଧ୍ୱନି ହେଲା ଏବଂ ଯଥାବିଧିରେ ବେଦୀଉପରେ ରାଜଭ୍ରାତା ଏବଂ ତାହାଙ୍କ ପାର୍ଶ୍ୱରେ ବସିବା ଯୋଗ୍ୟ ବ୍ୟକ୍ତିଙ୍କସହିତ ଆସନଗ୍ରହଣ କଲା ଉତ୍ତାରୁ ଦରବାର ପିଟିଲା । ଏହି ସମସ୍ତ ନିୟମପାଳନରେ ପ୍ରାୟ ଅର୍ଦ୍ଧଘଣ୍ଟା ଗତ ହେଲା ଏବଂ ଠିକ ଘ ୧୨ ଘଂ ବେଳେ ଘୋଷଣା ପଠିତ ହେଲା । ତାହା ଶେଷ ହୁଅନ୍ତେ ୧୦୧ ଗୋଟା ସଲାମି ତୋପ ଧ୍ୱନିତ ହେଲା, ସୈନ୍ୟମାନେ ସଲାମିଫାଏର କଲେ, ରାଜପତାକା ଉଡ଼ିଲା ଏବଂ ବାଦ୍ୟ ବାଜିଲା । ତହିଁ ଉତ୍ତାରୁ ମହାମାନ୍ୟ ଭାରତପ୍ରତିନିଧି ମହୋଦୟ ଦଣ୍ଡାୟମାନ ହୋଇ ବକ୍ତୃତା ଆରମ୍ଭ କଲେ । ସେ ପ୍ରଥମେ ଏହି ଦରବାରର ଉଦ୍ଦେଶ୍ୟ ଓ ଅଭିପ୍ରାୟ ବିଶଦରୂପେ ବୁଝାଇଦେଇ ସମ୍ରାଟଙ୍କଠାରୁ ପାଇଥିବା ପତ୍ର ପାଠ କଲେ । ତହିଁର ସଂକ୍ଷେପ ମର୍ମ ଏହି କି "ବିଲାତରେ ଆମ୍ଭର ରାଜମୁକୁଟ ଧାରଣ କରିବାର ଉତ୍ସବ କାଳରେ ଅଳ୍ପ ଭାରତବାସୀ ସେଠାକୁ ଆସିବାକୁ ସମର୍ଥ ହୋଇଥିଲେ । ଭାରତର ସମସ୍ତ ରାଜା ପ୍ରଜା ଏବଂ ସରକାରୀ କର୍ମଚାରୀଙ୍କୁ ଏହି ଉତ୍ସବରେ ଯୋଗ ଦେବାର ସୁବିଧା ନିମନ୍ତେ ଦିଲ୍ଲୀଠାରେ ଏହି ଦରବାର କରିବାର ଆଦେଶ ଦେଇଅଛୁ । ଆମ୍ଭେ ଭାରତବାସିଙ୍କୁ ଅତ୍ୟନ୍ତ ସ୍ନେହ କରୁ ଏବଂ ସେମାନେ ଆମ୍ଭଙ୍କୁ ଓ ଆମ୍ଭର ସିଂହାସନକୁ ଅତ୍ୟନ୍ତ ମାନ୍ୟ ଓ ଭକ୍ତି କରିବାର ଆମ୍ଭେ ଅବଗତ ଅଛୁଁ । ଆମ୍ଭେ ସ୍ୱୟଂ ଆନନ୍ଦ ସହିତ ଏ ସମୟରେ ଦରବାରରେ ଉପସ୍ଥିତ ହୋଇଥାନ୍ତୁ । ଅବକାଶ ନ ହେବାରୁ ପ୍ରତିନିଧି ସ୍ୱରୂପ ଆମର କନିଷ୍ଠ ଭାଇଙ୍କୁ ପଠାଇଲୁ । ଅଳ୍ପକାଳ ପରେ ଯୁବରାଜଙ୍କୁ ସପତ୍ନୀକ ଭାରତ ଦେଖିବା କାରଣ ପଠାଇବାର ଇଚ୍ଛା କରିଅଛୁ । ଭାରତର ପ୍ରଥମ ସାମ୍ରାଜ୍ଞୀ ଆମ୍ଭର ମାତା ସ୍ୱର୍ଗୀୟା ଭିକ୍ଟୋରିୟା ଯେଉଁ ଦୟାଶୀଳ ଓ ନ୍ୟାୟପୂର୍ଣ୍ଣ ସୁନିୟମରେ ଭାରତ ରାଜ୍ୟ ଶାସନ କରି ଅତ୍ୟନ୍ତ ଚମତ୍କାରରୂପେ ଭାରତବାସୀ ରାଜନ ଓ ପ୍ରଜାଙ୍କର ଭକ୍ତି ଓ ସ୍ନେହଲାଭ କରିଥିଲେ ସେହି ନୀତିରେ ଭାରତ ଶାସନ କରିବାକୁ ଆମ୍ଭେ ସିଂହାସନରେ ବସିବା ଦିନରୁ ଏକାନ୍ତ ଚେଷ୍ଟା କରିବାକୁ ମନସ୍ଥ କରିଅଛୁ । ଭାରତର ସମସ୍ତ ରାଜା ପ୍ରଜାଙ୍କୁ ଆମ୍ଭେ ପୁନର୍ବାର ଆଶ୍ୱାସ ଦେଉଅଛୁ ଯେ ସେମାନଙ୍କର ସ୍ୱାଧୀନତା, ମାନ ମର୍ଯ୍ୟାଦା ରକ୍ଷା କରିବା ଏବଂ ସେମାନଙ୍କର ଉନ୍ନତି କରାଇବାକୁ ଆମ୍ଭେ ସର୍ବଦା ମନୋଯୋଗୀ ଏବଂ ଆମ୍ଭେ ଆଶା କରୁ ଯେ ଈଶ୍ୱରଙ୍କର କୃପାରେ ଆମ୍ଭର ରାଜତ୍ୱ କାଳରେ ଭାରତ ସାମ୍ରାଜ୍ୟର ସୁଖ ଓ ସୌଭାଗ୍ୟ ବୃଦ୍ଧି ହେବ" । ଏହି ପତ୍ର ପାଠ କରି ପ୍ରତିନିଧି ମହୋଦୟ କହିଲେ କି ସମ୍ରାଟ-

Digitized by srujanika@gmail.com

ଙ୍କର ଏହି ଅଭ୍ୟୁଦୟ କାଳରେ ସମସ୍ତ ଭାରତବାସୀ ଆନନ୍ଦିତ ହେବେ ଏବଂ ରାଜକର୍ମଚାରୀମାନେ ଉତ୍ସାହ ସହିତ କାର୍ଯ୍ୟ କରିବେ । ଭାରତର ରାଜନ୍ୟବର୍ଗ ସଙ୍କଟରେ ନିଜ ନିଜ ସୈନ୍ୟ ଓ ଅର୍ଥଦ୍ୱାରା ସାମ୍ରାଜ୍ୟର ସାହାଯ୍ୟ କରିଅଛନ୍ତି ଏବଂ ଦୁର୍ଭିକ୍ଷ ଦମନରେ ମଧ୍ୟ ଅନେକ କ୍ଷତି ସହି ଭକ୍ତି ଦେଖାଇଅଛନ୍ତି । ସେମାନେ ଇଂରାଜ ରାଜତ୍ୱରେ ଯେପରି ସୁରକ୍ଷିତ ଅଛନ୍ତି ତହିଁରୁ ଅଧିକ କିଛି ହେବା ଅସମ୍ଭବ । ତଥାପି ଗତ ଦୁର୍ଭିକ୍ଷରେ ସେମାନେ ସରକାରରୁ ଯାହା ଋଣ ନେଇଅଛନ୍ତି ତହିଁର ୩ ବର୍ଷର ସୁଦ ସେମାନଙ୍କୁ ଛାଡ଼ ଦେବାକୁ ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି । ଭରସା କରୁଁ ସେମାନେ ତାହା ଗ୍ରହଣ କରିବେ । ପ୍ରଜାମାନଙ୍କର ଦଲ ବୃହତ୍ । ସେମାନେ ଦୁର୍ଭିକ୍ଷରେ ବଡ଼ କଷ୍ଟ ପାଇଅଛନ୍ତି ଏବଂ ଅତି ଧୀରଭାବରେ ସହିଅଛନ୍ତି । ସେମାନଙ୍କର କୌଣସି ଆର୍ଥିକ ସାହାଯ୍ୟ କରିବା ଏକାନ୍ତ ଉଚିତ ଅଟେ ଏବଂ ତହିଁପାଇଁ ଗବର୍ଣ୍ଣମେଣ୍ଟ ଯଥେଷ୍ଟ ଚେଷ୍ଟା କରୁଅଛନ୍ତି । କିପରି ସାହାଯ୍ୟ ଦିଆଯିବ ବର୍ତ୍ତମାନ ତାହା ଠିକ କରିବାର ସମୟ ନୁହେ । ଏବର୍ଷ ଫସଲର ଅବସ୍ଥା ଆଶାପ୍ରଦ ଜଣାଯାଏ । ଯେବେ ଏହି ଅବସ୍ଥା ସ୍ଥିର ରହେ ଯେବେ ସରକାରଙ୍କର ଆର୍ଥିକ ଅବସ୍ଥା ବର୍ତ୍ତମାନ ଯେମନ୍ତ ଅନୁକୂଳ ଦେଖାଯାଉଅଛି ତହିଁରେ ବ୍ୟତିକ୍ରମ ନ ଘଟେ ତେବେ ଉଚିତ ସାହାଯ୍ୟ ଦିଆଯିବ ଏବଂ କେତେକ ମାସ ଉତ୍ତାରୁ ତାହା ପ୍ରକାଶ ପାଇବ । ଅତଃପର ଆଉ କେତେକ କଥା କହି ମହାମାନ୍ୟ ମହୋଦୟ ବକ୍ତୃତା ଶେଷ କଲେ । ତହିଁ ଉତ୍ତାରୁ ଫରେନ ସେକ୍ରେଟରୀ ରାଜନ୍ୟବର୍ଗଙ୍କୁ ଏକ ପରେ ଏକ ବେଦୀକୁ ନେଇ ମହାମାନ୍ୟଙ୍କ ସମୀପରେ ଭେଟାଇଲେ । ମହାମାନ୍ୟ ମହୋଦୟ ଏବଂ ରାଜଭ୍ରାତା ଦଣ୍ଡାୟମାନ ହୋଇ ସେମାନଙ୍କର ମଙ୍ଗଳବାଦ ଗ୍ରହଣ କଲେ ଏବଂ ଏହି ଭେଟ ଉତ୍ତାରୁ ସଭା ଭଙ୍ଗ ହେଲା ଏବଂ ସଭା ଖାଲି ହେଲା ବେଳକୁ ଅପରାହ୍ଣ ଘ ୩ ଟା ବାଜିଗଲା । ଏହିଦିନ ସନ୍ଧ୍ୟାବେଳେ ସମସ୍ତ ନଗର ରୋଶନାଇ ଏବଂ ସହରରେ ଦେବାନିଆମ ନାମକ ବୃହତ୍ ଏବଂ ସୁସଜ୍ଜିତ ପ୍ରାସାଦରେ ସରକାରୀ ଭୋଜି ହୋଇଥିଲା । ସହସ୍ର ସହସ୍ର ବୈଦ୍ୟୁତିକ ଆଲୋକର ଝାଡ଼ମାନ ଜଳୁଥିଲା ଏବଂ ପଚାଶାଧିକ ସମ୍ଭ୍ରାନ୍ତ ବ୍ୟକ୍ତି ଭୋଜନ କରିଥିଲେ । ସେ ସମୟରେ ମହାମାନ୍ୟ ଲାଟ କର୍ଜନ ସମ୍ରାଟଙ୍କର କୁଶଳ କାମନାରେ ଯେଉଁ ବକ୍ତୃତା କରିଥିଲେ ତାହା ଅତି ଚମତ୍କାର ହୋଇଥିଲା । ଅନ୍ୟାନ୍ୟ କଥା ମଧ୍ୟରେ ସେ କହିଥିଲେ କି ବିଜ୍ଞାନର ଚେଷ୍ଟାରେ ଯେମନ୍ତ ଦୂରତା ହ୍ରାସ ହେଉଅଛି ଏକଦିନ ଏମନ୍ତ ଆସିବ ଯେ ସମ୍ରାଟ ସ୍ୱୟଂ ଭାରତରେ ବସି ଶାସନ କାର୍ଯ୍ୟ ନିର୍ବାହ କରିବେ ଏବଂ ପ୍ରତିନିଧିର ମୂର୍ତ୍ତି ଅଦୃଶ୍ୟ ହେବ । ଏତେବଡ଼ ଭାଗ୍ୟ ଭାରତବାସିଙ୍କର ହେବ ଏହା ଆମ୍ଭେମାନେ ଆଶା କରି ନ ପାରୁଁ । ମାତ୍ର ସମ୍ରାଟଙ୍କର ପରିବାରସ୍ଥ କେହି ବ୍ୟକ୍ତି ଯେବେ ଭାରତରେ ରହି ଏଠାର ଶାସନ ଭାର ଗ୍ରହଣ କରନ୍ତି ତାହା ହେଲେ ଆମ୍ଭମାନଙ୍କର ସୌଭାଗ୍ୟର ସୀମା ରହିବ ନାହିଁ । ଅନ୍ୟାନ୍ୟ ଦିନର କ୍ରିୟା ଓ ଆମୋଦ ପ୍ରମୋଦମାନ ଯଥାବିଧିରେ ସମ୍ପାଦନ ହୋଇ ଗତ କାଲି ମହାମାନ୍ୟ ବଡ଼ଲାଟ ବାହାଦୂର ଏବଂ ରାଜଭ୍ରାତା ଦିଲ୍ଲୀରୁ ବିଦାୟ ହୋଇ ଆସିଲେ ଏବଂ ସେଠାରେ ଉତ୍ସବ ଶେଷ ହେଲା । ସମସ୍ତ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହୋଇଅଛି ଏବଂ ବୃଷ୍ଟିର ଅତ୍ୟନ୍ତ ଭୟ କେବଳ ଏକଦିନ ଅର୍ଥାତ୍ ଗତ ମଙ୍ଗଳବାରର ବନ୍ଧୁପାତରେ କଟି ଯାଇଅଛି ତାହାର କିଛି ବିଶେଷ କଷ୍ଟ ହୋଇ ନାହିଁ ।

---

## ମଫସଲରେ ଅଭିଷେକୋତ୍ସବ ।

ଏ ଜିଲ୍ଲାର ନାନାସ୍ଥାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବା ସମ୍ବନ୍ଧରେ ଅନେକଗୁଡ଼ିଏ ପତ୍ର ଆମ୍ଭେମାନେ ପ୍ରାପ୍ତ ହୋଇଅଛୁଁ । ସ୍ଥାନାଭାବରୁ ସେ ସମସ୍ତ ପ୍ରକାଶ କରିବା ଅସମ୍ଭବ । ଏଣୁକରି ସେ ସମସ୍ତର ସାରାଂଶ ନିମ୍ନେ ପ୍ରକାଶିତ ହେଲା । ଯଥା ;—

କେନ୍ଦ୍ରାପଡ଼ା— ଏଠାର ସବଡିଭିଜନାଲ ଅଫିସର ଏବଂ କର୍ପୋରେସନ କମିଟିର ସଭାପତି ଶ୍ରୀ ଯୁକ୍ତ ଯେ, ଏସ୍, ଡେଭିଡସନ ସାହେବ ଓ କମିଟିର ସମ୍ପାଦକ ଜମିଦାର ବାବୁ ବ୍ରଜସୁନ୍ଦର ମର୍ଦ୍ଦରାଜଙ୍କ ଯତ୍ନରେ ଏହି ମହତ୍ କାର୍ଯ୍ୟ ଛଟିସ୍ୱରେ ସମ୍ପନ୍ନ ହୋଇଅଛି । ଜାନୁଆରୀ ମାସର ତା ୧ ରିଖଠାରୁ ତା ୬ ରିଖ ପର୍ଯ୍ୟନ୍ତ ସହର ମଧ୍ୟରେ ଆନନ୍ଦସ୍ରୋତ ପ୍ରବାହିତ ହୋଇଥିଲା । ଆବାଲବୃଦ୍ଧବନିତା ଆନନ୍ଦଉନ୍ମତ୍ତ ହୋଇ ଉତ୍ସବରେ ଯୋଗଦାନ କରିଥିଲେ । କ୍ଷୁଦ୍ର ସହରଟି ପୁଷ୍ପ ପତାକାଦିରେ ସୁସଜ୍ଜିତ ହୋଇଥିଲା ଓ ସ୍ଥାନେ ସ୍ଥାନେ ଫାଟକ ନିର୍ମିତ ହୋଇଥିଲା । ତା ୧ ରିଖ ପ୍ରାତଃକାଲରୁ ନହବତ ବାଦ୍ୟମାନ ଉତ୍ସବ ଘୋଷଣା କଲା । ଉତ୍ସବର ପ୍ରାରମ୍ଭରେ ଟୋଲର ବ୍ରାହ୍ମଣ ଛାତ୍ରମାନେ ଲାଇବ୍ରେରୀ ହଲରେ ଭୋଜନ କରିଥିଲେ ଓ ସଭାପତି ମହାଶୟ ସ୍ୱୟଂ ଅଧମ ଓ ଦରିଦ୍ରମାନଙ୍କୁ ବସ୍ତ୍ର ବିତରଣ କରିଥିଲେ । ତତ୍ପରେ କାଙ୍ଗାଳ ଭୋଜନ— ପ୍ରାୟ ଏକ ସହସ୍ର କାଙ୍ଗାଳଙ୍କୁ ଶ୍ରୀ ବଲଦେବ ଜାଜିଙ୍କର ପ୍ରସାଦ ବିତରିତ ହୋଇଥିଲା ଓ ସେମାନେ ଆନନ୍ଦ ଚିତ୍ତରେ ସମ୍ରାଟଙ୍କର ଜୟଧ୍ୱନି କରିଥିଲେ । ଦିବା ଘ ୪ ଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଯାତ୍ରା ଓ ସନ୍ଧ୍ୟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନଗର ସଂକୀର୍ତ୍ତନ ହୋଇଥିଲା । ଠିକ ସନ୍ଧ୍ୟାସମୟରେ ସ୍କୁଲର ଛାତ୍ରମାନେ ଇଂରାଜୀ ଜାତୀୟ ସଙ୍ଗୀତ ଗାନ କରି ନଗର ପରିଭ୍ରମଣ କରିଥିଲେ । ଏ ଦୃଶ୍ୟଟି ଅତି ମନୋହର ହୋଇଥିଲା । ସନ୍ଧ୍ୟା ହେବା ମାତ୍ରକେ ସହରଟି ଆଲୋକମାଳାରେ ବିଭୂଷିତ ହେଲା । ସ୍ଥାନୀୟ ଲୋକେ ଆପଣା ଆପଣା ଗୃହକୁ ଆଲୋକିତ କରିଥିଲେ । ଜମିଦାର ଦ୍ୱୟଙ୍କର ବାସ ଭବନ ଓ ମହାଜନ ବଳ ସାହୁର କୋଠାର ସାଜ ସଜ୍ଜା ଓ ରୋଶନାଇ ସର୍ବୋତ୍କୃଷ୍ଟ ହୋଇଥିଲା । ରାତ୍ରି ଘ ୯ ଟା ସମୟରେ ଅଦାଲତ କଚେରୀ ନିକଟରେ ଆତସବାଜି ପ୍ରଦର୍ଶିତ ହେଲା । ରାତ୍ରି ଘ ୧୦ ଟାଠାରୁ ସବ ଡିଭିଜନ କଚେରୀ ବଗିଚାରେ ଓଡ଼ିଆ ଯାତ୍ରା ହୋଇଥିଲା । ଏ ଅଞ୍ଚଳରେ ଏ ଯାତ୍ରାଦଳ ଗୋପାଳର ଯାତ୍ରା ବୋଲି ପ୍ରସିଦ୍ଧ ଓ ସାଧାରଣଙ୍କର ଏ ଯାତ୍ରା ପ୍ରତି ବଡ଼ ଆଗ୍ରହ ସୁତରାଂ ଭାରି ଭିଡ଼ ହୋଇଥିଲା । ତା ୨ ରିଖ ଜାନୁଆରୀ — ଏ ଦିନ ସ୍କୁଲ ଛାତ୍ରମାନଙ୍କର କ୍ରୀଡ଼ା ଓ ଖେଳ ହୋଇଥିଲା, ଅନେକ ଛାତ୍ର ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରି ପୁରସ୍କାର ଲଭିଲେ ଏବଂ ପ୍ରାୟ ଆଠଶତ ଛାତ୍ର ମିଷ୍ଟାନ୍ନାଦି ଭୋଜନ କରିଥିଲେ । ରାତ୍ରି ଘ ୮ ଟାଠାରୁ ସକାଳ ପର୍ଯ୍ୟନ୍ତ ଅଦାଲତ କଚେରୀ ହତାରେ ଓଡ଼ିଆ ଯାତ୍ରା ହୋଇଥିଲା । ଜନତା ପୂର୍ବଦିନରୁ ଅଧିକ । ଆମ୍ଭମାନଙ୍କ ସ୍ୱୟଂ ସବଡିଭିଜନାଲ ଅଫିସର, ମୁନସଫ ଓ ଅନ୍ୟାନ୍ୟ ଅନେକ ଭଦ୍ରଲୋକ ପ୍ରାୟ ରାତ୍ରି ଦୁଇଟା ପର୍ଯ୍ୟନ୍ତ ଯାତ୍ରାସ୍ଥଳରେ ଉପସ୍ଥିତ ଥିଲେ । ଦଶମାନ ପାଲା ହେଉଥିଲା । ସେଠାରେ ମଧ୍ୟ ଜନତାର ଅଭାବ ନ ଥିଲା । ତା ୩ ରିଖ ଜାନୁଆରୀ—ସ୍କୁଲ ପଡ଼ିଆରେ ଦରିଦ୍ର ମୁସଲମାନମାନଙ୍କର ଭୋଜନ । ସନ୍ଧ୍ୟା ସମୟରୁ ରାତ୍ରି ଘ ୧୦ ଟା ପର୍ଯ୍ୟନ୍ତ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଜଗଦେବଙ୍କ ବଙ୍ଗଳା ଯାତ୍ରାଦଳ କଲଟରୀ ହତାରେ ଗୋଟିଏ ପ୍ରହସନର ଅଭିନୟ କରିଥିଲେ । ଏ ଦଳର ସାଜ ସଜ୍ଜା ଓ ନୃତ୍ୟ ଗୀତ ଅତି ସୁନ୍ଦର ହୋଇଥିଲା । ଏହା ନାମରେ ଯାତ୍ରାଦଳ ହେଲେ ଅଭିନୟ ଓ ନୃତ୍ୟ ଗୀତାଦି ସବୁଥିରେ ପ୍ରାୟ । ସକାଳ ପର୍ଯ୍ୟନ୍ତ ଗୋପାଳର ଯାତ୍ରା । ତା ୪ ରିଖ ଜାନୁଆରୀ ଶନିବାର ବିଶ୍ରାମ । ଜମିଦାର ଶ୍ରୀ ବାବୁ ବ୍ରଜସୁନ୍ଦର ମର୍ଦ୍ଦରାଜ କେତେକ ଭଦ୍ରଲୋକଙ୍କୁ ନିଜ ଭବନକୁ ନିମନ୍ତ୍ରଣ କରି ସନ୍ଧ୍ୟାଠାରୁ ରାତ୍ରି ଘ ୧୨ ଟା ପର୍ଯ୍ୟନ୍ତ ନୃତ୍ୟ ଗୀତାଦି ଦେଖାଇ ଜଳପାନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ତା ୫ ରିଖ—ଏ ଦିନର ଉତ୍ସବ ରାତ୍ରି ଘ ୮ ଟାଠାରୁ ଘ ୧୧ ଟା ପର୍ଯ୍ୟନ୍ତ କଲଟରୀ ହତାରେ କଲିକତାର ହେମନ୍ତା ବାଈଜୀଙ୍କ ନୃତ୍ୟ ଗୀତ ହୋଇ ଉତ୍ସବ ଶେଷ ହୋଇଥିଲା । ହେମନ୍ତା ବାଈଙ୍କ ପଛରେ ପ୍ରାୟ ବ୍ୟୟିତ ଟଙ୍କା

Split by PDF Splitter

Digitized by srujanika@gmail.com

ଖରଚ ହେଲା ମାତ୍ର ବର୍ଷୀର ଲଡ଼ୁ ପଡ଼ି ପସ୍ତାଇବା ଭିନ୍ନ ଆଉ କିଛି ଫଳ ହେଲା ନାହିଁ ।

ଆଖୁଆପଦା—ଗ୍ରାମସ୍ଥ ବେଙ୍ଗାଲ ରେଭିନ୍ୟୁ ଇଲାକାର ଜମିଦାର ବାବୁ କୁଞ୍ଜବିହାରୀ ଗୁପ୍ତ, ଉକ୍ତ ଇଲାକାର ଅନ୍ୟାନ୍ୟ ଅମଲାମାନଙ୍କ ସାହାଯ୍ୟରେ ଗତମାସ ତା ୧ ଋଖ ଗୁରୁବାର ଆଖୁଆପଦା ସର୍କଲ ଅଫିସଠାରୁ ୧ ମାଇଲ ସବ୍‌ଡିଭିଜନ ଅଫିସ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଓ ଅଫିସର ଦୁବଘାସ ପଡ଼ିଆରେ ପ୍ରଚୁର ରୋଷଣାଇ କରିଥିଲେ ଏବଂ ଏକ ମନୋହର ମଜଲିସ୍‌ ରଚନା କରି ରାତ୍ର ଶେଷ ପର୍ଯ୍ୟନ୍ତ ନୃତ୍ୟକାରୀ ଭଜନଦଳର ନୃତ୍ୟ କରାଇଥିଲେ । ବମ୍ ପ୍ରଭୃତି ଆତସବାଜି ମଧ୍ୟ ହୋଇଥିଲା । ସେଠାର ସମସ୍ତ ସରକାରୀ କର୍ମଚାରୀ ଏବଂ ନିମନ୍ତ୍ରିତ ଭଦ୍ରବ୍ୟକ୍ତି, ବେସରକାରୀ ଭଦ୍ରଲୋକ ଓ ପୋଷ୍ଟମାଷ୍ଟର ଏବଂ କଙ୍ଗାଳ ପ୍ରଭୃତି ମିଶାଇ ପ୍ରାୟ ୭୦୦ ଜଣର ଭୋଜି ହୋଇଥିଲା । ଓଡ଼ିଶା ବିଭାଗର ମାନ୍ୟବର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ସାହେବ ମହୋଦୟ ରାସ୍ତାରେ ସେଦିନ ସେଠାରେ ପହୁଞ୍ଚି ଥିବାରୁ ଆମନ୍ତ୍ରଣମତେ ସସ୍ତ୍ରୀକ ମଜଲିସରେ ଉପସ୍ଥିତ ଏବଂ କିଛିକାଳ ଅବସ୍ଥାନ ପୂର୍ବକ ସମସ୍ତଙ୍କର ଆନନ୍ଦ ବଢ଼ାଇଥିଲେ ।

ଢେଣ୍ଡ୍ରାକୋଡ଼ା—ଏହା ବାଲୁବିଶି ପ୍ରଗଣାର ଗୋଟିଏ ଗ୍ରାମ । ଏଠାରେ ଗୋଟିଏ ଡାକଘର ଓ ଗୋଟିଏ ମଧ୍ୟମଶ୍ରେଣୀ ଇଂରାଜୀ ବିଦ୍ୟାଳୟ ଅଛି । ଉତ୍ସବ ଉପଲକ୍ଷରେ ଉକ୍ତ ସ୍କୁଲଗୃହ ସଜ୍ଜିତ ହୋଇ ସେଠାରେ ଗତ ଜାନୁଆରୀମାସ ତା ୧ ଓ ୨ ଋଖରେ ନାନା ପ୍ରକାର ଆମୋଦ ପ୍ରମୋଦ ହୋଇଥିଲା । ସେକ୍ରେଟରୀ ମହାଶୟ ମୁନ୍‌ସି ମିର୍ଜା ରହେମତ ଅଲିବେଗ ଗ୍ରାମର ଓ ଅନ୍ୟାନ୍ୟ ସ୍ଥାନମାନଙ୍କର ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ଅପର ସାଧାରଣ ସମସ୍ତ ଲୋକଙ୍କର ଆମୋଦପ୍ରମୋଦର ସୁବିଧା କରିଥିଲେ ଓ ଆତସବାଜିର ମଧ୍ୟ ଉତ୍ତମ ଆୟୋଜନ ହୋଇଥିଲା । ଏକଦଳ ପିଲାମାନଙ୍କର ମନୋହର ପ୍ରାୟ ଆଖଡ଼ା ବାହାରିଥିଲା । ଜୟତଲଙ୍ଗ ନାମକ ନିକଟସ୍ଥ ଗୋଟିଏ ଗ୍ରାମର ଶ୍ୟାମଦାସର ରାମଲୀଳା ସମ୍ପ୍ରଦାୟ ଆସି ଧ୍ରୁବଚରିତର ସୁଆଙ୍ଗ ବାହାର କରି ଆଶାତୀତରୂପେ ଦର୍ଶକମାନଙ୍କୁ ଆପ୍ୟାୟିତ କରିଥିଲେ । ସଂକ୍ଷେପରେ ସେ ଦୁଇଦିନର ଆମୋଦ ପ୍ରମୋଦ ଓ ସମସ୍ତ କାର୍ଯ୍ୟ ସର୍ବାଙ୍ଗ ସୁନ୍ଦର ହୋଇଥିଲା । ୨ ଦିନର କାର୍ଯ୍ୟ ଶେଷ ହେଲା ଉତ୍ତାରୁ ଭୋର ପ୍ରାୟ ଘ ୭ ଟିକା ସମୟରେ ସେଠାରେ ଉପସ୍ଥିତ ଥିବା ଜଜ ଅଦାଲତରେ ଟ୍ରାନ୍ସଲେଟର ମୁନସି ମହେମୁଦ ଅଲି ସଭାପତି ସ୍ୱରୂପ ଆସନ ଗ୍ରହଣ କରି କଟକ କଲେକ୍ଟରୀ ମୋକ୍ତାର ମୁନସି ଗୋଲାମ ସମଦାନିଙ୍କୁ ଅନୁରୋଧ କରିବାରୁ ସେ ଗୋଟିଏ ପ୍ରବନ୍ଧ ପାଠ କଲେ ଓ ଉକ୍ତ ସ୍ଥଳରେ ଏକତ୍ରିତ ହୋଇଥିବା ପ୍ରାୟ ପାଞ୍ଚଶତ ଲୋକ ନିସ୍ତବ୍ଧ ଭାବରେ ଆଗ୍ରହ ସହିତ ତାହା ଶ୍ରବଣ କରିଥିଲେ । ଏ ସ୍ଥଳରେ ଉଲ୍ଲେଖ କରିବା ଉଚିତ ଯେ ଢେଣ୍ଡ୍ରାକୋଡ଼ା ସର୍କଲର କାନୁନଗୋ ମହାଶୟଙ୍କ ଯତ୍ନ ଓ ପରିଶ୍ରମରୁ ଅନେକ କାର୍ଯ୍ୟ ପରିପାଟୀରୂପେ ସମ୍ପାଦିତ ହୋଇଥିଲା । ଅବଶେଷରେ ବମବାଜି ଓ ଜୟଧ୍ୱନି ସହିତ ସଭା ଭଙ୍ଗ ହେଲା ।

ଦେହୁଡ଼ଦା—ଏଠାର ଦେଶହିତୈଷୀ ଶ୍ରୀଯୁକ୍ତ ବାବୁ କୈଳାସଚନ୍ଦ୍ର ରାୟ ମହାଶୟ ଜମିଦାର ଆନ୍ତରିକ ଶ୍ରଦ୍ଧା ଓ ଭକ୍ତି ସହକାରେ ଭୋଗରାଗ, କମର୍ଦ୍ଦା ଓ କଖଡ଼ୀ ପରଗଣାରେ ଯେଉଁ ସବୁ ଅନ୍ଧ ଲୁଣ୍ଠ ନିରାଶ୍ରୟ ଅକ୍ଷମ ପ୍ରାୟ ଦୁଇଶତ ଲୋକଙ୍କୁ ସ୍ୱୀୟ ଗଡ଼ ମୋହାମକୁ ଆଣି ପରିତୋଷରୂପେ ଭୋଜନ କରାଇ ବସ୍ତ୍ରହୀନଙ୍କୁ ବସ୍ତ୍ରଦାନ କରିଥିଲେ । ରାତ୍ରିରେ ନିଜଗଡ଼ ଓ ଗ୍ରାମ ଆଲୋକମାଳାରେ ଭୂଷିତ କରିଥିଲେ । ଗ୍ରାମବାସିମାନେ ଆନନ୍ଦ ସହକାରେ ଏ କାର୍ଯ୍ୟରେ ସହାନୁଭୂତି ପ୍ରକାଶ କରିଥିଲେ । ଗ୍ରାମସ୍ଥ ସଂକୀର୍ତ୍ତନଦଳ ଓ ଅନ୍ୟାନ୍ୟ ଗ୍ରାମବାସିଙ୍କୁ ଘେନି ଶ୍ରୀଯୁକ୍ତ ବାବୁ ଯଦୁନାଥ ଘୋଷ ସମ୍ରାଟଙ୍କ କଲ୍ୟାଣାର୍ଥ ସଂକୀର୍ତ୍ତନ କରୁ କରୁ ନିକଟବର୍ତ୍ତୀ ଗ୍ରାମମାନ ପ୍ରଦକ୍ଷିଣ ପୂର୍ବକ ସମ୍ରାଟଙ୍କ ଜୟଘୋଷଣା କରିଥିଲେ । ମହାଶୟ ମହାଶୟଙ୍କ ପୁତ୍ରଦ୍ୱୟ ଏଠା ମଧ୍ୟଇଂରାଜୀ ବିଦ୍ୟାଳୟର ଛାତ୍ରବର୍ଗଙ୍କୁ ଘେନି ଫୁଟବଲ କ୍ରୀଡ଼ା କରିଥିଲେ । ରାତ୍ରି ଶେଷରେ ମହାଶୟଙ୍କ ଗଡ଼ରେ ସଂକୀର୍ତ୍ତନ ଓ ଯାତ୍ରାଦି ଆମୋଦଦ୍ୱାରା ରାତ୍ରି ଶେଷ ହୋଇଥିଲା ।

ବଞ୍ଚାରପୁର—ଶ୍ରୀ ରଘୁନାଥ ମାସନ୍ତ ଓରଫ ସାମନ୍ତ ସଃ ଇଃ ରୋଷଣାଇ, ଆତସବାଜି ଓଗେର ଏବଂ କେତେକ ଲୋକମାନଙ୍କୁ ଆହାର ପାନାଦି ଉତ୍କୃଷ୍ଟମତେ କରାଇଥିଲେ । ପୋଷ୍ଟାଫିସରେ ସାମାନ୍ୟମତେ ସରକାରୀ ପଇସାରୁ ରୋଷଣୀ କରାଇଥିଲେ ଓ ଆଉଟ ପୋଷ୍ଟରେ ମଧ୍ୟ ସେ ଦିନ ରୋଷଣୀ ହୋଇଥିଲା । ତାହା ଦେଖିବା ସକାଶେ ରାତ୍ର ଶେଷ ପର୍ଯ୍ୟନ୍ତ ଅନେକ ଲୋକ ଆସିଥିଲେ ।

କୋଠପଦା—ଏଠା ମହନ୍ତଙ୍କର ଥିଏଟର ଦଳ ଏ ଅଞ୍ଚଳରେ ଉତ୍କୃଷ୍ଟ । ଅଭିଷେକୋତ୍ସବ ଉପଲକ୍ଷେ ଉକ୍ତ ଦଳ ଏବଂ ନୂତନ ବର୍ଷର ପ୍ରଥମ ଦିବସରେ ତାଙ୍କର ଅଭିନୟ ପ୍ରଦର୍ଶନ କରିଥିଲେ । ଅଭିନୟ ସ୍ଥଳରେ ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ । ଅଭିନୟର ବିଷୟ ଥିଲା "ଯଦୁବଂଶ ଧ୍ୱଂସ" ମୋଟରେ ଅଭିନୟଟି ଉତ୍ତମ ହୋଇଥିଲା । ଅଭିନୟର ଅନ୍ତରାଳରେ "ନବ ସମ୍ରାଟଙ୍କ ଜୟ" ସୂଚକ ଗୋଟିଏ ସୁଲଳିତ ପଦ୍ୟ ଛନ୍ଦ ନର୍ତ୍ତକମାନଙ୍କ ମୁଖରୁ ଅମୃତ ବର୍ଷିଲା ପ୍ରାୟ ବୋଧ ହୋଇଥିଲା ।

କୁଆଁପାଲ—ଏଠା ପୋଷ୍ଟଅଫିସରେ ରୋଷଣାଇ ହୋଇଥିଲା ଓ ଭଦ୍ରଲୋକମାନଙ୍କୁ ମଧ୍ୟ ଉତ୍ତମ ଭୋଜି ଦିଆ ଯାଇଥିଲା ମଧ୍ୟ ଉକ୍ତ ଗ୍ରାମର ଅଃ ପ୍ରାଃ ସ୍କୁଲର ସମ୍ପାଦକ ଶ୍ରୀ ବାବୁ ହେମଚନ୍ଦ୍ର ବୋଷ ପ୍ରଭୃତି ରୋଷଣାଇ ଓ ବାଲଭୋଜି କରାଇଥିଲେ ।

ଝଙ୍କଡ଼—ଶ୍ରୀ ସାରଦା ଦେବୀଙ୍କ ମନ୍ଦିର ଓ ସ୍କୁଲ ନିକଟରେ ପ୍ରାତଃକାଳଠାରୁ ନହବତ ବାଦ୍ୟ ଓ ସନ୍ଧ୍ୟାଠାରୁ ରୋଷଣାଇ ଓ ଆତସବାଜି ଉତ୍ତମ ହୋଇଥିଲା, ଏବଂ ମନ୍ଦିର ସମ୍ମୁଖ ଚନ୍ଦ୍ରାତପ ସୁସଜ୍ଜିତ ହୋଇ ନୃତ୍ୟ ଗୀତାଦି ଓ ନାମ ସଂକୀର୍ତ୍ତନଦ୍ୱାରା ଅତ୍ୟନ୍ତ ଆମୋଦିତ ହୋଇଥିଲା । ଆହୁରି ମଧ୍ୟ ଉକ୍ତ କନକପୁର ସ୍କୁଲଗୃହ ଓ ସମ୍ମୁଖସ୍ଥ ସଡ଼କ ଉଭୟ ସୁସଜ୍ଜିତ ଓ ଆଲୋକିତ ହୋଇଥିଲା । ତା ୨ ଋଖ ଶୁକ୍ରବାର ଶ୍ରୀ ସାରଦାଦେବୀଙ୍କ ମନ୍ଦିର ନିକଟରେ କଙ୍ଗାଳ ଓ ଗରିବମାନଙ୍କର ଏବଂ ତା ୩ ଋଖ ଶନିବାର ଉକ୍ତ ସ୍କୁଲଗୃହରେ ସ୍କୁଲବାଳକ ଓ ଭଦ୍ରବ୍ୟକ୍ତିମାନଙ୍କର ଭୋଜି ହୋଇଥିଲା । ଏପର ତା ୪ ଋଖ ରବିବାର କଣ୍ଡାପଡ଼ାରେ ଉକ୍ତ ଗୋପାଳ ବାବୁଙ୍କ ପ୍ରତିଷ୍ଠିତ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରଠାରେ ଉତ୍ତମ ଭୋଜି ହୋଇଥିଲା । ସ୍କୁଲ ସମ୍ପାଦକ ବାବୁ ଗୋପାଳଚରଣ ଦାସ ଏ ସମସ୍ତ ବିଷୟରେ ପ୍ରଧାନ ଉଦ୍ୟୋଗୀ ଥିଲେ ।

ଦୋଲଗ୍ରାମ— । ପ୍ର । ଦୋଲଗ୍ରାମ । ମୌ, କୁଆଁଗାଁ ସାମିଲ ସେରପୁର ମୌଜାର ଜମିଦାରମାନେ ଉତ୍ସବଦିନ ଗୋଟିଏ ନୂଆ ଜଳାଶୟ ଆରମ୍ଭ କରିଅଛନ୍ତି । ଏଠାରେ କୌଣସି ବୃହତ ଜଳାଶୟ ନ ଥିବାରୁ ପ୍ରଜାମାନଙ୍କର ବିଶେଷ ଜଳକଷ୍ଟ ହେଉଥିଲା । ଉକ୍ତ ଜଳାଶୟର ଖନନ କାର୍ଯ୍ୟ ଶେଷ ହେଲେ ଗରିବ ପ୍ରଜାମାନଙ୍କର ଜଳକଷ୍ଟ ଦୂର ହେବ ଓ ଜଳାଶୟରେ ପ୍ରାୟ ଟ ୩୦୦ ଙ୍କା ଖରଚ ହେବ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ମିଃ ଏଚ୍, ଇ, ଡବଲିଉ, ହୁଇଣ କଟକ ସଦର ମହକୁମାର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟରର ପଦରେ ନିଯୁକ୍ତ ହେଲେ ।

କଟକର ଅଫିସିଏଟିଂ ଜଜ ମିଃ ଡ଼, ଏଚ୍, ବଙ୍ଗଫୋର୍ଡ଼ ରଙ୍ଗପୁରର ଅତିରିକ୍ତ ଜଜ ପଦରେ ନିଯୁକ୍ତ ହେଲେ ।

Split by PDF Splitter
Digitized by srujanika@gmail.com

Split by PDF Splitter



କଟକର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଜେ, ଆର, ବ୍ଲାକ ଉଡ, ମଇମନସିଂହର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ।

ମୌଲବୀ ସୟଦ ହଲବରଅଲ୍ଲି ୪ର୍ଥ ଗ୍ରେଡ଼ର ସବଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହେଲେ।

ଆଗାମୀ ଓକାଲତି ପରୀକ୍ଷା ଆଗାମୀ ଫିବ୍ରୁଆରୀମାସ ୧୮, ୧୯ ଓ ୨୦ ତାରିଖରେ କଲିକତା ବିଶ୍ୱବିଦ୍ୟାଳୟର ସିନେଟ ଗୃହରେ ଗୃହୀତ ହେବ।

ଆଗାମୀ ମୋକ୍ତାରୀ ପରୀକ୍ଷା ଆସନ୍ତା ଫିବ୍ରୁଆରୀମାସ ତା ୧୮ ଓ ୧୯ ତାରିଖରେ କଲିକତା, ଗୌହାଟି ଓ ସ୍ତ୍ରେନ-ହଟଠାରେ ଗୃହୀତ ହେବ।

---

ଏ ନଗରରେ ଗତ ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଆକାଶ ମେଘାଚ୍ଛନ୍ନ ଥିଲା ଏବଂ ବୃଷ୍ଟିର ରୂପ ହୋଇଥିଲା। ମାତ୍ର ବୃଷ୍ଟି ହୋଇନାହିଁ ଏବେ ଉତ୍ତରରୁ ଆକାଶ ପରିଷ୍କାର ଅଛି। ଶୀତର ବଳ କିଛି ଊଣା ପଡ଼ିଅଛି।

ଅସ୍ପଟମାନ ବଦଳିବାର ଆରମ୍ଭ ହୋଇଗଲା।

ଗତ କାଲିଠାରୁ କଲେକ୍ଟରୀ ଫୌଜଦାରୀ କଚେରୀ ଓ ସ୍କୁଲମାନ ଫିଟିଅଛି।

ଦରବାର ଉପଲକ୍ଷରେ ଏ ନଗରରୁ ଯାଇଥିବା ରାଜା ଓ ଜମିଦାରମାନେ ଅଧିକାଂଶ ବାହାରି ଗଲେଣି।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଆଜି ରବିବାର ୧୧ ଘ୍ୱା ବେଳେ ଦିଲ୍ଲୀରୁ ଯାତ୍ରାକରି ଗ୍ୱାଲିଅର, ଗୟା ବାଙ୍କି-ପୁର, ବେହେରା ପ୍ରଭୃତି ସ୍ଥାନମାନ ଭ୍ରମଣ ଓ ଦର୍ଶନ ପୂର୍ବକ ତା ୨୧ରିଖ ବୁଧବାର ପ୍ରାୟ ଦିନ ସ ୧୦ ଘଣ୍ଟାବେଳେ କଲିକତାରେ ପ୍ରବେଶ ହେବେ।

ବର୍ତ୍ତୀ ଦରବାର ଲଣ୍ଡନର ଅନାବଶ୍ୟକ ଦ୍ରବ୍ୟମାନ ଆସନ୍ତା ତା ୧୧ ରିଖଠାରୁ ନିଲାମ ହେବାର ଆରମ୍ଭ ହେବ। ଗାଈ ଓ ଘୋଡାମାନ ତା ୧୩ ଓ ୧୪ ତାରିଖରେ ନିଲାମ ହେବ।

---

## ପ୍ରେରିତପତ୍ର

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ**

---

ମହାଶୟ!

ଏହିକ କଟକ ଥାନାଅନ୍ତର୍ଗତ ଅଣ ଦେଉଳ ଅନନ୍ତମୂର୍ତ୍ତି (ବାର୍ଷିକ କୁରହାଟ) ଗତ ତା୨୭ରିଖ ଶନିବାର ଭୋର ୮ ଘଣ୍ଟା ଠାରେ ଆରମ୍ଭହୋଇ ତା ୨୮ ରିଖ ରବିବାର ଅପରାହ୍ନ ୫ ଘଣ୍ଟା ଠାରେ ସମାପ୍ତି ହେଲା। ଏ ବର୍ଷ ମେଳାରେ ୨୦୦୦ ହଜ-ହଜାର ଲୋକଙ୍କର ସମାଗମ ହୋଇଥିଲା। ଶନି-ବାର ଭାଗବତ ଓ ଭଜନ ଏବଂ ରବିବାର ନାମ-ସଂକୀର୍ତ୍ତନାଦିର ବାଦାନୁବାଦ ହୋଇଥିଲା। ଏ ବର୍ଷ ଖାଦ୍ୟସାମଗ୍ରୀ ବଳ ପଡ଼ିଥିଲା। କାରଣ ଏ ସପ୍ତାହରେ ଶୀତର ପ୍ରକୋପ ପ୍ରବଳ ଥିଲା ସୁତରାଂ ଅମନ୍ତ୍ରିତ ଲୋକେ ଆସିପାରି ନ ଥିଲେ।

| | |
|---|---|
| ୨୯। ୧୨। ୧୯୦୨ | ବଶମ୍ବଦ<br>ଶ୍ରୀ ରଘୁନାଥ ନାୟକ<br>ଦେଉଳସ୍କୁଲ ହେଃ ପଣ୍ଡିତ |

---

ମହାଶୟ!

। ଜି । କଟକ । ମୌ । ନାରପୁରର ଗୋଟିଏ ବ୍ରାହ୍ମଣ ଘରେ ଶୁକପକ୍ଷିଟିଏ ଅଛି; ତାହାର ବୃତ୍ତାନ୍ତ ଦେଖି ବା ଶୁଣି କିଏ ବିସ୍ମିତ ନ ହେବ। ସେ ଶୁକପକ୍ଷିଟି ପ୍ରତିଦିନ ଗୋଟିଏ ଲେଖାଏଁ ଅଣ୍ଡା ପ୍ରସବ କରେ, ଏହା ଦେଖିବା ନିମନ୍ତେ ନାନା ସ୍ଥାନରୁ ବହୁ ଲୋକଙ୍କର ସମାଗମ ହେଉଅଛି। ଈଶ୍ୱରଙ୍କର କି ଅଦ୍ଭୁତ ଲୀଳା, ପ୍ରୋକ୍ତ ଶୁକପକ୍ଷି-ଟିର ବିଷୟ ଭାବିଲା ବେଳେ, ଅନନ୍ତଶକ୍ତିମାନ ଭୂମା ପରମେଶ୍ୱରଙ୍କ ସୃଷ୍ଟି କୌଶଳର ଛବି ଦର୍ଶନରେ କାହାର ହୃଦୟରୁ ସଙ୍କୀର୍ଣ୍ଣତା ଦୂର ନ ହୁଏ? ଧନ୍ୟ ଜଗତ୍ପତି, ଧନ୍ୟ ଭୂମାର ମହିମା।

| | |
|---|---|
| ୨୫-୧୨-୦୨<br>ତେଲଙ୍ଗାବଜାର<br>କଟକ | ନିବେଦକ<br>ଆପଣଙ୍କର ଅନୁଗ୍ରହପ୍ରାର୍ଥୀ<br>ଶ୍ରୀ ନିତ୍ୟାନନ୍ଦ ମିଶ୍ର |

---

ମହାଶୟ!

ଜଣେ ସ୍ମାର୍ତ୍ତ ବ୍ରାହ୍ମଣ କୌଣସି ଯଜମାନର ନିର୍ଦ୍ଦିଷ୍ଟ ସମୟ ନିମନ୍ତେ କର୍ମ ଅନୁଷ୍ଠାନ କରୁ-ଥିଲେ ଇତିମଧ୍ୟରେ ତାଙ୍କର ମୃତକାଶୌଚ ଘଟିଲା। ତେବେ ସେ ଉପର୍ଯ୍ୟୁକ୍ତ ଅନୁଷ୍ଠାନ ଭିନ୍ନ ଅନ୍ୟ ଦେବାର୍ଚ୍ଚନା କରିପାରନ୍ତି କି ନା?

ଏ ବିଷୟରେ ଗଭୀର ସନ୍ଦେହ ହେବାରୁ ପାଠକମାନଙ୍କୁ ବିଶେଷତଃ ସୁଧୀ ବ୍ରାହ୍ମଣ ସମିତି-ମାନଙ୍କୁ ବିନୀତ ଅନୁରୋଧ ଏହି ଯେ ଏହାର ସମସ୍ତ ମୀମାଂସା ପ୍ରକାଶ କଲେ ଚିରବାଧିତ ହେବି। ଇତି।

| | |
|---|---|
| ତା: ୨୩।୧୨।୦୨<br>କାଶୀପୁର | ଆପଣଙ୍କର ଏକାନ୍ତ ବଶମ୍ବଦ<br>ଶ୍ରୀ ବାଞ୍ଛାନିଧିକର ୧ମ ଶିକ୍ଷକ<br>କାଶୀପୁର: ଅଃ ପ୍ରାଃ ସ୍କୁଲ |

---

ଦେମ ସଂଶୋଧନ। ବା । ସେପ୍ଟେମ୍ବର ତା ୧୮ ରିଖ

| | |
|---|---|
| ଶ୍ରୀ ବାବୁ ରାମଚନ୍ଦ୍ରସାହୁ ଜମିଦାର -ପଣ୍ଡ ୧୯୦୨ ଠାକୁରଚରଣ ସାହୁ ହୋଇଥିବ | ଟ ୧୮ |

ମୂଲ୍ୟପ୍ରାପ୍ତି

| | | |
|---|---|---|
| ଶ୍ରୀ ବାବୁ ବିଶ୍ୱନାଥ ଗଡ଼ପତି ଦ୍ୱାରକେଶ୍ୱର | | |
| ,, ଧର୍ମ୍ମ ମହାନ୍ତି ହେଃ ଇନ୍ସପେକ୍ଟର ଜେନାପୁର | | ଟ ୧ |
| ,, ବାମନ ଗୋବିନ୍ଦ ଜମିନ୍ଦାର ସାହୁ ସ୍ୱାହୀ | | ଟ ୨ |
| ,, ବାସୁଦେବ ମହାନ୍ତି | ଧାଲକେର | ଟ ୧ |
| ,, ବଳ୍ପନାଥ ମିଶ୍ର | କାଣପୁର | ଟ ୧୪ |
| ,, ଅର୍ଦ୍ଧେନ୍ଦୁ ଚରଣ ପଟ୍ଟନାୟକ | କଟକ | ଟ ୧ |
| ,, ଶମ୍ଭୁନାଥ କର | କଟକ | ଟ ୧ |
| ,, ଚନ୍ଦ୍ରମୋହନ ମହାରଣା | ବାଲେଶ୍ୱର | ଟ ୧ |
| ,, ବଳଦେବ ଦାସ ଗୋସ୍ୱାମୀ ବାଇସାହି ଦ୍ୱାରୀ | | ଟ ୩ |
| ,, ମହେଶ୍ୱର ପଣ୍ଡା ମେଡ଼ିକେଲ ହୋଷ୍ଟେଲ କଟକ | | ଟ ୧ |
| ,, ଶ୍ରୀରାମ ସିଂହ | ଚନ୍ଦ୍ରପୁର | ଟ ୩ |
| ,, ମାଲୁଣୀ ଦେଇ | କଟକ | ଟ ୧୨ |

---


## ବିଜ୍ଞାପନ!

## ଫଳେନ ପରିଚୀୟତେ

ଦ୍ୱିବର୍ଷ ଖ୍ୟାତିକୀର୍ତ୍ତି କର କବିରାଜଙ୍କର

ଅନ୍ନପୂର୍ଣ୍ଣା।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ। ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ।

### ବ୍ରାହ୍ମୀ ଘୃତ

ଅଧୁନାତନ ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେଁ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇ-ଥାଏ। ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣର ଏହା ସଦ୍ୟ ଫଳପ୍ରଦ।

ଏକଶିଶିର ମୂଲ୍ୟ ଟ ୨୧

### ଶ୍ରୀ କୃଷ୍ଣ ବଟିକା।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନବିଷୟରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ। ଏହା ସମ୍ବନ୍ଧରେ ବାହୁଲ୍ୟ ଅଭିମତ ନିଷ୍ପ୍ରୟୋଜନ। ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ।

ଏକ ଡବା ଔଷଧର ମୂଲ୍ୟ ଟ ୧୧ ମାତ୍ର।

### କଲ୍ୟାଣରସାୟନ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମି ) ଜନିତ, ପାର-ଦାଦଦୋଷଜନିତ ଶରୀରରେ ଦଳା ଓ ଚକା ଦାଗ; ଗ୍ରୋଟକୋଷ୍ଠିବୃଦ୍ଧି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ। ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ।

ଏକ ଶିଶିର ମୂଲ୍ୟ ଟ ୧୧ ମାତ୍ର।

ଏକକାଳେ ଛଅଶିଶି ନେଲେ ଟ ୪୧ ଙ୍କା ଲାଗେ।

| | |
|---|---|
| ଚୌଧୁରୀ ବଜାର<br>କଟକ | ଶ୍ରୀ ଛକଡି ଲାଲ କବିରାଜ<br>ଅନ୍ନପୂର୍ଣ୍ଣା<br>ଆୟୁର୍ବେଦୀୟ ଔଷଧାଳୟ |


Digitized by srujanika@gmail.com




ଡାକ୍ତର ମେଜର ସାହେବଙ୍କ ଅବିଷ୍କୃତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦି ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ଚିକିତ୍ସା ଜଗତରେ ନବଯୁଗ ଫେରାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୂର୍ଯ୍ୟ ଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତ-ଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ରଘୁନାଥ ଦେଓ ରେଢାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାନଜାନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆହୁରି ୩ ଡ଼ଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡ଼ବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ, କଲିକତା, ବମ୍ବା ବୋମ୍ବାଇ ।

## ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଅବିଷ୍କୃତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ

ରେଜିଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଆଦି ଓ ଅକୃତ୍ରିମ ।

ଆଉ ନାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡ୍ୟାନଜନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକଟ୍ରୋ ସାଲସା —ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି୨ ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଅରୋଗ୍ୟ କାରିତା ଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିପାରିବ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଗୌରବ ଆଲୋଚନ ବଳ କାର୍ଯ୍ୟ ପୁଣି ଯୋଗ୍ୟ ଅଟେ ।


Split by PDF Splitter
Digitized by srujanika@gmail.com

ଇଲେକ୍‌ଟ୍ରୋ ସାଲସା :—ଦ୍ୟୁଗତ ବ୍ରିଟିସ ଗଭର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବାଞ୍ଛାପେତ ହୋଉଥିବା କ ସ୍ୱଦେଶୀ କ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧିହିଁ କୃତ୍ରିମ ଓ ଅସ୍ଥାୟୀଗୁଣବିଶିଷ୍ଟ ଅର୍ଥାତ ରୋଗକୁ ତାଙ୍କି ରଖେ ନାହିଁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଗଲେ ତାହାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧୟୁକ୍ତ ରାଜ୍ୟରେ ଏପରି ଉନ୍ନତି ହୋଇଅଛି ଯେଉଁଠାକୁ ଅନେକ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତାହାର ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । କେତେ ଦାତବ୍ୟ ଚିକିତ୍ସାଳୟରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଆସିଆ, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଗରିବର କୁଟୀରବାସୀ ଲୋକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ଯେପରି ବ୍ରହ୍ମାଣ୍ଡ ଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଗଣ୍ଡ ଫୁଲିବା କୁଷ୍ଠେର ହୋଇ ଫୁଲ ଉଠିବା, କୁଣ୍ଡିଆଣ, କୁଳ ଗରମି ଓ ପାରଦ ଘା, କାଳ ଓ ଚାଉଳ ଘା ଦେହରେ ବା ହସ୍ତ ଓ ପଦ ତଳରେ ଯାଇ ଗରମିର ସାଦା ବା କଳାଦାଗ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାର ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରକାର୍ଯ୍ୟ ମେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳୀରୁ ଶୁକ୍ର ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କମ୍ପା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ଲକ୍ଷଣଙ୍କ ହାନି, ମୂଣ୍ଡ ଘୂରିବା, ଚିତ୍ତର ଅସ୍ଥିରତା, ନିର୍ଜନପ୍ରିୟତା, ଚଳିବା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସାଃ—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜର୍ଜରିତ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା ଃ—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

"ଇଲେକ୍‌ଟ୍ରୋ ସାଲସା" ଭୂମି ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀଙ୍କୁ ଆରୋଗ୍ୟ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ । ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ମୂଲ୍ୟ ପ୍ରତି ଶିଶି ଟ ୧୮ ଆ ତିନି ଶିଶି ଟ ୫

୬ ଶିଶି ଟ ୯ ୦ ୨ ଡଜନ ଟ ୨୦ ୮

ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକ୍‌ଟ୍ରୋ ସାଲସାର ;—ଆବିଷ୍କର୍ତ୍ତା—ଡାକ୍ତର ହେମନ୍ତ, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;—"ଡବଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା ।

## ବିଜ୍ଞାପନ ।

ବର୍ତ୍ତମାନ୍ ସ୍କୁଲ ପାଠ୍ୟ ସଂକ୍ଷିପ୍ତ ଭାରତବର୍ଷର ଇତିହାସ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ଟ ୦ ୵ ଧାର୍ଯ୍ୟ ହୋଇଅଛି । ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ ।

ଶ୍ରୀ ସୁଦର୍ଶନ ଭଦ୍ରଶର୍ମା ।

ଚୂଡ଼ାଙ୍ଗ, କଟକ

## ବିଜ୍ଞାପନ ।

# NOTICE.

Wanted a Sub-overseer under the District Board of Balasore on a salary of Rupees 35 with consolidated horse allowance of Rs 15 a month, in place of the permanent incumbent Nabu Panch Kori Mukherjya deceased. None need apply who is not qualified under the recent rules published by Government in their Notification No. 3334 L. S. G. dated the 20th December 01.

Applications will be received by the Chairman, District Board, Balasore up to 20th January 1903.

Balasore Dis. office }

The 31st December 02 }

R. Dutt

*for Chairman*

## ବିଜ୍ଞାପନ ।

ମହାମୁକ୍ତିଷ୍ଟୁଭ ( ଦକ୍ଷୀ ଦରବାର ବର୍ଣ୍ଣନା )

ମୂଲ୍ୟ ଟ ୦ ୵

ମହାମୁକ୍ତିଦର୍ଶନ ( ଉତ୍କଳେ-ଉତ୍ସବ )

ମୂଲ୍ୟ ଟ ୦ ୧୬

ଉଭୟ ପୁସ୍ତକ ଶ୍ରୀ ଗୋବର୍ଦ୍ଧନରଥଙ୍କ ରଚିତ । ସାଜବଣ୍ଡି ଉତ୍କଳପାଠକଙ୍କ ନିମିତ୍ତ ବୃତ୍ତସମ୍ପନ୍ନ ପୁସ୍ତିକ ପ୍ରସ୍ତୁତ ଅଛି । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵

ଅର୍ଦ୍ଧସ୍ତମ୍ଭକୁ ଟ ୨ ୮

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୮

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଶର୍ତ୍ତ ଟ ୦ ୫ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଆକାରରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ସମ୍ବାଦପତ୍ରିକା କଟକ ନଗର ଉତ୍କଳଦୀପିକା ଯନ୍ତ୍ରରେ ... କର୍ତ୍ତୃକ ପ୍ରକାଶିତ ଓ ମୁଦ୍ରିତ ହେଲା

Split by PDF Splitter

Digitized by srujanika@gmail.com

REGISTERED No. C 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭାଗ ୩୮ | CUTTACK, SATURDAY THE 17th January 1903. | ଅଗ୍ରୀମ ୪ ୩୯
ସଂଖ୍ୟା ୩ | ୪ ଠା ମାଘ ସନ ୧୩୧୦ ସାଲ ଶନିବାର | ପଶ୍ଚାଦେୟ ୪ ୬୯

## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନିଙ୍କର

## ନୂତନପଞ୍ଜିକା ।

ଖ୍ରୀଷ୍ଟାବ୍ଦ ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସୀହାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡ଼ିଶାରେ ପ୍ରାଚୀନ ବୃହତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟଣା ମନ୍ତବ୍ୟାଦି ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

| | |
|---|---|
| ବଡ଼ପଞ୍ଜିକା | ୪ ୦ । |
| ଛୋଟପଞ୍ଜିକା | ୪ ୦ ୯ ୬ |

ଡାକମାସୁଲ ବଡ଼ପାଞ୍ଜି ଖ ୧ ଣ୍ଡକୁ ୪ ୦ ⁄ ଛୋଟପାଞ୍ଜି ଖ ୧ ଣ୍ଡଠାରୁ ଖ ୬ ଣ୍ଡ ପର୍ଯ୍ୟନ୍ତ ୪ ୦ ୯ ୬ । ବଡ଼ପାଞ୍ଜି ଖ ୧୦ ଣ୍ଡ ଏକତ୍ର ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## WANTED

An Amin for Surveying the demarcated boundaries of the Reserved Forests of the Angul Division, Orissa for a period of two months certain and prospects of employment for a further 3 months. The pay while employed on field work will be Rs. 30 per mensem, and when engaged on plotting work at Head Quarters Rs. 15 per mensem. Apply with certificates to Forest Officer, Angul Division, Orissa.

## ବିଜ୍ଞାପନ ।

ଆମ୍ଭର ଗୋଲାପକଢ଼ି ଭୁମ୍ଭେ ଦେଖିଛ କି ?

ଏହା ଗୋଟିଏ ବିଶୁଦ୍ଧ ଇଂରାଜୀ କେରେଟଅନ ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁରୀ ଏବଂ ଏହା ଆମ୍ଭର ବିଶେଷ ଆଦେଶରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପରି ବୋଧହୁଏ ଏହାର କେ୍ୟାତି



ଚିରସ୍ଥାୟୀ ଅଟେ । ଅଙ୍ଗୁରିର ସମ୍ମୁଖ ଭାଗରେ ଆଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋଲକୃତ ହୀରା ଖଚିତ ଓ ମଧ୍ୟଭାଗରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଚିତ ଏହା ହଜାରକୁ ଟଙ୍କା ମୂଲ୍ୟର ପ୍ରକୃତ ହୀରକ ଅଙ୍ଗୁରି ପରି ଦେଖାଯାଏ ।

ବିକ୍ରୟମୂଲ୍ୟ ପ୍ରତି ଗୋଟାକୁ ଟ ୧ ୯

ଟ ୬ ୯ ରେ—ଗୋ ୧୬ ଟା "ଗୋଲାପକଢ଼ି" ଅଙ୍ଗୁରୀ ଏବଂ ଗୋଟିଏ ଉତ୍କୃଷ୍ଟ କେରେଟଅନ ସ୍ୱର୍ଣ୍ଣରେ ନିର୍ମିତ ଚେନ ସହିତ ରଷ୍ଟବ୍ୟାଣ୍ଡ ରୂପାର ଓ୍ୱାଚ

ଟ ୬ ୯ ରେ—ଗୋ ୬ ଟା "ଗୋଲାପକଢ଼ି" ଅଙ୍ଗୁରୀ ଏବଂ ଗୋଟିଏ ଚେନ ସହିତ ଅଲବୋ ସିଲଭର ହଣ୍ଟିଂ ଓ୍ୱାଚ ।

Miss. K. K. Ker
No. 36 Cathedral Mission Lane
CALCUTTA.

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. BATLIWALLA Worli—Dadar Bombay, and everywhere. At Re 1 per bottle. Discount to the Trade.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ ।

ମୁକୁଟୋତ୍ସବ ( ଦିଲ୍ଲୀ ଦରବାର ବର୍ଣ୍ଣନା )
ମୂଲ୍ୟ ୪ ୦ ⁄

ମୁକୁଟଦର୍ଶନ ( ଉତ୍କଳୋତ୍ସବ )
ମୂଲ୍ୟ ୪ ୦ ୬

ଉଭୟ ପୁସ୍ତକ ଶ୍ରୀ ଗୋବର୍ଦ୍ଧନଥଙ୍କ ରଚିତ । ଯଜ୍ଞଶାଳା ଉତ୍କଳପାଠକଙ୍କ ନିମିତ୍ତ ହୃଦୟଗ୍ରାହୀ ପୁସ୍ତକ ପ୍ରସ୍ତୁତ ଅଛି । କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା ।

ଗତ ତା ୩ ରିଖରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ପ୍ଲେଗରୋଗ-ମୃତ୍ୟୁ ତହିଁପୂର୍ବ ସପ୍ତାହରୁ ପ୍ରାୟ ୨୫୦ ଊଣା ହୋଇ ୧୪,୬୮୭ ରେ ରହିଥିଲା । କିନ୍ତୁ ଗତ ବର୍ଷର ଏହି ସପ୍ତାହର ମୃତ୍ୟୁ ସଂଖ୍ୟା ୯୫୭୭ ଥିଲା । ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା କେବଳ ମଧ୍ୟପ୍ରଦେଶରେ ୧୪୮୦ ବୃଦ୍ଧି ଏବଂ ବମ୍ବେଇ ଓ ଅନ୍ୟତ୍ର ପ୍ରାୟ ୧୬ ଶତ ହ୍ରାସ ହୋଇ ନିଟ ବୃଦ୍ଧି ୨୫୫ ସହିତ ୧୬,୯୧୭ ରେ ରହିଥିଲା ।

———

କଟକ ଦରବାର ପ୍ରବନ୍ଧରେ ଗତ ତା ୩ ରିଖର ପତ୍ରିକାରେ ଆମ୍ଭେମାନେ ଯାହା ଲେଖିଥିଲୁ ତହିଁରେ ସୁଆଗଜାଙ୍କର ସ୍ଥାନ ସମ୍ବନ୍ଧରେ ଟିକିଏ ଭ୍ରମ ହୋଇଥିବାରୁ ଜଣେ ପତ୍ରପ୍ରେରକ ସ୍ମରଣ କରାଇ ଦେବାରୁ ତାହା ସଂଶୋଧନ ପୂର୍ବକ ପ୍ରକାଶ କରୁଅଛୁ କି ମାନ୍ୟବର କମିଶନର ସାହେବଙ୍କ ଦରବାର ଯାତ୍ରା ବେଳେ ତାହାଙ୍କ ପଶ୍ଚାତ୍ ପ୍ରଥମ ହସ୍ତିରେ ସୁଆର ରଜା ବସିଥିଲେ ଏବଂ ଦରବାରରେ ମଧ୍ୟ ରଜା ମଣ୍ଡଳୀ ମଧ୍ୟରେ ପ୍ରଥମ ସ୍ଥାନ ପ୍ରାପ୍ତ ହୋଇ ସର୍ବାଗ୍ରେ ପାନ ଅତର ଦ୍ୱାରା ସମ୍ମାନିତ ହୋଇଥିଲେ ।

———

ଭାରତବାସିଙ୍କର ସୁପରିଚିତ ନୂଆଖାଲିର ପେକେଲସାହେବ ବ୍ରହ୍ମଦେଶର ରେଙ୍ଗୁନରେ ବାରିଷ୍ଟରି କରିବା ନିମନ୍ତେ ଏକ ଦରଖାସ୍ତ ଦାଖଲ କରିଥିଲେ । ଚିଫ୍‌କୋର୍ଟର ଜଜମାନେ ଉକ୍ତ ଦରଖାସ୍ତ ଉପରେ ଏହି ମର୍ମରେ ଆଦେଶ ଦେଇଅଛନ୍ତି ଯେ କଲିକତା ହାଇକୋର୍ଟରେ ବାରିଷ୍ଟରି କରିବାର ଦରଖାସ୍ତ କାହିଁକି ନାମଞ୍ଜୁର ହେଲା ସେଥିର କାରଣ ତଦନ୍ତ ହେବାର ଆବଶ୍ୟକ ଅତଏବ ଉକ୍ତ କାରଣ ନ ଜାଣିବା ପର୍ଯ୍ୟନ୍ତ ଦରଖାସ୍ତ ବିଚାରାଧୀନରେ ରହିଅଛି । ଶେଷ ନିଷ୍ପତ୍ତି କି ହେବ ଜାଣିବାକୁ ଅନେକଙ୍କର ଉଦ୍‌ବେଗ ରହିଲା ।

———

ପ୍ରତ୍ୟେକ ପ୍ରଦେଶର ଶିକ୍ଷାବିଭାଗରେ ଏକ ଜଣ ଡାଇରେକ୍ଟର ଅଛନ୍ତି । କିନ୍ତୁ ଏମାନଙ୍କ ଉପରେ କେହି ସର୍ଦ୍ଦାର ନ ଥିଲେ । ବର୍ତ୍ତମାନ ଡାଇରେକ୍ଟର ଜେନେରଲ ନାମରେ ଏକ ଜଣ ନିଯୁକ୍ତ ହେବାଦ୍ୱାରା ସେ ଅଭାବ ମୋଚନ ହୋଇଅଛି । ଇଂଲଣ୍ଡ ଓ ଓଏଲସର ଶିକ୍ଷା-ବୋର୍ଡର ଇନ୍‌ସ୍ପେକ୍ଟର ପରୀକ୍ଷକ ଅରେଞ୍ଜ ସାହେବ ଉକ୍ତ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ବୋଧ ହେଉଅଛି ଭାରତର ପ୍ରତିନିଧିସ୍ୱରୂପ ଶିକ୍ଷାବିଭାଗର ଡାଇରେକ୍ଟର ଜେନେରଲ ବଡ଼-ଲାଟଙ୍କୁ ଅମଦାନୀ ଦେବେ । ଭାରତର ଶିକ୍ଷା ବିଭାଗର କୌଣସି ଉଚ୍ଚତମ କର୍ମଚାରୀ ନିଯୁକ୍ତ ନ ହେବାରୁ ପାର୍ଲିଆମେଣ୍ଟରେ ଆନ୍ଦୋଳନ ହେବାର ଶୁଣାଯାଏ ।

———

ଦକ୍ଷିଣ ଆଫ୍ରିକାର ଅରେଞ୍ଜରିଭର ପ୍ରଦେଶରେ କେତେ ଶତ ଭାରତବାସୀ ମିଶି ଗୋଟିଏ ଖଣି ଗ୍ରହଣ କରିଅଛନ୍ତି । ଖଣିରୁ ନାନା ଦ୍ରବ୍ୟ ଖୋଳି ବିକ୍ରୟ କରିବା ସେ ଦେଶର ପ୍ରଧାନ ବ୍ୟବସାୟ ଅଟେ । ଏ ପର୍ଯ୍ୟନ୍ତ କେହି ଭାରତବାସୀ ତହିଁରେ ହାତ ଦେଇ ନ ଥିଲେ । ସେଠାର ଖଣିବାଲାମାନେ ଏଥିରେ ହିଂସା ବହି ଗୋଳମାଳ କରୁଅଛନ୍ତି କାରଣ ଭାରତବାସିଙ୍କୁ ସେମାନେ ଦେଖି ପାରନ୍ତି ନାହିଁ ଅଥଚ ଲୁଲକାର୍ଯ୍ୟ ସକାଶେ ଲୋଡ଼ନ୍ତି । ଗୋଳମାଳର ଫଳ ଯାହା ହେବ ଦେଖାଯିବ, ବର୍ତ୍ତମାନ ଯେଉଁମାନେ ଏ ବ୍ୟବସାୟ ଆରମ୍ଭ କରିଅଛନ୍ତି ସେମାନଙ୍କର ସାହସକୁ ଧନ୍ୟ ବୋଲିବାକୁ ହେବ । ଆଶା କରୁ ଭଗବାନଙ୍କ କୃପାରୁ ସାଧୁସଙ୍କଳ୍ପରେ ବିଘ୍ନ ଘଟିବ ନାହିଁ ।

———

ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ବୁଝି ଅଛନ୍ତି ଯେ ଯୁକ୍ତପ୍ରଦେଶର ଏଲାହାବାଦ ଜିଲାରେ ସଂକ୍ରାମକ ରୋଗ ଉପସ୍ଥିତ ହୋଇଅଛି ଏବଂ ଯଦ୍ୟପି ପ୍ଲେଗପୀଡ଼ିତ ସ୍ଥାନସମୂହର ଲୋକମାନେ ଆଗାମୀ ପ୍ରୟାଗ ମାଘମେଳା ଉପଲକ୍ଷରେ ସେ ଜିଲାକୁ ଆସନ୍ତି ତାହା ହେଲେ ଉକ୍ତ ରୋଗ ବୃଦ୍ଧି ହେବାର ଆଶଙ୍କା ଅଛି । ଅତଏବ ଗବର୍ଣ୍ଣରଜେନେରଲ ବାହାଦୁର ଆଦେଶ ପ୍ରଦାନ କରିଅଛନ୍ତି କି ଚଳିତ ଜାନୁଆରି ଏବଂ ଆସନ୍ତା ଫେବୃଆରି ଏହି ଦୁଇମାସ ମଧ୍ୟରେ ବମ୍ବେଇ ହତାର ସମସ୍ତ ଜିଲା ମାନ୍ଦ୍ରାଜ ହତାର କେତେକ ଜିଲା ବଙ୍ଗଳା ହତାର କଲିକତା, ମୁଙ୍ଗେର ସାହାବାଦ ପ୍ରଭୃତି ଜିଲା ମଧ୍ୟରେ କୌଣସି ରେଲୱେ ଷ୍ଟେସନରେ ଏଲାହାବାଦ, ନଇନି, କରଚନା, ଯଶରା ଏବଂ ବମହାଗୁଲି ଷ୍ଟେସନମାନଙ୍କୁ କୌଣସି ବ୍ୟକ୍ତିକୁ ମାଘମେଳା ସକାଶେ ଟିକଟ ବିକ୍ରୟ ହେବ ନାହିଁ ।

———

ଏଠାର ଜଣ୍ଟ ମାଜିଷ୍ଟ୍ରେଟଙ୍କର ନିଷ୍ପତ୍ତି ବିରୁଦ୍ଧରେ ପୁରୁଷରାଜାଙ୍କ ପକ୍ଷରୁ କଲିକତା ହାଇ-କୋର୍ଟରେ ଯେଉଁ ମୋସନ ହୋଇଥିଲା ଗତ ସୋମବାର ତହିଁର ବିଚାର ହୋଇଥିଲା । ହାଇକୋର୍ଟର ବିଚାରପତିମାନେ ଉଭୟ ପକ୍ଷର ବାରିଷ୍ଟରମାନଙ୍କର ତର୍କ ବିତର୍କ ଶୁଣି ମାଜିଷ୍ଟ୍ରେ-ଟଙ୍କ ନାମରେ ଏହି ମର୍ମରେ ରୁଲ ଜାରି କରିଅଛନ୍ତି କି, ରଜାଙ୍କ ମାମଲା ଡେପୁଟି ମାଜିଷ୍ଟ୍ରେଟଙ୍କ ମିସଲରୁ ନିଜ ମିସଲକୁ ଉଠାଇ ଆଣିବା ବିଷୟକ ଜଣ୍ଟ ମାଜିଷ୍ଟ୍ରେଟଙ୍କର ଆଦେଶ କାହିଁକି ରହିତ ନ ହେବ ତହିଁର କାରଣ ସେ ଦଶ ଦିନ ମଧ୍ୟରେ ଦର୍ଶାଇବେ । କାରଣ ମାମଲାର ଯେ ସମୟରେ ସେ ଉଠାଇ ଆଣିଅଛନ୍ତି ସେ ସମୟରେ ତାହା କରିବାର କୌଣସି ଉପଯୁକ୍ତ ହେତୁ ନାହିଁ ଏବଂ କେବଳ ଅନୁସନ୍ଧାନ ଅଥବା ବିଚାର ନିମନ୍ତେ ଉଠାଇ ଆଣିବା ଆଇନ ସଙ୍ଗତ ଅଟେ ଓ ମାଜିଷ୍ଟ୍ରେଟ ତହିଁ ଅନୁସନ୍ଧାନ ଓ ବିଚାର କରି ନାହାନ୍ତି ।

———

ଅଭିଷେକୋତ୍ସବ ଉପଲକ୍ଷରେ ନିମ୍ନଲିଖିତ ବ୍ୟକ୍ତିଙ୍କୁ ପ୍ରଶଂସନୀୟ କାର୍ଯ୍ୟର ପୁରସ୍କାର ସ୍ୱରୂପ ଜୀବଦ୍ଦଶା ପର୍ଯ୍ୟନ୍ତ ମହାମାନ୍ୟ ଗବର୍ଣ୍ଣରଜେନେ-ରଲ ଜାଗିର ପ୍ରଦାନ କରିଅଛନ୍ତି । ଯଥା—

ମାନ୍ଦ୍ରାଜ ହାଇକୋର୍ଟର ଜଜ ମାନ୍ୟବର ସର ଭି, ବାସ୍ୟମଆୟଙ୍ଗାରଙ୍କୁ ବାର୍ଷିକ ରାଜସ୍ୱ ଟ ୫୦୦୦୯ ଙ୍କା ।

ମାନ୍ଦ୍ରାଜର ଭୂତପୂର୍ବ ପୁଲିଶ ଇନ୍‌ସ୍ପେକ୍ଟର ବି, ଶ୍ରୀନିବାସଙ୍କୁ ବାର୍ଷିକ ରାଜସ୍ୱ ଟ ୧୨୦୦୯ ଙ୍କା ।

ଦକ୍ଷିଣର ୧ମ ଶ୍ରେଣୀର ସରଦାର ଶ୍ରୀମନ୍ତ ମାଧବରାଓଙ୍କୁ ବାର୍ଷିକ ଟ ୩୦୦୦୯ ଙ୍କା ମୂଲ୍ୟର ସରଞ୍ଜାମି ଭୂମି ।

ମାନ୍ୟବର କଲ୍ଟର ଖାନଙ୍କର ରାଜନୈତିକ ମନ୍ତ୍ରୀ ଖାନ ବାହାଦୁର କାଜୀ ଜଲାଲ ଉଦ୍ଦିନ ଖାନ ସି, ଆଇ, ଇ, ଙ୍କୁ ପିସିନ ଜିଲାର ସରଲା ଗ୍ରାମରେ ବାର୍ଷିକ ଟ ୧୬୫୦୯ ଙ୍କା ମୂଲ୍ୟର ଭୂମି ।

———

ଅଭିଷେକ ଉତ୍ସବ ଉପଲକ୍ଷେ ଏଠା ଡାକ୍ତରୀ ସ୍କୁଲର ଛାତ୍ରମାନେ ଆପଣା ମଧ୍ୟରେ ଚାନ୍ଦା କରି ଓ ସୌଖିନ ନାଟକାଭିନୟ ଦଳ ସାଜି ଗତ ଗୁରୁବାର ଓ ଶନିବାର ରାତ୍ରରେ ଡାକ୍ତରଖାନା-ଠାରେ ବଙ୍ଗଳା ନାଟ୍ୟାଭିନୟ ଦେଖାଇଥିଲେ । ସଭାମଣ୍ଡପ ଦର୍ଶକ ମଣ୍ଡଳୀରେ ପୂର୍ଣ୍ଣ ହୋଇଥିଲା ଓ ଅଭିନୟ ଏକପ୍ରକାର ଭଲ ହୋଇଥିବାର ଶୁଣିଲୁ । କିନ୍ତୁ ଛାତ୍ରମାନଙ୍କ ପକ୍ଷରେ ଏ ପ୍ରକାର ସଙ୍ଗଲିପ୍ତି ଦେଖାଇବା ଅନାବଶ୍ୟକ ଓ ଅନୁଚିତ । ଛାତ୍ରମାନଙ୍କର କାର୍ଯ୍ୟ ଖାଇବା, ପଢ଼ିବା ଓ ବ୍ୟାୟାମ କ୍ରୀଡ଼ା କରିବା । ଏହେତୁ ଏ ଉତ୍ସବରେ ସେମାନଙ୍କର ଭୋଜି ଓ କ୍ରୀଡ଼ାର ବ୍ୟବସ୍ଥା ମହାମାନ୍ୟ ବଡ଼ଲାଟ ମହୋଦୟ କରି ଦେଇଥିଲେ ଓ ସର୍ବତ୍ରରେ ତାହା ହୋଇଅଛି । କଥିତ ହୁଅଇ ଏଠା ମେଡିକଲ ସ୍କୁଲର ଛାତ୍ର-ମାନଙ୍କୁ ଭୋଜି ସକାଶେ ଯେ ଟଙ୍କା ପ୍ରଦତ୍ତ ହୋଇଥିଲା ତାହା ସେମାନେ ଉକ୍ତ ଅଭିନୟରେ ଖରଚ କଲେ ଭୋଜି କରି ନାହାନ୍ତି । ଫଳତଃ

Digitized by srujanika@gmail.com

ତାହା ହେଉ ବା ନ ହେଉ ଛାତ୍ରମାନେ ନାଟ ରଙ୍ଗରେ ମନ ବଳାଇଲେ ବିଦ୍ୟାଶିକ୍ଷାରେ ବାଧା ଘଟଇ । ସେମାନଙ୍କ ଶିକ୍ଷାର୍ଥେ ସରକାର ଅନେକ ଅର୍ଥବ୍ୟୟ କରୁଅଛନ୍ତି ଓ ସେମାନେ ତହିଁରେ ମନୋଯୋଗୀ ହୋଇ କୃତକାର୍ଯ୍ୟ ହେଲେ ବ୍ୟୟ ସାର୍ଥକ ହେବ ଓ ସେମାନଙ୍କ ରାଜଭକ୍ତି ପ୍ରକାଶ ପାଇବ ।

---

ଆମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି କି ଯାଜପୁର ଥାନାସଂଲଗ୍ନ ବରହଟା ଗ୍ରାମର ଏକ ଗୃହସ୍ଥଘରେ କେତେକ ଦିନ ହେଲା ଏକ ବାବାଜୀ ଆସି ରହିବାରେ ଅତିଥି ହେଲେ । ଗୃହସ୍ଥର ଗୋଟିଏ ୮।୯ ବର୍ଷ ବୟସର କନ୍ୟା ୩।୪ ଦିନୁ ଜ୍ୱରରୋଗରେ ଶଯ୍ୟାଗତ ଶୀର୍ଣ୍ଣ ହୋଇଥିବାର ଦେଖି ଆପଣା ଝୁଲିରୁ କି ଚେର ବାହାରକରି ଜ୍ୱର ଆସିବା ବେଳେ ଖାଇବାକୁ ଦେଇ ଜ୍ୱର ଛାଡିଯିବାର କହିଲେ । ସକାଳେ ବାବାଜୀ ବାହାର ଯିବାବେଳେ ଗୃହସ୍ଥ ତାହାଙ୍କୁ କ୍ଷତ ଜ୍ୱର ଆରୋଗ୍ୟ ହେବା ପର୍ଯ୍ୟନ୍ତ ଅଟକାଇ ରଖିଲେ । ଦି ୨।୩ ଦିନରେ ଜ୍ୱର ଛାଡିଗଲା ଏବଂ ଏ କଥା ଗ୍ରାମରେ ପ୍ରଚାର ହୁଅନ୍ତେ ଜ୍ୱରରୋଗୀ ଓ ତହିଁ ପଛେ ଅନ୍ଧ କୁଷ୍ଠ ଓ ଅପୁତ୍ରିକ ସ୍ତ୍ରୀମାନଙ୍କର ଆସିବାର ଆରମ୍ଭ ହେଲା । ବାବାଜୀ ଗୃହସ୍ଥର ଦାଣ୍ଡରେ ଏକ ତୁଳସୀଚୌରା ନିକଟରେ ଧୂନି ଲଗାଇ ବସିଲେ ଏବଂ ଆଉ ୨।୩ ବାବାଜୀ ତାହାଙ୍କ ସଙ୍ଗରେ ମିଳିଗଲେ । ବାବାଜୀଙ୍କର ଭେଟି ଜଣ ପ୍ରତି ଏକ ଗୋଟା ନଡିଆ ପାଞ୍ଚ ଛଟାଙ୍କ କନ ଏବଂ କିଛି ଗଞ୍ଜେଇ ଧାର୍ଯ୍ୟ ହୋଇଅଛି ଏବଂ ତାହା ଦେଇ ଏତେ ଲୋକ ଆଶ୍ରା ବା ଔଷଧ ନେବାକୁ ଆସୁଅଛନ୍ତି ଯେ ଦିବା ରାତ୍ର ସେଠାରେ ଯାତ୍ରା ଲାଗିଅଛି । କେହି କେହି ଦକ୍ଷିଣା ମଧ୍ୟ ଦେବାର ଶୁଣାଯାଏ । ଆଶ୍ରା ନେଉଥିବା ବ୍ୟକ୍ତିଙ୍କ ମଧ୍ୟରେ ପୁତ୍ରାର୍ଥିନୀ ସ୍ତ୍ରୀଙ୍କ ସଂଖ୍ୟା ଅଧିକ ବୋଲି କଥିତ ହୁଅଇ । ଏଥିର ପରିଣାମ କି ହେବ ଏ ପଛେ ଜଣାଯିବ ।

---

ଅଭିଷେକୋପଲକ୍ଷରେ ଆମ୍ଭେମାନେ କେତେଗୁଡିଏ ସଂସ୍କୃତ ଓ ଓଡିଆ ପଦ୍ୟ ଯଥାସମୟରେ ପାଇଥିଲୁ । ସ୍ଥାନାଭାବ ହେତୁ ସେ ସବୁ ପ୍ରକାଶ କରି ପାରିଲୁ ନାହିଁ । କେତେଗୁଡିଏ ସଂସ୍କୃତ ଓ ଭାଷାପଦ୍ୟ ରଚୟିତାମାନେ ସ୍ୱ ସ୍ୱ ବ୍ୟୟରେ ଛପା କରାଇ ବାଣ୍ଟିଦେବା ଦ୍ୱାରା ରାଜଭକ୍ତି ଦେଖାଇ ଅଛନ୍ତି । ସନ ୧୮୭୭ ସାଲର ଦରବାର ବେଳେ ଉତ୍ସବ କମିଟି ଏ ପ୍ରକାର କବିତାମାନ ଗ୍ରହଣ ଏବଂ ସେ ସମସ୍ତ ଗୋଟିଏ ସବକମିଟି ଦ୍ୱାରା ପରୀକ୍ଷା ପୂର୍ବକ ଉତ୍କୃଷ୍ଟ ରଚୟିତାମାନଙ୍କର ଉତ୍ସାହ ବର୍ଦ୍ଧନାର୍ଥେ ପୁରସ୍କାର ଦେବାର ବ୍ୟବସ୍ଥା କରିଥିଲେ । ଏଥର ସେପରି ବ୍ୟବସ୍ଥା ନ ହେବାରୁ ସେମାନେ ହତାଶ ହୋଇ ଅଛନ୍ତି । ଆମ୍ଭେମାନେ ଅନୁମାନ କରୁ ସେମାନେ ଅର୍ଥାପେକ୍ଷା ଯଶୋ ଲାଭର ପ୍ରତ୍ୟାଶାରେ ଉତ୍ତେଜିତ ହୋଇ ଏହି ଶ୍ରମ ସ୍ୱୀକାର କରିଅଛନ୍ତି । ଏବଂ ସେମାନଙ୍କୁ ସନ୍ତୁଷ୍ଟ କରିବା ବଡ଼ କଥା ନୁହେ । ଯେବେ ଉତ୍ସବଚେନ୍ଦାପାଣ୍ଠିରେ କିଛି ଉଦ୍ବର୍ତ୍ତ ଟଙ୍କା ଥାଏ ତାହା ଥିବାର ଭରସା ହୁଅଇ ତାହା ହେଲେ ଅନ୍ତତଃ ଟ୫୦୲ଙ୍କା ବ୍ୟୟରେ ସଂସ୍କୃତ ଓ ଭାଷା ପ୍ରତ୍ୟେକ ରଚନା ସକାଶେ ପ୍ରଥମ ଓ ୨ୟ ଏହିପରି ସର୍ବସୁଦ୍ଧା ଚାରୋଟି ପୁରସ୍କାରର ବ୍ୟବସ୍ଥା ହେଲେ ବଡ଼ ଉତ୍ତମ ହେବ । ବିଜ୍ଞାପନ ଦିଆ ଗଲେ ରଚୟିତାମାନେ ନିରୂପିତ ସମୟ ମଧ୍ୟରେ ଉତ୍ସବର ସେକ୍ରେଟାରୀଙ୍କ ନିକଟକୁ ରଚନା ପଠାଇ ଦେବେ ଏବଂ ସେ ସମସ୍ତ ପରୀକ୍ଷା କରିବାରେ ଅଧିକ ସମୟ ଲାଗିବ ନାହିଁ ।

---

ଭାରତର ଜ୍ଞାନ ଇଂଲଣ୍ଡର ଶିକ୍ଷିତ ସମାଜରେ ପ୍ରଚାର କରିବା ଅଭିପ୍ରାୟରେ କୋଚିନର ରାଜା ଏବଂ ମାନ୍ଦ୍ରାଜହତାର ଅନ୍ୟ କେତେକ ଜଣ ରାଜା ଚେନ୍ଦାଦ୍ୱାରା ଗୋଟିଏ ପାଣ୍ଠି ସ୍ଥାପନ କରିଅଛନ୍ତି । ରଏଲ ଏସିଆଟିକ ସୋସାଇଟି ନାମକ ସଭା ସୁବିବେଚନାପୂର୍ବକ ସ୍ଥିର କରିଅଛନ୍ତି କି ଭାରତର ଯେ ସମସ୍ତ ବିଦ୍ୟାଳୟର ଅଧିକାରୀମାନେ ଭାରତର ଇତିହାସ ଏବଂ ଭୂଗୋଳ ଆପଣା ଆପଣା ସ୍କୁଲରେ ବିଧିମତେ ଶିକ୍ଷା ଦେବାର ବନ୍ଦୋବସ୍ତ କରିବେ ସେ ସମସ୍ତ ବିଦ୍ୟାଳୟର ଛାତ୍ରମାନଙ୍କୁ ପ୍ରତିବର୍ଷ ଗୋଟିଏ ନିର୍ବାଚିତ ବିଷୟରେ ରଚନା ଲେଖିବାକୁ ଦିଆଯିବ । ଛାତ୍ରମାନେ ନିଜ ନିଜ ବିଦ୍ୟାଳୟର ହେଡ୍‌ମାଷ୍ଟରଙ୍କୁ ରଚନାମାନ ଅର୍ପଣ କଲେ ହେଡ୍‌ମାଷ୍ଟରମାନେ ପରୀକ୍ଷା କରି ସୋସାଇଟିଙ୍କ ନିକଟକୁ ପଠାଇବେ । ଯାହାଙ୍କର ରଚନା ଉତ୍କୃଷ୍ଟ ହେବ ସେମାନେ ନିଜ ନିଜ ହେଡ୍‌ମାଷ୍ଟରଙ୍କ ଦ୍ୱାରା ପୁସ୍ତକ ପୁରସ୍କାର ପାଇବେ ଏବଂ ସର୍ବୋତ୍କୃଷ୍ଟ ରଚନା ସକାଶେ ସୋସାଇଟି ଗୋଟିଏ ପଦକ ପ୍ରଦାନ କରିବେ । ପୁସ୍ତକ ଓ ପଦକର ବ୍ୟୟ ଉକ୍ତ ପାଣ୍ଠିର ବାର୍ଷିକ ସୁଧରୁ ଦିଆଯିବ । ଚଳିତ ସନ ୧୯୦୩ ସାଲ ନିମନ୍ତେ ରଚନାର ବିଷୟ ଏହିପରି ନିର୍ବାଚିତ ହୋଇଅଛି ଯଥା— "ଅକବର ସମ୍ରାଟ ଏବଂ ତାହାଙ୍କର ଜୀବନଚରିତ କାର୍ଯ୍ୟ ଓ ରାଜତ୍ୱକାଲ ଏବଂ ଇତିହାସରେ ତାହାଙ୍କର ସ୍ଥାନ" । ଏହି ପ୍ରସ୍ତାବର ଉଦ୍ୟମକର୍ତ୍ତା ଭାରତୀୟ ସିଭିଲସରଭିସ ଶ୍ରୀଯୁକ୍ତ ଉଇଷ୍ଟନ ସାହେବ ଅଟନ୍ତି ଯେ କି ବର୍ତ୍ତମାନ ଇଣ୍ଡିୟା ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ କାର୍ଯ୍ୟ କରୁଅଛନ୍ତି । ଏତଦ୍ୱାରା ଅନେକ ଉପକାର ହେବାର ଆଶା ହୁଅଇ ।

---

ଅଭିଷେକ ଦରବାର ଉପଲକ୍ଷରେ ଜାନୁଆରୀ ମାସର ଆଦ୍ୟଭାଗରେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସହିତ ପ୍ରଧାନ ରାଜକର୍ମଚାରୀ ଏବଂ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦିଲ୍ଲୀରେ ଥିବାରୁ କଲିକତାରେ ଉକ୍ତ ଉତ୍ସବ ସେହି ଜାନୁଆରୀ ମାସ ଶେଷଭାଗରେ ଅନୁଷ୍ଠିତ ହେବାର ପୂର୍ବରୁ ଅବଧାରିତ ହୋଇଅଛି ପାଠକମାନେ ଜାଣନ୍ତି । ସମ୍ପ୍ରତି ସେଠାର ଉତ୍ସବର ନିମ୍ନଲିଖିତ ଅନୁଷ୍ଠାନ ପତ୍ର ବାହାରିଅଛି । ଯଥା ;—

ଜାନୁଆରୀ ତା ୨୬ ରିଖ ସୋମବାର— ସ୍କୁଲ ଛାତ୍ରମାନଙ୍କର କ୍ରୀଡ଼ା ଓ ଭୋଜି । ଭିନ୍ନ ଭିନ୍ନ ସ୍କୁଲର ମାନେଜରମାନେ ଏ କାର୍ଯ୍ୟ ସମାଧା କରିବାର ଭାର ନେଇଅଛନ୍ତି । ସୁବିଧାମତେ ଏକାଧିକସ୍ଥାନରେ ହେବ ।

ତା ୨୭ ରିଖ ମଙ୍ଗଳବାର—ମଇଦାନ ବା କିଲ୍ଲା ପଡ଼ିଆରେ ଦରିଦ୍ରମାନଙ୍କୁ ଭୋଜୀ ଦିଆଯିବ ଏବଂ ତାହା ଦିବା ଘ ୧୨ ଘା ବେଳେ ଆରମ୍ଭ ହେବ । ସନ୍ଧ୍ୟା ଘ ୬ ଘା ବେଳେ ଘୋଡ଼ଦୌଡ଼ ପଡ଼ିଆରେ ଆତସବାଜୀ ଆରମ୍ଭ ହେବ । ଲଣ୍ଡନ ନଗରର ବିଖ୍ୟାତ ବ୍ରୋକକମ୍ପାନୀ ଏଥିର ଠିକା ନେଇଅଛନ୍ତି । ପ୍ରାୟ କୋଡିଏହଜାର ଟଙ୍କାର ବାଣ ପୋଡ଼ାଯିବ ।

ତା ୨୮ ରିଖ ବୁଧବାର—ସାଧାରଣ ରୋଶନାଇ ଏବଂ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କର ଗସ୍ତ ବିଜେ । ମହାମାନ୍ୟ ମହୋଦୟ ଦଳବଳ ଓ ସମ୍ଭ୍ରାନ୍ତବ୍ୟକ୍ତିଙ୍କସହିତ ରାତ୍ର ଠିକ ଘ ୯।୧୫ ମିନିଟବେଳେ ଗବର୍ଣ୍ଣମେଣ୍ଟ ପ୍ରାସାଦରୁ ଯାତ୍ରା କରି କେତେକ ପ୍ରଧାନ ସଡ଼କବାଟେ ରୋଶନାଇ ଦେଖି ପ୍ରାସାଦକୁ ପ୍ରତ୍ୟାଗମନ କରିବେ । ରୋଶନାଇରେ ଯୋଗଦେବା କାରଣ ନଗରବାସିମାନଙ୍କୁ ଅନୁରୋଧ କରାଯାଇଅଛି ।

ବାଣ ରୋଶନାଇ ଭିନ୍ନ ଭିନ୍ନ ଦିନରେ ହେବା ଭଲ ବ୍ୟବସ୍ଥା ଅଟେ । ଏକଦିନରେ ହେଲେ ବାଣ ଦେଖିବାର ବ୍ୟସ୍ତତାରେ ରୋଶନାଇ କରିବା ଓ ଦେଖିବା ଉଭୟର ବ୍ୟାଘାତ ହେବାର ସମ୍ଭାବନା ।

---

ଦିଲ୍ଲୀଦରବାର ସଂଲଗ୍ନ ପ୍ରଦର୍ଶନୀ ଉଦ୍ଘାଟନ ସମୟେ ବଡ଼ଲାଟ ମହୋଦୟଙ୍କ ବକ୍ତୃତା ସମ୍ବନ୍ଧରେ ଏଥିପୂର୍ବେ ଉଲ୍ଲେଖ କରିଅଛୁ । ବର୍ତ୍ତମାନ ତହିଁର ଗୋଟିଏ ଛତ୍ରର ବିଷୟ କିଛି ବିସ୍ତାରିତରୂପେ ଲେଖୁଅଛୁ ଯଥା—ସେ କହିଲେ କି ଯଦି ଏଣିକି ମହାରାଜା, ରାଜା ଓ ଅନ୍ୟ ଧନୀ ଦେଶୀୟବ୍ୟକ୍ତିମାନେ ଆପଣା ଆପଣା ରାଜଭବନ ବୈ-

Split by PDF Splitter
Digitized by srujanika@gmail.com

Split by PDF Splitter



ପାଠଶାଳା, ଘର ଇତ୍ୟାଦି ସଜାଇବା ଓ ଅନ୍ୟାନ୍ୟ କାର୍ଯ୍ୟ ସକାଶେ ବିଲାତିଦ୍ରବ୍ୟମାନ ନ କିଣି ଦେଶୀୟ ଶିଳ୍ପଜାତ ଦ୍ରବ୍ୟମାନ କିଣିବେ ତେବେ ଦେଶୀୟ ଶିଳ୍ପ ବ୍ୟବସାୟ ନିଶ୍ଚୟ ପୁନର୍ଜୀବିତ ଓ ଉନ୍ନତ ହୋଇପାରିବ କାରଣ ଦେଶୀୟ ଶିଳ୍ପକରମାନେ ତାଙ୍କ ଶ୍ରମଜାତ ଦ୍ରବ୍ୟର ଅଧିକ ଆଦର ଓ ତଦ୍ଦ୍ୱାରା ଆପଣାର ଲାଭ ଦେଖିଲେ ସେମାନେ ଉତ୍ସାହିତ ହୋଇ ଅନେକ ପରିମାଣରେ ପ୍ରସ୍ତୁତ କରିବେ ଓ ତହିଁର ମଧ୍ୟ ଉନ୍ନତିସାଧନରେ ଚେଷ୍ଟିତ ହେବେ । ଅତଏବ ଦେଶୀୟ ଶିଳ୍ପବ୍ୟବସାୟର ଉନ୍ନତି ଦେଶୀୟ ଲୋକଙ୍କ ହାତରେ ରହିଅଛି । ଏକଥା ଯଥାର୍ଥ ଅଟେ । କିନ୍ତୁ ଦୁଃଖର ବିଷୟ ଏହି ଯେ ବିଲାତି ଦ୍ରବ୍ୟର ଚାକଚକ୍ୟ ହେତୁ ଦେଶୀୟ ଧନିବ୍ୟକ୍ତିଙ୍କ ରୁଚି ତହିଁପ୍ରତି ଅଧିକ ହୋଇଅଛି । ଆଉ କଥା କେଉଁକି ଥାଉ ଚିନି ମିଶ୍ରୀ ବିଲାତି ନ ହେଲେ ବାବୁମାନଙ୍କର ଚଳୁ ନାହିଁ। ଆମ୍ଭମାନଙ୍କର ଜଣେ ଚିନାଖିଆ ବନ୍ଧୁ କହନ୍ତି କି ସେ ଭ୍ରମରେ ପଡି ପ୍ରଥମେ ବିଲାତି ଚିନି ବ୍ୟବହାର କଲେ ମାତ୍ର କଷ୍ଟଦିନେ ଦେଶୀୟ ଭଲ ଉମାଚୁର ଚିନି କରନ୍ତେ ତାହା ବିଲାତି ଚିନି ପ୍ରତି ନିକୃଷ୍ଟ ନ ହେଲା ଓ ମୂଲ୍ୟରେ ଅନେକ କମ ପଡିଲା ତହୁଁ ସେ ଦେଶୀୟ ଚିନି ବ୍ୟବହାର କଲେ ଓ ଏବେ ସେ ବିଲାତି ଚିନିକୁ ଦେଶୀୟ ଭଲ ପଥର ଚିନି ଅପେକ୍ଷା ନିକୃଷ୍ଟ ବୋଧ କରନ୍ତି । ଅତଏବ ଦେଶୀୟ ସମ୍ଭ୍ରାନ୍ତମାନେ ବିଲାତିଦ୍ରବ୍ୟରୁ ଯଥାସାଧ୍ୟ ରୁଚି ଫେରାଇଲେ ଦେଶୀୟ ଶିଳ୍ପ ବ୍ୟବସାୟର ଓ ତଦ୍ଦ୍ୱାରା ଏ ଦେଶର ଉନ୍ନତି ଅବଶ୍ୟ ସାଧିତ ହେବ ।

---

ଅଭିଷେକ ଉତ୍ସବ ଉପଲକ୍ଷରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କୁ ନିଜ୨ ଏଲାକାର ଜେଲଖାନାମାନଙ୍କରୁ ଶତକଡ଼ା ଜ ୧୦ ଣ ହିସାବେ କଏଦୀ ଖଲାସ ଦେବାର ଅଧିକାର ଦିଆଯାଇଥିବାରୁ ତଦ୍ଦ୍ୱାରା ଜ ୯୧୬୩ ଣ ଖଲାସ ପାଇଅଛନ୍ତି । ବ୍ରହ୍ମାର ଗୋଲମାଲ ସମୟରେ ରାଜଦ୍ରୋହୀ ବୋଲି କଏଦ ହୋଇଥିବା ଜ ୧୬୭ ଣ ଛାଡ଼ ପାଇଅଛନ୍ତି । ଏପରି ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗୁରୁତର ଅପରାଧ କରି ନ ଥିବା ଜ ୧୨୩୮ ଣ ସ୍ତ୍ରୀ କଏଦୀ, ଏକମାସ ମିୟାଦ ମଧ୍ୟରୁ ଅର୍ଦ୍ଧେ ଭୋଗ କରିଥିବା ଜ ୪୧୦୫ ଣ କଏଦୀ ଏବଂ ଅନୁକଷ୍ଟ ଅବସ୍ଥାପତିତ ଅପରାଧରେ ମା ୬ ରୁ ଅଧିକ ମିୟାଦ ପାଇ ନ ଥିବା ଜ ୨୨୬ ଣ କଏଦୀଙ୍କୁ ଦୟା କରି ଛାଡ଼ ଦେଇଅଛନ୍ତି । ଆଣ୍ଡାମାନ ଦ୍ୱୀପପୁଞ୍ଜରେ କଏଦ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜ ୮୫୨ ଣଙ୍କୁ ଏକାବେଳେ ଏବଂ ତାହାଙ୍କ ଅପରାଧରେ କଏଦ ଥିବା ଜ ୩୧ ଣ ବିଶେଷ ନିୟମାଧୀନରେ ଛାଡ଼ ପାଇଅଛନ୍ତି । ପୋର୍ଟବ୍ଲେଅରରେ କଏଦ ଥିବା ପ୍ରାୟ ୪୦୦ କଏଦୀ ଖଲାସ ପାଇଅଛନ୍ତି । ଅତଃପର ମହାମାନ୍ୟ ଗବର୍ଣ୍ଣର ଜେନେରଲ ଆଦେଶ ପ୍ରଦାନ କରିଅଛନ୍ତି କି ଭାରତର ଜେଲଖାନାମାନଙ୍କରେ ବର୍ତ୍ତମାନ୍ ଯେତେ କଏଦୀ ଅଛନ୍ତି ଏବଂ ଯାହାଙ୍କୁ ଛାଡ଼ିଦେବା ସମାଜ ପକ୍ଷରେ ନିରାପଦ ନୁହେ ସେମାନଙ୍କୁ ଦୟା ସ୍ୱରୂପ ଆପଣା୨ ମିୟାଦବର୍ଷରୁ ଏକମାସ ଲେଖାଏ ହିସାବରେ କଟି ଯିବ ଏବଂ ପୋର୍ଟବ୍ଲେଅରରେ କଏଦ ଥିବା କଏଦୀମାନଙ୍କ ମଧ୍ୟରୁ ଯେଉଁମାନେ ଭଲ ଚରିତ୍ର ଦେଖାଇ ଅଛନ୍ତି ସେମାନେ କେତେ୨ ସୁବିଧା ପାଇବେ ।

ଦେୱାନି ଅଦାଲତର ଡିକ୍ରୀଜାରୀରେ କଏଦ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଯାହାଙ୍କର ଦେଣ ଟ ୧୦୦୯ ଙ୍କାରୁ ଅଧିକ ନୁହେ ଏବଂ ଗରିବ ଅଟନ୍ତି ମାତ୍ର ଠକ ନୁହନ୍ତି ସେମାନଙ୍କୁ ଖଲାସ ଦେଇ ସେମାନଙ୍କର ଦେଣ ସରକାର ନିଜେ ଆଦାୟ କରୁଅଛନ୍ତି । ଏଥିରେ ଜ ୧୩୨ ଣ ଦେୱାନୀକଏଦରୁ ଉଦ୍ଧାର ପାଇଅଛନ୍ତି ଏବଂ ସେମାନଙ୍କର ମୋଟ ଦେଣ ଟ ୮୫୯୦୯ ଙ୍କା ସରକାରରୁ ଦିଆଯାଇଅଛି । ଏହିପରି ଯେତେ ଲୋକ ଗତ ତା ୧ ରଖ ଜାନୁୟାରୀରେ ଖଲାସ ପାଇଅଛନ୍ତି ସେମାନଙ୍କର ମୋଟ ସଂଖ୍ୟା ୧୬୧୮ ଅଟେ ।

---

## କଲିକତାର ଜୀବଜନ୍ତୁଶାଳା ।

ଆଲିପୁରର ପ୍ରାଣୀଶାଳା କଲିକତାର ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ଗୋଟିଏ ପ୍ରଧାନ । ଯେଉଁମାନେ କଲିକତା ଗମନ କରିଅଛନ୍ତି ସେମାନେ ଅନ୍ତତଃ ଥରେ ଉକ୍ତ ସ୍ଥାନ ପରିଦର୍ଶନ କରି ଆସିଅଛନ୍ତି । କଲିକତା ଗେଜେଟରେ ଏହାର ଗତ ବର୍ଷର ବାର୍ଷିକ ବିବରଣୀ ବାହାରିଅଛି । ସେ ବର୍ଷ ଦର୍ଶକମାନଙ୍କ ନିକଟରୁ ଦର୍ଶନୀ ଫିସ ଟ ୨୪,୨୪୨ ଙ୍କା ଓ ଗୃହା ଦାନ ଟ ୨୦୬୫୧ ଙ୍କା ମିଳିଥିଲା । ନିମ୍ନଲିଖିତ ବ୍ୟକ୍ତିମାନଙ୍କର ଦାନର କଥା ଉଲ୍ଲେଖ ଯୋଗ୍ୟ । ମୁଙ୍ଗେରର ସ୍ୱସ୍ଥ କମଲେଶ୍ୱରପ୍ରସାଦ ସିଂହ ଟ ୪୦୦୦୯ କଲିକତାର ବାବୁ ରମାନାଥ ଘୋଷ ଟ ୧୦୦୦ ୯, କୁମିଲ୍ଲର ଜମିଦାର ସୈୟଦ ହୋସେନ ହାୟଦାର ଟ ୧୦୦୦ ୯, ବର୍ଦ୍ଧମାନର ମହାରାଜା ଟ ୩୬୦୦ ୯ ଓ ମହାରାଜା ସୂର୍ଯ୍ୟକାନ୍ତ ଟ ୧୦,୦୦୦ ଦାନ କରିଥିଲେ । ଶିଶୁ ଓ ସ୍କୁଲଛାତ୍ର ଛଡ଼ା ଦର୍ଶକସଂଖ୍ୟା ୧,୮୨,୩୧୦ ହୋଇଥିଲା । ଅଲୋଚ୍ୟ ବର୍ଷରେ ଅମଲା ଓ ଚାକର ଖରଚ ଟ ୧୩୦୪୧ ୴୵ ୧ ଓ ଜୀବମାନଙ୍କର ଖାଦ୍ୟ ଖରଚ ଟ ୧୪୩୭୨ ୵୬ ହୋଇଥିଲା । ସୁତରାଂ ଦର୍ଶନୀ ଫିସ ନିୟମିତ ଖରଚକୁ ନିଅଣ୍ଟ ।

---

## ଦିଲ୍ଲୀ ଦରବାର କେମନ୍ତ ହେଲା ?

ଏହି ଚର୍ଚ୍ଚା ଆଜି କାଲି ଚତୁର୍ଦ୍ଦିଗରେ ପଡିଅଛି । ଆମ୍ଭେମାନେ ତହିଁର ଅଗ୍ରିମାଂଶ ପାଠକମାନଙ୍କୁ ଜଣାଇଅଛୁଁ । ଏହି ମହାସମାରୋହର ଯଥୋଚିତ ବର୍ଣ୍ଣନା କରିବାକୁ ଆମ୍ଭମାନଙ୍କର ଶକ୍ତି ନାହିଁ ତଥା ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ । ଇଂରାଜଙ୍କ ରାଜତ୍ୱରେ ଏପରି ଚମତ୍କାର ଦରବାର କେବେ ଦେଖା ନ ଥିଲା । ପୁରାଣରେ ମହାରାଜ ଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞର ଯେପରି ବର୍ଣ୍ଣନା ଅଛି ତହିଁ ସଙ୍ଗେ ଏହାର ତୁଳନା ଏବଂ ଏହାର ଚମତ୍କାର କଳ୍ପନା, ରଚନା ଏବଂ କାର୍ଯ୍ୟ ସମ୍ପାଦନ ଆମ୍ଭମାନଙ୍କର ବଡ଼ଲାଟ ମହାମାନ୍ୟ ଲର୍ଡ କର୍ଜନଙ୍କର ଅସାଧାରଣ ବୁଦ୍ଧି କୌଶଳ ଏବଂ ତତ୍ତ୍ୱାବଧାନର ବୃତ୍ତାନ୍ତ ସାକ୍ଷ ଦେଉଅଛି । ସନ ୧୮୭୭ ସାଲର ଦିଲ୍ଲୀ ଦରବାରରୁ ଏହା ଅନେକଦୂର ବଳି ଯାଇଅଛି । ସେତେବେଳେ କେବଳ ଭାରତର ରାଜନ୍ୟବର୍ଗ ଏବଂ ଅପର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏ ଦରବାରରେ ସମ୍ରାଟଭ୍ରାତା ଏବଂ ବିଲାତର ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସହିତ ଅନ୍ୟାନ୍ୟ ରାଜ୍ୟର ପ୍ରତିନିଧିମାନେ ଯୋଗ ଦେଇଅଛନ୍ତି । ଏହିଦଗରେ ଯେମନ୍ତ ଇଂରାଜରାଜଙ୍କର ଅସୀମ ବଳ ବୀର୍ଯ୍ୟ ଏବଂ ସୁରାଜଶାସନ ଶୃଙ୍ଖଳା ଅନ୍ୟଦିଗରେ ତେମନ୍ତ ଭାରତର ରାଜା ପ୍ରଜା ଓ ଜନସାଧାରଣଙ୍କର ଅଟଳ ରାଜଭକ୍ତି ଓ ବିଶ୍ୱାସର ପରିଚୟ ଏହି ଦରବାର ସମସ୍ତ ପୃଥିବୀ ସମ୍ମୁଖରେ ପ୍ରଦାନ କରିଅଛି । ଏହାର ଦରବାରର ପ୍ରଧାନ ଉଦ୍ଦେଶ୍ୟ ଏବଂ ଏହାଦ୍ୱାରା ସମ୍ରାଟ ଏବଂ ତାହାଙ୍କର ଭାରତୀୟ ନିଜ ଓ କରଦ ରାଜା ଏବଂ ପ୍ରଜାବର୍ଗଙ୍କ ମଧ୍ୟରେ ସଦ୍ଭାବ, ସହାନୁଭୂତି ଏବଂ ଅନୁରାଗ ସ୍ପଷ୍ଟ ପ୍ରମାଣ ପାଇ ତଦ ଅବଗତ ନ ହେବ । ରାଜଭକ୍ତି ଭାରତବାସିଙ୍କର ସ୍ୱାଭାବିକ ଧର୍ମ ଏବଂ ଇଂରାଜଙ୍କ ରାଜତ୍ୱରେ ଦୀର୍ଘକାଳ ସୁଖ ଶାନ୍ତି ଭୋଗ କରିବାଦ୍ୱାରା ତାହା ସମଧିକ ପ୍ରବଳ ହୋଇଅଛି । ସେହି ହେତୁ ଭାରତର ଏକା ପ୍ରଧାନନଗର ବା ଉପନଗର ନାହିଁକି ମଫସଲର ଅନେକ ଗ୍ରାମରେ ଯଥାସାଧ୍ୟ ସମାରୋହ ସହିତ ଲୋକେ ଉତ୍ସବ ପ୍ରତିପାଳନ ପୂର୍ବକ ସମ୍ରାଟଙ୍କଠାରେ ପ୍ରଗାଢ଼ ଅନୁରାଗ ଏବଂ ଭକ୍ତି ଦେଖାଇଅଛନ୍ତି । ଏ ସମ୍ବାଦ ଶୁଣି ପ୍ରବଳ ପ୍ରତାପ ସମ୍ରାଟ ଅତ୍ୟନ୍ତ ଆନନ୍ଦିତ ହେବେ ସନ୍ଦେହ ନାହିଁ, ଏ ବିଷୟରେ ମଧ୍ୟ ସନ ୧୮୭୭ ସାଲର ପଛ ପଡି ଯାଇଅଛି । ଫଳତଃ ସକଳ ବିଷୟରେ

Digitized by srujanika@gmail.com

Split by PDF Splitter



ଏଥିଭଳି ଦରବାର ଅତ୍ୟନ୍ତ ସୁଖପ୍ରଦ ହୋଇଅଛି । କେବଳ ଗୋଟିଏ କଥାରେ ଲୋକଙ୍କର ଆଶା ଯେତେ ବଢ଼ିଥିଲା ତେତେ ସଫଳ ହେଲା ନାହିଁ । ତାହା ଏହି କି ପୂର୍ବ ଦରବାରର ଘୋଷଣାପତ୍ର ପରି ଏଥର ରାଜନୈତିକ ଉନ୍ନତି ସମ୍ବନ୍ଧରେ କିଛି ନୂତନ କଥା ଶୁଣିବାରେ ଆସିଲା ନାହିଁ । ଏଥରର ଘୋଷଣା ପତ୍ରଟି ନିତାନ୍ତ ଘୋଷଣାପତ୍ର । ତାହା ପଠିତ ହେଲା ଉତ୍ତାରୁ ମହାମାନ୍ୟ ରାଜପ୍ରତିନିଧି କର୍ଜନ ବାହାଦୂର ସମ୍ରାଟଙ୍କର ଯେଉଁ ପତ୍ର ପାଠ କଲେ ଯଦ୍ୟପି ତହିଁରେ ସମ୍ରାଟ ସ୍ପଷ୍ଟ କହିଅଛନ୍ତି କି ସେ ତାହାଙ୍କର ସ୍ୱର୍ଗୀୟା ମାତାଙ୍କର ସୁନୀତିର ଅନୁଗାମୀ ହେବେ ମାତ୍ର ସେ ନୀତିର କିଛି ଉଲ୍ଲେଖ କରି ନାହାନ୍ତି । ସୁଯୋଗ୍ୟ ପୁତ୍ର ଆପଣାର ଜଗଦ୍ବିଖ୍ୟାତ— ବୁଦ୍ଧିମତୀ ଓ ଦୟାବତୀ ମାତାର ରାଜନୀତିର ଅନୁସରଣ କରିବେ ଏଥିରେ ସନ୍ଦେହ ନାହିଁ ଏବଂ ଏଥିରୁ ଅଧିକ ଆପାତତଃ ଅମ୍ଭେମାନେ ଆଶା କରୁନାହୁଁ । ମାତ୍ର ସ୍ୱର୍ଗୀୟା ଭିକ୍ଟୋରିୟାଙ୍କର ସନ ୧୮୫୮ ସାଲର ଘୋଷଣାପତ୍ରରେ ଯେଉଁ ନୀତି ଘୋଷିତ ହୋଇଅଛି ଏବଂ ଯାହା ଦୃଢ଼ରୂପେ ପ୍ରତିପାଳିତ ହେଲେ ଭାରତବାସିଙ୍କର ସୁଖଶାନ୍ତି ଓ ଉନ୍ନତିର ଭାବନା ରହିବ ନାହିଁ ସେ ଘୋଷଣାପତ୍ରର ଅନ୍ତ୍ରୀ ଉଲ୍ଲେଖ ନ ହେବାରୁ ମନ ତୃପ୍ତ ହେଲା ନାହିଁ । ସେହି ଘୋଷଣାପତ୍ର ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ପ୍ରଚାରିତ ହୋଇଅଛି ମାତ୍ର ଏ ପର୍ଯ୍ୟନ୍ତ ତହିଁର ହିତକର ଉଦାର ନୀତିମାନ କାର୍ଯ୍ୟତଃ ପ୍ରତିପାଳିତ ହୋଇ ନାହିଁ । ବରଂ କେତେ ସ୍ଥଳେ ତାହା ନ୍ୟୂନାଧିକରେ ଉପେକ୍ଷିତ ହେବାର ଲକ୍ଷଣ ଦେଖା ଯାଉଅଛି । ମହାମାନ୍ୟ ଲର୍ଡ ବାହାଦୂର ନିଜ ବକ୍ତୃତାରେ ମଧ୍ୟ ସେହି ଘୋଷଣାପତ୍ରର ଉଲ୍ଲେଖ ବା ତାହା ଦୃଢ଼ରୂପେ ପ୍ରତିପାଳନ କରିବା ସମ୍ବନ୍ଧରେ କିଛି କହି ନାହାନ୍ତି ବରଂ ସେ ଯାହା କହିଅଛନ୍ତି ତହିଁରୁ ଯେମନ୍ତ ଜଣାଯାଏ ଯେ ଭାରତର ରାଜା ପ୍ରଜାଙ୍କର ବସ୍ତୁତଃ ଅର୍ଥକଷ୍ଟ ଛଡ଼ା ଆଉ କିଛି ଦୁଃଖ ନାହିଁ ଏବଂ ତହିଁର ପ୍ରତୀକାର ସେ ଶୀଘ୍ର କରିବେ । ଅର୍ଥାତ୍ ରାଜାମାନେ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ସରକାରରୁ ଯାହା ଋଣ କରିଅଛନ୍ତି ତହିଁର ତିନି ବର୍ଷର ସୁଧ ଛାଡ଼ି ଦିଆଯିବ ଏବଂ ଆସନ୍ତା ମାର୍ଚ୍ଚମାସରେ ବଜେଟର ବିଚାର ବେଳେ ଯେବେ ଆୟ ପ୍ରଚୁର ଦେଖାଯିବ ତେବେ ଭୂତପୂର୍ବ ଦୁର୍ଭିକ୍ଷରେ କଷ୍ଟ ପାଇଥିବା ପ୍ରଜାମାନଙ୍କର ଟିକସ କିଛି ଛାଡ଼ି ଦିଆଯିବ । ଏଥିରୁ ପାଠକମାନେ ଦେଖିବେ ଯେ ଋଣଗ୍ରସ୍ତ ରାଜାମାନଙ୍କୁ କିଛି ଛାଡ଼ି ଦିଆଗଲା ଏବଂ ସୁଯୋଗ ଘଟିଲେ ପ୍ରଜାମାନଙ୍କୁ କିଛି ଛାଡ଼ ଦେବାର ଆଶା ଦିଆଗଲା । ଏଥିରୁ କିଏ ନ ଜାଣେ ଯେ ଦୁର୍ଭିକ୍ଷାଦି ବିପଦ ଉପସ୍ଥିତ ହେଲେ ଗବର୍ଣ୍ଣମେଣ୍ଟ ଅନାଗତରେ ଅର୍ଥବ୍ୟୟ କରି ଲୋକଙ୍କୁ ରକ୍ଷା କରନ୍ତି ଏବଂ ବ୍ୟୟରୁ ଆୟ ଉଦ୍ବର୍ତ୍ତ ହେଲେ ଟିକସ ଛାଡ଼ି ଦିଅନ୍ତି ? ଦୁର୍ଭିକ୍ଷରେ ସାହାଯ୍ୟଦେବା ଯେମନ୍ତ ଆୟରୁ ବ୍ୟୟ ବଳି ପଡ଼ିଲେ ଟିକସ ବୃଦ୍ଧି ହୋଇଲେ ଟିକସ ହ୍ରାସ ଗବର୍ଣ୍ଣମେଣ୍ଟଙ୍କର ସ୍ଥିର ନୀତି ବୋଲି ଜନସାଧାରଣ ବୁଝିଅଛନ୍ତି ଏବଂ ତାହା ସାଧାରଣ ଘଟଣା ଅଟେ । ସେ କଥା ସମ୍ରାଟଙ୍କର ଅଭିଷେକ ଭଳି ଅତ୍ୟନ୍ତ ଗମ୍ଭୀର ଏବଂ ମହାନନ୍ଦରେ ମହୋତ୍ସବର ଉପଯୁକ୍ତ ହୋଇ ନାହିଁ । ମହାମତି ଲର୍ଡ କର୍ଜନ ବାହାଦୂର ଏ କଥା ନ ଜାଣନ୍ତି ଏମନ୍ତ ଅନୁମାନ କରିବାକୁ ଆମ୍ଭମାନଙ୍କର ମନ ହେଉ ନାହିଁ । ଅମ୍ଭେମାନେ ଅଦୃଷ୍ଟବାଦୀ । କପାଳ ଫିଟି ନାହିଁ ବୋଲି ଏମନ୍ତ ଉତ୍ସବ କାଳରେ ସମ୍ରାଟଙ୍କ ହସ୍ତରୁ କିଛି ବିଶେଷ ଅଧିକାର ପାଇଲୁ ନାହିଁ । ମାତ୍ର ଏହା ମଧ୍ୟ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଯେ ଆମ୍ଭମାନଙ୍କର ଅବସ୍ଥା, ଯାହା ହେଉ ଇଂରାଜଙ୍କ ପରି ନ୍ୟାୟବାନ୍ ପ୍ରଜାବତ୍ସଳ ରାଜା କେବେ ପାଇବୁଁ ନାହିଁ ଏବଂ ଏହି ରାଜତ୍ୱ ଅଟଳ ରହିଲେ କାଳେ ଆମ୍ଭମାନଙ୍କର ସମସ୍ତ ଦୁଃଖ ଦୂର ହେବ । ଈଶ୍ୱର ସମ୍ରାଟଙ୍କୁ ଦୀର୍ଘଜୀବୀ କରନ୍ତୁ ଏବଂ ତାହାଙ୍କ ଚିତ୍ତ ଭାରତ ଦିଗକୁ ଏମନ୍ତି ଆକର୍ଷଣ କରନ୍ତୁ ଯେ ତାହାଙ୍କ ରାଜତ୍ୱରେ ବିଶେଷ ଅଧିକାର ପ୍ରାପ୍ତ ହୋଇ ସର୍ବେ ତାହାଙ୍କର ଯଶ ଘୋଷଣା କରୁଥିବୁଁ ।

---

## ମଫସଲରେ ଅଭିଷେକୋତ୍ସବ ।

ପୂର୍ବପ୍ରକାଶିତ ଉତ୍ତାରୁ ।

। ପ୍ର । ସୁଅଙ୍ଗ । ମୌ । କସ୍ତୁଗାଁ ମୁକାମରେ ତିନିଦିନ ପର୍ଯ୍ୟନ୍ତ ଉତ୍ସବ ହୋଇଥିଲା । ସାରଳେଇ, ଭଗବତୀ ପ୍ରଭୃତି ଦେବାଳୟମାନଙ୍କରେ ଯଥାବିହିତ ମାଙ୍ଗଣାଦି ଓ ନଗରସଂକୀର୍ତ୍ତନ ନାଚ ପାଲା ଆଦି ହୋଇଥିଲା । ତହସିଲ ପଞ୍ଚାଏତ ଶ୍ରୀ ବାବୁ ଘୌରିଶ୍ୟାମ ସରକାର ମହୋଦୟ ଗ୍ରାମବାସିମାନଙ୍କ ନିକଟରୁ ଚାନ୍ଦା ଆଦାୟ କରି ଅତ୍ୟନ୍ତ ଯତ୍ନସହକାରେ ଏହି ଶୁଭ ଉତ୍ସବଟି ସମାଧା କରିଥିଲେ ।

। ମୌ । ଡାମରପୁର ଏଠାର ବାରପଣ ଜମିଦାର ଗୁରୁବାର ରୋଷନାଇ ବ୍ରାହ୍ମଣ ଉଡ୍ୟାଦଙ୍କ ଭୋଜନ ଓ ଆତାସବାଜୀ ବାଣ ଫଏର କରିଥିଲେ ସହରରେ ଯାତ୍ରା ହୋଇଥିଲା ।

ତା ୨ ରିଖ ଶୁକ୍ରବାର ସହରରେ ସୁରପଣି ଜମିଦାର ରୋଷନାଇ ଶ୍ରୀମହାଜନ ଭଜନୀ ପଣ୍ଡାଙ୍କ ଯାତ୍ରାଦଳର ଯାତ୍ରା କରାଇଥିଲେ ।

ଭୋଗରାଇ—ଏଠାର ନାଏବ ବାବୁ ପ୍ରସନ୍ନକୁମାର ମହାନ୍ତିଙ୍କ ସହିତରେ କଚେରୀ ଓ ସ୍କୁଲଘରମାନ ସୁସଜ୍ଜିତ କରିବାର ବାଜା ଓ ଦିବସରେ ଦେବାଳୟମାନଙ୍କରେ ପୂଜା ହୋଇଥିଲା । ସନ୍ଧ୍ୟାବେଳେ ରୋଷନାଇ ବାଣ ଏବଂ ସମସ୍ତ ରାତ୍ର ଯାତ୍ରା ହୋଇଥିଲା । ପରଦିନ ଛାତ୍ରମାନେ ମିଷ୍ଟାନ୍ନଭୋଜନ ପାଇଥିଲେ ଏବଂ ଅଉ ଅନେକ ପ୍ରାୟ ନ ୨୫୦ ଣ ଗରିବ ଉତ୍ତମରୂପେ ଆହାର ଓ ନ ୮୦ ଣ ଲୋକଙ୍କୁ ବସ୍ତ୍ର ଓ ଅବଶିଷ୍ଟ ଲୋକଙ୍କୁ ଟ ୦ ୵ ହିସାବରେ ପଇସା ମୁଣ୍ଡବିହାଣୀ ଦିଆଯାଇଥିଲା । ଆଉଟ୍ ପୋଷ୍ଟର ହେଡ୍ କନଷ୍ଟବଲ ସ୍ୱାମୀପ୍ର ଭଦ୍ରଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରି ଅନେକ ପରିମାଣରେ ଖାଦ୍ୟ ମହଜୁଦ କରାଇଥିଲେ । ମାତ୍ର ସରକାରୀ ଆଉଟ୍ ପୋଷ୍ଟ ଭୟରେ ମଫସଲର ଅଧିକ ଲୋକ ନ ଆସିବାରୁ ପ୍ରାୟ ନ ୧୫୦ ଣ ଲୋକ ଆହାର କରିଥିଲେ । ସେମାନେ କିଛି୨ ପଇସା ମଧ୍ୟ ନେଇ ଯାଇଥିଲେ । ରାତ୍ରରେ ରୋଷନାଇ ଆତସବାଜୀ ଓ ଯାତ୍ରା ହୋଇଥିଲା । ଅନେକ ଭଦ୍ରଲୋକମାନେ ଉପସ୍ଥିତ ହୋଇ ଯଥାଯୋଗ୍ୟ ମର୍ଯ୍ୟାଦା ପାଇଥିଲେ । ଖାଦ୍ୟ ସାମଗ୍ରୀ ବଳି ପଡ଼ିବାରୁ ଆର ଦିନ ଅନେକ ଲୋକଙ୍କୁ ଦିଆ ଯାଇଥିବାର ଶୁଣିଲୁଁ ।

ପୁରୀ—ଜାନୁୟାରୀ ତା ୧ ରିଖ ମଧ୍ୟାହ୍ନରେ ସିଂହଦ୍ୱାର ସମ୍ମୁଖରେ ଉଚ୍ଚ ଓ ସୁସଜ୍ଜିତ ମଣ୍ଡପଠାରେ ସରକାରୀ ଓ ବେସରକାରୀ ଭଦ୍ରଲୋକଙ୍କ ସଭାରେ ଘୋଷଣାପତ୍ର ପାଠ ହୋଇଥିଲା । ସରକାରୀ କଚେରୀ, ଡାକଘର, ସ୍କୁଲ ପ୍ରଭୃତି ମଠବାଡ଼, ସିଂହଦ୍ୱାର ଏବଂ କେତେକ ନଗରବାସିଙ୍କ ଘର ସୁସଜ୍ଜିତ ଓ ରାତ୍ରରେ ଆଲୋକମାଳାରେ ଭୂଷିତ ହୋଇଥିଲା । ସବୁଠାରୁ ଶ୍ରୀମନ୍ଦିର ଉପରେ ବସିଥିବା ଦୀପାବଳୀର ବହୁଦୂରବ୍ୟାପି— ଶୋଭା ନୟନମନୋହର ହୋଇଥିଲା । ମାଜିଷ୍ଟ୍ରେଟ ସାହେବ ମହୋଦୟ କଟକରୁ ଫେରିବାରୁ ଗତ ତା ୬ ରିଖ ମଙ୍ଗଳବାରରେ ଅନ୍ୟାନ୍ୟ ଉତ୍ସବମାନଙ୍କର ଅନୁଷ୍ଠାନ ହୋଇଥିଲା । ଏ ଦିନ ମଧ୍ୟାହ୍ନରେ ସ୍କୁଲବାଳକ ଓ ଅପରାହ୍ନରେ କଙ୍ଗାଳମାନଙ୍କର ମହାପ୍ରସାଦ ଭୋଜନ ହୋଇଥିଲା । କଙ୍ଗାଳମାନେ ମଧ୍ୟ ଭୋଜନ ଉପରେ ବସ୍ତ୍ର ପାଇଥିଲେ । ଏ ଉପଲକ୍ଷରେ ଶ୍ରୀଜୀଉଙ୍କର ବିଶେଷ ଭୋଗ ହୋଇ ଭୋଜ୍ୟ ସାମଗ୍ରୀମାନ ଯଥାବିଧି ବିତରିତ ହେବାର ବ୍ୟବସ୍ଥା ଭଲ ହୋଇଥିଲା । ଏ ଦିନ ରାତ୍ରରେ ଆଖଡ଼ାଓ୍ୱାଲାମାନେ ନାଗ, ସନ୍ନ୍ୟାସୀ, ଦେବୀମୂର୍ତ୍ତି ପ୍ରଭୃତି ଯାତ୍ରା ନେଇ କୋଠି ପର୍ଯ୍ୟନ୍ତ ଯାଇଥିଲେ ଏବଂ କଚେରୀଠାରେ ଯାତ୍ରା ଓ ଆତସବାଜୀ ଦେଖିବା ପାଇଁ ବିଶେଷ ଜନତା ହୋଇଥିଲା । ଆତସବାଜୀ ଉତ୍କୃଷ୍ଟ ହୋଇଥିଲା

Digitized by srujanika@gmail.com

Split by PDF Splitter



ଏଠା ଜେଲଖାନାରୁ ପ୍ରାୟ ନ ୩୦ ଣ କଏଦୀ ମୁକ୍ତିଲାଭ କରିଥିଲେ ।

ଏରସ୍ମା । ତା । କୁଜଙ୍ଗ— ଏଠା ସଲ୍ଟ ଇନ୍‌ସ୍ପେକ୍ଟରଙ୍କ ଏବଂ ପୁଲିସ ହେଡ଼୍ କନଷ୍ଟେବଲଙ୍କ ଉଦ୍ୟମରେ ସରକାରୀ ଘରମାନ ସୁସଜ୍ଜିତ ରୋଷ-ନାଇ ଓ ବାଣପୋଡ଼ା ପ୍ରଭୃତି ଦ ୮ ନ ଉତ୍ସବ ହୋଇଥିଲା । ତହିଁ ମଧ୍ୟରେ ପ୍ରଥମ ଗୁରୁବାର ଓ ପଞ୍ଚମ ସୋମବାର ରାତ୍ରରେ ଭଦ୍ରଲୋକ ଓ ଦରିଦ୍ର ଅନେକ ଲୋକଙ୍କୁ ଉତ୍ତମରୂପେ ଆହାର ଦିଆଯାଇଥିଲା ଏବଂ ଆଠଦିନତକ ସାରା ରାତ ଗୀତଦଳ ଯାତ୍ରା ଲଢ଼ାଇ ହେଉଥିବା ଓ ତତ୍‌ସହିତ ନହବତ ବାଜା ଓ ସଂକୀର୍ତ୍ତନ ହେବାରୁ ଅତ୍ୟନ୍ତ ଲୋକାରଣ୍ୟ ହୋଇଥିଲା । ଉପରୋକ୍ତ ବୃହତ୍ କାର୍ଯ୍ୟମାନ ଶ୍ରୀମାନ୍ ଭାରତେଶ୍ୱରଙ୍କ ଦିଲ୍ଲୀ ସିଂହାସନ ଆରୋହଣ ଉପଲକ୍ଷେ ଶ୍ରୀ ବାବୁ ମଣୀନ୍ଦ୍ରନାଥ ରାୟ ସଲ୍ଟ ସ୍ଃ ଇଃ ଓ ମୁନସି ହେଦାଏତୁଲା ହେଃ କଃ ଓ ଶ୍ରୀ ବାବୁ ତୋମନ ସିଂହ ପୋଷ୍ଟମାଷ୍ଟର ଓ ମିର୍ଜା ଅସଦଲ ବେଗ ସ୍ଃ କନଷ୍ଟବଲ ଏ କ୍ଷୁଦ୍ର ମୋଫସଲ ଗ୍ରାମରେ ନିଜ ହସ୍ତରୁ ଅର୍ଥବ୍ୟୟ କରି ଏ ବୃହତ୍ କାର୍ଯ୍ୟକୁ ନିର୍ବିଘ୍ନରେ ନିର୍ବାହ କରିଅଛନ୍ତି । ଧନ୍ୟ ଧନ୍ୟ ଏମାନଙ୍କ ସାହସ ଓ ରାଜଭକ୍ତି ।

ନିମାପଡ଼ା— କୋଠଦେଶର ଭୂତପୂର୍ବ ତହସିଲଦାର ବାବୁ ସୁଦର୍ଶନ ଦାସଙ୍କ ପ୍ରସ୍ତାବ ଓ ମହଜନମାନଙ୍କ ସ୍ୱୀକାର ଅନୁସାରେ ଏଠାରେ ଅଭିଷେକୋତ୍ସବ ସକାଶେ କେତେକ ଟଙ୍କା ସଂଗୃହୀତ ହୋଇ ରଖା ଯାଇଥିଲା । ନୂତନ ତହସିଲଦାର ବାବୁ ଗୌରୀଶ୍ୟାମ ମହାନ୍ତି ମାନ୍ୟବର ଜିଲା କଲେକ୍ଟର ସାହେବଙ୍କ ଅନୁମତି ଆଣାଇ ଉକ୍ତ ଟଙ୍କାରୁ କେତେକ ଉତ୍ସବରେ ଖର୍ଚ୍ଚ କରି ଅବଶିଷ୍ଟ କିଛି ଟଙ୍କା ସ୍ଥାୟୀକୀର୍ତ୍ତିରୂପେ ଅତ୍ରତ୍ୟ ମଧ୍ୟଇଂରାଜୀ ବିଦ୍ୟାଳୟ ଗୃହନିର୍ମାଣ ନିମନ୍ତେ ରଖାଇ ଅବଶିଷ୍ଟ ଟଙ୍କାରେ ଏହିପରି ଉତ୍ସବ ହେଲା କି ସମସ୍ତ ଦିବସ ନହବତ ଓ ଢୋଲଙ୍ଗୀ ବାଦ୍ୟ ବାଜୁଥିଲା । ପୂର୍ବାହ୍ଣ ଆଠଘଣ୍ଟାଠାରୁ ଦଶ ଘଣ୍ଟା ପର୍ଯ୍ୟନ୍ତ ସ୍କୁଲ ଛାତ୍ରମାନେ ପତାକା ଧରି ସମ୍ରାଟଙ୍କ ମଙ୍ଗଳୋଦ୍ଦେଶ୍ୟରେ ରଚିତ ହୋଇଥିବା କବିତା ପାଠ କରି ଗ୍ରାମମାନ ଭ୍ରମଣ ଓ ଦେବ-ଦର୍ଶନ କରିଥିଲେ । ବାରଘଣ୍ଟା ପର୍ଯ୍ୟନ୍ତ ନଗର-ସଂକୀର୍ତ୍ତନ କରି, ଅପରାହ୍ଣରେ ପ୍ରାୟ ଉଣଶତାଧିକ ବିଦ୍ୟାଳୟ ଛାତ୍ରଙ୍କୁ ମିଷ୍ଟାନ୍ନ ବିତରଣ ଓ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ଚାରିଶତ କାଙ୍ଗାଳଙ୍କୁ ମିଷ୍ଟାନ୍ନ ପୂର୍ତ୍ତିରୂପେ ଦିଆଯାଇଥିଲା ଏବଂ କେତେକ ଜଣ ଅକ୍ଷମ ଲୋକଙ୍କୁ କମ୍ବଳ ଓ ଲୁଗା ବିତରଣ କରାଯାଇଥିଲା । ସନ୍ଧ୍ୟା ସମୟରେ ରୋଷନାଇ ଓ ଆତସବାଜି ଆମନ୍ତ୍ରିତ ମହଜନ ଓ ଭଦ୍ରବ୍ୟକ୍ତି-ଙ୍କର ଫଳାହାର ଏବଂ ରାତ୍ର ଶେଷ ପର୍ଯ୍ୟନ୍ତ ନାଚ ମଜଲିସ ହୋଇଥିଲା । ସାଧାରଣଙ୍କ ତୃପ୍ତି ସକାଶେ ଜମିନ ପାଞ୍ଚଦଳ ଦୁଇଦଳ ବାଘ ନାଚ ହୋଇଥିଲା ।

ନନ୍ଦା, ଗଞ୍ଜାମ—ଏ ସ୍ଥାନର ନବୀନ ରାଜା ମହୋଦୟ କଟକରେ ସ୍କୁଲବାଳକମାନଙ୍କର ମିଷ୍ଟାନ୍ନଭୋଜନ ନିମିତ୍ତ ଟ ୬୦୦ କା ଦେବା ସମସ୍ତଙ୍କୁ ବିଦିତ ଅଛି । ସ୍ୱକୀୟ ରାଜ୍ୟର ପ୍ରଧାନ ସ୍ଥାନମାନଙ୍କରେ ଉତ୍ସବ କରିବା ନିମିତ୍ତ ଟ ୩୦୦ କା ଦେଇଥିଲେ । ତାହା ଦରିଦ୍ରମାନଙ୍କୁ ବସ୍ତ୍ରଦାନ, ସ୍କୁଲବାଲକମାନଙ୍କୁ ମିଷ୍ଟାନ୍ନଦାନ, ଦୀପଦାନ, ବାଣପୋଡ଼ା ଓ ନୃତ୍ୟଗୀତାଦି କାର୍ଯ୍ୟରେ ଯଥାରୀତିରେ ବ୍ୟୟିତ ହୋଇଥିଲା ।

ଗତ ମାସର ପହିଲା ତାରିଖରେ ଏ ଗଞ୍ଜା ମୁକାମର ମଧ୍ୟଇଂରାଜୀ ବିଦ୍ୟାଳୟରେ ଓ ସଂସ୍କୃତ ଟୋଲରେ ଛାତ୍ରମାନଙ୍କୁ ମିଷ୍ଟାନ୍ନ ପ୍ରଦତ୍ତ ହେଲା । ଏବଂ ପ୍ରତ୍ୟେକ ସ୍ଥାନ ଆଲୋକମାଳାରେ ବିଭୂଷିତ ହୋଇ ଜନମନ ହରଣ କରୁଥିଲା । ମଧ୍ୟେ ମଧ୍ୟେ ବାଣ ପୋଡ଼ା ହୋଇ ଦର୍ଶକମଣ୍ଡଳୀର ଚିତ୍ତରେ ବିସ୍ମୟ ଉତ୍ପାଦନ କରୁଥିଲା । ସେ ରାତ୍ର ଏବଂ ତହିଁ ପର ରାତ୍ରରେ ନୃତ୍ୟାଦି ହୋଇଥିଲା । ତା ୫ ରିଖଠାରୁ ତା ୭ ରିଖ ପର୍ଯ୍ୟନ୍ତ ଆଉ ଏକ ଉତ୍କୃଷ୍ଟ ନର୍ତ୍ତକଦଳ ଆସି ସମସ୍ତଙ୍କର ଆନନ୍ଦ ବର୍ଦ୍ଧନ କରିଥିଲେ । ତା ୭ ରିଖ ଦିନ ଏ ଷ୍ଟେଟର ସମସ୍ତ କର୍ମଚାରୀଙ୍କର ଉଦ୍ୟାନମିଳନ ହୋଇଥିଲା । ପ୍ରାୟ ୩୦୦ ରୁ ଅଧିକ ବ୍ୟକ୍ତି ଏ ମିଳନରେ ଭୂରି ଭୋଜନ ପାଇ ଏବଂ ସଙ୍ଗରେ ନୃତ୍ୟଗୀତାଦି ଦେଖି ଓ ଶ୍ରବଣ କରି ଏକ ବାକ୍ୟରେ ନବୀନ ଭାରତେଶ୍ୱରଙ୍କର ମଙ୍ଗଳ-କାମନା କରିଥିଲେ ।

ମୟୂରଭଞ୍ଜ—ସିଜପୁର ଅଗ୍ନିଷ୍ଠାଧ୍ୟ ଦେବାନ ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଲେଖିଅଛନ୍ତି ଯେ ଅଦ୍ୟକୁ ୪୫ ବର୍ଷ ପୂର୍ବେ ଏହି ଭାରତବର୍ଷ ଭାରତେଶ୍ୱରୀଙ୍କ ସାକ୍ଷାତ୍ ଶାସନାଧୀନ ହେବା ସମୟରେ କଟକଠାରେ ବାରବାଟୀ କିଲ୍ଲାରେ ଯେଉଁ ଘୋଷଣା ପଠିତ ହୋଇଥିଲା ତାହା ଆମ୍ଭ ଜ୍ୟେଷ୍ଠ ସହୋଦର ଶ୍ରୀ ବିଶ୍ୱମ୍ଭର ବିଦ୍ୟା-ଭୂଷଣ ପାଠ କରିଥିଲେ । ଆମ୍ଭ ଭାଗ୍ୟରୁ ଅଦ୍ୟ ସମ୍ରାଟ୍ ସପ୍ତମ ଏଡ଼ୱାର୍ଡ ଓ ସାମ୍ରାଜ୍ଞୀ ଆଲେକ୍‌-ଜାଣ୍ଡ୍ରିଆଙ୍କ ଅଭିଷେକ ଉତ୍ସବର ଘୋଷଣାପତ୍ର ଶ୍ରୀ ମୟୂରଭଞ୍ଜ ମହାରାଜାଙ୍କ ରାଜ୍ୟ ମଧ୍ୟରେ ଆମ୍ଭଙ୍କୁ ପାଠ କରିବାକୁ ହେଲା । ସାଧାରଣଙ୍କ ଅବଗତି ନିମିତ୍ତ ଲେଖୁଅଛୁଁ ଯେ ଗଡ଼ଜାତ ମହାଲର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଆଜ୍ଞା-କ୍ରମେ ଉପର୍ଯ୍ୟୁକ୍ତ ଅଭିଷେକ ସମ୍ବନ୍ଧୀୟ ଘୋଷଣା-ପତ୍ର ପୂର୍ବାହ୍ଣ ଦଶଘଣ୍ଟାଠାରେ ଉପସ୍ଥିତ ସମସ୍ତ ରାଜକର୍ମଚାରୀ, ସରଦାର, ଜାଗିରଦାର ମହାଜନ ପ୍ରଭୃତିଙ୍କ ସମକ୍ଷରେ ପଠିତ ହେଲା । ସମସ୍ତେ ପୂର୍ଣ୍ଣବେଶଧାରୀ ହୋଇ ଆସିଥିଲେ । ସଭାସ୍ଥଳ ଚନ୍ଦ୍ରାତପ ତୋରଣ ପ୍ରଭୃତିଦ୍ୱାରା ସୁସଜ୍ଜିତ ହୋଇଥିଲା । ମଝୋପର ଯୁବରାଜ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କର କନିଷ୍ଠ ପ୍ରତାପଚନ୍ଦ୍ର, କଡ଼େଲ ସାହେବ ଓ ତାହାଙ୍କର ପତ୍ନୀ ଆସନ ଗ୍ରହଣ କରିଥିଲେ । ହାଇ ସ୍କୁଲର ଛାତ୍ରମାନେ ଉଚ୍ଚରବରେ ' God save the king ' ଏହି ବାକ୍ୟ ମୁହୁର୍ମୁହୁ ଉଚ୍ଚାରଣ କରି ସଭାସ୍ଥଳରେ ଉପନୀତ ହେଲେ । ଘୋଷଣା ପାଠ ପରେ ବହୁସଂଖ୍ୟକ ତୋପଧ୍ୱନିରେ ନଗର ପରିପୂରିତ ହେଲା । ସଭ୍ୟବୃନ୍ଦ କିୟତ୍‌କାଳ ମିଷ୍ଟାଳାପ କରି ସ୍ୱ ସ୍ୱ ଗୃହକୁ ପ୍ରତ୍ୟାଗମନ କଲେ । ପୁନରପି ଅପରାହ୍ଣରେ ଅବସ୍ଥ ଦରବାରରେ ସମ୍ରାଟ୍ ପତ୍ନୀଙ୍କ ଦୀର୍ଘାୟୁ କାମନା ଉଦ୍ଦେଶରେ ପରମେଶ୍ୱରଙ୍କଠାରେ ପ୍ରାର୍ଥନା ହେଲା । ସଙ୍କୀ-ର୍ତ୍ତନଦଳ ସମସ୍ତ ସ୍ଥାନ ଉଚ୍ଚନାଦଦ୍ୱାରା ପରି-କମ୍ପିତ ହେଲା । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଓ ଅପରାପର ଦେବାଳୟ ଶଙ୍ଖ-ଧ୍ୱନିରେ ପରିପୂରିତ ହେଲା । ଏହି ଅବସରରେ ଶ୍ରୀ ମୟୂରଭଞ୍ଜ ରାଜା ମହାରାଜା ଉପାଧି ପାଇ-ଥିବାର ତାରସମ୍ବାଦ ଉପଗତ ହେବାରୁ ସର୍ବ-ସାଧାରଣଙ୍କର ଆନନ୍ଦର ସୀମା ରହିଲା ନାହିଁ ଓ କଡ଼େଲ ସାହେବଙ୍କ ଆଦେଶରେ ଅନେକ ତୋପଧ୍ୱନି ହୋଇ ଅବାଳ ବନିତାଙ୍କ ହର୍ଷ ବୃଦ୍ଧି କଲା । ଯେପରି ରାଜପ୍ରତିନିଧିଙ୍କ କଲିକତା ପ୍ରତ୍ୟାଗମନ ପରେ ସେଠାରେ ଉତ୍ସବ ସୁସିଦ୍ଧ ହେବାର ପ୍ରସ୍ତାବ ହୋଇଅଛି ସେହିପରି ଶ୍ରୀ ମହାରାଜାଙ୍କର ଦିଲ୍ଲୀ ଦରବାରରୁ ପ୍ରତ୍ୟାଗମନ ପରେ ସ୍ୱରାଜ୍ୟରେ ସମୁଦାୟ ଉତ୍ସବ ସମ୍ପାଦିତ ହେବ ।

ଚାନ୍ଦବାଲି—ଉତ୍ସବାର୍ଥେ ଏହି ପ୍ରଧାନ ବନ୍ଦର ଅପୂର୍ବ ବେଶରେ ସଜ୍ଜିତ ହୋଇଥିଲା । ପ୍ରାତଃ ଦରିଦ୍ର ଓ ଅକ୍ଷମ ବ୍ୟକ୍ତି ଚାଉଳ, ପଇସା ଓ ବସ୍ତ୍ର ପ୍ରାପ୍ତ ହୋଇ ଏବଂ ସ୍କୁଲ ପାଠଶାଳାର ଛାତ୍ରବୃନ୍ଦ ପରିତୋଷ ପୂର୍ବକ ମିଷ୍ଟାନ୍ନ ଭୋଜନ କରି ନବ-ସମ୍ରାଟଙ୍କ ଜୟଧ୍ୱନିରେ ଗଗନ ବିଦୀର୍ଣ୍ଣ କରୁଥିଲେ । ପ୍ରତି ଦେବାଳୟ, ମସଜିଦ ଓ ଗିର୍ଜାରେ ଉପାସନା ହୋଇଥିଲା । ବାଦ୍ୟ ଓ ବନ୍ଧୁକ ନିର୍ଘୋଷରେ ନଗର ବିକମ୍ପିତ ହୋଇଥିଲା । ବାସ୍ତବିକ ଚାନ୍ଦ-ବାଲିରେ ଏପରି ମହୋତ୍ସବ କେବେ ନୟନ-ଗୋଚର ହୋଇ ନାହିଁ । ୧୦୮ ଦଳ ଉଡ଼ିଆ ଯାତ୍ରା ଦିବସ ଦ୍ୱୟ ନୃତ୍ୟ ଗୀତ କରି ଜନତା ବାସିଙ୍କୁ ଆମୋଦିତ କରୁଥିଲେ । ୧୦ଟା ସମ-ୟରେ ନିମନ୍ତ୍ରିତ ଓ ଦର୍ଶକବୃନ୍ଦଙ୍କ ଦ୍ୱାରା ସମ୍ମି-

Digitized by srujanika@gmail.com

ମଣ୍ଡପ ପୂର୍ଣ୍ଣ ହୋଇଗଲା । ସେ ସ୍କୁଲ ପାଠଶାଳାଛାତ୍ରମାନଙ୍କର କବିତା ଓ ଗୀତାଦି ଶ୍ରବଣାନ୍ତର ସେମାନଙ୍କୁ ପୁସ୍ତକାଦି ପୁରସ୍କାର ପ୍ରଦତ୍ତ ହେଲା । ବେଷ୍ଟନ୍ଙ୍କ୍ଡ଼ି କଗବନ୍ଧୁ ମହାପାତ୍ର ସର୍ବସାଧାରଣଙ୍କୁ ସଭାର ଉଦ୍ଦେଶ୍ୟ ବୁଝାଇ ଦେଲା ଉତ୍ତାରୁ ସଭାପତି ମିଃ ମେକଞ୍ଜିଜ ସାହେବ ସ୍ୱହସ୍ତରେ ସମ୍ରାଟଙ୍କ ଜୀବମାସମ୍ବଳିତ ଖଣ୍ଡେ ୨ ସୁନ୍ଦର ଛବି ଓ ମେଡେଲ ପ୍ରତ୍ୟେକ ଶୌଣ୍ଡଦାରଙ୍କୁ ଅର୍ପଣ କଲେ ।

ଘୁମସର—ଏହି ତାଲୁକାନ୍ତର୍ଗତ କଣ୍ଟାଡୋଗର ମହାସାଦର ଶ୍ରୀଯୁକ୍ତ ଶ୍ରୀରଙ୍ଗନାଥ ରାଜଗୁରୁ ମହାପାତ୍ର ମହାଶୟ ଆପଣାର ଠାକୁରବାଡିର ଦ୍ୱାରଦେଶମାନଙ୍କରେ କଦଳୀବୃକ୍ଷାରୋପଣ ନୂତପତ୍ରାଭରଣ ଦେବତା ମନ୍ଦିର ମଧ୍ୟେ ଚନ୍ଦ୍ରାତପ ଆଉ ନାନାବିଧ ପୁଷ୍ପମାଳାଦିରେ ବେଷ୍ଟିତ ପୁଣି ନାନା ସୁଗନ୍ଧ ଧୂପଦୀପାଦିରେ ଆଲୋକପୂର୍ବକ ଠାକୁରଙ୍କୁ ବିବିଧ ଷଡ଼୍‌ରସବ୍ୟଞ୍ଜନ ଓ ମିଷ୍ଟାନ୍ନାଦି ନୈବେଦ୍ୟ କରି ନିକଟବର୍ତ୍ତୀ ବନ୍ଧୁ ବାନ୍ଧବ ଓ ଅନ୍ୟାନ୍ୟ ଦୁଃଖୀ ଓ ଗରିବ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ଭୋଜନ କରାଇ ଆଉ ଅଭ୍ୟାଗତ ବ୍ରାହ୍ମଣମାନଙ୍କୁ ମଧ୍ୟ ଖଣ୍ଡିଏ ୨ ବସ୍ତ୍ର ଦାନକରି ରାଜଗୁରୁ ମହାଶୟ ପ୍ରଗାଢ଼ ରାଜଭକ୍ତିର ପରିଚୟ ଦେଇଅଛନ୍ତି ।

ଲକ୍ଷ୍ମଣନାଥ— ଏଠା ଏଣ୍ଟ୍ରାନ୍ସ ସ୍କୁଲର ସମ୍ପାଦକ ଓ ଏକମାତ୍ର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ବାବୁ ହରେନ୍ଦ୍ରନାରାୟଣ ବସୁ ମହାଶୟ (M. A.) ଏହି ସ୍କୁଲର ଛାତ୍ରମାନଙ୍କୁ ପାରିତୋଷିକ ବିତରଣ ଓ ମିଷ୍ଟାନ୍ନ ଭୋଜନାଦିଦ୍ୱାରା ସନ୍ତୁଷ୍ଟ କରିଥିଲେ ଏବଂ ଏହି ସ୍କୁଲର ହେଡ୍ ମାଷ୍ଟର ମହୋଦୟଙ୍କଦ୍ୱାରା ସ୍ଥାପିତ ବାଳିକାବିଦ୍ୟାଳୟର ବାଳକ ବାଳିକାମାନଙ୍କୁ ମଧ୍ୟ ମିଷ୍ଟାନ୍ନ ଭୋଜନ କରାଇଥିଲେ । ଉକ୍ତ ମହାଶୟଙ୍କ ଦେବମନ୍ଦିରମାନଙ୍କରେ ପୂଜା ଓ ହୋମାଦିଦ୍ୱାରା ସମ୍ରାଟ୍ ଓ ସାମ୍ରାଜ୍ଞୀଙ୍କର ସୁଖ ଶାନ୍ତି ଓ ଦୀର୍ଘଜୀବନ ପ୍ରାର୍ଥନା କରା ହୋଇଥିଲା । ତାହାଙ୍କର ତୋରଣଦ୍ୱାର ରମ୍ଭାବୃକ୍ଷ ଓ ପୁଷ୍ପମାଳାରେ ସୁଶୋଭିତ ଏବଂ ରାତ୍ରରେ ଅଟ୍ଟାଳିକା ଆଲୋକମାଳାରେ ରଞ୍ଜିତ ହୋଇ ଅପୂର୍ବ ଶ୍ରୀ ଧାରଣ କରିଥିଲା । ନାନାପ୍ରକାର ଅଗ୍ନିକ୍ରୀଡ଼ା (ଆତସବାଜୀ) ଦର୍ଶନକରି ଦର୍ଶକବୃନ୍ଦ ମୋହିତ ହୋଇଥିଲେ । ଦରିଦ୍ରଙ୍କୁ ଭୋଜନ ଓ ବସ୍ତ୍ର ଦିଆ ଯାଇଥିଲା । ନୃତ୍ୟଗୀତ ସମସ୍ତ ରାତ୍ର ହୋଇଥିଲା ।

ଗଞ୍ଜାମ ବରହମପୁରଠାରେ—ମୁକୁଟୋତ୍ସବ ଉପଲକ୍ଷରେ ଗତ ତା ୧ ରଖରେ ଯେଉଁ ଦରବାର ହୋଇଥିଲା ତହିଁରେ ବଡ଼ଖେମୁଣ୍ଡି ଚିକଟି, ଶାନଖେମୁଣ୍ଡି, ଧାଡ଼କୋଟ, ଟେକଲି ଓ ସୁରଙ୍ଗୀର ରାଜାମାନେ ଏବଂ ତହଲାର ଯୁବରାଜ ଏବଂ ଅନ୍ୟାନ୍ୟ ନାନା ଶ୍ରେଣୀର ଭଦ୍ରଲୋକ ପ୍ରାୟ ନ ୫୦୦ ଣ ଉପସ୍ଥିତ ଥିଲେ । ଗଞ୍ଜାମର କଲେକ୍ଟର ଓ ଏଜେଣ୍ଟ ଶ୍ରୀଯୁକ୍ତ ପାର୍ଟ୍ରିଜ ସାହେବ ଦରବାରର ସଭାପତି ହୋଇ ଘୋଷଣାପତ୍ର ପାଠ କରିଥିଲେ । ପାରଳାଖେମୁଣ୍ଡିର ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ ବି, ଏ, ପ୍ରଭୃତି ନ ୯ ଣ ସମ୍ମାନ ପତ୍ର ପାଇ ଥିବାର ପ୍ରଜାବନ୍ଧୁରୁ ଅବଗତ ହେଲୁ । ଦରବାର ଅପରାହ୍ଣ ଘ ୪ ଣ୍ଟା ବେଳେ ହୋଇଥିଲା ଏବଂ ତହିଁ ପୂର୍ବରୁ ଅର୍ଥାତ୍ ସେହି ଦିନ ସକାଳେ ଦେବାଳୟମାନଙ୍କରେ ପୂଜା, ଘ ୯ ଣ୍ଟା ବେଳେ ୫୍ୟ ଶତ ଗରିବଙ୍କୁ ବସ୍ତ୍ରଦାନ ମଧ୍ୟାହ୍ନରେ ବୁଭୁକ୍ଷୁସହସ୍ରାଧିକ କଙ୍ଗାଳ ଭୋଜନ ଏବଂ ଘ ୨ ଣ୍ଟା ବେଳେ ପ୍ରାୟ ୧୨୦୦ ସ୍କୁଲଛାତ୍ରର ମିଷ୍ଟାନ୍ନଭୋଜନ ହୋଇଥିଲା । ସନ୍ଧ୍ୟା ସମୟରେ ନଗର ରୋଷନାଇ ଏବଂ ରାତ୍ର ଘ ୯ ଣ୍ଟା ବେଳେ ବିବିଧ ବାଣ ପୋଡ଼ା ହୋଇଥିଲା । ଏହିରୂପେ ଉତ୍ସବର ସମସ୍ତ ବ୍ୟାପାର ଏକଦିନରେ ନିର୍ବାହ ହୋଇଥିଲା ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ

ମିଃ ଏଚ, ଜ, ଡବନର୍ ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟରଙ୍କ କଟକ ସଦର ମହକୁମାରୁ ବଦଳି ହେବାର ଆଦେଶ ରହିତ ହେଲା ।

୨ୟ ଗ୍ରେଡର ଜଏଣ୍ଟମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଏଲ୍, ଏସ୍, ଏସ୍, ଓ ମଲେ କଟକର ସଦର ମହକୁମାରେ ଅବସ୍ଥାପିତ ହେଲେ ।

---

ଆମ୍ଭମାନଙ୍କର ମାନନୀୟ କମିଶନର ଓ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଜେ, ଜ, ଗୁପ୍ତ ଗତ ମଙ୍ଗଳବାର ଦିନ ବାଙ୍କି ଗମନ କଲେ ସେଠାରୁ କୌଡ଼ ଅଠମଲ୍ଲିକ ଓ କନ୍ଦମାଳ ପ୍ରଭୃତି ଗଡ଼ଜାତମାନ ପରିଦର୍ଶନ ନିମନ୍ତେ ଗମନ କରିବେ ।

ଆମ୍ଭମାନଙ୍କ କଟକ କଲେକ୍ଟର ଶ୍ରୀଯୁକ୍ତ ଏଫ, ଏଚ, ଫିସର କେନ୍ଦ୍ରାପଡ଼ା ଦିଗକୁ ଗସ୍ତରେ ଯାଇଅଛନ୍ତି ।

ଏ ସପ୍ତାହରେ ଏ ନଗରରେ ପ୍ରାୟ ପ୍ରତିଦିନ ଆକାଶ ମେଘାଚ୍ଛନ୍ନ ହୋଇଥିଲା ମାତ୍ର ବୃଷ୍ଟି ହୋଇନାହିଁ । ଶୀତ ନିତାନ୍ତ ଊଣା ପଡ଼ିଥିଲା । କୌଣସି ୨ ସ୍ଥାନରେ ସାମାନ୍ୟ ବୃଷ୍ଟି ହେବାର ଶୁଣାଯାଏ ।

ମେଘୁଆପାଗ ହେତୁ ଅମ୍ବଗଛମାନ ପ୍ରଚୁରରୂପେ ବଉଳ ପାରୁ ନାହିଁ ।

ଅନେକ ଲୋକ ଜ୍ୱର ଓ କାଶରେ ବ୍ୟସ୍ତ ହେଉଅଛନ୍ତି ।

ଏଠା କାଣ୍ଟୋନମେଣ୍ଟ କମିଟି କପିଳସାହୁଙ୍କ ନାମରେ ତହବିଲ ଟଙ୍କା ଖାଇଯିବା ଇତ୍ୟାଦି ଅଭିଯୋଗରେ ଚାଲୁଥିବା ମୋକଦ୍ଦମାମାନଙ୍କ ମଧ୍ୟରେ ଏକ ମାମଲାରେ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ବିଚାରରେ ମା ୬ ସ କାରାବାସଦଣ୍ଡ ହେବାରୁ ଆସାମି ଜଜସାହେବଙ୍କଠାରେ ଅପିଲ କରି ଟ ୫୦୦ ୧ ଙ୍କା ଜାମିନରେ ଖଲାସ ପାଇଅଛି ।

ମହାତ୍ମା ୰ଶଙ୍କରଗୁରୁଙ୍କ ମହୋଦୟଙ୍କର ପବିତ୍ର କାଷ୍ଠପାଦୁକା ସେବ ମଣ୍ଡଳୀର ଅନ୍ତର୍ଗତ ବେଙ୍ଗଲୋର ସହରର ମହନ୍ତ ଗତ ଶୁକ୍ରବାର ସନ୍ଧ୍ୟା ଘ ୬ ଣ୍ଟା ବେଳେ ଏ ନଗରରେ ପଦାର୍ପଣ କରିଅଛନ୍ତି । ତାଙ୍କର ଅଭ୍ୟର୍ଥନା ନିମନ୍ତେ ଗଡ଼ଗଡ଼ିଆ ଘାଟଠାରେ ସଂକୀର୍ତ୍ତନ ଓ ବାଦ୍ୟ ପ୍ରଭୃତି ନେଇ ନାନା ଶ୍ରେଣୀର ଅନେକ ଲୋକ ଉପସ୍ଥିତ ଥିଲେ । ତାହାଙ୍କୁ ସେଠାରୁ ସଂଶୋଧ ଆଣିବା ସମୟରେ ପଥରେ ଅତ୍ୟନ୍ତ ସମାରୋହ ଓ ବିଶେଷ ଜନତା ହୋଇଥିଲା ।

ମାନ୍ୟବର ଏଜ୍ଜ୍ୟଂ ବଙ୍ଗେଶ୍ୱର ଦିଲ୍ଲୀଦରବାରରୁ ଗତ ମଙ୍ଗଳବାର କଲିକତା ନଗରକୁ ପ୍ରତ୍ୟାଗମନ କରିଅଛନ୍ତି ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଆଗାମୀ ବୁଧବାର କଲିକତାରେ ଯଥା ସମାରୋହରେ ପ୍ରବେଶହେବେ ।

କମ ଦାମରେ ବାର୍ତ୍ତା ପଠାଇବାର ଯେଉଁ ପ୍ରଣାଳୀ ମାର୍କୋନି ସାହେବ ଅବିଷ୍କୃତ କରିଅଛନ୍ତି ତାହା ଆଣ୍ଡାମାନ ଓ ରଙ୍ଗୁନ ଏବଂ କଲିକତା ମଧ୍ୟରେ ସ୍ଥାପନ କରିବା କାରଣ ସାହେବ ମହୋଦୟ ଭାରତଗବର୍ଣ୍ଣମେଣ୍ଟରେ ଅବେଦନ କରିଅଛନ୍ତି । ଉକ୍ତ ପ୍ରକ୍ରିୟା ବର୍ତ୍ତମାନ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ପରୀକ୍ଷାଧୀନ ଅଛି । ସେ ପରୀକ୍ଷା ସଫଳ ହେବା ପର୍ଯ୍ୟନ୍ତ କୌଣସି ଆଦେଶ ହୋଇ ନ ପାରେ ।

ଗତ ଲୋକସଂଖ୍ୟା କାଗଜରୁ ପ୍ରକାଶ ଯେ ଜଙ୍ଗଲ ଜାତିମାନେ ଅଧିକକାଳ ବଞ୍ଚନ୍ତି ନାହିଁ । ସମସ୍ତ ଜଙ୍ଗଲ ମଧ୍ୟରେ ଛୋଟନାଗପୁର ଅଞ୍ଚଳର ଜଙ୍ଗଲମାନଙ୍କର ଅଧିବାସୀ ସଂଖ୍ୟା ଅଧିକ ମାତ୍ର ସେମାନଙ୍କ ମଧ୍ୟରେ ଦୀର୍ଘଜୀବୀ ଲୋକ ଦେଖିବା କଠିନ । ଜଙ୍ଗଲରେ ପଶୁ ରହୁ ଏବଂ ଜନ୍ତୁମାନଙ୍କର ପ୍ରଭାବରୁ ଦୀର୍ଘଜୀବନ ଲାଭ କରିବା ଏକାନ୍ତ ଅସମ୍ଭବ ।

ଦିଲ୍ଲୀଠାରେ ସ୍ୱର୍ଗୀୟା ଭାରତେଶ୍ୱରୀ ଭିକ୍ଟୋରିୟା ଦେବୀଙ୍କ ଧାତୁନିର୍ମିତ ପ୍ରତିମୂର୍ତ୍ତି ଗତ ଡିସେମ୍ବରମାସ ତା ୨୭ ରଖରେ ପ୍ରତିଷ୍ଠିତ ହୋଇଅଛି ।

ବଡଦିନ ଉପଲକ୍ଷେ ଗତମାସ ତା ୨୭ ରଖରେ ଆମ୍ଭମାନଙ୍କର ଭାରତେଶ୍ୱରୀ ଦକ୍ଷିଣଆଫ୍ରିକାରେ ମରି ପଡ଼ିଥିବା ସିପାହୀ ଓ ନାବିକମାନଙ୍କର ବିଧବା ଏବଂ ଅନାଥ ବାଳକ ବାଳିକାମାନଙ୍କୁ ଯେଉଁ ଭୋଜି ଦେଇଥିଲେ ତହିଁରେ ନ ୧୮୦୦ ଣ ଉପସ୍ଥିତ ହୋଇଥିଲେ । ସେମାନଙ୍କୁ ଯିବା ଆସିବା ଖର୍ଚ୍ଚ ମଧ୍ୟ ଦିଆ ଯାଇଥିଲା । ଭୋଜି ଏବଂ ନାନାପ୍ରକାର ଆମୋଦ ପ୍ରମୋଦ ବିଧାନ କରିବାରେ କୌଣସି ତ୍ରୁଟି ହୋଇ ନ ଥିଲା ।

ଅଣ୍ଡିକଲଠାରେ କ୍ରମାଗତ ଭୂମିକମ୍ପ ହୋଇ ନାନାସ୍ଥାନର ଭୂମିମାନ ଉଚ୍ଚ ହୋଇ ଯାଉଅଛି ଏବଂ ଏଥିରେ ଲୋକେ ଶଙ୍କିତ ହୋଇ ରେଳଗାଡ଼ିରେ ବାସ କରୁଅଛନ୍ତି ।

କାନପୁରଠାରେ ଦୁଇ ରେଳଗାଡ଼ି ଧକ୍କା ବାଜିବାରୁ ନ ୨୫ ଣ ଲୋକ ହତ ଏବଂ ନ ୩୦ ଣ ଆହତ ହୋଇଥିବାର ସମ୍ବାଦ ମିଳଇ ।

ଆଗାମୀ ମାର୍ଚ୍ଚ ଓ ଜୁଲାଇମାସ ମଧ୍ୟରେ ଜାପାନ ରାଜ୍ୟର ଅସୋକଠାରେ ଜାତୀୟ ଶିଳ୍ପପ୍ରଦର୍ଶନୀ ହେବାର ସମ୍ବାଦ ମିଳଇ । ଶିଳ୍ପପ୍ରିୟ ଲୋକମାନଙ୍କର ଏହା ଦେଖିବା ଉଚିତ ।

କ୍ଷତ୍ରିୟମାନଙ୍କର ତୃତୀୟ ବାର୍ଷିକ ଅଧିବେଶନ ଗତ ଡିସେମ୍ବରମାସ ତା ୨୮ ରଖରେ ଦିଲ୍ଲୀଠାରେ ହୋଇଥିବାର ସମ୍ବାଦ ମିଳଇ । ଏ ଅଧିବେଶନରେ ପ୍ରାୟ ଏକ ସହସ୍ର ପ୍ରତିନିଧି ସମୁପସ୍ଥିତ ହୋଇଥିଲେ ଏବଂ ବର୍ଦ୍ଧମାନର ମହାରାଜା ସଭାପତିର ଆସନ ଗ୍ରହଣ କରିଥିଲେ ।

ତନ୍ତ୍ରରାଜ୍ୟରୁ ନେପାଳର ପ୍ରିନ୍ସେସର ଦିଲ୍ଲୀ ଦରବାରକୁ ଯାଉଁ ୨ କଲିକତାଠାରେ ଜାହାଜର ପାର୍ଶ୍ୱରେ ଗୋଟିଏ ମୁଦି ହଜାଇ ଥିବାର ସମ୍ବାଦ ମିଳଇ । ଏହାର ମୂଲ୍ୟ ପନ୍ଦର ସହସ୍ର ଟଙ୍କା ଅଟେ । ଯେ ଖୋଜିଦେବ ତାହାକୁ ଟ ୨୫୦ (ଙ୍କା ପୁରସ୍କାର ଦିଆଯିବାର ବିଜ୍ଞାପନ ବାହାରିଅଛି ।

ଶ୍ରୀନଗରଠାରେ ଅନେକ ବହୁମୂଲ୍ୟ ଖଣିଜ ଦ୍ରବ୍ୟ ଥିବାରୁ ତାହା ଅବସ୍ଥାର କରଣାର୍ଥ ଆଗାମୀ ବସନ୍ତକାଳରେ ଦୁଇଜଣ ଲୋକ କୋମ୍ପାନିହେବନଠାରୁ ଯାତ୍ରା କରିବାକୁ ସ୍ଥିର ହୋଇଅଛି । ଏମାନେ ଉତ୍ତମସ୍ଥାନ ଅଧିକାର ବ୍ୟବସାୟ ମୁହଁ ଖୋଲିବାର ଶୁଣାଯାଏ ।

Split by PDF Splitter
Digitized by srujanika@gmail.com

Split by PDF Splitter



ମହାମାନ୍ୟ ବେଙ୍ଗଲ ଗଭର୍ଣ୍ଣମେଣ୍ଟ ଲୋକଙ୍କର ପ୍ରଭୂତ ଉପକାର କରଥିବାରୁ ତାହା ଚିରସ୍ମରଣ କରିବାର୍ଥେ ଗଡ଼ଜାତ ଅଞ୍ଚଳର ମୋଗଲ ଛତ୍ରପୁରର ଲୋକମାନେ ଗୃହାବାସ ଟ ୧୨୦୦୦ ଙ୍କା ଉଠାଇ ତାହା କୌଣସି ସାଧାରଣ ହିତକର କାର୍ଯ୍ୟରେ ବ୍ୟୟ କରିବା କାରଣ ଗଭର୍ଣ୍ଣମେଣ୍ଟଙ୍କ ହସ୍ତରେ ନ୍ୟସ୍ତ କରିଅଛନ୍ତି ।

ସ୍ୱଜାତି କ୍ୟାବନ୍ଧ ସଭାର ଅଧିବେଶନ କଲିକତାଠାରେ ଚଳିତମାସ ତା ୩୦ ରିଖରେ ହେବାର ସମ୍ବାଦ ମିଳଇ ।

## ପୁରୀ-ସମ୍ବାଦ ।

ଗତପୂର୍ବ ସୋମବାର ଉତ୍ତରପାର୍ଶ୍ୱ ମଠର ମହନ୍ତ ସ୍ୱମହନ୍ତ ସ୍ୱାମୀ ଜାନ ଦାସ ଶ୍ୱାସ ଓ ଜ୍ୱରର ବେଗରେ ପରଲୋକଗାମୀ ହୋଇଅଛନ୍ତି ।

ତ୍ରିବାଙ୍କୁଡର ମହାରାଜା ଯତ୍ନୀ ପରିବାର ପେରନ୍ତା ଗତ ଶନିବାର ପ୍ରାୟ ୪ ୧୧ ଘଣ୍ଟାରେ ସ୍ୱସ୍ୱଳ ସେଲପୋଟର ଏଠାରେ ପହଞ୍ଚ, ସ୍ୱୟ ହରିକୃଷ୍ଣ ଘୋଷ ବାହାଦୁରଙ୍କ କୋଠିରେ ଅବସ୍ଥାନ କରିଥିଲେ । ରବିବାର ଦିନ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ଅନ୍ୟାନ୍ୟ ତୀର୍ଥସ୍ଥାନାଦି ପରିଦର୍ଶନ କରି ସୋମବାର ଅପରାହ୍ନ ରେଲଯୋଗେ ଏଠାରୁ ପ୍ରସ୍ଥାନ କରିଅଛନ୍ତି, ପୂର୍ବରୁ ସେଠାରେ ଅନେକ ଘାଟ଼ିଘର, କୂପ ଓ ପୁଷ୍କରିଣୀମାନ ପ୍ରସ୍ତୁତ ହୋଇ ରହିଥିଲା । ଏହାଂ ଦ୍ୱାର ପୁଷ୍ପ ପତାକାରେ ଭୂଷିତ ଓ ପୂର୍ଣ୍ଣ କୁମ୍ଭ ସ୍ଥାପିତ ହୋଇଥିଲା ।

ଏ ବର୍ଷ ମକରଯାତ୍ରାରେ ଯାତ୍ରିସଙ୍ଖ୍ୟା ଅନ୍ୟାନ୍ୟ ବର୍ଷ ଅପେକ୍ଷା ଅଳ୍ପ ଥିଲା । ଅଧିକାଂଶ ପଞ୍ଚକୋଶୀ ଯାତ୍ରୀ ହୋଇଥିଲେ । ଗତ ତା ୧୩ ରିଖ ମଙ୍ଗଳବାର ରାତ୍ର ପ୍ରାୟ ୪ ୧୦ ଘଣ୍ଟାରେ ମକରବେଢ଼ା ଆରମ୍ଭ ହୋଇଥିଲା । ମାତ୍ର ଶୀଘ୍ର ହୋଇଯିବାରୁ କଣେଷ ସୁଖକର ହୋଇ ପାରି ନ ଥିଲା ।

ତା ୧୨ ରିଖ ସୋମବାର ରାତ୍ରି ପ୍ରାୟ ୮ ୧ ଘଣ୍ଟାରେ ମୁଅରସାହିରେ ଅଗ୍ନି ଲାଗି ପ୍ରାୟ ୮ ୪୦ ଖଣ୍ଡ ଘର ପୋଡ଼ିଯାଇଅଛି ।

ଜ୍ୱର କ୍ରମଶଃ ଭୀଷଣମୂର୍ତ୍ତି ଧାରଣ କରି ଅନେକଙ୍କ ବ୍ୟସ୍ତ କରୁଅଛି । ପ୍ରାୟ ଘର ମାସ ହେଲା ଲୋକେ ବାରମ୍ବାର ଜ୍ୱରଭୋଗ କରି କ୍ଷୀଣ, ଶୀର୍ଣ୍ଣ ହୋଇ ପଡ଼ିଲେଣି ଏବଂ ଅନେକେ କିଛି ବେଗରେ ପ୍ରାଣ ହରାଉ ଅଛନ୍ତି ।

ଶୀତ ଏ ସପ୍ତାହରେ ଉଣା ଅଛି । ସମୟେ ମେଘ ଦେଖାଯାଉଅଛି । ବସନ୍ତାଗମ ହୁତୁହାଉ ଆରମ୍ଭ ହୋଇଅଛି ।

---

## ପ୍ରେରିତପତ୍ର

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ**

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଧୁମୁସର ତାଲୁକା ଧୁଅଁଖଇ ଗ୍ରାମରେ ଗତଗତ ମାସ ପହିଲା ତାରିଖଠାରୁ " ଆର୍ଯ୍ୟନୀତିପ୍ରଦୀପ " ନାମରେ ଗୋଟିଏ ସମାଜ ଗଠିତ ହୋଇ ସ୍ଥାପିତ ହୋଇଅଛି ଉକ୍ତ ସମାଜର ପ୍ରଥମ ଅଧିବେଶନ ଗତକାଲି ହୋଇଥିଲା ଉକ୍ତ ସମାଜର ଉଦ୍ଦେଶ୍ୟ ଏହି କି ଏଠାର ବ୍ରାହ୍ମଣମାନେ ଆର୍ଯ୍ୟନୀତି-ମାର୍ଗରେ ଚଳିବେ ବିଦ୍ୟାଭ୍ୟାସ କରିବା ନିମନ୍ତେ ଉପଦେଶ ଦିଆଯିବ ଆଉ ପ୍ରଧାନ ଉଦ୍ଦେଶ୍ୟ ଏହିକି ଏଠା ଗାମୁଣ୍ଡିଗ୍ରାମର ଗୁପ୍ତେଶ୍ୱର ମହାଦେବଙ୍କର ଅସ୍ତିବାଡ଼ି ଉପରେ ସେବକମାନେ ଆପଣାର ପୁଅ ଝିଅମାନଙ୍କୁ ଭିଆଭୂଆ କରିବା ନିମନ୍ତେ ସାଉକାରମାନଙ୍କଠାରୁ ଧନ ଋଣ ଆଣି ଅସ୍ତି ବୁଡ଼ାଇ ଦେଇଅଛନ୍ତି ଏହା କିପରି ଉଦ୍ଧାର ହେବ କି ଆଇନାନୁସାରେ ଚଳାଇବେ ।

ଉପରୋକ୍ତ ସମାଜର କାର୍ଯ୍ୟନିର୍ବାହକ ସ୍ୱରୂପ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ କରଯାଇଅଛନ୍ତି—

ଶ୍ରୀଯୁକ୍ତ ବ୍ରହ୍ମ ଶ୍ରୀ ହରିହର ଦାସ ଶର୍ମ୍ମା (ସଭାପତି)

" ବଳଭଦ୍ର ପଟ୍ଟନାୟକ— (ସେକ୍ରେଟରୀ)

ମେମ୍ବରମାନେ—

ଶ୍ରୀଯୁକ୍ତ କାନ୍ତ ମିଶ୍ର ଶର୍ମ୍ମା, ଶ୍ରୀଗୋବିନ୍ଦ କର, ଶ୍ରୀ ବନମାଳି ତ୍ରିପାଠୀ, ଶ୍ରୀଭରଥ ଦାସ ଶ୍ରୀଭରତ ପ୍ରଧାନ ( ଗାମୁଣ୍ଡି ) ଶ୍ରୀ ତ୍ରିଲୋଚନ ଦାସ, ଶ୍ରୀଲୋଚନ ମିଶ୍ର ଶ୍ରୀ ମହାଦେବ ତ୍ରିପାଠୀ ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ( ଟ୍ରେଜରର ) ସଭା ସମ୍ପାଦକ ଶ୍ରୀ ଦଣ୍ଡଧର ତ୍ରିପାଠୀ ଶର୍ମ୍ମା

ଧୁମୁସର ଧୁଅଁଖଇ } ଆପଣଙ୍କ ଅନୁଗ୍ରହାକାଂକ୍ଷୀ
୭ । ୧୨ । ୦୨ } ଶ୍ରୀ ବନମାଳି ତ୍ରିପାଠୀ ଶର୍ମ୍ମା

---

## କଟକ ଦରବାର ।

ମହାଶୟ !

ଆପଣ ସମ୍ପାଦକୀୟ ବିବରଣ ପ୍ରସଙ୍ଗରେ ରଜାମାନଙ୍କ ଅପମାନ କଥା ଉଲ୍ଲେଖ କରି ଲେଖିଅଛନ୍ତି କି ଏହିରେ ଆପଣଙ୍କର ଭ୍ରମ ଥିଲେ କେହି ତାହା ଭଙ୍ଗାଇ ଦେବେ । ଆମ୍ଭ ବିବେଚନାରେ ଲେଶମାତ୍ର ଭ୍ରମ ନାହିଁ ଆପଣ ଯଥାର୍ଥ କହିଅଛନ୍ତି । ଆପଣ କଣ ପୂର୍ବ ଦରବାରମାନ ଦେଖି ନାହାନ୍ତି ? ଆମ୍ଭେ ଜଣେ ପୁରୁଣା ଦରବାରୀ । ଲେପ୍‌ଟେନାଣ୍ଟ ସାହେବଙ୍କର ଦରବାର ଓ ଲେଭିରେ ଅନେକଥର ଉପସ୍ଥିତ ହୋଇଅଛୁ । ପ୍ରଥମତଃ ଲେପ୍‌ଟେନାଣ୍ଟ ଟେମ୍ପଲ ସାହେବଙ୍କ ଲେଭିରେ ଦେଖିଥିଲୁ ଯେ ତାଙ୍କର ପ୍ରାଇଭେଟ ସେକ୍ରେଟେରୀ ରଜା ଓ ଅନ୍ୟ ଭଦ୍ରବ୍ୟକ୍ତିମାନଙ୍କ ନାମଗଣି କରି ଡାକି ନେଉଥିଲେ, କମିଶନର ସାହେବ, ଗଡ଼ଜାତ ରଜା ଓ ତାଙ୍କର ଅସିଷ୍ଟାଣ୍ଟ ଓ ସିରସ୍ତାଦାର ହେଉତ୍‌କିରାନୀଙ୍କର ପରିଚୟ କରାଇ ଦେଉଥିଲେ । କଲେକ୍ଟର ସାହେବ ମୋଗଲବନ୍ଦି ରଜା ଜମିଦାର ତପୋଶୀ ସିରସ୍ତାଦାର ଓ ହେଡ଼ କିରାନୀଙ୍କର ପରିଚୟ କରାଇ ଦେଇଥିଲେ । ତାଙ୍କ ଦରବାରରେ ମଧ୍ୟ ଭେଟି ବେଳେ ହାକିମମାନେ ରଜା ପ୍ରଭୃତିଙ୍କୁ ସେମାନଙ୍କ ବସିବା ସ୍ଥାନରୁ ଡାକି ନେଉଥିଲେ । ଅର୍ଦ୍ଧ ସ୍ୱାଧୀନ ରଜାଙ୍କ କଥା ଦୂରେ ଥାଉ ଆଜିକାଲି ଅମଲାମାନେ ଯୁଝା ଲେଉଟିଛି ମାନ ପାଉଥିଲେ ସୁନିର୍ଦ୍ଧାରିତ ଜମିଦାର କଚେରୀରେ କଣ ହୁଏ ? ଯେଉଁ ଦରିଦ୍ର ଚଷାପ୍ରଜା ଅନ୍ୟବେଳେ ଅଗଣାରେ ଖରାରେ ଛିଡ଼ା ହୋଇ ରହେ ସେ ସୁନିର୍ଦ୍ଧାରିତ ଖଜଣାରେ ବସି ଜମିଦାରର ହାତରୁ ଚନ୍ଦନ ଫୁଲ ପାନ ପାଏ । ଉତ୍ସବ କ୍ରିୟାରେ ସମସ୍ତଙ୍କର ସମ୍ମାନ ହୋଇଥାଏ ଯେ ସମସ୍ତେ ଉଲ୍ଲାସିତ ହେବେ । ୨୨ ବର୍ଷ ପୂର୍ବେ ଲେପ୍‌ଟେନାଣ୍ଟଙ୍କ ଦରବାରରେ ହାକିମମାନେ ଆମନ୍ତ୍ରିତ ସଉଦାଗର ଜମିଦାର ଛଡ଼ା ଅପେ ସମସ୍ତଙ୍କୁ ବସିବା ସ୍ଥାନରୁ ଡାକି ନେଇ ଲାଟ ସାହେବଙ୍କ ସମ୍ମୁଖରେ ଭେଟ କରାଉଥିଲେ । ଏଥର କଣ ହେଲା ! ନକେଟରେ ଉଚ୍ଚସ୍ୱରରେ ମାନଳିକାରଲୁ ତାଳପତ୍ର ରଜାମାନଙ୍କୁ ଡାକିବା ହେଲା ପରେ " ହାଜର ହେ " ଶବ୍ଦ କି ଥିଲା ! ଅଧିକ କି ।

୧୨।୧।୦୩ ଯଥାର୍ଥବାଦୀ

---

ଭ୍ରମସଂଶୋଧନ ।

ଶ୍ରୀ ବାବୁ ଚକ୍ରଧର ମିଶ୍ର କାଶପୁର ଟ ୧୨ ସ୍ଥଳେ ଟ ୧ ( ଯୋଗ ହୋଇଥିବାରୁ ଟ ୧୨ ହେଲା ।

## ମୂଲ୍ୟପ୍ରାପ୍ତି

| | | |
|---|---|---|
| ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ସାମଲ | ଭଦ୍ରକ | ଟ ୩ ( |
| ରଜା । କ । ଗଡ଼ପଡ଼ା | | ଟ ୧୦ ( |
| ଶ୍ରୀ ବାବୁ ଦିବାକର ଘୋଷ ସଃ ଓଃ ଗିରିଧାରି | | ଟ ୧୮ |
| " ଜଗତ୍‌ବନ୍ଧୁ ଘୋଷ କଟକ | | ଟ ୩ । |
| ମୁନ୍‌ସି ମହମ୍ମଦ ମନ୍‌ଜର ମେଜିଷ୍ଟ୍ରାଇ ପିଲ | | ଟ ୬ |
| ଶ୍ରୀ ବାବୁ ଅର୍ଜ୍ଜୁନ ସିଂହ | ଜଗନ୍ନାଥପୁର | ଟ ୩ ( |
| " ପୀତାମ୍ବର ବେହେରା | ଛତ୍ରପୁର | ଟ ୩ ( |
| " ବୃନ୍ଦାବନଚନ୍ଦ୍ର ରଥ | ଜଗତ୍ସିଂହପୁର | ଟ ୧ ( |
| ମୁନ୍‌ସି ନିଆମତ ମହମ୍ମଦ | ଲୋହାରଡ଼ା | ଟ ୨ ( |
| ଶ୍ରୀ ବାବୁ ଧର୍ମନିଧି ପଟ୍ଟନାୟକ | କଟକ | ଟ ୧ ( |

Digitized by srujanika@gmail.com




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦ୍ୟ ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ;

ତେଜସ୍ୱୀ ଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାପଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ସୁଖ୍ୟାତିପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର୍ ଯତୀନ୍ଦ୍ର ମୋହନ ଠାକୁର ... ଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ଗଉରଚନ୍ଦ୍ର ଦେଓ ଦେଢ଼ାଖୋଲରୁ ଲେଖିଅଛନ୍ତି—"※ ※ ※ ବିଜ୍ଞାପନର ମୋହରେ ପଡ଼ି "ଡ୍ୟାକକାଜ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନୁପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ବୁଝି ପାରିବି ନାହିଁ । ମୋତେ ଅଧିକ ୩ ଡ଼ଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡ଼ବ୍ଲିଉ, ମେଜର୍ ଏଣ୍ଡ କୋମ୍ପାନି, କଲିକତା, ବମ୍ବେ ବୋମ୍ବାଇ ।

## ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜିଷ୍ଟ୍ରି କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଆଦ୍ୟ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଡ୍ୟାକଡକ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା —ନିଜ ଗୁଣରେ ତେଜସ୍ୱୀ ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି୨ ଅଯାଚିତ ସୁଖ୍ୟାତିପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର କିଛି ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟ କାରିତା ଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଦମନ କରିଦେବ ଏବଂ ୨୪ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିପାଏ, ପୁଣି ୩୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଉଲ୍ଲୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା କି ସ୍ୱଦେଶୀ ତ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ

Split by PDF Splitter

Digitized by srujanika@gmail.com

ଓ ଅସ୍ତ୍ରାସ୍ତ୍ରୀଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଙ୍କି ନଷ୍ଟ କରେ—

ଇଲେକଟ୍ରୋ ସାଲସା।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହେଉଥିବ ହେଁ ତଥାପି ପୁନରାକ୍ରମଣ କରେ ନାହିଁ। ବହୁ ପରୀକ୍ଷା ଓ ଭୂୟୋଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି। ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାନ୍ତର ରାଜ୍ୟରେ ଏପରି ଉଚ୍ଚସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ତତ୍ତନ୍ନ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି। ବଡ଼ ବଡ଼ ଡାକ୍ତରଖାନାରେ ଉପଯୁକ୍ତ ରୋଗରେ ଏହି ସାଲସା ବ୍ୟବସ୍ଥା କରାଯାଉଅଛି। ଅଷ୍ଟ୍ରିଆ, ଇଙ୍ଗ୍ଲଣ୍ଡ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି। ଭାରତର କୁଟୀରବାସୀ କୃଷକଠାରୁ ମହାମାନ୍ୟ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି। ଇଲେକଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା!!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ।

ଇଲେକଟ୍ରୋ ସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ, ବାତ, ପକ୍ଷାଘାତ, କଟିବାତ, ଅଣ୍ଡ କଣ୍ଠ ଫୁଲିବା କୁଣ୍ଡେଇ ହୋଇ ଫୁଲ ଉଠିବା, କ୍ଷୁଦ୍ରିଅଣ, ଚୁଲି ଗରମି ଓ ପାରଦର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ଗାଲ ଗରମିର ସାଦା ବା କଳାଚିହ୍ନ, ଧବଳ କୁଷ୍ଠ ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତ ସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ଚର୍ମର କଣ୍ଡୁଆଦି ଯନ୍ତ୍ରଣାଦି ପୁଣି ପାରା ଓ ଗରମି ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ।

ଇଲେକଟ୍ରୋ ସାଲସା।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ରନାଳରୁ ପୂଜ ବା ପୂଯ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ, ପ୍ରସ୍ରାବ ସହିତ ବା ପରେ ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କମ୍ପା ମଳବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ମୂତ୍ରଗ୍ରନ୍ଥି ଶୀତ, ମୁଣ୍ଡ ଘୂରିବା, ଚିତ୍ତର ଅସ୍ଥିରତା, ନିର୍ଜନପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ।

ଇଲେକଟ୍ରୋ ସାଲସା:—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ! ସଙ୍ଗେ ସଙ୍ଗେ ଫଳ ଫଳିବ। କ୍ଷୁଧା ବୃଦ୍ଧି ହେବ। କୋଷ୍ଠ ପରିଷ୍କାର ହେବ। ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରାଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ଓ କାନ୍ତିଯୁକ୍ତ ହେବ। ଶରୀରର ଓଜନ କ୍ରମେ ବଢ଼ୁଥିବ।

ଇଲେକଟ୍ରୋ ସାଲସା ୫—ସହିତ କୌଣସି ପ୍ରକାର କ୍ଷତିକାରକ ଦ୍ରବ୍ୟର ସଂଶ୍ରବ ନାହିଁ। ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସବଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ।

"ଇଲେକଟ୍ରୋ ସାଲସା" ଭୂମ୍ବ ରୋଗର ପ୍ରକୃତ ଔଷଧ! ଯେହେତୁ କୋଟିଏ ରୋଗୀବି ଆଜଯାଏ ନୈରାଶ୍ୟ ହୋଇ ନାହିଁ ତାହାର ଭୂରି ଦୃଷ୍ଟାନ୍ତ ବହୁ ପ୍ରଶଂସାପତ୍ର ବହୁ ପ୍ରମାଣ ସ୍ୱରୂପ ଆକାରରେ ଛପା ହେଉଅଛି। ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକମାନେ ପାଇବେ।

ମୂଲ୍ୟ ପ୍ରତି ଶିଶି ଟ ୨୮ ୩ ଶିଶି ଟ ୭୫

୬ ଶିଶି ଟ ୧୦୫ ଡଜନ ଟ ୨୦୮

ଡାକମାଶୁଲ ଓ ପ୍ୟାକିଂ ସ୍ୱତନ୍ତ୍ର

ଇଲେକଟ୍ରୋ ସାଲସାର;—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଡିଡ ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, ନିଉୟର୍କ ଆମେରିକା। ଭାରତ ବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;—"ଡବଲିଉ, ମେଡିଡ ଏଣ୍ଡ କୋମ୍ପାନୀ," କଲିକତା।

## ଫଳେନ ପରିଚୀୟତେ

ଡାକ୍ତର ଶ୍ରୀଚନ୍ଦ୍ର ଦେବ କବିରତ୍ନଙ୍କର

### ଅନ୍ନପୂର୍ଣ୍ଣା।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ। ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଷ୍ଟାମ୍ପ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ।

### ବ୍ରାହ୍ମୀ ଘୃତ

ଅଳ୍ପକାଳ ଛାତ୍ର ସମାଜ ମଧ୍ୟରେ ସ୍ମରଣଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତିମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ କୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ୱଳ୍ପ ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ତହିଁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ପଦାର୍ଥରେ ବଳ ସଞ୍ଚାର ହୋଇଥାଏ। ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏଇତ୍ୟାଦି ଲକ୍ଷଣର ଏହା ସଦ୍ୟ ଫଳପ୍ରଦ।

ଏକଶିଶିର ମୂଲ୍ୟ ଟ ୨୮

### ଶୁକ୍ରବର୍ଦ୍ଧକ ବଟିକା।

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱପ୍ନକାରଣ ବଶତଃ ବୀର୍ଯ୍ୟ ସ୍ଖଳନ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ; ଏହା ସମ୍ବନ୍ଧରେ ବାହୁଲ୍ୟ ଅଭିମତ ନିଷ୍ପ୍ରୟୋଜନ। ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ।

ଏକ ଡବା ଔଷଧର ମୂଲ୍ୟ ଟ ୧୯ ମାତ୍ର।

### କଲ୍ପତରୁରସାୟନ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମି ) କ୍ଷତ, ପାରଦାଦଦୋଷଜନିତ ଶରୀରରେ କଳା କଳା ଓ ରଡା ରଡା ଦାଗ; ଶ୍ଲୋକବୋଧ୍ରୁଦ୍ଧି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ। ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ।

ଏକ ଶିଶିର ମୂଲ୍ୟ ଟ ୧୯ ମାତ୍ର।

ଏକକେ ଛଅଶିଶି ନେଲେ ଟ ୫୮ ଙ୍କା ଲାଗେ।

| | |
|---|---|
| ଚୌଧୁରୀ ବଜାର | ଶ୍ରୀ ଚନ୍ଦ୍ର ଦେବ କବିରତ୍ନ |
| | ଅନ୍ନପୂର୍ଣ୍ଣା |
| କଟକ | ଆୟୁର୍ବେଦୀୟ ଔଷଧାଳୟ |

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ କରାଯାଇଅଛି, ଯଥା;—

ପ୍ରଥମଥର ପାଇଁ

ଧାଡ଼ିପ୍ରତି ୦ ୦ ୪

ଅର୍ଦ୍ଧସ୍ତମ୍ଭକୁ ୨ ୨ ୮

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୮

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଦର ୫୦ ୧ ଣାରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ପାଇଁ ଦର ପ୍ରଥମ ଥରର ଦେଢ଼ା ଓ ତୃତୀୟାଂଶ ଅନୁସାରେ ହେବ।

ଅଧିକ ଥର ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା ସହର କଟକ ଦେଉଳବାଡ଼ି ଷ୍ଟିମ ପ୍ରେସ କୋମ୍ପାନୀରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଭା ୩୮ ଗ | CUTTACK, SATURDAY THE 24th January 1903. | ଅଗ୍ରିମ ଟ ୩୯
ସଂ ୪ ଖ୍ୟା | ତା ୧୨ ଇ ମାଘ ସନ ୧୩୧୦ ସାଲ ଶନିବାର | ପଶ୍ଚାଦେୟ ଟ ୪୯

## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନିଙ୍କର

## ନୂତନପଞ୍ଜିକା ।

ଶକାବ୍ଦା ୧୮୨୫ ସନ ୧୩୧୦ ଓ ୧୩୧୧ ଇଂରାଜୀ ସନ ୧୯୦୩।୧୯୦୪ ମସୀହାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏ ପାଞ୍ଜି ଓଡିଶାରେ ପ୍ରାଚୀନ ବୃହତ୍ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ଛୋଟ ପାଞ୍ଜିରେ ଦୈନିକ ଘଟଣା ମନ୍ତବ୍ୟାଦି ଲେଖିବା ସକାଶେ ସ୍ଥାନ ରହିଅଛି ସୁତରାଂ ପୂର୍ବଠାରୁ କିଛି ବଡ଼ ହୋଇଅଛି ।

ମୂଲ୍ୟ

| | |
|---|---|
| ବଡ଼ପଞ୍ଜିକା | ଟ ୦। |
| ଛୋଟପଞ୍ଜିକା | ଟ ୦୧୬ |

ଡାକମାସୁଲ ବଡ଼ପାଞ୍ଜି ଖ ୧ ଶ୍ରୁକୁ ଟ ୦୵ ଛୋଟପାଞ୍ଜି ଖ ୧ ଶ୍ରୁଠାରୁ ଖ ୭ ଶ୍ରୁ ପର୍ଯ୍ୟନ୍ତ ଟ ୦୧୬ । ବଡ଼ପାଞ୍ଜି ଖ ୧୦ ଶ୍ରୁ ଏକାଠି ନେଲେ ଡାକମାସୁଲ ପଡିବ ନାହିଁ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

## WANTED

Temporarily for four months a Hd. Moherir and Taujinavis, on salary Rs. 20 (twenty) per mensem. Preference will be given to one having knowledge of English and experience of office work. Applications to be received up to the 28th instant by

Ganja P.C. Kanika 18—1—03. } Indramani Mahanti
Hd. Clerk in charge,
Kanika Raj.

---

ମୋହର । ସ୍ତ୍ରୀ । କୋଠଦେଶ । ମୌ । ଉଣ୍ଡୁଅରେ ୩୦୨୪ ନମ୍ବର ପଟ୍ଟା ମଧ୍ୟରୁ ୧୧ ଡିଭାଲୁ ଏ ୧.୫୭ ଏବଂ ୨୧ ଡିଭାଲୁ ଏ ୧. ୫୩ ବାବଦ ଭୂମିଖଣ୍ଡ ପାହିପଟ୍ଟା ହଜିଅଛି । ଏତଦ୍ଵାରା ଜଣାଉଅଛି ଯେ ଯଦି ଉକ୍ତ ପଟ୍ଟା କେହି ପାଇ କୌଣସି ପ୍ରକାର କୃତ୍ରିମ କରେ ସେଥିରେ ମୁଁ ଦାୟୀ ନୁହେଁ ।

୧୫।୧।୧୯୦୩ } ଶିବ ବେଠିଆ ଓଗେର
। ସା । ଉଣ୍ଡୁଅ
। ସ୍ତ୍ରୀ । କୋଠଦେଶ
। ଜି । ପୁରୀ

---

କଟକ ଟ୍ରେନିଂ ( ନର୍ମାଲ ) ସ୍କୁଲର ଅନ୍ତର୍ଗତ ଉଚ୍ଚ ପ୍ରାଇମେରୀ ଶିକ୍ଷକଶ୍ରେଣୀ ନିମିତ୍ତ ପ୍ରବେଶାର୍ଥୀମାନେ ଆଗାମୀ ଫେବୃୟାରୀ ମାସ ତା ୪ ରୁଖରେ ଗୃହୀତ ହେବେ । ପ୍ରବେଶାର୍ଥୀମାନଙ୍କର ମଧ୍ୟଶ୍ରେଣୀ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ଆବେଦନକାରୀମାନେ ଉକ୍ତ ତାରିଖଦିନ ବେଳା ୮ଟା ପୂର୍ବେ ଆମ୍ଭ ନିକଟରେ ଉପସ୍ଥିତ ହୋଇ ଆବେଦନ କରିବେ । ଉକ୍ତ ଶ୍ରେଣୀରେ ଏକବର୍ଷ ଅଧ୍ୟୟନ କରି ଉତ୍ତୀର୍ଣ୍ଣ ହୋଇ ପାରିଲେ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶିକ୍ଷକତା କିମ୍ବା ମଧ୍ୟଶ୍ରେଣୀ ବିଦ୍ୟାଳୟର ଦ୍ଵିତୀୟ ଶିକ୍ଷକତା ପଦ ସହଜରେ ମିଳି ପାରିବ ।

କଟକ ୧୬।୧।୧୯୦୩ } Madhusudan Rao
Head Master,
Training School
CUTTACK.

---

ଆମ୍ଭର ଭ୍ରାତୁଷ୍ପୁତ୍ର ବାବୁ ବିପ୍ରଚରଣ ମହାନ୍ତି ସା । ବାଲିଶୁଲିବ । ସ୍ତ୍ରୀ । ପାଏଡା । ଜି । କଟକ ବୟସ ବ ୧୬ ବର୍ଷ, ଗୌରବର୍ଣ୍ଣ, ଉଚ୍ଚ ପ୍ରାୟ ପୁ ୪½ ଟ ହେବ । ଆମ୍ଭନିକଟରେ ଥାଇ ଭଦ୍ରକ ଇଂରାଜୀ ସ୍କୁଲ ଚତୁର୍ଥ ଶ୍ରେଣୀରେ ପଢୁଥିଲେ । କାଲି ଏକମାସ ହେବ ଆମ୍ଭେ ତାଙ୍କୁ ପଢାପଢି ସମ୍ବନ୍ଧେ ତାଡନା କରିବାରୁ ସେ ଏଠାରୁ ପଳାଇ ଯାଇଅଛନ୍ତି । ଯେଉଁ ଲୋକ ତାଙ୍କର ସନ୍ଧାନ ପାଇ ନିକଟସ୍ଥ ପୁଲିସ ଷ୍ଟେସନରେ ଆଣି ପହଞ୍ଚାଇ ଦେବେ ଆମ୍ଭେ ତାଙ୍କୁ ଟ ୫ଙ୍କା ପୁରସ୍କାର ଦେବୁଁ ବିଶେଷ ବୃତ୍ତାନ୍ତ ଆବଶ୍ୟକ ହେଲେ ପୁଲିସ ଷ୍ଟେସନରୁ ବୁଝିପାରିବେ ।

୨୧।୧।୧୯୦୩ । } ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି
ନାଏବ ତହସିଲଦାର

---

ମଣିକୁଣ୍ଡଳୋତ୍ସବ ( ଦିଲ୍ଲୀ ଦରବାର ବର୍ଣ୍ଣନା )
ମୂଲ୍ୟ ଟ ୦୵

ମଣିକୁଣ୍ଡଳଦର୍ଶନ ( ଉତ୍କଳେ-ଉତ୍ସବ )
ମୂଲ୍ୟ ଟ ୦୬

ଉଭୟ ପୁସ୍ତକ ଶ୍ରୀ ଗୋବିନ୍ଦରଥଙ୍କ ରଚିତ । ରାଜଭକ୍ତ ଉତ୍କଳପାଠକଙ୍କ ନିମିତ୍ତ ଦୁଇଖଣ୍ଡ ପୁସ୍ତକ ପ୍ରସ୍ତୁତ ଅଛି । କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

---

NEW YORK LIFE
INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

Split by PDF Splitter

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

### JUDICIAL RECTITUDE.

WE have been no less grieved than surprised to read in the proceedings in the High Court (as reported in the papers) of Puri Raja's case, that Mr. Fischer the District Magistrate made isinuations against the integrity and professional character of Mr. B. C. Seal. The only reasons for these remarks were that Mr. Seal, who had been engaged as a pleader in the case, had called on the Dy. Magistrate who was trying the case. We hope Mr. Fischer does not mean to lay down any rule of social morality interdicting all friendly relations between the members of the Bar and the Bench.

The members of the Bar and the Bench count among them the most educated and the best men in the country, and if these men have not yet learnt to distinguish between official and private life the moral state of the country must be deplorable.

As the Magistrate of the District, as the *ma' bap'* of the people, it should be Mr. Fischer's aim to educate his subordinates and the people (both European and Native) up to his own high standard of Judicial independence. Instead of that we find that Mr. Fischer made certain remarks tending to show that he had received informations about the case before he saw the records. These informations must have been received from extra judicial sources.

It has been brought to our notice that a certain European gentleman who is the complainant in more than one case, has on several occasions indulged in the exchange of social courtesies of a more friendly nature than is implied, in mere calling on the Magistrate who were trying his cases.

The interest of a complainant in a case is greater than that of a pleader. We should like to know if Mr. Fischer has taken any official notice of the conduct of this European complainant or of the native and the European Magistrates who tried his cases.

---

ସରକାର ଉତ୍ତରବଙ୍ଗ ପୂରଣାର୍ଥ ପାଣ୍ଠି ସହାୟେ ଦେବାବାଦ ଅର୍ଥ ସହାୟ ଦେଉଥିବାର ଯେଉଁ ତାଲିକା ଗତ ତା ୧୫ ରଖରେ ବାହାରିଅଛି ତହିଁର ମୋଟ ଟ ୭୭୭୭୫ ଟଙ୍କା ଅଟେ । ଓଡ଼ିଶାରୁ ମୟୂରଭଞ୍ଜର ମହାରାଜା ଟ ୫୦୦ ଟଙ୍କା, ଶ୍ରୀଯୁକ୍ତ ମଧୁସୂଦନ ଦାସ ଟ ୨୦୦ ଟଙ୍କା ଏବଂ ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ ଟ ୧୦ ଟଙ୍କା ଚାନ୍ଦା ଦେଉଥିବାର ଉକ୍ତ ତାଲିକାରେ ଲେଖାଅଛି ।

---

ବଙ୍ଗଳାର ବର୍ତ୍ତମାନ ଏକ୍ଟିଂ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ମାନ୍ୟବର ବୋର୍ଡିଲନ ସାହେବ ଏ କାର୍ଯ୍ୟରୁ ଅବସର ପାଇଲେ ରେଭେନ୍ୟୁ ବୋର୍ଡ଼କୁ ଫେରିଯିବେ ନାହିଁ । ମହୀଶୂରର ରେସିଡେଣ୍ଟ କର୍ଣ୍ଣେଲ ସର ଡୋନାଲ୍‌ଡ ରବର୍ଟସନ ଅସନ୍ତା ମାର୍ଚ୍ଚମାସରେ ପେନସନ ନେବେ ଏବଂ ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୂର ସେହି ପଦରେ ବୋର୍ଡିଲନ ସାହେବଙ୍କୁ ନିଯୁକ୍ତ କରିଅଛନ୍ତି । ବୋର୍ଡିଲନ ସାହେବ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ପଦର କାର୍ଯ୍ୟ ମାନ୍ୟବର ଫ୍ରେଜର ସାହେବଙ୍କୁ ଦେଇ ମହୀଶୂରକୁ ଯାତ୍ରା କରିବେ ।

---

ସମ୍ବାଦପତ୍ରମାନଙ୍କରେ ପ୍ରକାଶ ଯେ ଭାରତ ସମ୍ରାଟଙ୍କର ଅଭିଷେକୋତ୍ସବ ଉପଲକ୍ଷରେ କାମ୍ପୁରର ନବାବ ଆପଣାର ପ୍ରଜାମାନଙ୍କ ଏକଲକ୍ଷ ୭୫ ହଜାର ଟଙ୍କା ଖଜଣା ଛାଡ଼ି ଦେଇଅଛନ୍ତି । ଖଜଣା ଛାଡ଼ିବାକୁ କେବଳ ପ୍ରଜାବର୍ଗର ଆନନ୍ଦର ବିଷୟ ଅଟେ ନାହିଁ । ଏହି ଦେଖୁ ପୂର୍ବ କାଳରେ ଖଜଣାଛାଡ଼ି ସନ୍ତୋଷର ଗୋଟିଏ ଅଙ୍ଗ ହୋଇଥିଲା । ବର୍ତ୍ତମାନ କାଳରେ ସନ୍ତୋଷର କଥା ତେଣିକି ଥାଉ ଖୋଲ ମରୁଭରେ ସ୍ୱଦ୍ଧା ଖଜଣା ଛାଡ଼ ହଉଅଛି ନାହିଁ । ରାମପୁରର ନବାବ ମହୋଦୟ ଏ ଦେଶର ସେହି ପୁରାତନ ରୀତିକୁ ଅନୁସରଣ କରି ବିଶେଷ ପ୍ରଶଂସାଭାଜନ ହୋଇଅଛନ୍ତି ।

---

ପଞ୍ଜାବପ୍ରଦେଶାନ୍ତର୍ଗତ ଶାଲିକୋଟାଲ ଗ୍ରାମରେ ପ୍ଲେଗ ରକ୍ଷାର ଟୀକା ଦେବାରୁ ୧୯ଜଣ ଲୋକ ମରି ପଡ଼ିବା ଏବଂ ଅନୁସନ୍ଧାନରେ ଟୀକାର ବିଷ ଭ୍ରମବଶତଃ ହେବାର ଜଣା ଯିବାର ସମ୍ବାଦ ଏଥିପୂର୍ବେ ପ୍ରକାଶିତ ହୋଇଥିଲା । ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ଅନୁରୋଧ କ୍ରମେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ମରିପଡ଼ିବା ଲୋକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ କରିବାର ମଞ୍ଜୁର କରି ନାହାନ୍ତି ନ ହୋଇ ସେହି ଦୁର୍ଘଟନାର ବିସ୍ତାରିତ ଅନୁସନ୍ଧାନ ନିମନ୍ତେ ଗୋଟିଏ କମିଶନ ବସାଇଅଛନ୍ତି ଏବଂ ବମ୍ବେର ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ସର ଜେନକିନ ସାହେବ ତହିଁର ସଭାପତି ନିଯୁକ୍ତ ହୋଇଅଛନ୍ତି । ସଭାପତି ମହୋଦୟ ଏଥି ମଧ୍ୟରେ ଜଲନ୍ଧରଠାରେ କାର୍ଯ୍ୟାରମ୍ଭ କରିଥିଲେ ।

---

ବର୍ତ୍ତମାନର ମହାରାଜାଧିରାଜ ବର୍ଦ୍ଧମାନ ମହତାବ ବାହାଦୂର ବୟଃପ୍ରାପ୍ତ ହୋଇ କାର୍ଯ୍ୟଭାର ଗ୍ରହଣ କରିବାର ପାଠକମାନଙ୍କୁ ଜଣାଇଅଛୁ । ଦର୍ବାର କରିବାର ପ୍ରସ୍ତାବ ହେଲୁ ମାନ୍ୟବର ବଙ୍ଗେଶ୍ୱରଙ୍କର ଅବକାଶ ନ ଥିବାରୁ ତାହାଙ୍କର ଶୁଭ ଅଭିଷେକ କ୍ରିୟା ସେ ସମୟରେ ହୋଇ ପାରି ନ ଥିଲା । ଉକ୍ତ ଶୁଭକ୍ରିୟା ଅସନ୍ତା ଫେବୃଆରୀମାସ ତା ୧୦ ରଖରେ ହେବାର ସ୍ଥିର ହୋଇଅଛି । ସେ ଦିନ ଦିବା ୯ ଘ ସମୟରେ ବଙ୍ଗଳାର ମାନ୍ୟବର ଏକ୍ଟିଂ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ବର୍ଦ୍ଧମାନରେ ଉପସ୍ଥିତ ହେବେ ଏବଂ ମଧ୍ୟାହ୍ନ ସ ୧୨ ଘ ବେଳେ ମହାରାଜାଧିରାଜଙ୍କୁ ଗାଦିରେ ବସାଇବେ । ଏହି ଶୁଭକ୍ରିୟା ଉପଲକ୍ଷରେ ଫେବୃଆରୀମାସ ତା ୯ ରଖ ସୋମବାରଠାରୁ ତା ୧୨ ରଖ ଗୁରୁବାର ପର୍ଯ୍ୟନ୍ତ ଘୋର ଉତ୍ସବ ହେବ । ତହିଁର ବିସ୍ତାରିତ ଆୟୋଜନ ଲାଗିଅଛି ।

---

ଗତ ତା ୧୦ ରଖରେ ଶେଷହେବା ସାପ୍ତାହିକ ସରକାରୀ ରପୋର୍ଟରୁ ପ୍ରକାଶ ଯେ ବମ୍ବେଇ ଓ ଦେଶୀୟ ରାଜ୍ୟରେ ଦୁର୍ଭିକ୍ଷ ସାହାଯ୍ୟ କାର୍ଯ୍ୟ ଏକାବେଳେ ବନ୍ଦ ହୋଇଅଛି । କେବଳ ପ୍ରାୟ ଦୁଇ ହଜାର ଅକ୍ଷମ ଲୋକ ଅନ୍ନଦାନ ପାଉଅଛନ୍ତି । ମାତ୍ର ମଧ୍ୟପ୍ରଦେଶରେ ଦୁର୍ଭିକ୍ଷର ପ୍ରକୋପ ବଢ଼ୁଅଛି । ସେଠାରେ ଉକ୍ତ ସପ୍ତାହରେ ୧୧୩୧୯ ଜଣ କାର୍ଯ୍ୟଦ୍ୱାରା ଏବଂ ୪୩୩୨ ଜଣ ବିନା ପରିଶ୍ରମରେ ଗାଏ ୧୫୬୫୧ ଜଣ ସାହାଯ୍ୟ ପାଇଥିଲେ । ତହିଁ ପୂର୍ବ ସପ୍ତାହର ମୋଟ ସଂଖ୍ୟା ୧୧୩୧୯ ଥିଲା ।

ପ୍ଲେଗ ରୋଗର ମୃତ୍ୟୁ ଏହି ସପ୍ତାହରେ ୧୬୧୭୨ ଥିଲା । ତହିଁ ମଧ୍ୟରୁ ଏକା ବମ୍ବେଇରେ ୮୫୯୧ ଅର୍ଥାତ୍ ଅର୍ଦ୍ଧେକରୁ କିଛି ଅଧିକ । ବଙ୍ଗ ପଞ୍ଜାବ ଏବଂ ଯୁକ୍ତପ୍ରଦେଶ ପ୍ରତ୍ୟେକର ମୃତ୍ୟୁ ୧୬।୧୮ ହଜାରରୁ ଊଣା ନୁହେ ଏବଂ ତହିଁ ପୂର୍ବସପ୍ତାହକୁ ବୃଦ୍ଧିହେବାର ଜଣାଯାଏ ।

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ସମ୍ବାଦପତ୍ରରେ ପାଠ କଲୁ କି ବମ୍ବେର ହାଇକୋର୍ଟର ପ୍ରଧାନ ବିଚାରପତି ସର ଜେନକିନ୍ସ ସାହେବ କାର୍ଯ୍ୟାନ୍ତରେ ପ୍ରେରିତ ହେବାରୁ ଉକ୍ତ ବର୍ତ୍ତି

Digitized by srujanika@gmail.com

ପୁରର ଅନ୍ୟ ପ୍ରଧାନ ବିଚାରପତି ମାନ୍ୟବର ବଦରୁଦ୍ଦୀନ ତାୟାବଜି ଏକଟିଂ ବିଚାରପତି ନିଯୁକ୍ତ ହୋଇଅଛନ୍ତି । ଏହି ଉଚ୍ଚପଦ ସେ ନିଜ ଯୋଗ୍ୟତାରୁ ନ୍ୟାୟମାନୁସାରେ ପାଇଅଛନ୍ତି ସନ୍ଦେହ ମାତ୍ର ଦେଶୀୟ ଲୋକଙ୍କ ଭାଗ୍ୟରେ ଏପରି ସଚରାଚର ଘଟେ ନାହିଁ ବୋଲି ଅମ୍ଭେମାନେ ତାହାଙ୍କୁ ମଙ୍ଗଳବାଦ ପ୍ରଦାନ କରୁଅଛୁ । ଦେଶୀୟ ଲୋକଙ୍କ ମଧ୍ୟରେ ସର ରମେଶଚନ୍ଦ୍ର ମିତ୍ର ପ୍ରଥମେ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ହୋଇଥିଲେ ତହିଁ ଉତ୍ତାରୁ ଏକସମୟରେ ମାନ୍ୟବର ବିଚାରପତି ଚନ୍ଦ୍ରମାଧବ ଘୋଷ ନ୍ୟାୟମାନୁସାରେ ସେ ପଦ ପାଇବାର ସମ୍ଭାବନା ଥିଲେହେଁ ତାହାଙ୍କ ଭାଗ୍ୟରେ ତାହା ଘଟି ନ ଥିଲା । ସମ୍ପ୍ରତି ମାନ୍ୟବର ତାୟାବଜିଙ୍କର ଆଶା ସଫଳ ହେଲା ବଡ଼ ସୁଖର ବିଷୟ ଅଟେ ।

---

ବି, ଏଲ, ପରୀକ୍ଷାର ଫଳ ବାହାରିଅଛି । ଗତ ବର୍ଷ ୧ମ ଶ୍ରେଣୀରେ ଜ ୪ ଣ ଏବଂ ୨ୟ ଶ୍ରେଣୀରେ ଜ ୨୨୯ ଣ ଗାଏ ଜ ୨୩୩ ଣ ପାସ କରିଥିଲେ । ଏବର୍ଷ ଯଥାକ୍ରମେ ୨୫ ଓ ୩୨୬ ଗାଏ ଜ ୩୫୧ ଣ ପାସ କରିଅଛନ୍ତି । ଏ ଫଳ ସନ୍ତୋଷଜନକ ଅଟେ । ଗତବର୍ଷ ପରି ଏବର୍ଷ କଲିକତାର ରିପନ କଲେଜ ପ୍ରଥମ ସ୍ଥାନ ପାଇଅଛି ଏବଂ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜ ୨୫ ଣ ମଧ୍ୟରୁ ଏହା ଏହି କଲେଜର ଜ ୧୫ ଣ ଅଟନ୍ତି । ପୁଣି ମୋଟ ଜ ୩୫୧ ଣ ମଧ୍ୟରେ ରିପନ କଲେଜର ଛାତ୍ର ଜ ୧୪୬ ଣ ଅର୍ଥାତ୍ ପ୍ରାୟ ଅର୍ଦ୍ଧେ ଅଟନ୍ତି ।

ଏଠା ରେଭେନସା କଲେଜରୁ ୧ମ ଶ୍ରେଣୀରେ ଶରତ୍‌ଚନ୍ଦ୍ର ଚକ୍ରବର୍ତ୍ତୀ ଓ ବିଭୂତିଭୂଷଣ ମୁଖର୍ଯ୍ୟା ଉତ୍ତୀର୍ଣ୍ଣ ହୋଇ ପ୍ରଥାନୁସାରେ ପ୍ରଥମ ବ୍ୟକ୍ତି ୭ମ ସ୍ଥାନ ଲଭିଅଛି ଓ ୨ୟ ଶ୍ରେଣୀରେ ଗୋପାଳଚନ୍ଦ୍ର ପ୍ରହରାଜ ଓ ଦାମୋଦର କର ଗାଏ ଜ ୪ ଣ ପାସ କରିଅଛନ୍ତି । ଏ କଲେଜରୁ ଗତବର୍ଷ ଜ ୯ ଣ ମଧ୍ୟରୁ ଜ ୨ ଣ ପାସ କରିଥିଲେ । ଏବର୍ଷ ଜ ୯ ଣ ମଧ୍ୟରୁ ଜ ୪ ଣ ଏବଂ ତହିଁଭିତରେ ପ୍ରଥମଶ୍ରେଣୀରେ ଜ ୨ ଣ ଉତ୍ତୀର୍ଣ୍ଣ ହେବା ବଡ଼ସୁଖର ବିଷୟ ଅଟେ ।

---

ବଙ୍ଗପ୍ରଦେଶର ଛୋଟ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ମାନ୍ୟବର ଫ୍ରେଜର ସାହେବ ପୁଲିସ କମିଶନର ସଭାପତି ସ୍ୱରୂପ ମଧ୍ୟପ୍ରଦେଶରେ ସାକ୍ଷ୍ୟ ଗ୍ରହଣ କରୁଅଛନ୍ତି । ସେଠାରୁ କଲିକତାବାଟେ ବ୍ରହ୍ମା ପ୍ରଦେଶକୁ ଯିବେ । ସାକ୍ଷ୍ୟଗ୍ରହଣ କାର୍ଯ୍ୟ ଶେଷ ହେଉ ଅପ୍ରେଲମାସରେ ସଦଳରେ ହିମାଳୟକୁ ଯାତ୍ରା କରିବେ ଏବଂ ସେଠାରେ ପୁଲିସର ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରାୟ ଦୁଇମାସ ଲାଗିବ । ସୁତରାଂ ଆସନ୍ତା ଜୁନମାସପୂର୍ବରୁ ବଙ୍ଗଳାର ଗଦିରେ ବସି ପାରିବେ ନାହିଁ । ଫ୍ରେଜର ସାହେବ ମହୋଦୟ ସନ ୧୮୭୧ ସାଲରେ ସିଭିଲିୟାନ ହୋଇ ଭାରତକୁ ଆସିଥିଲେ । ସେତେବେଳେ ତାହାଙ୍କର ବୟସ ବ ୨୩ ବର୍ଷ ହୋଇଥିଲା । ସେ ସୁଖ୍ୟାତି ସହିତ କାର୍ଯ୍ୟ କରି ପଦୋନ୍ନତି ପାଇଅଛନ୍ତି । ସନ ୧୮୯୪ ସାଲରେ ସେ ଗଞ୍ଜେର କମିଶନ ଦଳର ଜଣେ ସଭ୍ୟସ୍ୱରୂପ ଏ ନଗରକୁ ଆସିଥିଲେ । ପୁଣି ପୁଲିସ କମିଶନ ଦଳର ସଭାପତି ହୋଇ ଏବର୍ଷ ଏ ନଗର ବୁଲି ଯାଇଅଛନ୍ତି । ବଙ୍ଗ ବିହାର ଓଡ଼ିଶାର ଶାସନକର୍ତ୍ତା ହେବା ପୂର୍ବେ ଦୁଇଥର ଓଡ଼ିଶା ଦେଖି ଯାଇଥିବା ଏବଂ ମଧ୍ୟପ୍ରଦେଶର ପ୍ରଧାନ କମିଶନର ଥିଲା ବେଳେ ସମ୍ବଲପୁରର କଚେରିମାନଙ୍କରେ ଉତ୍କଳଭାଷା ପୁନର୍ବାର ପ୍ରଚଳନ କରିଥିବାରୁ ଦୃଢ଼ ଆଶା ହେଉଅଛି ତାହାଙ୍କ ଶାସନ କାଳରେ ଓଡ଼ିଶା ତାହାଙ୍କର ଅନୁକୂଳ ଦୃଷ୍ଟି ଆକର୍ଷଣ କରିବ ।

---

ଭାରତସମ୍ରାଟ ଏଡୱାର୍ଡ ସପ୍ତମଙ୍କର ମୁକୁଟଧାରଣ ସମ୍ବନ୍ଧୀୟ ଉତ୍ସବମାନ କଲିକତା ନଗରରେ ଚଳିତ ମାସ ତା ୨୭ ଋଖରେ ହେବାର ସ୍ଥିର ହୋଇଥିବାରୁ ମାନ୍ୟବର ବଙ୍ଗେଶ୍ୱର ବିଜ୍ଞାପନ ଦେଇଅଛନ୍ତି କି କଲିକତାର କଷ୍ଟମ କଲେକ୍ଟର, ଷ୍ଟାମ୍ପ କଲେକ୍ଟର ସିପିଂମାଷ୍ଟର, ଦଲିଲ ରେଜିଷ୍ଟ୍ରର ଓ ଷ୍ଟାମ୍ପ ସୁପରିଣ୍ଟେଣ୍ଡେଣ୍ଟଙ୍କର କଚେରୀମାନ ଏବଂ ରେବିନ୍ୟୁ ବୋର୍ଡଙ୍କ ନିମକ ଓ ଆପୁ ମହଲମାନ ଛଡ଼ା କଲିକତା ହାବଡ଼ା ଏବଂ ଚବିଶପରଗଣାରେ ଥିବା ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନସ୍ଥ ଅନ୍ୟ ସମସ୍ତ କଚେରିମାନ ଉପର ଲିଖିତ ତା୨୭ଋଖ ଜାନୁଆରୀରେ ବନ୍ଦ ହେବ । ସମ୍ରାଟଙ୍କର ମୁକୁଟୋତ୍ସବ ଗୋଟିଏ ଅତି ପ୍ରଧାନ ଏବଂ ଗମ୍ଭୀର ମହୋତ୍ସବ ଅଟେ । ଏଥିରେ ସମସ୍ତ ଶ୍ରେଣୀର ରାଜକର୍ମଚାରୀ ଏବଂ ପ୍ରଜାବର୍ଗଙ୍କର ଅତ୍ୟନ୍ତ ଆନନ୍ଦ ସହିତ ଯୋଗଦେବାର ଏକାନ୍ତ କାମନା । ଏମନ୍ତ ସ୍ଥଳରେ ଯାହା କଷ୍ଟମାଦି କେତେକ କଚେରୀ ବନ୍ଦ ନ ହେଲା ଏହା ବଡ଼ ଦୁଃଖର ବିଷୟ ଅଟେ । ସେ ସବୁ କଚେରୀ ଏକଦିନ ବନ୍ଦ ହେଲେ ବାଣିଜ୍ୟ ବ୍ୟବସାୟର କେତେ କ୍ଷତି ହୁଅନ୍ତା ଅମ୍ଭେମାନେ ବୁଝିପାରୁ ନାହୁଁ ଏବଂ କଲିକତାର ବଣିକ ଓ ବ୍ୟବସାୟୀଙ୍କ ପ୍ରତି ଏହା ଗୌରବର ବିଷୟ ନୁହେ । ଆଶା କରୁଁ ସେମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରି ଉକ୍ତ ଦିନ ସମସ୍ତ କଚେରୀ ବନ୍ଦ କରାଇବେ ।

---

ବର୍ଦ୍ଧମାନର ବର୍ତ୍ତମାନ୍ ମାଜିଷ୍ଟ୍ରେଟ ପୋଲି ସାହେବ ଆପଣା ଖାସ କୋଠରୀରେ ବସି ମୋକଦମା ଶୁଣୁଥିବା ଓ ସେଠାକୁ ସାଧାରଣ ଲୋକେ ଯିବାର ନିଷେଧ ଥିବା ଏବଂ ଓକିଲ ମୁକ୍ତାରଙ୍କ ବସିବାର ଆସନ ନ ଥିବା ଇତ୍ୟାଦି ହେତୁ ସେଠା ଓକିଲମାନେ ସଭା କରି ତାଙ୍କ ଅଦାଲତରେ ଉପସ୍ଥିତ ନ ହେବା ଏବଂ ଏ ବିଷୟରେ ଗବର୍ଣ୍ଣମେଣ୍ଟ ଓ ହାଇକୋର୍ଟକୁ ଆବେଦନ କରିବାର ପ୍ରସ୍ତାବ ଧାର୍ଯ୍ୟ କରିଥିବାର ସମ୍ବାଦପତ୍ରରୁ ଅବଗତ ହେଲୁଁ । ଅମ୍ଭମାନଙ୍କର ମାଜିଷ୍ଟ୍ରେଟ ମଧ୍ୟ ଖାସ କୋଠରୀରେ କାର୍ଯ୍ୟ କରନ୍ତି । ମାମଲା ମୋକଦ୍ଦମାର ବିଚାର ସାଧାରଣ କାର୍ଯ୍ୟ ଥିବାରୁ ସେ ସବୁ ଶ୍ରବଣ କରିବା କାରଣ ଗବର୍ଣ୍ଣମେଣ୍ଟ ଇଜଲାସ ନିର୍ମାଣ କରିଦେଇଅଛନ୍ତି ଏବଂ ସମସ୍ତ ହାକିମଙ୍କୁ ଇଜଲାସ ଅନାଟନ ହେଲେ ଗବର୍ଣ୍ଣମେଣ୍ଟ ନୂତନ ଇଜଲାସ ନିର୍ମାଣ କରାଇଦେବାକୁ ଇଚ୍ଛିତ ନୁହନ୍ତି । ଏମନ୍ତ ଅବସ୍ଥାରେ ଖାସକୋଠରୀରେ ଲୁଚିବସି ମୂଳ ଅଥବା ଅପିଲ ମୋକଦ୍ଦମା ବିଚାର କରିବା ଏବଂ ସର୍ବସାଧାରଣଙ୍କୁ ଅସୁବିଧାରେ ପକାଇବା ସମୁଚିତ ନୁହଇ । ଅମ୍ଭମାନଙ୍କର ମାନ୍ୟବର କମିଶନର ଅବା ଜଜ ସାହେବ କେହି ଖାସ କାମରାରେ ମାମଲା ବୁଝନ୍ତି ନାହିଁ କିମ୍ବା ହାଇକୋର୍ଟରେ ସେହି ପ୍ରଥା ନାହିଁ । କେହି କହନ୍ତି ଖାସ କୋଠରୀରେ ମାମଲା ବୁଝିବା ଅଧିକ କ୍ଷମତା ଓ ସମ୍ମାନର ପରିଚୟସୂଚକ ମାତ୍ର ଅମ୍ଭେମାନେ ତାହା ବୁଝି ନ ପାରୁଁ ।

---

'ଗଡ଼ଜାତବାସିନୀ' ନାମକ ଖଣ୍ଡିଏ ଉତ୍କଳ ସାପ୍ତାହିକ ସମ୍ବାଦପତ୍ରିକା ଗତ ତା ୧୦ ଋଖଠାରୁ ବାହାରିବାର ଆରମ୍ଭ ହୋଇଅଛି ଏବଂ ଅମ୍ଭେମାନେ ତହିଁର ୧ ମ ଓ ୨ ୟ ସଂଖ୍ୟା ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏ ପତ୍ରିକା ତାଳଚେର ଗଡ଼ଠାରେ ହେଠାର ବିଶୋର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉଅଛି । ଏହାର ଦଳେବର ଠିକ ପ୍ରଜାବନ୍ଧୁ ବାବାଲେଖର ସମ୍ବାଦବାହିକା ପରି । ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୧ ୲ ଏବଂ ମାନେଜର ଶ୍ରୀ ଭାଗୀରଥୀ ମିଶ୍ର ପଦ୍ମାଲଙ୍କାର । ଏହାର ଉଦ୍ଦେଶ୍ୟ ଉତ୍କଳର ଅନ୍ୟାନ୍ୟ ସମ୍ବାଦପତ୍ରର ଉଦ୍ଦେଶ୍ୟରୁ ଭିନ୍ନ ନୁହେ । କେବଳ ପାଠକସଂଖ୍ୟା ବୃଦ୍ଧି କରିବା ଅଭିପ୍ରାୟରେ ଏହା ପ୍ରଚାରିତ ହେବାର ଲେଖା ଅଛି । ନବୀନ ସହଯୋଗୀ ଦୀର୍ଘାୟୁ ହୋଇ ଅପ-

Split by PDF Splitter
Digitized by srujanika@gmail.com

Split by PDF Splitter



ଣାର ଉଦ୍ଦେଶ୍ୟ ସାଧନ କରନ୍ତୁ, ଏହାହିଁ ଆମ୍ଭମାନଙ୍କର ପ୍ରାର୍ଥନା । ପରନ୍ତୁ କେବଳ ସମ୍ବାଦପତ୍ରର ସଂଖ୍ୟା ବୃଦ୍ଧି ହେଲେ ପାଠକସଂଖ୍ୟା ବୃଦ୍ଧି ହେବା ଏଥିରେ ଆମ୍ଭମାନଙ୍କର ସନ୍ଦେହ ଅଛି । ଦ୍ରବ୍ୟର ଆଦର ତହିଁର ଗୁଣ ଓ ମୂଲ୍ୟ ଏବଂ ଗ୍ରାହକର ରୁଚି ଉପରେ ନିର୍ଭର କରେ, ଶିକ୍ଷା ଓ ସଦନୁଷ୍ଠାନ ଦ୍ୱାରା ରୁଚି ଗଠିତ ହୁଏ । ଶିକ୍ଷା ଓ ସଙ୍ଗତି ବିଷୟରେ ଓଡ଼ିଶା ଅତୀବ ପଶ୍ଚାତ୍ପଦ ଏବଂ ଗଡ଼ଜାତ ତତୋଽଧିକ । ଏ ଅବସ୍ଥାରେ ସମ୍ବାଦପତ୍ରର ଅଧିକ ପ୍ରଚାର କିପରି ହେବ ? ଫଳେ ଦେଖା ଯାଉଅଛି ଯେ ଓଡ଼ିଶାରେ ବର୍ତ୍ତମାନ ପ୍ରକାଶ ହେଉଥିବା ୬।୭ ଖଣ୍ଡ ସମ୍ବାଦପତ୍ର ମଧ୍ୟରୁ କାହାର ଅବସ୍ଥା କେମନ୍ତ ସଚ୍ଛଳ ଜଣାଯାଉ ନାହିଁ ଯେ ନିଜର ନିର୍ବାହର ବ୍ୟୟ ଉପଯୁକ୍ତରୂପେ ଯୋଗାଇବାକୁ ସକ୍ଷମ ହୋଇଅଛି । ଯେଉଁ ହିତୈଷିମାନେ ଏଥିରେ ବ୍ରତୀ ହୋଇଅଛନ୍ତି ସେମାନେ ଅବଶ୍ୟ ଧନ୍ୟବାଦର ପାତ୍ର । ମାତ୍ର ଦେଶହିତୈଷିମାନେ ସମ୍ପ୍ରତି ବ୍ୟୟସାଧ୍ୟ-ସମ୍ବାଦପତ୍ର-ପ୍ରଚାରଦ୍ୱାରା ଶିକ୍ଷିତ ସମାଜର ଜ୍ଞାନ ବା ଆନନ୍ଦ ବଢ଼ାଇବାର ଚେଷ୍ଟା ଅପେକ୍ଷା ସାଧାରଣ ଶିକ୍ଷାଦାନରେ ବିଶେଷ ଯତ୍ନବାନ୍ ହେଲେ ଅଧିକ ମଙ୍ଗଳ ହେବାର ଆମ୍ଭେମାନେ ଅନୁମାନ କରୁ । ଗଡ଼ଜାତର ଅଧିକତର ଅବନତଅବସ୍ଥା ଦୃଷ୍ଟିରେ ଗଡ଼ଜାତ ରାଜାଙ୍କର ନିଜ ୨ ଏଲାକାର ପ୍ରଜାଙ୍କର ମଧ୍ୟ ଶିକ୍ଷା ଏବଂ ବ୍ୟବସାୟ ବିସ୍ତାରର ଅଧିକତର ଯତ୍ନ କରିବା ଆବଶ୍ୟକ ।

---

ମହୀଶୂରର ରାଜଧାନୀ ବଙ୍ଗାଲୋର ନଗର ସିଙ୍ଗେର ଶିବଗଙ୍ଗାମଠର ଅଧ୍ୟକ୍ଷ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ସଚ୍ଚିଦାନନ୍ଦ ଭାରତୀସ୍ୱାମୀ ଏ ନଗରକୁ ଶୁଭାଗମନ କରିବାର ଜଣାଇଅଛୁ । ଗତ ସୋମବାର ସନ୍ଧ୍ୟାସମୟରେ ତାହାଙ୍କର ଅଭ୍ୟର୍ଥନା ନିମନ୍ତେ ଚନ୍ଦନଚୌକ ଦର୍ପଣ ରାଜବାଟୀ ସମ୍ମୁଖରେ ବାବୁ ରାଜନାରାୟଣ ପଣ୍ଡିତ ଏବଂ ବାବୁ ଶଶିଭୂଷଣ ରାୟଙ୍କର ଆହ୍ୱାନମତେ ଗୋଟିଏ ସଭା ହୋଇଥିଲା । ନଗରବାସୀ ଅନେକ ପଣ୍ଡିତ ଓ ନାନାଶ୍ରେଣୀର ପ୍ରାୟ ଶତାଧିକ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ଭାରତୀ ମହୋଦୟ ସନ୍ଧ୍ୟା, ପୂଜା, ହୋମ ଇତ୍ୟାଦି ନିତ୍ୟକର୍ମ ବିଷୟରେ ହିନ୍ଦୀଭାଷାରେ ଏକ ଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ ଓ ବେଦ ବେଦାନ୍ତ ଗୀତା ପ୍ରଭୃତି ଦ୍ୱାରା ତାହା ସମର୍ଥନ କରିଥିଲେ । ତହିଁରୁ ସ୍ପଷ୍ଟଜଣାଗଲା ଯେ ସେ ଜଣେ ପଣ୍ଡିତ ଏବଂ ନୈଷ୍ଠିକ ସନ୍ନ୍ୟାସୀ ଅଟନ୍ତି । ତହିଁପୂର୍ବେ ଓ ପରେ ଅନେକ ଭଦ୍ରଲୋକ ତାହାଙ୍କ ସହିତ ସାକ୍ଷାତ୍ କରି ତାହାଙ୍କର ସରଳ-ନମ୍ର ବ୍ୟବହାର ଓ ସଦାଳାପରେ ଆନନ୍ଦିତ ହୋଇଅଛନ୍ତି । କଥିତ ହୁଅଇ ଉକ୍ତ ଶିବଗଙ୍ଗା ଭାରତଗୌରବ ମହାତ୍ମା ଶଙ୍କରାଚାର୍ଯ୍ୟଙ୍କର ଆଦସ୍ଥାନ ବା ମଠ ଅଟେ ଏବଂ ତହିଁର ବାର୍ଷିକ ଆୟ ପ୍ରାୟ ୮୦ହଜାର ଟଙ୍କା । ସ୍ୱାମୀ ମହୋଦୟ ପ୍ରାୟ ୯ ବର୍ଷ ହେଲା ତୀର୍ଥାଟନରେ ବାହାରି ବମ୍ବେଇ ପଞ୍ଜାବ ଉତ୍ତର-ପଶ୍ଚିମ ବଙ୍ଗ ଏବଂ ବିହାରର ପ୍ରଧାନ ତୀର୍ଥ ଭ୍ରମଣ ପୂର୍ବକ ଏ ନଗର ବାଟେ ଶ୍ରୀ କ୍ଷେତ୍ରକୁ ଯାଉଅଛନ୍ତି ସେଠାରୁ ଦକ୍ଷିଣର ଅନ୍ୟାନ୍ୟ ତୀର୍ଥ ଭ୍ରମଣ କରି ସ୍ୱସ୍ଥାନକୁ ଯିବେ । ତାହାଙ୍କ ସଙ୍ଗେ ଦୁଇଖଣ୍ଡ ବହୁମୂଲ୍ୟ ପାଲିଙ୍କି ଖ ୬।୭ ଖଣ୍ଡ ଶଗଡ ଜ ୩୨ ଣ ବେହେରା ଓ ଅନ୍ୟାନ୍ୟ ଚାକର ଅଛନ୍ତି ଏବଂ କେତେକଜଣ ପଣ୍ଡିତ ମଧ୍ୟ ସଙ୍ଗରେ ଅଛନ୍ତି । ନୈଷ୍ଠିକ କ୍ରିୟାର ବାଧା ହେବୁ ରେଲଗାଡ଼ି ଛାଡ଼ି ସେ ସ୍ୱତନ୍ତ୍ର ଯାନରେ ଭ୍ରମଣ କରୁଅଛନ୍ତି । ଦୁଇପାଲିଙ୍କି ମଧ୍ୟରୁ ଏକରେ ଠାକୁରମାନେ ଏବଂ ଅନ୍ୟରେ ଶାରଦାଦେବୀଙ୍କ କାଷ୍ଠ ପାଦୁକାକୁ ବସାଇ ତହିଁର ରକ୍ଷକ ସ୍ୱରୂପ ସେ ବିଜେ କରନ୍ତି । ସୁତରାଂ ଯାନାରୋହଣର ଦୋଷ ଘଟେ ନାହିଁ । ଦେବ ପାଦୁକା-ସଙ୍ଗେ ଯୋଗ ରହିବାର ଏହା ମଧ୍ୟ ଗୋଟିଏ ଉଦ୍ଦେଶ୍ୟ ହୋଇପାରେ । ସ୍ୱାମୀ ମହୋଦୟ ଗତ କାଲି ଏ ନଗରରୁ ପ୍ରସ୍ଥାନ କଲେ । ସେ ଏଠାର ଜ ୨ ଣ ପଣ୍ଡିତଙ୍କୁ ଏକ ୨ ଖଣ୍ଡ ଶାଲବସ୍ତ୍ର ଦାନ କରିଥିବାର କଥିତ ହୁଅଇ ।

---

ଗତ ଅଗଷ୍ଟ ମାସରେ ମାନ୍ୟବର ବଡ଼ଲାଟଙ୍କର ଏ ନଗରକୁ ଶୁଭାଗମନ କରିବା କାଳରେ ତାହାଙ୍କର ସମୁଚିତ ଅଭ୍ୟର୍ଥନା ନିମନ୍ତେ ଗୋଟିଏ କମିଟି ଗଠିତ ହୋଇଥିଲା ଏବଂ ସାଧାରଣ ଚାନ୍ଦା ଦ୍ୱାରା ଅର୍ଥ ସଂଗ୍ରହ ଏବଂ ତାହା ବ୍ୟୟ କରିବାର ଭାର ଗୋଟିଏ କାର୍ଯ୍ୟାଧ୍ୟକ୍ଷ କମିଟି ହସ୍ତରେ ଅର୍ପିତ ହୋଇଥିଲା । ସେହି କମିଟିର ଅବୈତନିକ ସେକ୍ରେଟେରି ବାବୁ ଜାନକୀନାଥ ବୋଷ ଏକ ଖଣ୍ଡ ଆୟ ବ୍ୟୟର ହିସାବ ପଠାଇଥିବାରୁ ତାହା ଗତ ସେପ୍ଟେମ୍ବର ମାସ ତା ୨୭ ରିଖର ଉତ୍କଳଦୀପିକାରେ ପ୍ରକାଶିତ ହୋଇଥିଲା । ତହିଁ ଉତ୍ତାରୁ ଯାହା ଆୟ ଓ ବ୍ୟୟ ହୋଇଅଛି ତହିଁର ହିସାବ ଉକ୍ତ ମହାଶୟଙ୍କଠାରୁ ପ୍ରାପ୍ତ ହୋଇ ଅଦ୍ୟ ପ୍ରକାଶ କଲୁଁ । ଏଥିରୁ ପାଠକମାନେ ଦେଖିବେ ଯେ ସର୍ବସୁଦ୍ଧା ଟ ୧୬୪୮।୯ ଆୟ ହୋଇଥିଲା । ତହିଁ ମଧ୍ୟରୁ ଟ ୧୫୩୯।୧୦ ବ୍ୟୟରେ ସମସ୍ତ କାର୍ଯ୍ୟ ନିର୍ବାହ ହୋଇ ଟ ୧୦୮।୵ ଉଦ୍ବୃତ୍ତ ହୋଇଅଛି । ଏ ଫଳ ସନ୍ତୋଷଜନକ ଅଟେ ଏବଂ ଏଥିପାଇଁ ଚାନ୍ଦାଦାତାମାନେ ଓ କାର୍ଯ୍ୟ ନିର୍ବାହକ କମିଟି ଧନ୍ୟବାଦର ପାତ୍ର ଅଟନ୍ତି । ଉଦ୍ବୃତ୍ତ ଟଙ୍କା ସାଧାରଣ କମିଟିର ବିବେଚନାନୁସାରେ କୌଣସି ସାଧାରଣ କାର୍ଯ୍ୟରେ ବ୍ୟୟ ହେବ ।

ଆୟ ବ୍ୟୟର ହିସାବ ଯଥା—

| | | |
|---|---|---|
| ପୂର୍ବ ପ୍ରକାଶିତ ଆୟର ସମଷ୍ଟି | ଟ | ୧୪୯୮।୯ |
| ଇସ୍‌ମଇଲଇବ୍ରାହିମ କମ୍ପାନି | ଟ | ୩୫ |
| ବାବୁ ଗୋକୁଳାନନ୍ଦ ଚୌଧୁରୀ | ଟ | ୫ |
| ମହମ୍ମଦଗନି ଅଲଗନି | ଟ | ୩ |
| ଶ୍ରୀଯୁକ୍ତ ଜେ,ଜି, ଗୁପ୍ତ କମିଶନର | ଟ | ୫୦ |
| ,, ବ, ସି, ମିତ୍ର —ଜଜ | ଟ | ୧୦ |
| ହାଜି ତାଇମହମ୍ମଦ ସାଉବ | ଟ | ୫ |
| ହାଜିମହମ୍ମଦ ଅଭାସାହେବ | ଟ | ୫ |
| ସିହବହାଜି ହୋସେନ | ଟ | ୨ |
| ରାୟ ମନ୍ମଥନାଥ ମିତ୍ର ବାହାଦୁର ଜମିଦାର ପଟାମୁଣ୍ଡେଇ | ଟ | ୫୦ |
| ବାବୁ ରାଧାଚରଣ ଦାସ | ଟ | ୫୦ |
| ଜ ୪ ଣ ଟ ୨ କା ଲେଖାଏଁ | ଟ | ୮ |
| ଜ ୧ ଣ ଏକଟଙ୍କା ଲେଖାଏଁ | ଟ | ୧ |
| ମୋଟ | ଟ | ୧୬୪୮।୯ |

ବ୍ୟୟ

| | | |
|---|---|---|
| ପୂର୍ବପ୍ରକାଶିତ ବ୍ୟୟର ସମଷ୍ଟି | ଟ | ୧୩୫୫।୵ |
| କାଟେଷ୍ଟର ମୂଲ୍ୟ ଖର୍ଚ୍ଚା ସହିତ | ଟ | ୧୦୩।୵ |
| ବମ୍ବାଇ ଗୋ ୧୫ ଟାଲୁ | ଟ | ୧୫ |
| ଛପା ଖର୍ଚ୍ଚା ଟ ୫ ୧ ଡାକ ଟିକଟ ଟ ୦ । | ଟ | ୫ । |
| ଗାଡ଼ି ଭଡ଼ା | ଟ | ୫ |
| ବେତନ ଓ ଉପସ୍ଥିତ ପାରିଶ୍ରମିକ | ଟ | ୩୦ |
| ସଡ଼କକୁ ଡୁଡ଼କକ୍ ଉଠାଇବାରେ | ଟ | ୨୫ |
| ମୋଟ | ଟ | ୧୫୩୯।୵ ଯାଇ |
| ସ୍ଥିତି | ଟ | ୧୦୮।୵ |

---

ଏଠାର ଓଡ଼ିଶା ଏସୋସିଏସନ ବା ଉତ୍କଳ ସଭା ଭାରତସମ୍ରାଟଙ୍କ ନିମନ୍ତେ ପଠାଇବା କାରଣ ଯେଉଁ ଅଭିନନ୍ଦନ ପତ୍ର ଏଠା ଦରବାରରେ ମାନ୍ୟବର କମିଶନର ସାହେବଙ୍କ ହସ୍ତରେ ଅର୍ପଣ କରିଥିଲେ ଏବଂ ଯାହା ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କର ସ୍ଥାପିତ ଉତ୍କଳ ଶିଳ୍ପଶାଳାରେ ନିର୍ମିତ ଏକ ପ୍ରଶସ୍ତ ଏବଂ ମନୋହର ରୌପ୍ୟାଧାରରେ ଅର୍ପିତ ହୋଇଥିଲା ତହିଁର ପ୍ରତିଲିପି ନିମ୍ନେ ପ୍ରକାଶ କଲୁଁ । ଯଥା;—

To His Imperial Majesty Edward VII,

By the Grace of God, of the United Kingdom of Great Britain and Ireland

Digitized by srujanika@gmail.com

Split by PDF Splitter



and of the British Dominions beyond the Seas, King, Defender of the Faith, Emperor of India.

May it please Your Imperial Majesty,

We the members of the Orissa Association representing all classes, castes and creeds of the population of the Province of Orissa beg to approach Your Imperial Majesty on the celebration of Your Imperial Majesty's Coronation, in association with the Gracious Queen Empress Consort, and beg to express our loyal devotion to the British Throne, and our respectful homage to Your Emperial Majesty.

In the progress made, peace and prosperity enjoyed in Orissa, during the century since its British occupation in 1804 we find ample reason to congratulate ourselves on the wisdom of our ancestors who invited the British army to occupy the Province.

We beg to offer our hearty and respectful congratulations to Your Imperial Majesty on Your Coronation as the Emperor of the largest country in the British Empire. We rejoice to think that to Your Imperial Majesty belongs by right the loyal devotion which an unprecedently beneficient and wise reign of over sixty years by Your Illustrious Mother, our late lamented Queen Empress, had mellowed into personal attachment.

Though Orissa is backward in the adoption and assimilation of Western ideas, it owns the Temple of Juggernath—the resort of millions of Hindu pilgrims—the centre of Hinduism—where the nation's feelings of loyalty and gratitude are brought to a focus and reflect in bright colors the benefits of British rule in India.

We are grateful to Your Imperial Majesty for the desire, as manifested in the celebration of a special Coronation ceremony in India, to draw its millions nearer to the Imperial Throne.

We pray to the Almighty Giver of all good to continue to us and our progeny the noble and invaluable privilege of living in peace, prosperity and progress under the shadow of Your Imperial Majesty's Throne.

---

### ମୋଫସଲରେ ଅଭିଷେକୋତ୍ସବ
### ପୂର୍ବପ୍ରକାଶିତ ଉତ୍ତାରୁ ।

ମାହାଙ୍ଗା—ପେନସନ ହିରସ୍ତାଦାର ଶ୍ରୀ ବାବୁ ଜଗମୋହନ ଲାଲଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀ ବାବୁ ରାମମୋହନ ଲାଲଙ୍କ ଯତ୍ନରେ ତା ୧ ଋଖଠାରୁ ତା ୩ ଋଖ ପର୍ଯ୍ୟନ୍ତ ନାନାପ୍ରକାର ଖେଳ ହୋଇଥିଲା ଏବଂ ଯେଉଁମାନେ ଜିଣିଲେ ସେମାନଙ୍କୁ ଉପଯୁକ୍ତ ପୁରସ୍କାର ଦିଆ ଯାଇଥିଲା । ତା ୧ଋଖ ଅପରାହ୍ନରେ ବାଲଲୀଳା, ସନ୍ଧ୍ୟାବେଳେ ନଗରସଂକୀର୍ତ୍ତନ ଏବଂ ରାତ୍ରି ଘ ୧୦ ଟା ସମୟରେ ବାବୁ ଜଗମୋହନ ଲାଲଙ୍କ ଗୃହରେ ଭୋଜି ହୋଇଥିଲା । ଡାକଘରେ ଉତ୍ତମ ରୋଶନାଇ ହୋଇଥିଲା ।

ତିରତୋଲ—ମୁନ୍‌ସି ଏରାଦତ୍‌ଉଲ୍ଲା ସବ୍ ପୋଷ୍ଟମାଷ୍ଟର ମହୋଦୟ ସରକାରୀ ମଞ୍ଜୁର ଟ ୨୫ ଙ୍କା ଓ ନିଜର ଅଧୀନସ୍ଥ ଚପରାସିଙ୍କର ଚନ୍ଦାଦ୍ୱାରା ଅଫିସଠାରୁ ସଡ଼କ ପର୍ଯ୍ୟନ୍ତ ପୁଷ୍ପ ଓ ପତାକାରେ ସଜ୍ଜିତ ରୋଶନାଇ, ନାମ ସଂକୀର୍ତ୍ତନ ଓ ବାଲକ ଭୋଜି କରାଇଥିଲେ । ପୁଲିଶ ସବ୍ ଇନ୍‌ସ୍ପେକ୍ଟର ମହୋଦୟ ତାହାଙ୍କ ଅଧୀନସ୍ଥ କର୍ମଚାରୀ ଦଫାଦାର ଓ ଚୌକିଦାରମାନଙ୍କର ଗୋଟିଏ ଭୋଜି କରାଇ ଥିଲେ ।

ସୋର— ଥାନାର ସବ୍‌ଇନ୍‌ସ୍ପେକ୍ଟର ବାବୁ ଶ୍ରୀପଦ୍ମଚରଣ ଦାସଙ୍କ ଉଦ୍ୟମ ଏବଂ ଗ୍ରାମର ଭଦ୍ରଲୋକଙ୍କର ଐକାନ୍ତିକ ଯତ୍ନ ଓ ଉଦ୍ୟମରେ ଜାନୁଆରୀମାସର ଭିତରେ ଶତାଧିକ ସ୍କୁଲ ବାଲକମାନଙ୍କୁ ଉତ୍ତମରୂପେ ମିଷ୍ଟାନ୍ନ ଭୋଜନ ଦିଆଯାଇଥିଲା । ଏପର ରୋଷନାଇ ଓ ସହର ଗଞ୍ଜ ପ୍ରଭୃତି ଅତସବାଜ ହୋ'ଇଥିଲା ଏବଂ ସମସ୍ତ ରାତ୍ରି ଓଡ଼ିଆ ଓ ବଙ୍ଗଲାର ଭିନ୍ନ ଗୀତ ଯାତ୍ରାଦଲର ଯାତ୍ରା ହୋଇଥିଲା ।

---

### କଲିକତାର ଅଭିଷେକୋତ୍ସବ ।

ଏହି ଉତ୍ସବର ଅଯୋଜନକାରୀ କମିଟିର ଗୋଟିଏ ଅଧିବେଶନ ଗତ ତା ୧୩ ଋଖରେ ହୋଇଥିଲା । ସଭାପତି ପ୍ରକାଶ କଲେ କି ଭିନ୍ନ ଭିନ୍ନ ଉତ୍ସବରେ ଯାହା ଖରଚ ହେବାର ଅନୁମାନ ହୋଇଅଛି ତହିଁ ସକାଶେ କମିଟି ହାତରେ ଟ ୪୭୦୦୦ ଟଙ୍କା ଜମା ଅଛି । ଏଥିରୁ ସଂଗୃହୀତ ତାଲିକାମାନଙ୍କରୁ ପ୍ରକାଶ ଯେ କଲିକତାରେ ୨୯୦୦୦ ଦେଶୀୟ ଏବଂ ୫୦୦୦ ଇଉରୋପୀୟ ସ୍କୁଲଛାତ୍ର ଅଛନ୍ତି । ସେମାନଙ୍କୁ ଯେ ଯାହାର ସ୍କୁଲର ଅଧ୍ୟକ୍ଷଙ୍କଦ୍ୱାରା ତା ୨୬ ବା ୨୭ ଋଖ ଦିନ ଏମନ୍ତ ସମୟରେ ଭୋଜ ଦିଆଯିବ ଯେମନ୍ତ କି ସେମାନଙ୍କର ଅତସବାଜୀ ଇତ୍ୟାଦି ଦେଖିବାର ଅସୁବିଧା ନ ହେବ । ଦରିଦ୍ରମାନଙ୍କ ଭୋଜି ନିମନ୍ତେ ଆବଶ୍ୟକୀୟ ଟଙ୍କା ଚାନ୍ଦାଦ୍ୱାରା ସଂଗ୍ରହ କରି ନ ପାରି କମିଟି ହତାଶ ହୋଇଅଛନ୍ତି ସୁତରାଂ ଆୟୋଜନରେ ବିଲମ୍ବ ଘଟିଅଛି । ଏହି ଅସୁବିଧା ଓ କଷ୍ଟର କଥା ଅବଗତ ହୋଇ ଏ ନଗରର ଜଣେ ସମ୍ଭ୍ରାନ୍ତ ମାରବାଡ଼ି ବାବୁ ଭଜନଲାଲ ଲୋହିଆ ଅତ୍ୟନ୍ତ ବଦାନ୍ୟତା ସହିତ କଲିକତା ଓ ତହିଁର ଅନ୍ତଃପାତି ସମସ୍ତ ଦରିଦ୍ରମାନଙ୍କୁ ଖୁଆଇବାର ଭାର ଏକାକୀ ଗ୍ରହଣ କରିବାକୁ ଅଗ୍ରସର ହେବାରୁ ତଦନୁସାରେ ଆୟୋଜନ ହେଉଅଛି । କଙ୍ଗାଳମାନଙ୍କୁ ତା ୨୭ ଋଖ ଦିବାଭାଗରେ କିଲ୍ଲା ସମ୍ମୁଖ ପଡ଼ିଆରେ ଭୋଜନ ଦିଆଯିବ । ସେମାନଙ୍କର ସଂଖ୍ୟା ୨୦।୩୦ ହଜାର ମଧ୍ୟରେ ହେବାର ଅନୁମାନ ହୁଅଇ ମାତ୍ର ମାରବାଡ଼ି ମହୋଦୟ ଯେପରି ବଦାନ୍ୟଭାବରେ ସାମଗ୍ରୀ ପ୍ରସ୍ତୁତ କରୁଅଛନ୍ତି କଙ୍ଗାଳ ସଂଖ୍ୟା ୫୦ ହଜାର ହେଲେ ସେ ସନ୍ତୋଷପୂର୍ବକ ଭୋଜନ ଦେଇ ପାରିବେ । ନଗରବାସିମାନଙ୍କୁ ନିଜ ନିଜ ଘର ଉପଯୁକ୍ତରୂପେ ରୋଷନାଇ କରିବା କାରଣ ପତ୍ର ଲେଖା ଯିବାରେ ଅନେକ ଲୋକ ସମ୍ମତିସୂଚକ ଉତ୍ତର ଦେଇଅଛନ୍ତି ଏବଂ ଏଥି ମଧ୍ୟରେ ରୋଷନାଇ ସକାଶେ ଅନେକ ବଡ଼ ବଡ଼ ଘରମାନଙ୍କରେ ଭାର ବନ୍ଧା ଯିବାର ଆରମ୍ଭ ହୋଇଅଛି । ରୋଶନାଇରେ ସମସ୍ତେ ଆନନ୍ଦ ସହିତ ଯୋଗ ଦେବାର ସୁଲକ୍ଷଣ ଦେଖା ଯାଉଅଛି ଏବଂ କେହି କେହି ବୃହତ ପରିମାଣରେ ତହିଁର ବନ୍ଦୋବସ୍ତ କରୁଅଛନ୍ତି ।

---

### ଭାରତର ଗୌରବ ।

ଭାରତକୁ ଇଂଲଣ୍ଡେଶ୍ୱରଙ୍କ ରାଜମୁକୁଟର ଉଜ୍ଜ୍ୱଳତମ ରତ୍ନ ବୋଲି ଅନେକେ ବର୍ଣ୍ଣନା କରିଅଛନ୍ତି । ଏହା ଯଥାର୍ଥ ଅଟେ ଏବଂ ଅତିରଞ୍ଜିତ ନୁହେ ଏଥିରେ ସନ୍ଦେହ ନାହିଁ । ମାତ୍ର ରାଜପୁରୁଷଙ୍କ ମୁହଁରୁ ଏହା ଅଳ୍ପ ଶୁଣାଯାଏ ଏବଂ ସେହିହେତୁ ଅନୁମାନ ହୁଅଇ ଇଂଲଣ୍ଡବାସିମାନଙ୍କର ଏହି ଶ୍ରେଷ୍ଠରାଜ୍ୟ ପ୍ରତି ଯେମନ୍ତ ସୁବ୍ୟବହାର କରିବା ବାଞ୍ଛନୀୟ କାର୍ଯ୍ୟରେ ତେମନ୍ତ ଦେଖାଯାଏ ନାହିଁ । ଇଂଲଣ୍ଡେଶ୍ୱରଙ୍କର ବିଶାଳ ସାମ୍ରାଜ୍ୟ ମଧ୍ୟରେ ଭାରତର ପ୍ରକୃତ ସ୍ଥାନ ଇଂଲଣ୍ଡବାସିଙ୍କୁ ସୁଯୋଗମତେ ପୁନଃ ପୁନଃ ସ୍ମରଣ କରାଇ ଦେଇଥିଲେ ଏ ଦେଶ ପ୍ରତି ସେମାନଙ୍କର ମାୟା ମମତା ବଢ଼ିବା ଏବଂ ବିଶେଷ ମଙ୍ଗଳ ହେବାର ଆଶା କରାଯାଏ । ଆମ୍ଭମାନଙ୍କର ଗବର୍ଣ୍ଣର ଜେନେରଲ ମହାମାନ୍ୟ ଲର୍ଡ କର୍ଜନ ଦରବାର ଉପଲକ୍ଷରେ ଯେତେ ବକ୍ତୃତା ପ୍ରଦାନ କରିଅଛନ୍ତି ତହିଁ ମଧ୍ୟରେ

Digitized by srujanika@gmail.com

Split by PDF Splitter



ଦରବାର ସମୟର ଶୋଭା ସମ୍ବନ୍ଧୀୟ ବକ୍ତୃତାରେ ଭାରତର ଗୌରବର ଅତି ସୁନ୍ଦରରୂପେ ବର୍ଣ୍ଣନା କରି ଭାରତବାସିଙ୍କର ବିଶେଷ ଉପକାର କରିଅଛନ୍ତି । ବଡ଼ଲାଟ ମହୋଦୟ ଯେମନ୍ତ ସୁବକ୍ତା ତାହା ସମସ୍ତେ ଜାଣନ୍ତି କିନ୍ତୁ ସେଦିନବେଳେ ସେ ମନ ପିଟାଇ ବକ୍ତୃତା କରିଥିବାରୁ ତାହା ଅତ୍ୟନ୍ତ ମନୋହର ହୋଇଥିଲା ଏବଂ ଯଥାର୍ଥ କଥା ଅତି ପରିପାଟୀରୂପେ ବ୍ୟକ୍ତ କରିଥିଲେ । ସ୍ଥାନାଭାବରୁ ସମ୍ପୂର୍ଣ୍ଣ ବକ୍ତୃତା ପ୍ରକାଶ କରିବାକୁ ଅକ୍ଷମ ହୋଇ କେବଳ ଭାରତର ଗୌରବ ସମ୍ବନ୍ଧୀୟ ନିମ୍ନଲିଖିତ କଥାମାନ ଏଠାରେ ଉଦ୍ଧାର କଲୁଁ ଯଥା;—

'To be King of the United Kingdom and of the British possessions beyond the seas is a great and noble title, but to be Emperor of India is in no respect less, and is in some respects greater, for powerful Empires extended and flourished here whilst Englishmen were still wandering painted in the woods, and when the British colonies were in the wilderness and Jungles, and India has left a deeper mark upon the history, the philosophy, and the religion of man-kindthan any other territorial unit in the Universe.

ଏଥିର ସଂକ୍ଷେପ ମର୍ମ ଏହି କି "ଇଂଲଣ୍ଡ ପ୍ରଭୃତି ଯୁକ୍ତରାଜ୍ୟ ଏବଂ ସମୁଦ୍ରପାର ଅପରାପର ବ୍ରିଟିଶାଧିକାରର ରାଜା ହେବା ଅତ୍ୟୁଚ୍ଚ ଏବଂ ଗୌରବସୂଚକ ପଦ ବୋଲିବାକୁ ହେବ । ମାତ୍ର ଭାରତର ସମ୍ରାଟ ହେବା କୌଣସିମତେ ତଦପେକ୍ଷା ଅଳ୍ପଗୌରବାନ୍ୱିତ ପଦ ନୁହେ ବରଂ ଅନେକ ବିଷୟରେ ଅଧିକ ଗୌରବର ପଦ ଅଟେ । କାରଣ ଯେତେବେଳେ ଇଂରାଜମାନେ ନିଜ ଅଙ୍ଗ ରଙ୍ଗ ବିଚିତ୍ର କରି ବନ ଗହନରେ ବୁଲି ବୁଲୁଥିଲେ ଏବଂ ବ୍ରିଟିଶ ଉପନିବେଶମାନ ବନ ଜଙ୍ଗଲ ହୋଇ ପଡ଼ିଥିଲା ସେତେବେଳେ ଭାରତରେ ସମୃଦ୍ଧ ଓ ପରାକ୍ରାନ୍ତ ସାମ୍ରାଜ୍ୟ ବିସ୍ତୃତ ଏବଂ ଉନ୍ନତି ଲାଭ କରୁଥିଲା । ଇତିହାସର ବକ୍ଷରେ ଦର୍ଶନ ଏବଂ ମାନବ ଜାତିର ଧର୍ମ ସମ୍ବନ୍ଧରେ ଭାରତ ଯେମନ୍ତ ଗଭୀର ଚିହ୍ନର ଶିକ୍ଷା ଦେଇଅଛି ପୃଥିବୀର କୌଣସି ରାଜ୍ୟ ତେମନ୍ତ ରଖି ପାରି ନାହିଁ ।"

ଉପରଲିଖିତ ସତ୍ୟ କଥା ଦେଶୀୟ ଓ ବିଦେଶୀୟ ଅତି ସମ୍ଭ୍ରାନ୍ତମଣ୍ଡଳୀ ସମ୍ମୁଖରେ ଯଥୋଚିତ ଉଜ୍ଜ୍ୱଳ ଭାଷାରେ ମହାମାନ୍ୟ ଲର୍ଡ କର୍ଜନ ବାହାଦୁର ପ୍ରକାଶ କରିବାରୁ ଆମ୍ଭେମାନେ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ ।

---

## ଉତ୍କଳଖଣ୍ଡର ରାଜକୀୟ ସଂଯୋଗ ।

ଉତ୍କଳଖଣ୍ଡ ଅର୍ଥାତ୍ ଉତ୍କଳଭାଷା ପ୍ରଚଳିତ ଭୂମିଖଣ୍ଡ ଭାରତର ଗୋଟିଏ ବୃହତ୍ ଏବଂ ବିଖ୍ୟାତ ପ୍ରଦେଶ । ମାତ୍ର ଏହାର ପ୍ରାଚୀନ ଗୌରବ କ୍ଷୟ ହୋଇଅଛି ଏ ଇଂରାଜଙ୍କର ରାଜତ୍ୱରେ ଅନ୍ୟାନ୍ୟ ପ୍ରଦେଶମାନ ଯେ ପରିମାଣରେ ଉନ୍ନତି ଲଭିଅଛି ଏ ପ୍ରଦେଶ ଭାଗ୍ୟରେ ସେପରି ଘଟି ନାହିଁ ଏବଂ ଅବଧି ପଛକୁ ପଡ଼ି ରହିଅଛି । ଏଥିର ନାନା କାରଣ ମଧ୍ୟରେ ଗୋଟିଏ ପ୍ରଧାନ କାରଣ ଏହିକି ଉତ୍କଳଖଣ୍ଡ ଏକ ସ୍ଥାନୀୟ ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ନ ରହି ଏହାର ପ୍ରଧାନ ଅଂଶ ଓଡ଼ିଶା ବଙ୍ଗୀୟ ଲେପ୍ଟେନାଣ୍ଟଙ୍କର ଏହିର ଦକ୍ଷିଣାଂଶ ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ ଗବର୍ଣ୍ଣରଙ୍କର ଏବଂ ଅପର ଅଂଶ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶର ପ୍ରଧାନ କମିଶନରଙ୍କ ଶାସନାଧୀନରେ ପଡ଼ିଅଛି ଏବଂ ଏହି ଅଂଶମାନ ପ୍ରତ୍ୟେକ ଶାସନର ଏକ ପ୍ରାନ୍ତରେ କ୍ଷୁଦ୍ରଅଂଶ ସ୍ୱରୂପ ପଡ଼ି ରହିବାରୁ ଶାସନକର୍ତ୍ତାମାନଙ୍କର ସମୁଚିତ ଦୃଷ୍ଟି ଅଭାବରୁ ଏ ଇଂରାଜଶାସନପ୍ରଣାଳୀର କଲ୍ୟାଣକର ଫଳ ଅନ୍ୟମାନଙ୍କ ସଙ୍ଗେ ସମାନରୂପେ ଭୋଗ କରିପାରୁ ନାହିଁ । ବରଂ ଅନ୍ୟଲୋକମାନେ ଶାସନକର୍ତ୍ତାଙ୍କ ନିକଟରେ ରହି ପ୍ରଥମରୁ ଉଚ୍ଚପଦରେ ରହିବାରୁ ନିଜର ସ୍ୱାର୍ଥପ୍ରତି ଅଧିକ ମନୋଯୋଗୀ ହୋଇ ଓଡ଼ିଆମାନଙ୍କୁ ମୁଣ୍ଡଟେକି ଦେଉ ନାହାନ୍ତି । ଏହି କାରଣରୁ ଓଡ଼ିଆଙ୍କର ମନରେ କହିବାଲଗୁ ଏପରି ଭାବ ଉଦୟ ହୋଇଅଛି କି ସମସ୍ତ ଉତ୍କଳଖଣ୍ଡ ଏକଶାସନାଧୀନ ନ ହେଲେ ଓଡ଼ିଆମାନଙ୍କର ସମୁଚିତ ଉନ୍ନତି ହେବ ନାହିଁ । ସୁଖର ବିଷୟ ଯେ ଏହି ଭାବ କେତେକ ବର୍ଷପୂର୍ବେ ଯେମନ୍ତ ପ୍ରବଳ ଥିଲା ବର୍ତ୍ତମାନ ତେମନ୍ତ ନାହିଁ । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଉତ୍କଳର ଉନ୍ନତି ପ୍ରତି କେତେକ ବର୍ଷ ହେଲା ବିଶେଷ ମନୋଯୋଗୀ ହୋଇ ଓଡ଼ିଶାର ନାନା ଅଭାବ ଦୂର କରୁଅଛନ୍ତି ଏବଂ ଓଡ଼ିଆମାନଙ୍କ ଶିକ୍ଷା ଓ ସଦ୍ବ୍ୟବହାରରେ ଅଗ୍ରସର ହେବା କାରଣ ଉଚିତ ସାହାଯ୍ୟ କରୁଅଛନ୍ତି ଏଥିରେ ଏମନ୍ତ ସୁଫଳ ଫଳିଅଛି ଯେ ବଙ୍ଗୀୟ ଶାସନାଧୀନ ଓଡ଼ିଆମାନେ ଭିନ୍ନ ଜାତି ବୋଲି ଗବର୍ଣ୍ଣମେଣ୍ଟଙ୍କର ଦୟାରୁ ବଞ୍ଚିତ ହେବାର ପୂର୍ବେ ଯେପରି ମନେ କରୁଥିଲେ ବର୍ତ୍ତମାନ ତାହା କରୁନାହାନ୍ତି ବରଂ ଗବର୍ଣ୍ଣମେଣ୍ଟଙ୍କର ଦୟା ଓ ସୁବନ୍ଦୋବସ୍ତ ଦ୍ୱାରା କ୍ରମଶଃ ଉନ୍ନତ ଅବସ୍ଥାକୁ ପ୍ରାପ୍ତ ହେବାର ଦେଖି ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜର ଓଡ଼ିଆମାନେ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କର ଅଧୀନରେ ଆସିବା କାରଣ ଗବର୍ଣ୍ଣମେଣ୍ଟରେ ପ୍ରାର୍ଥନା କରୁଅଛନ୍ତି । କ ୫।୬ ବର୍ଷ ପୂର୍ବେ ମଧ୍ୟପ୍ରଦେଶର କଚେରୀମାନଙ୍କରୁ ଓଡ଼ିଆ ଭାଷା ଅନ୍ୟାୟ ପୂର୍ବକ ଉଠିଯିବାରୁ ଓଡ଼ିଆମାନଙ୍କର ଯେଉଁ ଆତଙ୍କ ଉପସ୍ଥିତ ହୋଇଥିଲା ଓ ଯେତେ କଷ୍ଟଭୋଗ କରିଥିଲେ ମହାମତି ମାନ୍ୟବର ଫ୍ରେଜର ସାହେବ ଏବଂ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲର୍ଡ କର୍ଜନଙ୍କ ସୁବିଚାରରେ ତାହା ଦୂରୀତ ହୋଇଅଛି । ସୁତରାଂ ସେମାନେ ଅନେକ ପରିମାଣରେ ଆଶ୍ୱସ୍ତ ହୋଇଅଛନ୍ତି । ତଥାପି ମୂଳ ଓଡ଼ିଶାବାସୀ ଅର୍ଥାତ୍ ବଙ୍ଗୀୟ ଶାସନାଧୀନ ଓଡ଼ିଆଙ୍କ ସଙ୍ଗେ ସେମାନଙ୍କର ରାଜକୀୟ ଯୋଗ ହେଲେ ଅଧିକତର ସୁଖରେ ରହିବାର ଆଶା କରନ୍ତି । ମାନ୍ଦ୍ରାଜ ଅନ୍ତର୍ଗତ ଓଡ଼ିଆ ଅର୍ଥାତ୍ ଗଞ୍ଜାମଜିଲ୍ଲାର ଓଡ଼ିଆଙ୍କର ଭାବନା ସର୍ବାପେକ୍ଷା ଅଧିକ । ଗଞ୍ଜାମଜିଲ୍ଲା ପ୍ରକୃତରେ ଓଡ଼ିଆଦେଶ ଏବଂ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏହା ବିଲକ୍ଷଣ ଅବଗତ ହୋଇ ସେଠାର କଚେରୀମାନଙ୍କରେ ଓଡ଼ିଆ ଭାଷା ପ୍ରଚଳିତ ହେବାର ଆଦେଶ ଦେଇଥିଲେହେଁ ଉଚ୍ଚ କର୍ମଚାରୀମାନେ ପ୍ରାୟ ସମସ୍ତେ ତେଲଙ୍ଗା ହେବାରୁ ସେମାନଙ୍କର ଅବହେଳା ବାଧାଦ୍ୱାରା କାର୍ଯ୍ୟତଃ ସେ ଆଦେଶ ପ୍ରତିପାଳିତ ହେଉ ନାହିଁ ଏବଂ ନାନା ଅସୁବିଧା ହେତୁ ଓଡ଼ିଆମାନେ କୌଣସି ମତେ ତେଲଙ୍ଗାଙ୍କ ସଙ୍ଗ ହୋଇ ନ ପାରିବାରୁ ବିଶେଷ କଷ୍ଟରେ ଅଛନ୍ତି । ସେମାନଙ୍କର କଷ୍ଟ ନିତାନ୍ତ ବଢ଼ିପଡ଼ିବାରୁ ସମ୍ପ୍ରତି ସେଠାର ରାଜା, ଜମିଦାର ଓ ଜନସାଧାରଣ ଗଞ୍ଜାମଜିଲ୍ଲାକୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟଅଧୀନ ଓଡ଼ିଶାସଙ୍ଗେ ଯୋଗ କରି ଏକ ଶାସନାଧୀନରେ ରଖିବା କାରଣ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କଠାରେ ଆବେଦନ କରିଅଛନ୍ତି । ସେମାନଙ୍କର ଦୁଃଖର ଯଥାର୍ଥ ଏଥିରେ ସନ୍ଦେହ ନାହିଁ ଏବଂ ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ମହାମତି ଲର୍ଡ କର୍ଜନ ବାହାଦୁର ଯେମନ୍ତ ସୁବିଚାରପୂର୍ବକ ସମ୍ବଲପୁର ଓଡ଼ିଆଙ୍କ ଦୁଃଖ ଦୂର କରିଅଛନ୍ତି ତେମନ୍ତ ଗଞ୍ଜାମଓଡ଼ିଆଙ୍କର ଦୁର୍ଦ୍ଦଶା ମୋଚନ ଏବଂ ଉନ୍ନତିର ମାର୍ଗ ପ୍ରଶସ୍ତ କରିବାର ସୁବିଚାର କରିବେ । ସେମାନଙ୍କର ଦୁଃଖ ଦୂର କରିବାର ଦୁଇଟି ଉପାୟ ଅଛି ଅର୍ଥାତ୍ ଗୋଟିଏ ଏହି କି ମୂଳ ଓଡ଼ିଶା ପ୍ରତି ବଙ୍ଗୀୟଗବର୍ଣ୍ଣମେଣ୍ଟ ଯେଉଁ ସୁବ୍ୟବସ୍ଥା କରିଅଛନ୍ତି ଗଞ୍ଜାମ ଓଡ଼ିଆଙ୍କ ପ୍ରତି ସେହିପରି ବ୍ୟବସ୍ଥା କରିବା କାରଣ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଦୃଢ଼ରୂପେ ଅନୁରୋଧ କରିବା ଏବଂ ଅନ୍ୟଟି ଗଞ୍ଜାମଓଡ଼ିଆଙ୍କ ପ୍ରାର୍ଥନା ମତେ ଗଞ୍ଜାମଜିଲ୍ଲାର ଓଡ଼ିଆ ଅଂଶକୁ ମାନ୍ଦ୍ରାଜରୁ କାଢ଼ିନେଇ ଓଡ଼ିଶା ଏବଂ ସମ୍ବଲପୁର ସହିତ ବଙ୍ଗ ଅଥବା ଅନ୍ୟ କୌଣସି ଏକ ଗବର୍ଣ୍ଣମେଣ୍ଟ

Digitized by srujanika@gmail.com

ଏମନ୍ତ ସମୟରେ କେତେଗୋଟି ଲୋକ ଶଙ୍କିତ ଚିତ୍ତରେ ଆସି ସମ୍ବାଦ ଦେଲେ ଯେ "ହଜୁର, ଛେଳ ଗୋହାଳରେ ବର୍ତ୍ତମାନ ଗୋଟେ ବାଘ ପଶି ତିନିଗୋଟା ଛେଳି ମାରି ପକାଇଅଛି" ଏହା ଶୁଣିବା କ୍ଷଣେ ମାନ୍ୟବର ରାଜା ବାହାଦୁର ପ୍ରାୟ ଏକ ଘଣ୍ଟା ପରେ ଦରବାର ତ୍ୟାଗ କରି ଉକ୍ତ ସ୍ଥାନକୁ ଗମନ କଲେ । ମୁଁ ମଧ୍ୟ ସହଗାମୀ ହୋଇ ଥିଲି । ଯାଇ ଦେଖିଲି ରାଜପ୍ରାସାଦର ଦକ୍ଷିଣ-ଦିଗପ୍ରାନ୍ତଦେଶରେ ଗୋରୁଗୋହାଳ ସନ୍ନି-ପବର୍ତ୍ତୀ ଗୋଟିଏ ଛାଗଳାଳୟ ଅଛି । ସେଥିରେ ଛୋଟବଡ଼ ପ୍ରାୟ ୬୦ ଗୋଟି ଛାଗଳ ରହନ୍ତି । ଛାଗଳାଳୟର ଦକ୍ଷିଣପାର୍ଶ୍ୱ କାନ୍ଥର ଉପରଭାଗ ଭଗ୍ନ ହୋଇ ପ୍ରାୟ ହାତେ ୩୫ ତ ପଥରର ଏକ ବାଟ ହୋଇଅଛି । ବ୍ୟାଘ୍ରଟି ଉକ୍ତ ପଥାବଲମ୍ବନ କରି ଘରଭିତରକୁ ଯାଇ ତିନିଗୋଟି ଛେଳିର ଜୀବନ ନଷ୍ଟ କରୁଥିବା କାଳୀନ ଅନ୍ୟାନ୍ୟ ଛେଳିଙ୍କର ଆର୍ତ୍ତସ୍ୱର ଶୁଣି ନିକଟବର୍ତ୍ତୀ ଆଉ ଗୋଟିଏ ଘରେ ବାସ କରୁଥିବା ଗୋରୁ ଓ ଛେଳି ରକ୍ଷକ ଜ ୩୫ ଣ ମନୁଷ୍ୟ ଏକସଙ୍ଗେ ଆଲୋକହସ୍ତେ ତଲ୍ଲ କରିବାର ଦେଖି ବ୍ୟାଘ୍ରଟି ହସ୍ତରେ ମୃତଛାଗଳ ପରିତ୍ୟାଗ କରି ପଳାୟନ କରିଅଛି ।

ଉପସ୍ଥିତ ମାନେ ରାଜା ବାହାଦୁର ଆଦେଶ ଦେଲେ ଯେ "ଦକ୍ଷିଣପାର୍ଶ୍ୱର ଭଗ୍ନହାନ୍ତ ଏହି ଦଣ୍ଡେ ହାତ ବାଟ ଫିଟାଅ ଓ ମନୁଷ୍ୟଙ୍କ ଦ୍ୱାରା ପିଞ୍ଜରା ଏହି ସ୍ଥାନକୁ ଆନୟନ କର ।" ଏହା ଶୁଣି କପର ସ୍ୱାବରେ ପିଞ୍ଜରାଟି ନିର୍ମିତ ଦେଖିବା ଆଗ୍ରହ-ରେ ସେହି ସ୍ଥାନରେ ଅପେକ୍ଷା କରି ରହିଲି, ପ୍ରାୟ ଏକଘଣ୍ଟା ମଧ୍ୟରେ ସମସ୍ତ ଆୟୋଜନ ହୋଇ ଗଲା । ବର୍ତ୍ତମାନ ପିଞ୍ଜରାଟି କପରି ଭାବରେ ଓ କ ହୌଶଳରେ ନିର୍ମିତ ପାଠକବର୍ଗଙ୍କ ଶୁଣାଇ କୌତୂହଳ ବର୍ଦ୍ଧନ କରାଇବି । ପିଞ୍ଜରାଟିର ଦୁଇ ପାର୍ଶ୍ୱରେ ଲୁହାର ରଲା ବନ୍ଧା ହୋଇଅଛି ଓ ଅପର ଦୁଇପାର୍ଶ୍ୱ ମୋଟା ୬ କାଷ୍ଠଖଣ୍ଡ ଦ୍ୱାରା ପୂରଣ କରା ହୋଇଅଛି । ପିଞ୍ଜରାର ଦ୍ୱାରଟି ଉର୍ଦ୍ଧ୍ୱ ଦେଶକୁ ଉତ୍ତୋଳିତ ହୋଇବେ ରଖା ଯାଇ ଭିତ୍ତି ଦ୍ୱାରା ବନ୍ଧା ହୋଇ ପିଞ୍ଜରାବହିର୍ଭାଗ ସ୍ଥାନଠାରୁ ପ୍ରାୟ ଏକଶତ ହାତ ପଶ୍ଚିମ ଦୂରରେ ଏକ ବୃକ୍ଷରେ ବନ୍ଧା ଯାଇଥିଲା । ରାଜା ବାହାଦୁର ସେହି ଘରମଧ୍ୟରୁ ପଞ୍ଜରଟି ବସାଇବାର ଓ ନିର୍ମ୍ମୁଣ କରି ରଖିବାର ଆଦେଶ ଦେ ଥିଲେ । ତତ୍ପରେ ସ୍ୱୟଂ ଅନ୍ୟ ଦୁଇ ଜଣ ସାହସୀ ଯୁବକଙ୍କୁ ଘେନି ଉପରୋକ୍ତ ବୃକ୍ଷମୂଳରେ ଗୋପନ ଭାବରେ ସେଇଠାରେ ଯେ ପିଞ୍ଜରା ରଜ୍ଜୁ ବନ୍ଧା ଥିଲା ଉପଯୁକ୍ତ ସମୟରେ ରଜ୍ଜୁ କାଟି ପାରିବେ ସ୍ଥିର କରି ବହିର୍ଯାନ ବ୍ୟାଘ୍ର ପ୍ରତୀକ୍ଷାରେ ସେହିଠାରେ ବସି ରହିଥିଲେ । ମାତ୍ର ବ୍ୟାଘ୍ର ଆସିଲା ନାହିଁ । ପରଦିବସ ପ୍ରାତଃ କାଳରେ ପିଞ୍ଜରାକୁ ସେହିପରି ଭାବରେ ରଖାଇ ବାର ଆଦେଶ ଦେଇ ରାଜପ୍ରାସାଦକୁ ଲେଉଟି ଆସିଲେ । ପରଦିବସ ସନ୍ଧ୍ୟା ସ ୭ ଘଣ୍ଟା ବେଳକୁ ପୁନଶ୍ଚ ସେହିପରି ଭାବରେ ରଜ୍ଜୁସନ୍ନିହିତ ବୃକ୍ଷ ଠାରେ ବସି ରହିଥିଲେ । ଏକଘଣ୍ଟା ପରେ ପ୍ରାୟ ରାତ୍ର ୮ ଟା ବେଳେ ବ୍ୟାଘ୍ର ଧରା ପଡ଼ି ବାର ସମ୍ବାଦ ପ୍ରଚାର ହୁଅନ୍ତେ ମୁଁ ଉକ୍ତ ସ୍ଥାନକୁ ଯାଇ ଏକବୃହତ୍ତର ବ୍ୟାଘ୍ରକୁ ପିଞ୍ଜରା ମଧ୍ୟସ୍ଥ ଦେଖି ମହାମାନ୍ୟ ରାଜା ବାହାଦୁରଙ୍କର ଭୂୟସୀ ପ୍ରଶଂସାବାଦ କଲି ।

ମନୁଷ୍ୟଦ୍ୱାରା ପିଞ୍ଜରାସମେତ ବ୍ୟାଘ୍ରକୁ ମହା-କୋଲାହଳରେ ବାଦ୍ୟବଜାଇ ଘେନି ଯିବାବେ-ଳେ ମୁଁ ମଧ୍ୟ ସେହି ଲୋକାରଣ୍ୟର ସହଗାମୀ ହୋଇ ରାଜ ନିର୍ମିତ "ବାଘଘର" ନାମା ଏକ ଦ୍ୱିତଳ ଅଟ୍ଟାଳିକା ପର୍ଯ୍ୟନ୍ତ ଯାଇ ଥିଲି । ଦେଖିଲି ସମତୁଲ୍ୟ ଆଉ ଏକ ବ୍ୟାଘ୍ର ଉକ୍ତ ଘରେ ଅବ-ସ୍ଥାନ କରୁଅଛି । ସେ ଏହାର ଏକମାସ ପୂର୍ବେ ଏକ ସନ୍ନିହିତ ଜଙ୍ଗଲରୁ ଏହି ଉପାୟ ଅବଲ-ମ୍ବନ କରି ଧରା ଯାଇଥିବାର ଶୁଣିଲି ।

ମହାରାଜା ବାହାଦୁରଙ୍କର ଏବଂବିଧ ପରାକ୍ରମ ଦୃଷ୍ଟି ଅଲୌକିକ ଶରୀରର ଧରତମ୍ଭ ଯାଇ କଏ କ୍ଷତ୍ରିୟ ଭାରତଭୂଷଣ ଆବର୍ଜ୍ଜନ ନ କୋ-ଳିବ ? ଶୁଣିଲି ସେ ଇତଃପୂର୍ବେ ଶିକାର ଓ ହାତି ଧରିବାରେ ମଧ୍ୟ ଅସୀମ ସାହସି କରାଇ ଅ-ନେକାନେକ କାର୍ଯ୍ୟମାନ କରିଅଛନ୍ତି । ବର୍ତ୍ତମାନ ଦଶଗୋଟି ହାତି ଧରି ହାତିଶାଳରେ ରଖି ଅଛନ୍ତି ।

ଉଦାମାନ୍ତିକ ଲୋକ ସମାଜରେ ଏପରି ସାହସିକ ବ୍ୟକ୍ତିର ଜନ୍ମ ଅତି ବିରଳ ଲକ୍ଷିତ ହୁଅଇ । ଯାହାହେଉ କଥାଟା ଜନସମାଜରେ ପ୍ରଚାରିତ ହେଲେ ପ୍ରତ୍ୟେକେ ମହାମାନ୍ୟ ରାଜା ବାହାଦୁରଙ୍କର ମଙ୍ଗଲ କାମନାରେ ମୁକ୍ତକଣ୍ଠରେ କରୁଣାମୟ ଜଗଦୀଶ୍ୱରଙ୍କ ଠାରେ ସର୍ବଦା ପ୍ରାର୍ଥନା କରନ୍ତି ଏକାନ୍ତ ବାସନା । ଇତି

ହାଲଗିରି }
୩୦।୧୨।୦୨ } ଶ୍ରୀ ଉଦୟନାରାୟଣ ଦାସ
ଜଣେ ଦର୍ଶକ

## ମୂଲ୍ୟପ୍ରାପ୍ତି

| | | |
|---|---|---|
| ଶ୍ରୀବାବୁ ରଘୁନାଥ ଘୋଷ ହେଃ ମାଃ ସ୍କୁଲ | କଟକ | ୨ ॥ |
| " ଲୋଚନ ମହନ୍ତି | କଟକ | ୨ ॥ |
| " ସିଂହେଶ୍ୱର ଦାସ | ଭଦ୍ରକ | ୨ ॥ |
| ଶ୍ରୀ ରଜା । ବ । ପଟ୍ଟ | କଟକ | ୨ ୵ |
| " ଅସିଷ୍ଟାଣ୍ଟ ସ୍କୁଲଇନ୍ସପେକ୍ଟର ଜାଜପୁର | କଟକ | ୨ ॥ |
| " ରଘୁନାଥ ଦାସ ଗୁପ୍ତ | ପୁରୀ | ୨ ॥ |
| " ରମାନାଥ ମିତ୍ର | ମେଦିନୀପୁର | ୨ ॥ |

## ବିଜ୍ଞାପନ ।

ଆମ୍ଭର ଗୋଲାପଗଡ଼ ତୁମ୍ଭେ ଦେଖିଛ କି ?

ଏହା ଗୋଟିଏ ବିଶୁଦ୍ଧ ଇଂରାଜୀ କେରେଟଥିବା ସ୍ୱର୍ଣ୍ଣରେ ନିର୍ମିତ ଅଙ୍ଗୁରୀ ଏବଂ ଏହା ଆମ୍ଭର ବିଶେଷ ଆଦେଶରେ ନିର୍ମିତ । ଏହାର ରଙ୍ଗ କଦାପି ନଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ଓ କାର୍ଯ୍ୟରେ ପ୍ରକୃତ ସୁବର୍ଣ୍ଣପରି ବୋଧହୁଏ ଏହାର ଜ୍ୟୋତି



ଚିରସ୍ଥାୟୀ ଅଟେ । ଅଙ୍ଗୁରୀର ସମ୍ମୁଖ ଭାଗରେ ଆଠଗୋଟି ଉଜ୍ଜ୍ୱଳ କୃତ୍ରିମ ଗୋଲାକୃତି ହୀରା ଖଚିତ ଓ ମଧ୍ୟସ୍ଥାନରେ ଗୋଟିଏ ବଡ଼ ଅତିଉଜ୍ଜ୍ୱଳ କୃତ୍ରିମହୀରା ବା ମୋତି ଖଚିତ ଏହା ହଜାରହଜାର ଟଙ୍କା ମୂଲ୍ୟର ପ୍ରକୃତ ହୀରକ ଅଙ୍ଗୁରୀପରି ଦେଖାଯାଏ ।

ଡାକଶୁଲ୍କ ପ୍ରତି ଗୋଟାକୁ ଟ ୧ ୯

ଟ ୧୬ ୯ ରେ—ଗୋ ୧୨ ଟା "ଗୋଲାପଗଡ଼" ଅଙ୍ଗୁରୀ ଏବଂ ଗୋଟିଏ ଉତ୍କୃଷ୍ଟ କେରେଟଥିବା ସ୍ୱର୍ଣ୍ଣରେ ନିର୍ମିତ ଚେନ୍ ସହିତ ରିଷ୍ଟବ୍ୟାଣ୍ଡ ରୂପାର ଓ୍ୱାଚ୍

ଟ ୬ ୯ ରେ—ଗୋ ୬ ଟା "ଗୋଲାପଗଡ଼" ଅଙ୍ଗୁରୀ ଏବଂ ଗୋଟିଏ ଚେନ୍ ସହିତ ଅଲବୋ ସିଲଭର ହଣ୍ଟିଂ ଓ୍ୱାଚ୍ ।

Miss. K. K. Ker
No. 36 Cathedral Mission Lane
CALCUTTA.


## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.


## WANTED

An Amin for Surveying the demarcated boundaries of the Reserved Forests of the Angul Division, Orissa for a period of two months certain and prospects of employment for a further 3 months. The pay while employed on field work will be Rs. 30 per mensem, and when engaged on plotting work at Head Quarters Rs. 15 per mensem. Apply with certificates to Forest Officer, Angul Division, Orissa.

Digitized by srujanika@gmail.com




ଡାକ୍ତର ମେଜର ସାହେବଙ୍କ ଆବିଷ୍କୃତ, ବିଶ୍ୱବିଖ୍ୟାତ ସେହି **ଇଲେକ୍‌ଟ୍ରୋ ସାଲସା** ଆଦି ଓ ଅକୃତ୍ରିମ ଅପୂର୍ବ୍ବଗୁଣ ! ପ୍ରତ୍ୟକ୍ଷଫଳ;

ଚତୁର୍ଦ୍ଦିଗ ଜଗତରେ ନବଯୁଗ ବର୍ତ୍ତାଇଅଛି । ଏହା ! ରକ୍ତଦୁଷ୍ଟିର ବ୍ରହ୍ମାସ୍ତ୍ର, ପାରଦଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗୀର ଭରସା, ଧାତୁଦୌର୍ବ୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତାର, ଅଲୌକିକତାର ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ହେଉଅଛି ।

୧ । ମହାମାନ୍ୟ ମହାରାଜା ସାର ଯତୀନ୍ଦ୍ରମୋହନ ଠାକୁର ଲେଖିଅଛନ୍ତି:—"※ ※ ※ ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତ-ଦୁଷ୍ଟି ହେତୁ ବିବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବ୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା-ଶରତ୍‌ଚନ୍ଦ୍ର ଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※ ※ ※ କଣ୍ଡୁଅନେକ ମୋହରେ ପଡ଼ି "ଡ୍ୟାକଜାନ" ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅନୁ-ପକାର ଦେଖି ସେଥିରେ ପାରଦ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକଟ୍ରୋ ସାଲସାର ଗୁଣ ମୁଁ ବୁଝି ପାରିବି ନାହିଁ । ମୋତେ ଆହୁରି ୩ ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା-ହରିହର ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକଟ୍ରୋ ସାଲସା କ୍ଷମତା ଅସୀମ ଅଟେ" ।

ପ୍ରାପ୍ତିସ୍ଥାନ :—ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନି, କଲିକତା, ବମ୍ବେ ବୋମ୍ବାଇ ।

## ବିଜ୍ଞାପନ ।



ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ-ସେହି

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜିଷ୍ଟ୍ରୀକୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !

ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ବା ଉପାଦାନ ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକଟ୍ରୋ ସାଲସା —ନିଜ ଗୁଣରେ ଚତୁର୍ଦ୍ଦିଗ ଜଗତର ସର୍ବ୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର୍ ୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେ-ଶରୁ ସେହିପରି ରାଶି ୨ ଅଯାଚିତ ପ୍ରଶଂସାପତ୍ର ଲାଭ କରିଅଛି ଓ କରୁଅଛି ।

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପା-ୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଅଶେଷ କାରିତା ଶକ୍ତି ଗୁଣରୁ ସଙ୍ଗେ ୨ ରୋଗର ପ୍ରବ-ଳତା ଦମନ କରିଦିଏ ଏବଂ ୨୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିଯାଏ, ପୁଣି ୩୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ ଯୌବନ ଜ୍ୱାଲୋଚିତ ବଳ ବୀର୍ଯ୍ୟ ପ୍ରଦାନ କରେ ଅଟେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟଗତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିକ୍ରୟିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧଠାରୁ ନୂତନ

Split by PDF Splitter
Digitized by srujanika@gmail.com